# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, August 11/2019 | (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**‘ମର୍ଦ୍ଦାନି ୨’ରେ ପୋଲିସ ଅଫିସର ଭୂମିକାରେ ରାଣୀ**

‘ମର୍ଦ୍ଦାନି ୨’ ଡିସେମ୍ବର ୧୩ରେ ରିଲିଜ ହେବାକୁ ଯାଉଥିବାବେଳେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଛନ୍ତି ରାଣୀ ମୁଖାର୍ଜୀ। **୦୭**

**୧୪** **କର୍ନୱାଲ କ୍ରିକେଟର ନୂଆ ‘ମାଉଣ୍ଟେନ ମ୍ୟାନ’**

ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ପାଇଛନ୍ତି କ୍ରିକେଟର ନୂଆ ‘ମାଉଣ୍ଟେନ ମ୍ୟାନ’ ରକିମ କର୍ନୱାଲ।



# ନାବାଳକଙ୍କୁ ସାବାଳକ କଲା ପୋଲିସ

- କୋର୍ଟ ଚାଲାଣ କରି ଅଡୁଆରେ କ୍ୟାପିଟାଲ ଥାନା ପୋଲିସ
- ଜେଲ୍‌ରେ ୧୭ବର୍ଷୀୟ ଛାତ୍ର
- ପୁନଃ ତଦନ୍ତ ରିପୋର୍ଟ ମାଗିଲେ କୋର୍ଟ

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

ପୋଲିସର ଖାମଖିଆଲି ତଦନ୍ତ ପାଇଁ ଦୋଷୀ ଖସି ଯାଉଥିବାବେଳେ ଅନେକ ନିର୍ଦ୍ଦୋଷ ସଜା କାଟୁଥିବା ନଜିର ରହିଛି। ଏଭଳି କାର୍ଯ୍ୟଧାରାକୁ ନେଇ ଓଡ଼ିଶା ପୋଲିସ ବାରମ୍ବାର ନିନ୍ଦିତ ହେଉଛି। ଏବେ ଖୋଦ୍ ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ଏମିତି ଏକ ସ୍ପର୍ଶକାତର ଘଟଣା ପଦାକୁ ଆସିଛି। ନାବାଳକ ଥିବା ଜଣେ ସ୍କୁଲ୍ ଛାତ୍ରଙ୍କୁ ସାବାଳକ ଦର୍ଶାଇ କୋର୍ଟ ଚାଲାଣ କରି କ୍ୟାପିଟାଲ ଥାନା ପୋଲିସ ଅଡୁଆରେ ପଡିଛି। ଏପରି କି ପୋଲିସ ରିପୋର୍ଟ ଆଧାରରେ କୋର୍ଟ ସମ୍ପୃକ୍ତ ନାବାଳକଙ୍କୁ ଜେଲ୍‌କୁ ପଠାଇ ଦେଇଛନ୍ତି। ତେବେ ଉକ୍ତ ରିପୋର୍ଟ ଭୁଲ୍ ଥିବା କୋର୍ଟ ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ତଦନ୍ତକାରୀ ଅଧିକାରୀଙ୍କୁ ପୁନଃ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ନାବାଳକଙ୍କୁ ମିଛ ମାମଲାରେ ଫସାଇ କୋର୍ଟ ଚାଲାଣ କରିଥିବା ତାଙ୍କ ମା’ ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁଯାୟୀ, ନାବାଳକ ଜଣକ ଏହି ଥାନା ଅନ୍ତର୍ଗତ ଫାଳିକିଆ ବସ୍ତି ଅଞ୍ଚଳରେ ପରିବାର ସହ ରୁହନ୍ତି। ଗତ ୩ ତାରିଖ ରାତି ପ୍ରାୟ ୮ଟା ୩୦ରେ ନାବାଳକ ଜଣକ ଘରେ ପଢୁଥିବାବେଳେ ତାଙ୍କ ମା’ ଖାଉଥିଲେ। ମୋଚିସାହି ଅଞ୍ଚଳର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ତାଙ୍କ ଘରେ ପଶି ନାବାଳକଙ୍କ ମା’ଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ଏହାପରେ ତାଙ୍କ ନାବାଳକ ପୁଅଙ୍କୁ ଉଠାଇ ନେଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବସ୍ତିରେ ଆତଙ୍କ ଖେଳାଇ ପଳାଇବା ପରେ କେତେକ ଲୋକ ନାବାଳକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମେଡିକାଲ ରିପୋର୍ଟ ଧରି ନାବାଳକଙ୍କ ମା’ ଓ ଅନ୍ୟମାନେ ଅଭିଯୋଗ କରିବାକୁ କ୍ୟାପିଟାଲ ଥାନାରେ ପହଞ୍ଚିଥିଲେ। ହେଲେ ଥାନାର ଜଣେ ପୋଲିସ ଉକ୍ତ ମେଡିକାଲ ରିପୋର୍ଟ ଛଡାଇନେଇ ବହୁ ସମୟ ଧରି ବସାଇଥିଲେ। ଏପଟେ ମୋଚି ସାହିର ଜଣେ ମହିଳା ନାବାଳକଙ୍କ ନାମରେ ଆଉ ଏକ ଅଭିଯୋଗ ଆଣିଥିଲେ। ହେଲେ ପୋଲିସ ଠିକ୍ ଭାବେ ତଦନ୍ତ ନ କରି ଓଲଟା ଦ୍ୱିତୀୟ ଅଭିଯୋଗ ଆଧାରରେ ଆକ୍ରମଣର ଶିକାର ହୋଇଥିବା ନାବାଳକଙ୍କୁ ସାବାଳକ ଦର୍ଶାଇ ଗିରଫ କରିଥିଲା। ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିବା ବଦଳରେ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ପୋଲିସ ଦାଖଲ କରିଥିବା ରିପୋର୍ଟରେ ନାବାଳକଙ୍କ ବୟସ ୧୯ବର୍ଷ ଦର୍ଶାଇଥିବାରୁ କୋର୍ଟ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦେଇଥିଲେ। ହେଲେ ତାଙ୍କ ପରିବାର ଲୋକେ କୋର୍ଟଙ୍କ ନିକଟରେ ନାବାଳକଙ୍କ ସ୍କୁଲ ସାର୍ଟିଫିକେଟ ଦେଖାଇଥିଲେ। ସେଥିରେ ତାଙ୍କ ବୟସ ୧୭ବର୍ଷ ୪ମାସ ୧୭ଦିନ ରହିଛି। ଏହାକୁ ନେଇ କୋର୍ଟ କ୍ଷୁବ୍ଧ ହେବା ସହ କ୍ୟାପିଟାଲ ଥାନାର ତଦନ୍ତ ଅଧିକାରୀଙ୍କୁ ନୋଟିସ କରିଛନ୍ତି। ନାବାଳକଙ୍କ ଓକିଲ କହିଛନ୍ତି ଯେ,ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ମାମଲାରେ ନାବାଳକଙ୍କୁ ସାବାଳକ ଦର୍ଶାଇ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ଆଇନ ଅନୁଯାୟୀ ଦଣ୍ଡନୀୟ। ପୁଣି ପୋଲିସ ତାଙ୍କୁ ଜେଲ୍ ପଠାଇବା ବଦଳରେ ବାଳ ସୁଧାର ଗୃହରେ ଛାଡିବାର ନିୟମ ରହିଛି। ଏଭଳି ଭୁଲ୍ ପାଇଁ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କୋର୍ଟ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି।

ଏନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ତଦନ୍ତକାରୀ ଅଧିକାରୀ ନାବାଳକଙ୍କୁ ବୟସ ପଚାରିବାରୁ ସେ ୧୯ ବୋଲି କହିଥିଲେ। ତେଣୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମିଛ ମାମଲା ନୁହେଁ, ଅନ୍ୟ ଜଣେ ଯୁବକଙ୍କୁ ଛୁରିରେ ଆକ୍ରମଣ କରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

### ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନର ପରିଣାମ
# ପାକ୍‌ରେ ଟମାଟୋ କିଲୋ ୩୦୦



ଇସ୍‌ଲାମାବାଦ୍, ୧୦।୮

ଅନୁଚ୍ଛେଦ ୩୭୦ ହଟାଇବା ପ୍ରତିବାଦରେ ଭାରତ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଛି ପାକିସ୍ତାନ। ଏହାର ପରିଣାମ ସ୍ୱରୂପ ଏବେ ଭାରତରୁ ପଡୋଶୀ ଦେଶକୁ ଟମାଟୋ ରପ୍ତାନି ହୋଇପାରୁନି। ଫଳରେ ପାକିସ୍ତାନରେ ଏବେ ଏହାର ଦରରେ ନିଆଁ ଲାଗିଛି। ସେଠାରେ ଟମାଟୋ କେଜି ୩୦୦ ଟଙ୍କାରେ ପହଞ୍ଚିଯାଇଛି। ପାକିସ୍ତାନବାସୀ ପୂର୍ବରୁ ମହଙ୍ଗା ମାଡର ସମ୍ମୁଖୀନ ହେଉଥିବା ବେଳେ ଟମାଟୋର ଅଚାନକ ଦରବୃଦ୍ଧି ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନ୍‌ଙ୍କ ନିଷ୍ପତ୍ତି ଦେଶବାସୀଙ୍କ ପାଇଁ କେତେ ମହଙ୍ଗା ହୋଇଛି ଏଥିରୁ ତାହା ସ୍ପଷ୍ଟ ଅନୁମେୟ। ପଡୋଶୀ ଦେଶର ସାଧାରଣ ନାଗରିକଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସୂଚନାଥାଉ କି, ଦୁଇଦେଶ ଭିତରେ ବାଣିଜ୍ୟ ସମ୍ପର୍କ ଥିବାବେଳେ ଭାରତରୁ ବିପୁଳ ପରିମାଣର ଟମାଟୋ, ପିଆଜ ଓ ସବୁଜ ପନିପରିବା ପାକିସ୍ତାନ ଯାଉଥିଲା। ଏବେ ବାଣିଜ୍ୟ ସମ୍ପର୍କ ରଦ୍ଦ ପରେ ସେଦେଶକୁ ଏସବୁର ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳସ୍ୱରୂପ ଏହି ପରିବାଗୁଡ଼ିକ ଏବେ ପାକିସ୍ତାନରେ ଦୁର୍ମୂଲ୍ୟ ହୋଇଛି। ପାକିସ୍ତାନର ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭାରତୀୟ ଟ୍ରକ ଅପରେଟରମାନେ କହିଛନ୍ତି ଯେ, ବାଣିଜ୍ୟ ସମ୍ପର୍କ ବନ୍ଦ କରିଦେବା ଯୋଗୁ ଭାରତର କ୍ଷତି ହେବ ବୋଲି ଯଦି ପାକିସ୍ତାନ ଭାବୁଛି, ତେବେ ସେମାନଙ୍କୁ ଏଥିପାଇଁ ମୂର୍ଖ କୁହାଯାଇପାରିବ। କାରଣ ଉକ୍ତ ନିଷ୍ପତ୍ତି ଯୋଗୁ ପଡୋଶୀ ଦେଶରେ ପନିପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯିବ।

# ସୋନିଆ ଅନ୍ତରୀଣ ଅଧ୍ୟକ୍ଷ



**ସିଡବ୍ଲ୍ୟୁସି ବୈଠକରେ ନିଷ୍ପତ୍ତି**

- ନୂଆ ନେତା ନିର୍ବାଚନ ଯାଏ ଧରିବେ କଂଗ୍ରେସ ମଙ୍ଗ
- ରାହୁଲଙ୍କ ଇସ୍ତଫା ଗୃହୀତ

ନୂଆଦିଲ୍ଲୀ, ୧୦।୮ (ପି.ଟି.)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଶନିବାର ପୁଣିଥରେ ଦଳର ନେତୃତ୍ୱ ନେବାକୁ ଦାୟିତ୍ୱ ଦିଆଯାଇଛି। ସାରା ଦିନର କସରତ ପରେ ବିଳମ୍ବିତ ରାତିରେ ତାଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ଘୋଷଣା କରିଥିଲେ। ଫଳରେ ଦୀର୍ଘ ୭୭ ଦିନ ଧରି ଦଳରେ ଲାଗି ରହିଥିବା ନେତୃତ୍ୱ ସଙ୍କଟ ସାମୟିକ ଭାବେ ଟଳିଛି।

ଅଧ୍ୟକ୍ଷ ପଦରୁ ଇସ୍ତଫା ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ସବୁ ନେତାଙ୍କ ଅନୁରୋଧକୁ ରାହୁଲ ଗାନ୍ଧୀ ପ୍ରତ୍ୟାଖ୍ୟାନ କରିଦେବା ପରେ ରାତିରେ ପୁଣିଥରେ ବୈଠକ ବସିଥିଲା। ଏଥିରେ ରାହୁଲଙ୍କ ଇସ୍ତଫା ଗୃହୀତ ହୋଇଥିଲା। ନୂଆ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ସୋନିଆ ଦଳର ଦାୟିତ୍ୱରେ ରହିବେ। ସିଡବ୍ଲ୍ୟୁସି ରାହୁଲଙ୍କ ଇସ୍ତଫା ଗ୍ରହଣ କରିବା ସହ ତାଙ୍କ ନେତୃତ୍ୱକୁ ପ୍ରଶଂସା କରିଛି। ରାହୁଲଙ୍କ ମାର୍ଗଦର୍ଶନକୁ କଂଗ୍ରେସ ଗ୍ରହଣ କରି ସଂଗଠନକୁ ଆଗେଇନେବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିବା ଦଳର ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ସୂଚନା ଦେଇଛନ୍ତି।

ପୂର୍ବାହ୍ନ ୧୧ଟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଅହମ୍ମଦ ପଟେଲ, ଏ.କେ. ଆଣ୍ଟୋନି, ଗୁଲାମ ନବୀ ଆଜାଦ, ପି. ଚିଦାମ୍ବରମ୍ ପ୍ରମୁଖ ଏଆଇସିସି ମୁଖ୍ୟାଳୟରେ ଏକାଠି ହୋଇ ନେତା ଚୟନ ନେଇ ଆଲୋଚନା କରିଥିଲେ। ସାରା ଦେଶର ଦଳୀୟ ନେତାମାନଙ୍କ ସହ ପରାମର୍ଶ ପାଇଁ ସିଡବ୍ଲ୍ୟୁସି ନିଷ୍ପତ୍ତି ନେବା ପରେ ବିଭିନ୍ନ ଅଞ୍ଚଳ ପାଇଁ ୫ଟି ଗ୍ରୁପ୍ ଗଠନ କରାଯାଇଥିଲା। ଉକ୍ତ ଗ୍ରୁପ୍‌ଗୁଡିକୁ ଭିନ୍ନ ଭିନ୍ନ ଅଞ୍ଚଳର ରାଜ୍ୟ କଂଗ୍ରେସ ମୁଖ୍ୟ, ଏମ୍‌ପି ଓ ବିଧାୟକମାନଙ୍କ ସହ ଆଲୋଚନା କରିବାକୁ କୁହାଯାଇଥିଲା। ପରାମର୍ଶ ପ୍ରକ୍ରିୟାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ପ୍ରମୁଖ ସାମିଲ ହୋଇଥିଲେ। ୫ଟି ସବ୍ କମିଟି ଦେଇଥିବା ରିପୋର୍ଟ ଉପରେ ରାତିରେ ଆଲୋଚନା ହୋଇଥିଲା। ଯଦି ରାହୁଲ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ଚାହୁଁ ନାହାନ୍ତି ତେବେ ସୋନିଆଙ୍କୁ ଅନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଉ ଓ ସେ ନିର୍ବାଚନ ପ୍ରକ୍ରିୟାର ତଦାରଖ କରନ୍ତୁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ରାତି ୧୧ଟା ପର୍ଯ୍ୟନ୍ତ ବୈଠକ ଚାଲିଥିଲା।

ସୂଚନାଯୋଗ୍ୟ, ଲୋକ ସଭା ନିର୍ବାଚନରେ କଂଗ୍ରସର ପରାଜୟ ପରେ ମେ’ ମାସରେ ରାହୁଲ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ନିଷ୍ପତ୍ତି ପରିବର୍ତ୍ତନ କରିବା ପାଇଁ ୨ ମାସ ☞ପୃଷ୍ଠା–୪

## ୧୪ରେ ହୀରାକୁଦ ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର, ୧୦।୮ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରୁ ଅଗଷ୍ଟ ୧୪ ତାରିଖରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଜଳସମ୍ପଦ ବିଭାଗ ପକ୍ଷରୁ ଏହା ସ୍ଥିର କରାଯାଇଛି। ଚିଠି ନଂ. ୪୯୧ରେ ଜିଲା ପ୍ରଶାସନ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସେଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଅପରାହ୍ନ ୧୧ରେ ପ୍ରଥମ ବନ୍ୟାଜଳ ଛଡା ଯିବ। ଫଳରେ ମହାନଦୀ ସମେତ ତା’ର ଶାଖା ନଦୀଗୁଡିକରେ ଜଳସ୍ତର ବୃଦ୍ଧି ପାଇବ। ତେଣୁ ତଳ ମୁଣ୍ଡରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ବନ୍ୟାଜଳ ନିଷ୍କାସନ ପରେ କୌଣସି ଦୁର୍ଘଟଣା ଘଟିଲେ ଡ୍ୟାମ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ସତର୍କ କରି ଦିଆଯାଇଛି।

# ଭାରତକୁ ରୁଷିଆର ସମର୍ଥନ

**କଶ୍ମୀର ପ୍ରସଙ୍ଗ**

ନୂଆଦିଲ୍ଲୀ, ୧୦।୮

ସମ୍ବିଧାନର ଅନୁଚ୍ଛେଦ ୩୭୦ର ଉଚ୍ଛେଦ ଏବଂ ଜମ୍ମୁ–କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି ଭାରତର ନିଷ୍ପତ୍ତିକୁ ରୁଷିଆ ସମର୍ଥନ କରିଛି। ସମ୍ବିଧାନର ବିଧିବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ରୁଷିଆ କହିଛି। ଏହାକୁ ନେଇ ଉକ୍ତ ଅଞ୍ଚଳର ସ୍ଥିତିକୁ ଭାରତ ଓ ପାକିସ୍ତାନ ଉତ୍ତେଜନାପୂର୍ଣ୍ଣ କରିବେ ନାହିଁ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଏହାକୁ ପାକିସ୍ତାନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। କଶ୍ମୀର ଏକ ଅନ୍ତର୍ଜାତୀୟ ପ୍ରସଙ୍ଗ ହୋଇଥିବାରୁ ସେଠାରେ ଭାରତର ଏକପାଖିଆ ନିଷ୍ପତ୍ତି ବେଆଇନ ବୋଲି ଇସ୍‌ଲାମାବାଦ କହିବା ସହ ଏଥିରେ ହସ୍ତକ୍ଷେପ କରିବା ଲାଗି ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ଲୋଡିଥିଲା। ତେବେ କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ ଲାଗି ଜାତିସଂଘ, ଆମେରିକା ଓ ଚାଇନା ମନା କରିଦେବା ଏବଂ ରୁଷିଆ ସମେତ ବିଭିନ୍ନ ଦେଶ ଭାରତର କଶ୍ମୀର ନିଷ୍ପତ୍ତିକୁ ସମର୍ଥନ କରିବା ଫଳରେ ଇସ୍‌ଲାମାବାଦକୁ କୂଟନୈତିକ ସ୍ତରରେ ବଡ଼ ଝଟକା ଲାଗିଛି। ୧୯୭୨ର ଶିମ୍‌ଲା ରାଜିନାମା ଏବଂ ୧୯୯୯ର ଲାହୋର ଘୋଷଣାନାମାରେ ଥିବା ବ୍ୟବସ୍ଥା ଅନୁଯାୟୀ ଦୁଇଦେଶ ରାଜନୈତିକ ଓ କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ମତପାର୍ଥକ୍ୟ ଦୂର କରିପାରିବେ ବୋଲି ରୁଷିଆ ଆଶାବ୍ୟକ୍ତ କରିଛି।



**ମହାରାଷ୍ଟ୍ର ବନ୍ୟା:** ସାଙ୍ଗ୍‌ଲିରେ ଜଳଘେରରେ ଥିବା ଲୋକଙ୍କୁ ଶନିବାର ନୌସେନା ପକ୍ଷରୁ ହେଲିକପ୍ଟରରେ ଉଦ୍ଧାର କରାଯାଉଛି।

ଜଳପଥରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

**ହାଇଆଲର୍ଟରେ ୭ ଜିଲାର ମେରାଇନ ଥାନା**

........ ୩ ........


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**କଶ୍ମୀରୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା**

**ଆଜିର ମନ୍ତବ୍ୟ**

“ ଚାଇନା ସମର୍ଥନରେ ଭାରତ ବିରୋଧରେ ଜାତିସଂଘ ସୁରକ୍ଷା ପରିଷଦର ଦ୍ୱାରସ୍ଥ ହେବୁ।

–ଶାହ ମେହମୁଦ କୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 10.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 53 | 97 | 107 |
| ANG | 52 | 96 | 106 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ସୁପ୍ରିମକୋର୍ଟ ନିର୍ଦ୍ଦେଶର ଓଲଟା ରାସ୍ତାରେ ସରକାର

**ସହାୟତା ପାଇଁ ଆଧାର ପ୍ରସଙ୍ଗ**



ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

ନାଗରିକଙ୍କ ସବୁ ଅନ୍ତରଙ୍ଗ ତଥ୍ୟ ଆଧାର କାର୍ଡରେ ଲିପିବଦ୍ଧ। ଏହାକୁ ସରକାରୀ କିମ୍ବା ବେସରକାରୀ ସଂସ୍ଥା ଅପବ୍ୟବହାର କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି। ତେଣୁ ବ୍ୟକ୍ତି ବିଶେଷଙ୍କ ଗୋପନୀୟ ତଥ୍ୟଗୁଡ଼ିକୁ କୌଣସି ପରିସ୍ଥିତିରେ ଜନକଲ୍ୟାଣକାରୀ ଯୋଜନାରେ ଦେବାକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଏହାସତ୍ତ୍ୱେ ଆଧାର କାର୍ଡକୁ ପରୋକ୍ଷରେ ବାଧ୍ୟତାମୂଳକ କରିବାରେ ସରକାର ଲାଗିପଡିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ଦେଇଥିବା ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ମୋଟ ଉପରେ କହିବାକୁ ଗଲେ ସୁପ୍ରିମକୋର୍ଟଙ୍କ ରାୟର ଓଲଟା ବାଟରେ ସରକାର ଯିବାକୁ ପସନ୍ଦ କରିଛନ୍ତି।

ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ କହିଛନ୍ତି ଯେ, ଆଧାର କାର୍ଡ ଥିବା କୌଣସି ହିତାଧିକାରୀ ଯୋଜନାରୁ ବାଦ୍ ପଡିବେ ନାହିଁ। ଏଥିପାଇଁ ସରକାର ଗ୍ୟାରେଣ୍ଟି ଦେଉଛନ୍ତି। ଆଧାର ନ ଥିବା ହିତାଧିକାରୀଙ୍କୁ ମଧ୍ୟ ତାଲିକାରୁ ବାଦ୍ ପଡିବାକୁ ଦିଆଯିବ ନାହିଁ। ସେହିପରି ଆଧାର କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀ ଲିଙ୍କ୍ କରିବା ମାତ୍ରେ ସହାୟତା ପାଇବେ। ସେହିପରି ଏକାଧିକ ଥର ସୁବିଧା ହାତଉଥିବା ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯିବ । ଅଧିକାଂଶ ହିତାଧିକାରୀଙ୍କ ଆଧାର ଲିଙ୍କ୍ ତନଖି କରିବା ପରେ ପ୍ରାୟ ଲକ୍ଷାଧିକ ହିତାଧିକାରୀ ଦୁଇଟି ସ୍ଥାନରୁ ସୁବିଧା ପାଉଥିବା ରଣେନ୍ଦ୍ର କହିଛନ୍ତି। ଏହିପରି ସୁବିଧା ହାତଉଥିବା ବ୍ୟକ୍ତିବିଶେଷଙ୍କୁ ତୁରନ୍ତ ସେପ୍ଟେମ୍ବରରୁ ବାଦ୍ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରାଯାଇଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଏପରିକି ପୂର୍ବରୁ ରାଶନ କାର୍ଡ ଦ୍ୱାରା ସହାୟତା ପାଉଥିବା ହିତାଧିକାରୀ କେବଳ ଆଧାର ପାଇଁ ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରନ୍ତି। ଗ୍ରାମବହୁଳ ଓଡ଼ିଶାରେ ଆଧାର ସମ୍ପର୍କିତ ସଚେତନତା ଲୋକମାନଙ୍କୁ କରାଯାଇନାହିଁ। ଓଲଟି ଆଧାର ହିଁ ସବୁ ସହାୟତା ପାଇବାର ଚାବିକାଠି ବୋଲି ପରୋକ୍ଷରେ ପ୍ରଚାର କରି ଲିଙ୍କ୍ କରାଯାଉଛି। ହିତାଧିକାରୀଙ୍କ ନାମ, ଠିକଣା ସହ ଅନ୍ୟାନ୍ୟ ଗୋପନୀୟ ତଥ୍ୟ ଆଦାୟ କରାଯାଇ ସାରିଲାଣି।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ କେନ୍ଦ୍ର ସରକାର ବଜେଟ୍‌ରେ ପାନ କାର୍ଡ ବଦଳରେ ଆଧାର ମାଧ୍ୟମରେ ଆୟକର ରିଟର୍ନ ଦେବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ସେହିପରି କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ସମସ୍ତ ଯୋଜନାରେ ମଧ୍ୟ ଆଧାରକୁ ବାଧ୍ୟତାମୂଳକ କରିବାକୁ ମସୁଧା ଚାଲିଛି। ଦେଶରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ)ରେ ଆଧାର କାର୍ଡକୁ କଡାକଡି ଲାଗୁ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ବହୁ ପୂର୍ବରୁ ନିର୍ଦ୍ଦେଶ ଦେଇ ସାରିଥିଲେ। ରାଜ୍ୟ ସରକାର ମଧ୍ୟ ଏଥିରେ କୌଣସି ଆପତ୍ତି ନ ଉଠାଇ ଆଧାର ବାଧ୍ୟତାମୂଳକକୁ ସେପ୍ଟେମ୍ବର ପହିଲାରୁ କଡାକଡି ଲାଗୁ କରିବାକୁ ଯାଉଥିବା ଜଣାପଡିଛି। ଏଠାରେ ପ୍ରଶ୍ନ ଉଠେ, ଜାଲିଆତି ରୋକିବାକୁ ଆଧାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଉଥିବା ସରକାର ବାରମ୍ବାର ଯୁକ୍ତି ବାଢୁଛନ୍ତି, ହେଲେ ଲକ୍ଷାଧିକ ମୃତ ହିତାଧିକାରୀଙ୍କ ନାମରେ ସରକାରୀ ଯୋଜନା ହଡପ ହେଉଥିବା ଖବର ନଜରକୁ ଆସିଛି। ଏପରିକି ଚଳିତ ବର୍ଷ ରାଜ୍ୟ ଖାଦ୍ୟ ନିଗମ ପକ୍ଷରୁ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହିତ ଏହି ଭୂତ ହିତାଧିକାରୀଙ୍କୁ ବାଦ୍ ଦିଆଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ ଭାବେ କେତେ ଭୂତ ତଥା ମୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି, ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ରଖାଯାଇନାହିଁ।

## କ୍ଷେପଣାସ୍ତ୍ର ପରୀକ୍ଷାସ୍ଥଳରେ ବିସ୍ଫୋରଣ ୫ ବୈଜ୍ଞାନିକ ମୃତ

ମସ୍କୋ, ୧୦।୮

ଆର୍କଟିକ୍‌ର ଏକ କ୍ଷେପଣାସ୍ତ୍ର ପରୀକ୍ଷାସ୍ଥଳରେ ଭୁଲ୍ ପରୀକ୍ଷା ଯୋଗୁ ବିସ୍ଫୋରଣ ହେବାରୁ ୫ ଜଣ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଗୁରୁତର ଆହତ ହୋଇଥିବା ରୁଷିଆ ଆଣବିକ ସଂସ୍ଥା ପକ୍ଷରୁ କୁହାଯାଇଛି। ବିସ୍ଫୋରଣ ଯୋଗୁ ବିକିରଣ ସ୍ତର ବୃଦ୍ଧି ପାଇଥିବା କୁହାଯାଉଥିବାବେଳେ ସୈନ୍ୟବାହିନୀ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଆର୍‌ଖାନଗେଲ୍‌ସ୍କ ଅଞ୍ଚଳଠାରୁ କିଛି ଦୂରରେ ଅବସ୍ଥିତ ଏହି କ୍ଷେପଣାସ୍ତ୍ର ପରୀକ୍ଷାକେନ୍ଦ୍ରରେ ବୈଜ୍ଞାନିକମାନେ ତରଳ ପ୍ରୋପେଲାଣ୍ଟ ରକେଟ ଇଞ୍ଜିନ୍ ପରୀକ୍ଷା କରୁଥିବାବେଳେ ବିସ୍ଫୋରଣ ହୋଇଥିଲା।



"ବନ୍ୟା ପରିସ୍ଥିତିକୁ ଦେଖି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୦୨୦କୁ ଘୁଞ୍ଚାଯିବା ଉଚିତ୍।
-ରାଜ୍ ଥାକ୍‌ରେ,
ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ



# କଶ୍ମୀର ଛାଡୁଛନ୍ତି ହିନ୍ଦୀଭାଷୀ ଶ୍ରମିକ

- ୫ ଦିନରେ ଛାଡ଼ିଲେଣି ୫୦ ହଜାର
- ପାରିଶ୍ରମିକ ମିଳୁନି
- ପରିବହନ ସଂସ୍ଥା ଶୋଷଣ କରୁଛନ୍ତି



ଜମ୍ମୁ,୧୦।୮(ପି.ଟି.)

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ବିଭିନ୍ନ ଅଞ୍ଚଳରେ ୧୪୪ ଧାରା ଜାରି ହୋଇଥିବାବେଳେ ବହୁସଂଖ୍ୟାରେ ହିନ୍ଦୀଭାଷୀ ଶ୍ରମିକ ଉପତ୍ୟକା ଛାଡିବାରେ ଲାଗିଛନ୍ତି। ଗତ ୫ ଦିନ ମଧ୍ୟରେ ୫୦ ହଜାର ଶ୍ରମିକ ଜମ୍ମୁ-କଶ୍ମୀର ଛାଡ଼ିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଆହୁରି ଅନେକ ଶ୍ରମିକ ନିଜ ରାଜ୍ୟକୁ ଫେରିବା ପାଇଁ ରେଲଷ୍ଟେଶନ୍‌ରେ ସେମାନଙ୍କ ଟ୍ରେନ୍‌କୁ ଅପେକ୍ଷା କରିଥିବା ଦେଖାଯାଇଛି। ନିଯୁକ୍ତିଦାତା ସମ୍ପୂର୍ଣ୍ଣ ପାରିଶ୍ରମିକ ପୈଠ କରୁ ନ ଥିବା ଏବଂ ଘରୋଇ ପରିବହନକାରୀ ସଂସ୍ଥାମାନେ ଅଧିକ ଦେୟ ନେଉଥିବା ସେମାନେ ଅଭିଯୋଗ କରିଛନ୍ତି।

୫ ତାରିଖରୁ ଲାଗୁ ହୋଇଥିବା ୧୪୪ ଧାରା ଜମ୍ମୁରୁ ଉଠାଇଦିଆଯାଇଥିବାବେଳେ ଶୁକ୍ରବାର ଡୋଡା ଓ କିସ୍ତୱାର ଜିଲାରେ କର୍ଫ୍ୟୁ କୋହଳ କରାଯାଇଥିଲା। ଫଳରେ ଉକ୍ତ ଅଞ୍ଚଳରେ ଜୀବନଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପୂର୍ବରୁ ଗତ ୩ ତାରିଖରେ ରାଜ୍ୟ ପ୍ରଶାସନ ଅମରନାଥ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ତୁରନ୍ତ ଉପତ୍ୟକା ଛାଡିଚାଲିଯିବାକୁ ପରାମର୍ଶ ଦେଇଥିଲେ।

ବିହାରର ଦର୍‌ଭଙ୍ଗା ଯିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌କୁ ଅପେକ୍ଷା କରିଥିବା ରମେଶ କୁମାର କହିଛନ୍ତି, ସେ ଏକ ୪୦ ଜଣିଆ ଗ୍ରୁପ୍‌ରେ ଶୁକ୍ରବାରଠାରୁ ଆସି ଷ୍ଟେଶନରେ ଅପେକ୍ଷା କରିଛନ୍ତି। ସେମାନେ ଦୁଇଦିନ ହେଲା କିଛି ଖାଇନାହାନ୍ତି। ସେମାନେ କାମ କରୁଥିବା ଆଇସ୍‌କ୍ରିମ୍ କମ୍ପାନୀ ସାମ୍ପ୍ରତିକ ସ୍ଥିତିକୁ ନେଇ ପାରିଶ୍ରମିକ ଦେଇ ନ ପାରିବାରୁ ସାମାନ୍ୟ କିଛି ପଇସା ଧରି ସେମାନେ ଫେରୁଥିବା କହିଛନ୍ତି। ଟାଟା ସୁମୋ ଜଣ ପିଛା ୨୦୦୦ ଟଙ୍କା ଭଡ଼ା ନେଇ ଲୋକଙ୍କୁ ଶୋଷଣ କରୁଥିବା ରମେଶ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀନଗରରେ ବଣିଆ କାମ କରୁଥିବା ଜଣେ ବ୍ୟକ୍ତି ତାଙ୍କ ୬ ଜଣିଆ ପରିବାର ସହ କୋଲକାତା ଫେରିବା ପାଇଁ ଜଣ ପିଛା ୨୫୦୦ ଟଙ୍କା ଲେଖାଏ ଭଡ଼ା ଗଣିଥିବା କହିଛନ୍ତି। ଉତ୍ତରପ୍ରଦେଶ ମୋରାଦାବାଦର ଶ୍ରମିକ ଜଫରୁଲ୍ଲାଙ୍କୁ ତାଙ୍କ ନିଯୁକ୍ତିଦାତା ମାତ୍ର ସପ୍ତାହକର ପାରିଶ୍ରମିକ ଦେଇଛନ୍ତି। ସେ ଅନ୍ୟମାନଙ୍କଠାରୁ ଟଙ୍କା ଉଧାର କରି ଉପତ୍ୟକା ଛାଡୁଥିବା କହିଛନ୍ତି। ଲୋକମାନେ ନିଜ ରାଜ୍ୟକୁ ଫେରିଯିବା ଲାଗି ରେଲୱେ ସ୍ୱତନ୍ତ୍ର ଟ୍ରେନ ସହ ଅତିରିକ୍ତ କୋଚ୍ ବ୍ୟବସ୍ଥା କରିଛି। ଏହାବ୍ୟତୀତ ପ୍ରତୀକ୍ଷାରତ ଯାତ୍ରୀଙ୍କ ପାଇଁ ଆଶ୍ରୟ, ଖାଦ୍ୟ, ପାଣିର ବ୍ୟବସ୍ଥା ହୋଇଥିବା ନର୍ଦ୍ଦର୍ନ ରେଲୱେର ମୁଖ୍ୟ ପିଆର୍‌ଓ ଦୀପକ କୁମାର କହିଛନ୍ତି।

## ୩୭୦ ଉଚ୍ଛେଦକୁ ସୁପ୍ରିମକୋର୍ଟରେ ଏନ୍‌ସିର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୦।୮(ପି.ଟି.)

ରାଷ୍ଟ୍ରପତୀୟ ନିର୍ଦ୍ଦେଶନାମା ବଳରେ ଜମ୍ମୁ-କଶ୍ମୀରର ସାମ୍ବିଧାନିକ ସ୍ଥିତିରେ ପରିବର୍ତ୍ତନକୁ ଓମାର ଅବ୍‌ଦୁଲ୍ଲାଙ୍କ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ସେଠାର ଜନସାଧାରଣଙ୍କ ମତାମତ ନିଆ ନ ଯାଇ ସେମାନଙ୍କ ନାଗରିକ ଅଧିକାର ଛଡ଼ାଇ ନିଆଯାଇଥିବା ଏନ୍‌ସି ଅଭିଯୋଗ କରିଛି। ପାର୍ଲାମେଣ୍ଟରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସଂକଳ୍ପନାମା ଗୃହୀତ ହେବା ଏବଂ ରାଷ୍ଟ୍ରପତି ନିର୍ଦ୍ଦେଶନାମା ଜାରି କରିବା ଅସାମ୍ବିଧାନିକ ହୋଇଥିବାରୁ ତାହାକୁ ଅବୈଧ ଓ କାର୍ଯ୍ୟକାରୀଯୋଗ୍ୟ ନୁହେଁ ଘୋଷଣା କରିବାକୁ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଏନ୍‌ସି ଲୋକ ସଭା ସଦସ୍ୟ ମହମ୍ମଦ ଆକବର ଲୋନ୍ ଓ ହସନୈନ୍ ମାସୁଦି ଏହି ପିଟିଶନ୍ ଦାଏର କରିଛନ୍ତି। ମାସୁଦି ଜମ୍ମୁ-କଶ୍ମୀର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି। ଅନୁଚ୍ଛେଦ ୩୭୦ ସମ୍ବିଧାନର ସ୍ଥାୟୀ ବ୍ୟବସ୍ଥା ବୋଲି ସେ ୨୦୧୫ରେ ରୁଲିଂ ଦେଇଥିଲେ। ସେମାନେ ଜମ୍ମୁ-କଶ୍ମୀର ପୁନର୍ଗଠନ ଅଧିନିୟମ, ୨୦୧୯କୁ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ କର୍ଫ୍ୟୁ ଜାରି ବିରୋଧରେ ସୁପ୍ରିମକୋର୍ଟରେ ମୋଟ ୬ଟି ପିଟିଶନ୍ ଦାଏର ହୋଇଛି। କେବଳ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ୩ଟି ପିଟିଶନ ଦାଏର ହୋଇଥିବା ଜଣାପଡିଛି।

## ଅନନ୍ତନାଗରେ ଡୋଭାଲ



ଜମ୍ମୁ,୧୦।୮(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକମାନଙ୍କ ସହ ଭାବବିନିମୟ ଜାରି ରଖିଛନ୍ତି। ସେ ଶନିବାର ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲା ଗସ୍ତ କରି ସେଠାରେ ଗୋରୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନଙ୍କ ସହ କଥା ହୋଇଛନ୍ତି। ଗତ ୬ ତାରିଖରୁ କଶ୍ମୀରରେ ଥିବା ଡୋଭାଲ ଶୁକ୍ରବାର ଶ୍ରୀନଗର ଯାଇ ସ୍ଥାନୀୟ ଜନସାଧାରଣ ଓ ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରିଥିଲେ।

ଆତଙ୍କବାଦୀ କାର୍ଯ୍ୟକଳାପର ପ୍ରମୁଖ ସ୍ଥାନ କୁହାଯାଉଥିବା ଅନନ୍ତନାଗର ଗୋରୁହାଟରେ ଡୋଭାଲ ଅଟକି ଲୋକମାନଙ୍କ ସହ କଥା ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଠାରେ ବିକ୍ରି ହେଉଥିବା ମେଣ୍ଢାମାନଙ୍କ ଦାମ୍, ଓଜନ ଓ ସେମାନଙ୍କ ଖାଦ୍ୟ ସମ୍ପର୍କରେ ଡୋଭାଲ ପଚାରୁଥିବା ଦେଖାଯାଇଛି। ଶୁକ୍ରବାର ସେ କେତେକ ସହକର୍ମୀ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଇଦ୍‌ଗା ଯାଇ ବିଭିନ୍ନ ସ୍ଥାନରେ ଅଟକିଥିଲେ ଓ ଲୋକମାନଙ୍କ ସହ ଭାବବିନିମୟ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ଦିଗରେ ଉଲ୍ଲେଖନୀୟ ସଫଳତା ପାଇଁ ସେ ପୋଲିସ ଏବଂ ସିଆର୍‌ପିଏଫ୍ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବୁଧବାର ଏନ୍‌ଏସ୍‌ଏ ଡୋଭାଲ ଫୁଟପାଥ୍‌ରେ ଲୋକମାନଙ୍କ ସହ ଏକାଠି ଖାଉଥିବା ଦେଖାଯାଇଥିଲା। ଉପତ୍ୟକାର ଲୋକମାନଙ୍କ ମଧ୍ୟରେ ଆସ୍ଥା ଫେରାଇଆଣିବା ପାଇଁ ଡୋଭାଲ ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିବା ଜଣାଯାଇଛି।

## ଦିଲ୍ଲୀ-ଲାହୋର ବସ୍ ସେବା ବନ୍ଦ କଲା ପାକିସ୍ତାନ




ଇସ୍‌ଲାମାବାଦ, ୧୦।୮(ପି.ଟି.): ସୀମାପାର୍ ରେଳସେବାରେ ବାଧା ସୃଷ୍ଟିକରିବା ପରେ ଏବେ ଦିଲ୍ଲୀ-ଲାହୋର ବନ୍ଧୁତ୍ୱପୂର୍ଣ୍ଣ ବସ୍ ସେବାକୁ ପାକିସ୍ତାନ ସୋମବାରଠାରୁ ବାତିଲ କରିଛି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ବିରୋଧ କରି ପାକିସ୍ତାନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୧୯୯୯ ଫେବୃୟାରୀରୁ ଭାରତ-ପାକ୍ ମଧ୍ୟରେ ଆରମ୍ଭ ହୋଇଥିବା ଏହି ବନ୍ଧୁତ୍ୱପୂର୍ଣ୍ଣ ବସ୍‌ସେବା ୨୦୦୧ ପାର୍ଲାମେଣ୍ଟ ଆକ୍ରମଣ ପରେ ବନ୍ଦ ରହିଥିଲେ ହେଁ ୨୦୦୩ରେ ଏହାକୁ ପୁଣି ଚାଲୁ କରାଯାଇଥିଲା। ତେବେ ଭାରତ-ପାକ୍ ବସ୍‌ସେବା ବାତିଲ ନେଇ ଜାତୀୟ ସୁରକ୍ଷା କମିଟିରେ ନିଷ୍ପତ୍ତି ନିଆଯାଇଥିବା ପାକିସ୍ତାନ ଯୋଗାଯୋଗ ଓ ପୋଷ୍ଟାଲ ସେବାମନ୍ତ୍ରୀ ମୁରାଦ୍ ସୟିଦ ଟୁଇଟ୍ କରିଛନ୍ତି। ଦିଲ୍ଲୀଗେଟ୍‌ର ଆମ୍ବେଦକର ଷ୍ଟାଡିୟମ୍ ନିକଟରୁ ଦିଲ୍ଲୀ-ଲାହୋର ବସ୍ ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଯାତାୟାତ କରିଥାଏ।

ସମଝୌତା ଏକ୍ସପ୍ରେସ ପରେ ଥର୍ ଏକ୍ସପ୍ରେସ ବାତିଲ ନେଇ ଶୁକ୍ରବାର ପାକ୍ ରେଳମନ୍ତ୍ରୀ ଶେଖ୍ ରସିଦ ଅହମଦ ଘୋଷଣା କରିଥିଲେ। ତେବେ କରାଚି ଅଭିମୁଖେ ୧୬୫ ଯାତ୍ରୀ(୮୧ ଭାରତୀୟ)ଙ୍କୁ ନେଇ ଯାଉଥିବା ଥର୍ ଏକ୍ସପ୍ରେସକୁ ଶନିବାର ପାକିସ୍ତାନ ଯିବା ଲାଗି ସବୁଜ ସଙ୍କେତ ପ୍ରଦାନ କରିଛି।

## ସ୍ୱାଭାବିକ ହେଉଛି ସ୍ଥିତି

- ୫ ଜିଲାରୁ ୧୪୪ ଧାରା ଉଠିଲା
- ଡୋଡା, କିସ୍ତୱାର୍‌ରେ କର୍ଫ୍ୟୁ କୋହଳ

ଜମ୍ମୁ, ୧୦।୮(ପି.ଟି.)

କ୍ରମଶଃ ସ୍ୱାଭିବିକ ହେବାରେ ଲାଗିଛି ଜମ୍ମୁ-କଶ୍ମୀର ପରିସ୍ଥିତି। ସରକାରଙ୍କ ପକ୍ଷରୁ ଲଗାଯାଇଥିବା ନିଷେଧାଦେଶ (୧୪୪ ଧାରା)କୁ ଉଠାଇ ଦିଆଯାଇଛି। ଏଥିସହ ଡୋଡା ଓ କିସ୍ତୱାର୍ ଜିଲାରେ ଲଗାଯାଇଥିବା କର୍ଫ୍ୟୁ କୋହଳ କରାଯାଇଛି। ଫଳରେ ସାଧାରଣ ଜୀବନଯାତ୍ରା ସୁଧୁରିଛି। ୫ ଜଲାରେ ସ୍କୁଲ, କଲେଜ ଆଦି ଖୋଲିଥିବାବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଉପସ୍ଥିତି ବୃଦ୍ଧି ପାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଜମ୍ମୁ, କଠୁଆ, ସାମ୍ବା, ଉଦ୍ଧମ୍‌ପୁର, ଓ ରିଆସିରେ ପରିସ୍ଥିତି ସ୍ୱାଭାବିକ ରହିଥିବା ସେ କହିଛନ୍ତି। ଦୋକାନବଜାର ଖୋଲା ଥିବାବେଳେ ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ରହିଛି। ଶୁକ୍ରବାର ପ୍ରାର୍ଥନା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ତେବେ ପୁଞ୍ଛ, ରାଜୌରି ଓ ରାମ୍ବନ ଜିଲାରେ ଏବେ ବି କଟକଣା ବଳବତ୍ତର ରହିଛି। ଏଠାରେ ପରିସ୍ଥିତି ସ୍ୱାଭାବିକ ରହିଥିବାବେଳେ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଲାଗି ସେଠାରେ କଟକଣା ବଳବତ୍ତର ଥିବା ଦର୍ଶାଯାଇଛି।

## ଆମେରିକୀୟ ଫାଇନାନ୍ସରଙ୍କ ଆତ୍ମହତ୍ୟା



ନ୍ୟୁୟର୍କ,୧୦।୮(ଏଏଫ୍‌ପି): ଏକ ଲଜ୍ଜାଜନକ ଘଟଣାରେ ଜେଲରେ ରହିଥିବା ଆମେରିକୀୟ ଫାଇନାନ୍ସର ଜେଫ୍‌ରି ଏପ୍‌ଷ୍ଟାଇନ୍ ଆତ୍ମହତ୍ୟା କରିଛନ୍ତି। ସେ ୧୪ ବର୍ଷ ବୟସର ବାଳିକାମାନଙ୍କୁ ଯୌନଶୋଷଣ ଲାଗି ଚୋରାଚାଲାଣ କରୁଥିବା ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିଲେ। ତାଙ୍କ ବିରୋଧରେ ଅଦାଲତରେ ମାମଲା ବିଚାରାଧୀନ ଥିବାବେଳେ ସେ ଜେଲ କୋଠରି ମଧ୍ୟରେ ଆତ୍ମହତ୍ୟା କରିଥିବା ଆମେରିକାର ନ୍ୟୁଜ୍ ମିଡିଆରେ ଶନିବାର ରିପୋର୍ଟ ପ୍ରକାଶ ପାଇଛି। ଯୌନ କେଲେଙ୍କାରୀରେ ଅଭିଯୁକ୍ତ ଏପ୍‌ଷ୍ଟାଇନ୍ ବର୍ଷ ବର୍ଷ ଧରି ବହୁ ରାଜନେତା ଏବଂ ସେଲିବ୍ରିଟିଙ୍କୁ ହାତକରି ସେମାନଙ୍କ ଯୌନକ୍ଷୁଧା ମେଣ୍ଟାଇବା ସହିତ ପ୍ରଚୁର ଅର୍ଥ ରୋଜଗାର କରୁଥିଲେ। ମେଟ୍ରୋପଲିଟାନ୍ କରେକ୍ସନାଲ ସେଣ୍ଟରର ନିଜ ସେଲ୍‌ରେ ବେକରେ ଫାଶି ଲଗାଇ ଏପଷ୍ଟାଇନ୍ ଆତ୍ମହତ୍ୟା କରିଛନ୍ତି।

### ଇତିହାସର ଆଇନାରେ

### ଅଗଷ୍ଟ ୧୧ର ପ୍ରମୁଖ ଘଟଣା

୨୦୦୩ ଅଗଷ୍ଟ ୧୧ରେ ଆଫଗାନିସ୍ତାନରେ ନାଟୋର ଶାନ୍ତିରକ୍ଷା ସେନା ମୁତୟନ ହେଲା। ନାଟୋର ୫୪ବର୍ଷର ଇତିହାସରେ ୟୁରୋପର ଏକ ବାହାର ଦେଶରେ ଏହା ଥିଲା ପ୍ରଥମ ବୃହତ୍ ଅଭିଯାନ।

୨୦୧୨ ଅଗଷ୍ଟ ୧୧ରେ ଇରାନ୍‌ର ତାବ୍ରିଜଠାରେ ଲାଗ୍ ଲାଗ୍ ଦୁଇଥର ଭୂକମ୍ପ ହେବା ଫଳରେ ୩୦୬ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩,୦୦୦ ଲୋକ ଆହତ ହୋଇଥିଲେ।

## ତେଲ ଟ୍ୟାଙ୍କର ବିସ୍ଫୋରଣ: ୬୨ ନିହତ

ଦାର୍ ଏସ୍ ସଲାମ (ତାଞ୍ଜାନିଆ),୧୦।୮

ତାଞ୍ଜାନିଆର ମୋରୋଗୋରୋ ସହରରେ ଏକ ତେଲ ଟ୍ୟାଙ୍କର ବିସ୍ଫୋରଣ ହେବାରୁ ୬୨ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟୁନ ୭୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାଗ୍ରସ୍ତ ଏହି ଟ୍ୟାଙ୍କରରୁ ଶନିବାର ଲୋକମାନେ ତେଲ ଚୋରି କରୁଥିବାବେଳେ ତାହା ବିସ୍ଫୋରଣ ହୋଇଥିଲା। ପୂର୍ବ ଆଫ୍ରିକୀୟ ଦେଶରେ ଏହା ସବୁଠୁ ଭୟାବହ ଦୁର୍ଘଟଣା ବୋଲି କୁହାଯାଉଛି। ତାଞ୍ଜାନିଆ ସରକାର ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଛନ୍ତି।

ତାଞ୍ଜାନିଆର ଆର୍ଥିକ କେନ୍ଦ୍ର କୁହାଯାଉଥିବା ଦାର୍ ଏସ୍ ସଲାମ୍‌ଠାରୁ ୨୦୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାଗ୍ରସ୍ତ ଉକ୍ତ ଟ୍ୟାଙ୍କରରୁ ତେଲ ସଂଗ୍ରହ କରିବା ପାଇଁ ଶତାଧିକ ଲୋକ ରୁଣ୍ଡ ହୋଇଥିବାବେଳେ ତାହା ବିସ୍ଫୋରଣ ହୋଇଥିଲା ବୋଲି ଆସୋସିଏଟେଡ୍ ପ୍ରେସ୍ ପକ୍ଷରୁ କୁହାଯାଇଛି।



■ ପଶ୍ଚିମବଙ୍ଗ ଉପନିର୍ବାଚନ

## କଂଗ୍ରେସ-ସିପିଏମ୍ ଆସନ ବୁଝାମଣା

କୋଲକାତା,୧୦।୮(ପି.ଟି.)

ଲୋକ ସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସ ଏବଂ ସିପିଆଇ(ଏମ୍) ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ଉପନିର୍ବାଚନ ପାଇଁ ଆସନ ବୁଝାମଣା କରିଛନ୍ତି। ରାଜ୍ୟରେ ଭାଜପା ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବିଜୟ ଅଭିଯାନରେ ରୋକ୍ ଲଗାଇବାକୁ ୩ ବିଧାନସଭା ଆସନରେ ଏକାଠି ଲଢ଼ିବା ଲାଗି କଂଗ୍ରେସ ଓ ସିପିଆଇ(ଏମ୍)ର ରାଜ୍ୟ ନେତୃତ୍ୱ ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ କଂଗ୍ରେସ ଉତ୍ତର ଦିନାଜପୁର ଜିଲାର କାଳିଆଗଞ୍ଜ ଏବଂ ପଶ୍ଚିମ ମିଦନାପୁର ଜିଲାର ଖଡଗପୁର ଆସନରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ ସିପିଆଇ(ଏମ୍) ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ନଦୀୟା ଜିଲାର କରିମ୍‌ପୁର ଆସନରେ ପ୍ରାର୍ଥୀ ଦେବ। ଏହି ମେଣ୍ଟ ପଶ୍ଚିମବଙ୍ଗ ରାଜନୀତିରେ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଆମେ ସାମ୍ପ୍ରଦାୟିକ ଦଳ ଭାଜପା ଓ ଟିଏମ୍‌ସିକୁ ପରାଜିତ କରିବୁ ବୋଲି ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ସୋମେନ ମିତ୍ର କହିଛନ୍ତି। କଂଗ୍ରେସ ବିଧାୟକ ପ୍ରମଥନାଥ ରାୟଙ୍କ ପରଲୋକ ପରେ କାଳିଆଗଞ୍ଜ ଆସନ ଖାଲିପଡିଥିବାବେଳେ ଖଡଗପୁରର ଭାଜପା ବିଧାୟକ ଦିଲୀପ ଘୋଷ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ଟିଏମ୍‌ସି ବିଧାୟକ ମହୁଆ ମୈତ୍ର କ୍ରିଷ୍ଣନଗର ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ କରିମନଗର ଆସନ ଖାଲିପଡିଛି।

## ଅଡୁଆରେ ଖଟ୍ଟର, ଗୋଏଲ

ନୂଆଦିଲ୍ଲୀ,୧୦।୮(ପି.ଟି.)



ମନୋହର ଲାଲ୍ ଖଟ୍ଟର



ବିଜୟ ଗୋଏଲ

**ମାମଲା ରୁଜୁ ଲାଗି ଦାବି କଲା ଦିଲ୍ଲୀ ମହିଳା ଆୟୋଗ**

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଓ ରାଜ୍ୟ ସଭା ସଦସ୍ୟ ବିଜୟ ଗୋଏଲଙ୍କୁ ନେଇ ଅଡୁଆ ବଢିବାରେ ଲାଗିଛି। ଏହି ଦୁଇ ନେତାଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ଦିଲ୍ଲୀ ମହିଳା ଆୟୋଗଙ୍କ ପକ୍ଷରୁ ଦାବି କରାଯାଇଛି। ପ୍ରକାଶଥାଉ କି, ଖଟ୍ଟର ଶୁକ୍ରବାର ଫତେହାବାଦରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ବିରୋଧୀ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ସମ୍ବିଧାନର ଧାରା ୩୭୦ ହଟିଯିବା ପରେ ହରିୟାଣାର ଲୋକମାନେ ଏବେ କଶ୍ମୀରରୁ କନ୍ୟା ଆଣିପାରିବେ ବୋଲି କହୁଛନ୍ତି। ଯଦି ଲିଙ୍ଗ ଅନୁପାତ ଠିକ୍ ଅଛି, ତେବେ ସମାଜରେ ସନ୍ତୁଳନ ରହିପାରିବ ବୋଲି ଖଟ୍ଟର ଥଟ୍ଟାରେ କହିଥିଲେ। ଯାହାକୁନେଇ ମହିଳା ଆୟୋଗ ଆପତ୍ତି ଉଠାଇଛନ୍ତି। ଜମ୍ମୁ-କଶ୍ମୀର ସ୍ଥିତି ଏବେ ସମ୍ବେଦନଶୀଳ ରହିଥିବାବେଳେ ଏଭଳି ମହିଳା ବିରୋଧୀ ମନ୍ତବ୍ୟ ଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ଗୋଏଲଙ୍କ କାର୍ଯ୍ୟକଳାପକୁ ନେଇ ମହିଳା ଆୟୋଗ ପ୍ରଶ୍ନ ଉଠାଇଛି। ଗୋଏଲ ତାଙ୍କ ଦିଲ୍ଲୀସ୍ଥିତ ବାସଭବନ ଆଗରେ ଲାଗିଥିବା କଶ୍ମୀର ମହିଳାଙ୍କ ହୋର୍ଡିଂକୁ ହଟାଇ ଦେବାରୁ ଆୟୋଗ ଆପତ୍ତି ଉଠାଇଛନ୍ତି। ବିଭିନ୍ନ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଥିବାବେଳେ ହିଂସାକୁ ରୋକିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଭଳି ସମୟରେ କାହାର ଭାବାବେଗକୁ ଆଘାତ ପହଞ୍ଚାଇବା ଅନୁଚିତ। ତୁରନ୍ତ ଏହି ଦୁଇ ନେତାଙ୍କ ବିରୋଧରେ ମାମଲା ରୁଜୁ କରିବା ଉଚିତ ବୋଲି ଦିଲ୍ଲୀ ମହିଳା ଆୟୋଗ ପକ୍ଷରୁ ଦାବି କରାଯାଇଛି।

## ମ୍ୟାନ୍‌ମାରରେ ଭୂସ୍ଖଳନ: ୩୪ ମୃତ

ୟାଙ୍ଗନ୍,୧୦।୮(ଆଇଏଏନ୍‌ଏସ୍)

ମ୍ୟାନ୍‌ମାରର ଏକ ସହରରେ ଭୂସ୍ଖଳନ ହେବାରୁ ୩୪ ଜଣଙ୍କ ମୃତ୍ୟୁ ହେବା ସହ ବହୁ ଘର ମାଟିତଳେ ପୋତିହୋଇପଡିଛି। ବନ୍ୟା ପ୍ରଭାବରେ ମୋନ୍ ରାଜ୍ୟ ଅନ୍ତର୍ଗତ ପାଉଙ୍ଗ୍ ସହରରେ ଶୁକ୍ରବାର ଭୂସ୍ଖଳନ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଜଣେ ୭୦ ବର୍ଷୀୟ ବୃଦ୍ଧା ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୩ ଜଣ ସମ୍ପର୍କୀୟଙ୍କୁ ହରାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଭଳି ଭୂସ୍ଖଳନ ସେ ପୂର୍ବରୁ କେବେ ଦେଖି ନ ଥିବା କହିଛନ୍ତି। ଉକ୍ତ ଅଞ୍ଚଳରେ ପ୍ରବଳ ବର୍ଷା ଫଳରେ ବହୁ ଲୋକ ବେଘର ହୋଇଛନ୍ତି।

## ଦକ୍ଷିଣ,ପଶ୍ଚିମ ରାଜ୍ୟରେ ବନ୍ୟା ବିଭୀଷିକା

- କେରଳର ୱାୟନାଡ୍, କୋଝିକୋଡ଼ ସ୍ଥିତି ଗମ୍ଭୀର
- କୋହ୍ଲାପୁରକୁ ଗଲା ନୌସେନାର ଅତିରିକ୍ତ ୧୫ ଟିମ୍
- ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜୋର୍‌ଦାର



**୧୧୦ ମୃତ**

ଥିରୁଭାନନ୍ତପୁରମ୍ / ଅହମ୍ମଦାବାଦ,୧୦।୮(ପି.ଟି.)

ଭାରତର ଦକ୍ଷିଣ ଓ ପଶ୍ଚିମ ରାଜ୍ୟଗୁଡ଼ିକରେ ବନ୍ୟା ବିଭୀଷିକା ଉଗ୍ରରୂପ ଧାରଣ କରିଛି। କର୍ଣ୍ଣାଟକ ଓ କେରଳ ପରିସ୍ଥିତି ପ୍ରବଳ ବର୍ଷା ଯୋଗୁ ଅସମ୍ଭାଳ ହୋଇପଡ଼ିବା ସହ ୬୬ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଗୁଜରାଟରେ ୨୫ ଓ ମହାରାଷ୍ଟ୍ରରେ ୧୯ ଜଣ ପ୍ରାଣ ହରାଇଥିବା ପ୍ରକାଶ। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। କେରଳରେ ୧.୨୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୱାୟନାଡ଼ ଓ କୋଝିକୋଡ଼ ବିଶେଷ ଭାବେ ପ୍ରଭାବିତ ହୋଇଛି। ଭୂସ୍ଖଳନ ଯୋଗୁ ଏଠାକାର ଲୋକେ ବହୁ ଅସୁବିଧା ଭୋଗ କରିଥିବା ପ୍ରକାଶ। ରାଜ୍ୟର ୮ ଜିଲାରେ ବର୍ଷା ଲାଗି ରେଡ୍ ଆଲର୍ଟ ଜାରି କରାଯାଇଛି। କୋଚି ବିମାନବନ୍ଦର ପ୍ରଭାବିତ ହୋଇଥିବାବେଳେ ଅନେକ ଟ୍ରେନ ବାତିଲ କରାଯାଇଛି।

କର୍ଣ୍ଣାଟକର ବେଲାଗାଭି, ବାଗଲକୋଟ, ବିଜୟାପୁର, ରାଇଚୁର, ହୁବଲି-ଧରୱାଡ଼, ଦକ୍ଷିଣ କନ୍ନଡ଼, କୋଡ଼ାଗୁ, ୟାଦ୍‌ଗିର୍,ଗଡ଼ାଗ୍, ହାଭେରି ଆଦି ଜିଲାଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ପ୍ରପୀଡ଼ିତଙ୍କୁ ଆଶ୍ୱାସନା ଦେବା ସହ ସରକାର ରିଲିଫ୍‌କୁ ସର୍ବାଧିକ ଗୁରୁତ୍ୱ ଦେଇଥିବା ପ୍ରକାଶ କରିଛନ୍ତି। କୋହ୍ଲାପୁର, ସାଙ୍ଗଲି ଜିଲାରେ ବନ୍ୟା ପରିସ୍ଥିତି ଗୁରୁଗମ୍ଭୀର ରୂପ ଧାରଣ କରିଛି। ୨୬ ନୌସେନା ଟିମ୍, ୨୬ ବୋଟ୍ ସହ ୧୧୦ ଉଦ୍ଧାରକାରୀଙ୍କୁ ଏଠାରେ ମୁତୟନ କରାଯାଇଛି। ନୌସେନାର ଅତିରିକ୍ତ ୧୫ ଟିମ୍ ବିଶାଖାପାଟଣାରୁ ଶନିବାର କୋହ୍ଲାପୁର ପଠାଯାଇଥିବା ଜଣାପଡ଼ିଛି।



ଉତ୍ତର-ପଶ୍ଚିମ ସିରିଆରେ ଶନିବାର ସରକାରୀ ସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ୫୫ଜଣଙ୍କ ମୃତ୍ୟୁ ଘଟିଛି। ବିଦ୍ରୋହୀମାନେ ଦଖଲ କରିଥିବା ଭୂଖଣ୍ଡକୁ ମୁକ୍ତ କରିବା ଲାଗି ସରକାରୀ ସେନା ଆକ୍ରମଣ ଜାରି ରଖିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ହାୟତ ତହରିର ଅଲ-ଶାମ୍(ଏଚ୍‌ଟିଏସ୍) ନାମକ ଏକ ଜିହାଦୀ ଗୋଷ୍ଠୀ ଚଳିତ ବର୍ଷ ଜାନୁୟାରୀରୁ ଇଡ୍‌ଲିବ ପ୍ରଦେଶର ଅଧିକାଂଶ ଅଞ୍ଚଳ ଏବଂ ପଡୋଶୀ ହାମା, ଆଲେପୋ ଏବଂ ଲାଟାକିଆର କିଛି ଅଞ୍ଚଳକୁ ନିୟନ୍ତ୍ରଣରେ ରଖିଛି।

ଟଙ୍କିକିଆ ଚାଉଳ ପାଇଁ ଆଧାର ଲିଙ୍କ୍ ବାଧ୍ୟତାମୂଳକ




■ ଜଳପଥରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

# ହାଇଆଲର୍ଟରେ ୭ ଜିଲାର ମେରାଇନ ଥାନା

■ ଏସ୍‌ପିଙ୍କ ସହ ଆଲୋଚନା କଲେ କୋଷ୍ଟାଲ ସିକ୍ୟୁରିଟି ଏଡିଜି

■ ପାଟ୍ରୋଲିଂ କଡ଼ାକଡ଼ି ନିର୍ଦ୍ଦେଶ, ମତ୍ସ୍ୟଜୀବୀଙ୍କ ସହଯୋଗ ଲୋଡ଼ାଗଲା

■ ସନ୍ଦିଗ୍ଧଙ୍କ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ପରାମର୍ଶ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ପରେ ପାକିସ୍ତାନ ରକ୍ତ ଚାଉଳ ଚୋବାଇଛି। ଭାରତ ସହ କୂଟନୈତିକ, ବାଣିଜ୍ୟିକ ଆଦି ସମ୍ପର୍କ ଛିନ୍ନ କରିବା ସହ ବିମାନ, ଟ୍ରେନ, ବସ୍ ଚଳାଚଳ ବନ୍ଦ କରିଛି। ପ୍ରତିଶୋଧ ନେବା ପାଇଁ ଭାରତରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିବା ଗୋଇନ୍ଦା ସୂଚନା ମିଳିବା ପରେ ସ୍ଥଳପଥ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ଏଥିଯୋଗୁ ଆତଙ୍କବାଦୀମାନେ ଜଳପଥରେ ଆସି ଭାରତ ଉପରେ ଆତ୍ମଘାତୀ ଆକ୍ରମଣ ଯୋଜନା କରୁଥିବା ନେଇ ଗୋଇନ୍ଦା ରିପୋର୍ଟ ମିଳିଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶର ସମସ୍ତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ଏହି ଆଧାରରେ ଓଡ଼ିଶାର ୭ ଉପକୂଳ ଜିଲାକୁ ହାଇଆଲର୍ଟରେ ରଖାଯାଇଥିବାବେଳେ ୧୮ ମେରାଇନ ଥାନାକୁ ସଜାଗ ରହିବାକୁ ରେଲ୍‌ୱେ ଏବଂ କୋଷ୍ଟାଲ ସିକ୍ୟୁରିଟି ଏଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଏଡିଜି ଆଚାର୍ଯ୍ୟ ସୁରକ୍ଷା ସଂକ୍ରାନ୍ତରେ ମେରାଇନ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଆଗକୁ ସ୍ୱାଧୀନତା ଦିବସ ଥିବାରୁ ସମୁଦ୍ର ପଥଦେଇ ଆତଙ୍କବାଦୀମାନେ ଓଡ଼ିଶାକୁ ଟାର୍ଗେଟ କରିପାରନ୍ତି। ତେଣୁ କିଭଳି ଓଡ଼ିଶା ଉପକୂଳକୁ ପୂରା ନଜରରେ ରଖାଯାଇପାରିବ ସେନେଇ ବିଚାରବିମର୍ଶ ଚଳାଇଛନ୍ତି। ଏଥସହ ତଟବର୍ତ୍ତୀ ଅଞ୍ଚଳ ସମେତ ସମୁଦ୍ରରେ ପାଟ୍ରୋଲିଂକୁ କଡ଼ାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଅଜଣା ବ୍ୟକ୍ତି କିମ୍ବା ସନ୍ଦିଗ୍ଧ ନଜରକୁ ଆସିଲେ ତୁରନ୍ତ ତାଙ୍କୁ ଯାଞ୍ଚ କରିବାକୁ କୁହାଯାଇଛି। ପ୍ରତିମୁହୂର୍ତ୍ତରେ ଉପକୂଳ ଓ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିବାକୁ ମେରାଇନ ଏସ୍‌ପି ଓ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏଡିଜି ଆଚାର୍ଯ୍ୟ କହିଛନ୍ତି, ଓଡିଶାର ୪୮୭ କିଲୋମିଟର ଉପକୂଳ ରହିଛି। ସୁରକ୍ଷା ଦାୟିତ୍ୱରେ ୧୮ ମେରାଇନ ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ତଟରକ୍ଷୀ ବାହିନୀ ମଧ୍ୟ ମୁତୟନ ରହିଛନ୍ତି। ସମୁଦ୍ର ଭିତରେ ପୋଲିସ ପକ୍ଷରୁ ଇଣ୍ଟରସେପ୍ଟର ବୋଟ୍ ଓ ସମୁଦ୍ର କୂଳରେ ସ୍ୱତନ୍ତ୍ର ଗାଡ଼ିରେ ୨୪ଘଣ୍ଟିଆ ପାଟ୍ରୋଲିଂ କରାଯିବ। ଗୋଇନ୍ଦା କିମ୍ବା ଅନ୍ୟ କୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ବିଶେଷକରି ଆଗୁଆ ସୂଚନା ପାଇବା ପାଇଁ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସହଯୋଗ ନେବାକୁ କୁହାଯାଇଛି। କୌଣସି ବୋଟରେ କେହି ଅଜଣା ବ୍ୟକ୍ତି ସମୁଦ୍ର ଭିତରେ ବେଆଇନ୍ ଭାବେ ସ୍ଥଳପଥକୁ ଆସିଲେ, ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବୀମାନେ ପ୍ରଥମେ ଜାଣିପାରିବେ। ତେଣୁ ମେରାଇନ ଥାନା ପୋଲିସ ମତ୍ସ୍ୟଜୀବୀ ରହୁଥିବା ସ୍ଥାନୀୟ ବସ୍ତିକୁ ଯାଇ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହ ଏ ସମ୍ପର୍କରେ ସଚେତନ କରୁଛି। ଜଳପଥ ଦେଇ କୌଣସି ଅଜଣା ବୋଟ କିମ୍ବା ଅଚିହ୍ନା ବ୍ୟକ୍ତି ଆସୁଥିବା ଦେଖନ୍ତି ତୁରନ୍ତ ମେରାଇନ ଥାନାକୁ ଖବର ଦେବାକୁ କୁହାଯାଇଛି। ପ୍ରତିମାସରେ ଥରେ ପାରାଦୀପସ୍ଥିତ ମୁଖ୍ୟାଳୟରେ ମେରାଇନ୍ ଥାନା ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥାଏ। ତେଣୁ ଏଣିକି ବାରମ୍ବାର ବୈଠକ ବସି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବ। ଏହାସହ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଉଥିବା ବ୍ୟକ୍ତିଙ୍କ ପରିଚୟପତ୍ର ଓ ବୋଟ୍ ଯାଞ୍ଚ ଆରମ୍ଭ ହୋଇଥିବାବେଳେ ପାଟ୍ରୋଲିଂ କରୁଥିବା ଇଣ୍ଟରସେପ୍ଟର ଭ୍ୟାନ୍‌ଗୁଡିକରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ପୋଲିସ ରହୁଛନ୍ତି। ଆକ୍ରମଣକୁ ପ୍ରତିହତ କରିବା ଓ ସବୁ ପରିସ୍ଥିତିର ମୁକାବିଲା ପାଇଁ ସାମୁଦ୍ରିକ ଥାନା ପ୍ରସ୍ତୁତ ଥିବା ଏଡିଜି ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଫୋନ୍‌ରେ ତିନି ତଲାକ୍ ଧମକ

ପଟ୍ଟାମୁଣ୍ଡାଇ,୧୦।୮(ସ୍ୱ.ପ୍ର.)

ମୁସ୍‌ଲିମ୍ ମହିଳାଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତିନି ତଲାକ୍ ପ୍ରଥା ଉଚ୍ଛେଦ କରାଯାଇ ଆଇନ ଲାଗୁ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି। ଏହାସତ୍ତ୍ୱେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମୁସ୍‌ଲିମ୍ ବସ୍ତିରେ ଜଣେ ମହିଳାଙ୍କଠାରୁ ଯୌତୁକ ଦାବିକରି ତାଙ୍କ ସ୍ୱାମୀ ତିନି ତଲାକ୍ ଦେବା ଲାଗି ଗୁରୁବାର ଟେଲିଫୋନ୍‌ରେ ଧମକ ଦେଇଛନ୍ତି। ଏନେଇ ମହିଳା ଜଣକ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଶୁକ୍ରବାର ଥାନାରେ ତିନି ତଲାକ୍ ପରିବର୍ତ୍ତେ ଯୌତୁକ ନିର୍ଯାତନା ମାମଲା (ନଂ.୨୬୧/୨୦୧୯) ରୁଜୁ କରାଯାଇଛି।

**ଯୌତୁକ ନିର୍ଯାତନା ମାମଲା ରୁଜୁକଲା ପୋଲିସ**

ଅଭିଯୋଗ ଅନୁଯାୟୀ, ଗତ ବର୍ଷ ଫେବୃୟାରୀରେ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିର ଆକ୍ତାରୁନ୍ ବିବିଙ୍କ ଝିଅ ରୁବିନା ଖାତୁନ୍‌ଙ୍କ ସହ ସେହି ବସ୍ତିର ଅବୁସଫିଆନ୍ ଖାଁଙ୍କ ଇସଲାମ୍ ଧର୍ମ ଅନୁସାରେ ପଟ୍ଟାମୁଣ୍ଡାଇ ନୋଟାରୀରେ ବିବାହ ହୋଇଥିଲା। ବିବାହ ପରେ ଅବୁସଫିଆନ୍ ରୁବିନାଙ୍କୁ ନେଇ ହାଇଦ୍ରାବାଦ୍‌କୁ ଚାଲି ଯାଇଥିଲେ। ସେଠାରେ କିଛି ଦିନ ରହିବା ପରେ ସ୍ୱାସ୍ଥ୍ୟ ଖରାପ ହେବାରୁ ରୁବିନା ପଟ୍ଟାମୁଣ୍ଡାଇ ଫେରିଆସି ଶାଶୁଘରେ ରହୁଥିଲେ। ଏହି ସମୟରେ ତାଙ୍କର ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ମାତ୍ର ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଦାବିକରି ରୁବିନାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦିଆଯାଉଥିଲା। ଯୌତୁକ ଦାବିରେ ଗୁରୁବାର ଅବୁସଫିଆନ୍ ତାଙ୍କୁ ହାଇଦ୍ରାବାଦରୁ ଫୋନ କରି ଗାଳିଗୁଲଜ କରିବା ସହ ତିନି ତଲାକ୍ ଦେବା ଲାଗି ଧମକ ଦେଇଥିଲେ। ଏନେଇ ରୁବିନା ବାପଘର ଲୋକଙ୍କୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ପକ୍ଷରୁ ଯୌତୁକ ନିର୍ଯାତନା ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି। ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସାଧାରଣରେ ଦାବି ହୋଇଛି।


ମା' ଓ ଭାଇଙ୍କ ସହ ପଟ୍ଟାମୁଣ୍ଡାଇ ଥାନାକୁ ଯାଉଛନ୍ତି ରୁବିନା ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ ପୁସ୍ତକ ପ୍ରକାଶନ ସମ୍ବନ୍ଧୀୟ ସାର୍ଟିଫିକେଟ କୋର୍ସ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଚଳିତ ଶିକ୍ଷାବର୍ଷରୁ ପୁସ୍ତକ ପ୍ରକାଶନ ସମ୍ବନ୍ଧୀୟ ଏକ ସାର୍ଟିଫିକେଟ କୋର୍ସ ଆରମ୍ଭ ହେବ। ଏହି ୪ମାସିଆ ପାଠ୍ୟକ୍ରମ ପାଇଁ ୩୦ସିଟ୍ ରହିଥିବାବେଳେ କୋର୍ସ ଫି' ୮ହଜାର ଟଙ୍କା ରଖାଯାଇଛି। ପ୍ରକାଶନର ସମସ୍ତ ଦିଗ ଯେପରି କି ସମ୍ପାଦନ, ଦଲିଲ ଚୟନ ଓ ଏହାର ମୂଲ୍ୟାୟନ, ପ୍ରୁଫ୍ ରିଡିଂ, ଡିଜାଇନ ଓ ପୁସ୍ତକର ବିକ୍ରୟ ଯୋଜନା ଆଦି ଏଥିରେ ଅନ୍ତର୍ଭୁକ୍ତ ରହିବ। ବିଭିନ୍ନ ପ୍ରକାଶନ ଶିଳ୍ପର ଅଭିଜ୍ଞ ବ୍ୟକ୍ତିମାନେ ଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବେ। ଆଗ୍ରହୀ ଛାତ୍ରୀମାନେ ଆସନ୍ତା ୨୬ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷାଙ୍କୁ ଆବେଦନ କରିବାକୁ ପଡ଼ିବ। ଏନେଇ ଅଧିକ ବିବରଣୀ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିରେ ଉଭୟ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ବାହାରେ ସ୍ନାତକ ସମ୍ପୂର୍ଣ୍ଣ କରିଥିବା ଛାତ୍ରୀମାନେ ଆବେଦନ କରିପାରିବେ। ଏହି ପାଠ୍ୟକ୍ରମ ଦ୍ୱାରା ଛାତ୍ରୀମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହୋଇପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।







■ ବିଶ୍ୱ ଜୈବ ଇନ୍ଧନ ଦିବସ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ତୈଳ ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବ ବାୟୋଡିଜେଲ

■ ଅକ୍ଟୋବର ସୁଦ୍ଧା ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ୮ କୋଟି ଉପଭୋକ୍ତା

■ ଏଲପିଜି ବ୍ୟବହାର ବଢ଼ିବାପରେ ୨୦ପ୍ରତିଶତ ହୃଦ୍‌ଜନିତ ରୋଗ କମିଛି

■ ବଳକା ରନ୍ଧନ ତୈଳରୁ ତିଆରି ହେବ ବାୟୋଡିଜେଲ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଇଥାନଲ, ୨ଜି ଇଥାନଲ୍, ସିବିଜି(କମ୍ପ୍ରେସଡ୍ ବାୟୋଗ୍ୟାସ୍) ଏବଂ ବାୟୋଡିଜେଲ୍ ଦେଶର ତୈଳ ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବା ଏବଂ ଭାରତରେ ସ୍ଥାୟୀ ଉର୍ଜା ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ରହିଛି। ୨୦୨୨ ସୁଦ୍ଧା ତୈଳ ପଦାର୍ଥରେ ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା, ଉର୍ଜା ଦକ୍ଷତାରେ ସୁଧାର, ସଂରକ୍ଷଣ ଓ ବିକଳ୍ପ ଇନ୍ଧନକୁ ପ୍ରୋତ୍ସାହନ ମାଧ୍ୟମରେ ହାସଲ କରାଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନଠାରେ ଶନିବାର ବିଶ୍ୱ ଜୈବ ଇନ୍ଧନ ଦିବସ ଉଦ୍‌ଘାଟନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସରକାର ଉର୍ଜାର ବୈକଳ୍ପିକ ସ୍ରୋତକୁ ବିସ୍ତୃତ କରିବା ପରିପ୍ରେକ୍ଷୀରେ ପ୍ରୋତ୍ସାହନ ଦେଉଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଚାରିସ୍ତରୀୟ ଯଥା ଇଥାନଲ, ୨ଜି ଇଥାନଲ୍, ସିବିଜି ଏବଂ ବାୟୋଡିଜେଲ୍ ଉପରେ କାର୍ଯ୍ୟ କରୁଛି। ପେଟ୍ରୋଲରେ ଇଥାନଲ ମିଶ୍ରଣ ୧ ପ୍ରତିଶତରୁ ବୃଦ୍ଧି ପାଇ ପ୍ରାୟ ୮ ପ୍ରତିଶତରେ ପହଞ୍ଚିଲାଣି। ଖୁବ୍‌ଶୀଘ୍ର ଏହା ୧୦ ପ୍ରତିଶତ ଛୁଇଁବାର ସମ୍ଭାବନା ରହିଛି । ୨ଜି ଇଥାନଲ ଦିଗରେ ସରକାର, ପେଟ୍ରୋଲିୟମ ମନ୍ତ୍ରଣାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଉପରେ ଜୋର ଦେଇଛନ୍ତି । ସ୍ୱଚ୍ଛ ଓ ସୁରକ୍ଷିତ ଇନ୍ଧନକୁ ପ୍ରତି ଘରେ ଘରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କମ୍ପ୍ରେସଡ୍ ବାୟୋଗ୍ୟାସ କ୍ଷେତ୍ରରେ ଦେଶର ୪ଶହ ଜିଲାରେ ସିଟି ଗ୍ୟାସ ବିତରଣ(ସିଜିଡି) ନେଟୱାର୍କ ପ୍ରତିଷ୍ଠା ହୋଇଛି। ସିବିଜି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୩ଶହରୁ ଊର୍ଦ୍ଧ୍ୱ କମ୍ପାନୀକୁ ଲେଟର ଅଫ୍ ଇନ୍‌ଟେଣ୍ଟ ଦିଆଯାଇଛି। ଚଳିତ ବଜେଟ୍‌ରେ ଦେଶର ଅନ୍ନଦାତା ଉର୍ଜାଦାତା ପାଲଟିବେ ବୋଲି ସରକାର ଘୋଷଣା କରିଛନ୍ତି। ଗତବର୍ଷ ପ୍ରଧାନମନ୍ତ୍ରୀ ବାୟୋ ଡିଜେଲକୁ ବର୍ଣ୍ଣନା କରିଥିବାବେଳେ ଏହା ଲୋକଙ୍କ ମଧ୍ୟରେ ସାକାର ହୋଇଥିବା ପରିଲକ୍ଷିତ ହୋଇଛି । ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮ କୋଟି ଉପଭୋକ୍ତା ଲକ୍ଷ୍ୟ ହାସଲ କରିପାରିବେ। ଏହି ଯୋଜନା ପରିବେଶ ଉପଯୋଗୀ, ଅର୍ଥନୀତି, ସମାଜ ଏବଂ ସ୍ୱାସ୍ଥ୍ୟ ପାଇଁ ସହାୟକ ହୋଇଛି। ନିକଟରେ ଇଣ୍ଡିଆନ୍ ଚେଷ୍ଟ ସୋସାଇଟି ରିପୋର୍ଟ ଅନୁଯାୟୀ ଭାରତରେ ଏଲପିଜି ଆନ୍ଦୋଳନ କାରଣରୁ ୨୦ ପ୍ରତିଶତ ହୃଦ୍‌ଜନିତ ରୋଗ ହ୍ରାସ ପାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ବଳକା ରନ୍ଧନ ତୈଳରୁ ବାୟୋଡିଜେଲ ସଂଗ୍ରହ କରିବା ପରିପ୍ରେକ୍ଷୀରେ ଏକ୍ସପ୍ରେସନ୍ ଫର୍ ଇନଟ୍ରେଷ୍ଟ(ଇଓଆଇ)କୁ ଉନ୍ମୋଚନ କରିଛନ୍ତି। ଆରୟୁସିଓ (ରିପ୍ରୋପୋଜ ୟୁଜଡ୍ କୁକିଂ ଅଏଲ୍)ର ଏକ ଷ୍ଟିକର ଉନ୍ମୋଚନ କରାଯିବା ସହ ୟୁସିଓର ସଂଗ୍ରହକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମୋବାଇଲ ଆପ୍‌ର ଶୁଭାରମ୍ଭ ମଧ୍ୟ କରିଛନ୍ତି।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଡ.ହର୍ଷବର୍ଦ୍ଧନଙ୍କ ସହ ଅନ୍ୟମାନେ ।

# ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା

ସଜନାଗଡ଼,୧୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଜାମୁଡ଼ିହା ପଞ୍ଚାୟତର କେଶୁରା ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। କେତେ ଜଣ ଦୁର୍ବୃତ୍ତ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ବିଜୟ ସିଂ(୪୦) ନାମକ ଯୁବକଙ୍କୁ ହାଣି ତାଙ୍କ ଯୌନାଙ୍ଗ କାଟି ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ନୀଳଗିରି ମୁନାପୁରମ ଗୋଲ୍ଡ ଅଫିସ୍‌ରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିବା ବିଜୟ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନିଜ ଘରେ ଏକୁଟିଆ ଥିଲେ। ତାଙ୍କ ସ୍ତ୍ରୀ କୌଶଲ୍ୟା ଝିଆରୀଙ୍କ ଜନ୍ମଦିନ ପାଳନ ପାଇଁ ବାପଘରକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜୟଙ୍କ ମୃତ୍ୟୁ ଘଟିବା ପରେ ଦୁର୍ବୃତ୍ତମାନେ ଚତୁରତାର ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶନିବାର ପୂର୍ବାହ୍ନ ସମୟରେ ପଡୋଶୀ ସୁମତୀ ସ୍ୱାଇଁଙ୍କ ଫୋନ କଲ୍ ପାଇ ସ୍ତ୍ରୀ କୌଶଲ୍ୟା ତାଙ୍କ ଭାଇ ସଞ୍ଜୟଙ୍କ ସହ ଘରେ ପହଞ୍ଚିଥିଲେ। ଘରେ ବିଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ସେମାନେ ନୀଳଗିରି ପୋଲିସ୍‌କୁ ଖବର ଦେଇଥିଲେ। ନୀଳଗିରି ଆଇଆଇସି ନଳିତା ମୋଦି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ବି. ଯୁଗଳ କିଶୋର କୁମାର, ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ, ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ଭିଣୋଇଙ୍କୁ ହତ୍ୟା ନେଇ ଶଳା ସଞ୍ଜୟ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ. ୧୮୩/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ଏସ୍‌ପି ବି. ଯୁଗଳ କିଶୋର କୁମାର କହିଛନ୍ତି, ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ, ବିଷ ପିଇ ସ୍ୱାମୀ ଗୁରୁତର

ଭାପୁର,୧୦।୮(ଡି.ଏନ୍.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ପାର୍ବତୀପୁର ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ତାଙ୍କ ସ୍ୱାମୀ ବିଷ ପିଇ ଗୁରୁତର ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ଫତେଗଡ଼ ଥାନା କାଚରାଟାଙ୍ଗି ଗ୍ରାମର କଲ୍ୟାଣୀ ଗୋଛିଙ୍କୁ ତାଙ୍କ ମାମୁ ଖଣ୍ଡପଡ଼ା ଥାନା ମର୍ଦ୍ଦରାଜପୁର ଗ୍ରାମର ପ୍ରଫୁଲ୍ଲ ନାୟକ ପିଲାବେଳୁ ଝିଅ କରି ନେଇଥିଲେ। ପ୍ରଫୁଲ୍ଲ ପାଳିତା କନ୍ୟା କଲ୍ୟାଣୀଙ୍କୁ ଗତ ମେ୧୨ରେ ଫତେଗଡ଼ ପଞ୍ଚାୟତ ପାର୍ବତୀପୁର ଗ୍ରାମର ବିକ୍ରମ ସ୍ୱାଇଁଙ୍କ ସାନପୁଅ ଅକ୍ରୂର ସ୍ୱାଇଁ (୨୬)ଙ୍କ ସହ ବିବାହ କରାଇଥିଲେ। ମାତ୍ର ବିବାହ ପରଠାରୁ ଅଧିକ ଯୌତୁକ ପାଇଁ କଲ୍ୟାଣୀଙ୍କୁ ସ୍ୱାମୀ, ଶ୍ୱଶୁର, ଦେଢ଼ଶୁର ଓ ଯାଆ ନିର୍ଯାତନା ଦେଉଥିଲେ। ଶେଷରେ ଶୁକ୍ରବାର ରାତିରେ ସେମାନେ ମିଳିମିଶି କଲ୍ୟାଣୀଙ୍କୁ ମାରିଦେଇଥିବା ନେଇ ମାମୁ ପ୍ରଫୁଲ୍ଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୩୩/୧୯ରେ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଛି। ଅପରପକ୍ଷରେ ସ୍ୱାମୀ ଅକ୍ରୂର ସ୍ୱାଇଁ ଶନିବାର ସକାଳେ ବିଷ ପିଇ ଗୁରୁତର ହୋଇପଡିବାରୁ ତାଙ୍କୁ ପ୍ରଥମେ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ପଠାଯାଇଛି।





ଆମେରିକାର ଫିଲାଡେଲ୍‌ଫିଆରେ ଏକ ଛୋଟ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଭାରତ ଜନ୍ମିତ ଡାକ୍ତର ଯଶବୀର ଖୁରାନା(୬୦), ତାଙ୍କ ପତ୍ନୀ ଡାକ୍ତର ଦିବ୍ୟା ଖୁରାନା ଓ ଝିଅ କିରନ୍ ଖୁରାନା(୧୯)ଙ୍କ ମୃତ୍ୟୁ ଘଟିଛି। ଯଶବୀର ଜଣେ ଲାଇସେନ୍ସପ୍ରାପ୍ତ ପାଇଲଟ୍। ଗୁରୁବାର ସକାଳେ ଓହିଓ ଅଭିମୁଖେ ବାହାରି ଥିବାବେଳେ ଫିଲାଡେଲ୍‌ଫିଆର ସହରତଳି ଅଞ୍ଚଳରେ ଥିବା ତାଙ୍କ ଘର ପଛପଟେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁଇ ଦଶନ୍ଧି ପୂର୍ବରୁ ଏମ୍ସରେ ପ୍ରଶିକ୍ଷିତ ଏହି ଡାକ୍ତର ଦମ୍ପତି ଆମେରିକା ଚାଲିଯାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାଜକିଶୋର
ପରିବାରବର୍ଗ



ଦେବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ରାଜଧାନୀରେ ଗଣପରେଡ ବନ୍ଦ ହେବା ପ୍ରସଙ୍ଗ

# ରାଜ୍ୟବାସୀଙ୍କ ଆଗରେ କାରଣ ସ୍ପଷ୍ଟ କରାଯାଉ: ଭାଜପା

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ରାଜ୍ୟ ସରକାର ସ୍ୱାଧୀନତା ଦିବସ ପାଳନ ପାଇଁ ସ୍ଥାନ ପରିବର୍ତ୍ତନ କରିବା ଏବଂ ବିନା କାରଣରେ ଗଣପରେଡ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ୧୯୪୭ରେ ଭାରତ ସ୍ୱାଧୀନ ହେବା ପରଠାରୁ ଦେଶରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ଦେଶର ସମସ୍ତ ନାଗରିକ ଏହି ଉତ୍ସବ ପାଳନ କରିବା ପାଇଁ ଅପେକ୍ଷା କରି ରହିଥାଆନ୍ତି। ସେହିପରି ରାଜ୍ୟର ରାଜଧାନୀଠାରେ ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ କରାଯିବା ସହ ପୋଲିସ ବିଭାଗ, ସିଭିଲ୍ ଡିଫେନ୍ସ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ଗଣ ପରେଡ୍ ପ୍ରଦର୍ଶନ କରିଥାଆନ୍ତି। ଏହି ଅବସରରେ ସ୍ୱାଧୀନତା ସମ୍ପର୍କିତ ବିଭିନ୍ନ ପ୍ରକାରର ଯୋଜନା ଏବଂ ଅନେକ ବିକାଶମୂଳକ ଯୋଜନାକୁ ପ୍ରଦର୍ଶିତ କରାଯାଏ। ପୂର୍ବରୁ ବିଭିନ୍ନ ରାଜ୍ୟର ରାଜ୍ୟପାଳମାନେ ପତାକା ଉତ୍ତୋଳନ ସଲାମି ଗ୍ରହଣ କରୁଥିଲେ। ୧୯୭୩ରେ ନୂଆ ନିଷ୍ପତ୍ତିରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପତାକା ଉତ୍ତୋଳନ ସଲାମି ଗ୍ରହଣ କରୁଛନ୍ତି। କିନ୍ତୁ ଚଳିତ ବର୍ଷ କୌଣସି କାରଣ ନ ଥାଇ ଗଣ ପରେଡ୍‌କୁ ରାଜ୍ୟ ସରକାର ବନ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ବିଗତ ୭୨ ବର୍ଷ ଧରି ଚାଲୁଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସକୁ ସ୍ଥାନାନ୍ତରିତ କରିବା ସହ ଗଣ ପରେଡ୍ ବନ୍ଦ କରିବା ଦ୍ୱାରା ଦୀର୍ଘଦିନର ପରମ୍ପରା ଭଙ୍ଗ ହୋଇଛି। କେଉଁ କାରଣ ପାଇଁ ଏହାକୁ ବନ୍ଦ କରାଯାଇଛି ତାର ଉତ୍ତର ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକ ସମୟ ଛିଡା ହୋଇପାରିବେନି ବୋଲି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ତେବେ ସେ ଏହାର ଜବାବ ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି।

# ସୁଷମାଙ୍କୁ ଭାଜପାର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ନାରୀ ନେତ୍ରୀ, ଏମ୍‌ପି ଏବଂ କେନ୍ଦ୍ରମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟଦକ୍ଷତା ଏବଂ ଦୂରଦୃଷ୍ଟି ସମଗ୍ର ଦେଶବାସୀଙ୍କୁ ଆକର୍ଷିତ କରୁଥିଲା। ଭାରତୀୟ ରାଜନୀତିରେ ତାଙ୍କ ଅବଦାନ ଅତୁଳନୀୟ ଥିଲା। ଉଭୟ କୂଟନୀତି ଓ ରାଜନୀତିରେ ସେ ପୂରା ପାରଙ୍ଗମ ଥିଲେ। ନାରୀ ଜାତିର ଏକ ମୂର୍ତ୍ତିମନ୍ତ ପ୍ରତୀକଭାବେ ନିଜକୁ ପ୍ରତିପାଦନ କରିବା ସହ ସମସ୍ତଙ୍କ ପାଇଁ ସେ ଉଦାହରଣ ହୋଇ ରହିବେ ବୋଲି ବସନ୍ତ ପଣ୍ଡା କହିଛନ୍ତି। ପ୍ରତାପ ଷଡଙ୍ଗୀ କହିଛନ୍ତି, ସୁଷମାଙ୍କ ବିୟୋଗ ଦେଶବାସୀଙ୍କୁ ସ୍ତବ୍ଧ କରିଛି। ତାଙ୍କ ପରଲୋକରେ ଭାରତୀୟ ରାଜନୀତି ଜଣେ ଆଦର୍ଶବାଦୀ ନେତ୍ରୀଙ୍କୁ ହରାଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱଦେଇ ସମାଧାନର ରାସ୍ତା ବାହାର କରିବାରେ ସେ ପାରଙ୍ଗମ ଥିଲେ। ଜଣେ ଅଜାତଶତ୍ରୁ ଭାବେ ତାଙ୍କୁ ବିବେଚନା କରାଯାଉଥିଲା। ପାର୍ଲାମେଣ୍ଟରେ ତାଙ୍କ କାର୍ଯ୍ୟକୁ ବିରୋଧୀ ମଧ୍ୟ ପ୍ରଶଂସା କରନ୍ତି। ତାଙ୍କ ବିୟୋଗ ଜାତୀୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରତାପ କହିଛନ୍ତି।

■ ଭାଜପାର ବିଶାଳ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

# ନବୀନଙ୍କ ଉପରେ ବର୍ଷିଲେ ଶିବରାଜ



କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଦଳୀୟ ନେତା ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

■ ସରକାରଙ୍କୁ ନିୟନ୍ତ୍ରଣ କରୁଛନ୍ତି ପାଣ୍ଡିଆନ୍
■ ମୁଖ୍ୟମନ୍ତ୍ରୀ ଓଡ଼ିଆ ନ କହିବା ଦୁର୍ଭାଗ୍ୟଜନକ

ଖୋର୍ଦ୍ଧା ଅଫିସ,୧୦।୮

ଖୋର୍ଦ୍ଧାର ଗୀତା ଭବନ ପଡ଼ିଆରେ ଶନିବାର ଆୟୋଜିତ ହୋଇଥିଲା ଭାଜପାର ବିଶାଳ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ। ଏଥିରେ ଦଳର ରାଷ୍ଟ୍ରୀୟ ଉପସଭାପତି, ରାଷ୍ଟ୍ରୀୟ ସଦସ୍ୟତା ପ୍ରମୁଖ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ନବୀନ ବାବୁ ଓଡ଼ିଆରେ କହିପାରୁନାହାନ୍ତି। ପଥରକୁ ମୁଖ୍ୟମନ୍ତ୍ରୀ କରିଥିଲେ ସିଏବି ଓଡିଆ କହି ଶିଖନ୍ତାଣି। ନବୀନ ବାବୁ ନୁହେଁ, ପାଣ୍ଡିଆନ୍ ରାଜ୍ୟ ଚଳାଉଛନ୍ତି। ସେ ପ୍ରମୁଖ ଭାବେ ବିଜେଡିର ସବୁ ଦାୟିତ୍ୱ ବୁଝୁଛନ୍ତି। ବିଜେଡି ୨୦ ବର୍ଷ ଶାସନ କରିବା ପରେ ବି ଓଡ଼ିଶା ପଛୁଆ ରାଜ୍ୟ ହୋଇରହିଛି। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ଲୋକଙ୍କ ପାଖରେ ପହଞ୍ଚାଇବା କଥା। କିନ୍ତୁ ଆୟୁଷ୍ମାନ୍ ଭାରତ ପରି ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଲୋକଙ୍କ ପାଖରେ ପହଞ୍ଚାଉ ନାହାନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ନ ଆସିଲେ ଲୋକଙ୍କ ପାଖରେ ଯୋଜନା ପହଞ୍ଚିବନି। ଓଡ଼ିଶାର ବିକାଶ ଓ କଲ୍ୟାଣ ପାଇଁ ଆସନ୍ତା ବିଧାନସଭା ନିର୍ବାଚନରେ ଭାଜପାକୁ ଜିତାନ୍ତୁ। ବିକାଶକୁ ଆପଣାନ୍ତୁ। ଦେଶକୁ ବଦଳାଇବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହଯୋଗ କରନ୍ତୁ, ଭାଜପାର ସଦସ୍ୟତା ଗ୍ରହଣ କରନ୍ତୁ ବୋଲି ଶିବରାଜ କହିଥିଲେ।

ଶିବରାଜ ଆହୁରି କହିଥିଲେ ଯେ, ଆଜି କଶ୍ମୀରର ଏଭଳି ସ୍ଥିତି ପାଇଁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦାୟୀ, ସେ ଅପରାଧୀ ଅଟନ୍ତି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସମସ୍ତ ରାଜ୍ୟକୁ ଭାରତରେ ମିଶାଇଥିଲେ। କିନ୍ତୁ ନେହେରୁ କଶ୍ମୀର କଥା ବୁଝିବେ ବୋଲି କହି ଏକ ଭାଗ କଶ୍ମୀର ପାକିସ୍ତାନକୁ ଦେଇଦେଲେ। ଏବେ ଅନୁଚ୍ଛେଦ ୩୭୦ ହଟିବା ପରେ କଶ୍ମୀରବାସୀଙ୍କୁ ସ୍ୱାଧୀନତା ମିଳିଛି। ସେହିପରି ତିନି ତଲାକ ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ମୁସଲିମ୍ ମହିଳାଙ୍କୁ ସେମାନଙ୍କ ଅଧିକାର ଦେଇଛନ୍ତି। ଭାଜପା ଯାହା କହେ, ତାହା କରେ ବୋଲି ଶିବରାଜ କହିଥିଲେ। ଏହି ଅବସରରେ ସେ ଖୋର୍ଦ୍ଧାର ବୁଦ୍ଧିଜୀବୀ, ବ୍ୟବସାୟୀ, ଯୁବକ, ସାମାଜିକ କର୍ମୀ, ଆଇନଜୀବୀ, ଶିକ୍ଷାବିତ୍ ପ୍ରମୁଖଙ୍କୁ ଟୋଲ ଫ୍ରି ନମ୍ବରରେ ଦଳୀୟ ସଦସ୍ୟତା ଗ୍ରହଣ କରାଇଥିଲେ। ନିଜେ ଖୋର୍ଦ୍ଧାରୁ ସକ୍ରିୟ ସଭ୍ୟ ହୋଇଥିଲେ। ସଭା ପୂର୍ବରୁ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଦସ୍ୟତା କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ସେ ଖୋର୍ଦ୍ଧା ଷ୍ଟାଡିୟମ ପାଖ ରାସ୍ତାରେ ଦୁଇଟି ଗଛ ଲଗାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଅଗଷ୍ଟ ୨୦ରୁ ଗାଁକୁ ଗାଁ ବୁଲି ଲୋକଙ୍କ ସହ ସମ୍ପର୍କ ବଢ଼ାଯିବ। ରାଜ୍ୟ ସଭାପତି ବସନ୍ତ ପଣ୍ଡା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ କହିଥିଲେ। ଜିଲା ସଭାପତି ସୁବାସ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା କାଳୁଚରଣ ଖଣ୍ଡେଇତରାୟ, ପୃଥ୍ୱୀରାଜ ହରିଚନ୍ଦନ, ବିଶ୍ୱରଞ୍ଜନ ବଡଜେନା, ନରେନ୍ଦ୍ର ନାଥ ନାୟକ, ଋଷଭ ନନ୍ଦ ଅନନ୍ତ ନାୟକ, ମାନସ କୁମାର ମହାନ୍ତି, ସୁଦୀପ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ।

## ଭୁବନେଶ୍ୱରରେ ବୁଦ୍ଧିଜୀବୀ ସମ୍ମିଳନୀ

ସଦସ୍ୟତା ଅଭିଯାନ ଅବସରରେ ଭୁବନେଶ୍ୱରର ଏକ ହୋଟେଲରେ ଶନିବାର ସନ୍ଧ୍ୟା ୬ଟାରେ ଆୟୋଜିତ ହୋଇଥିଲା ବୁଦ୍ଧିଜୀବୀ ସମ୍ମିଳନୀ। ଏଥିରେ ଶିବରାଜ ସିଂ ଚୌହାନ କହିଥିଲେ ଯେ, ଇଂରେଜମାନେ ଦେଶକୁ ଭାଗଭାଗ କରିଥିଲେ। କଂଗ୍ରେସ ସରକାର ଭାରତକୁ ପୂରା ବରବାଦ କରିଦେଇଛି। ସରକାର ଗଢ଼ିବା ନୁହେଁ ରାଷ୍ଟ୍ର ନିର୍ମାଣ ଭାଜପାର ଲକ୍ଷ୍ୟ। ବିଶ୍ୱର ସବୁଠୁ ବଡ଼ ଦଳ ଭାଜପାର ସଦସ୍ୟ ହେବା ଏକ ସ୍ୱାଭିମାନର ବିଷୟ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଥିଲେ ଯେ, ବୁଥସ୍ତରରୁ ଏହି ସଦସ୍ୟତା କାର୍ଯ୍ୟକ୍ରମକୁ ବ୍ୟାପକ କରି ଏକ ନୂତନ ଓଡ଼ିଶା ଗଠନ କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ ୧୨ଜଣଙ୍କୁ ଶିବରାଜ ସମ୍ମାନିତ କରିଥିଲେ। ଏହି ବ୍ୟକ୍ତିମାନେ ଜନସଂଘ ସମୟରେ ଦଳର ସଂଗଠନକୁ ମଜଭୁତ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

## ଯୁବକଙ୍କୁ ହତ୍ୟା

ବଲାଙ୍ଗୀର ଅଫିସ/ ଲୋଇସିଂହା, ୧୦।୮(ଡି.ଏନ.ଏ.)

ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ସୁକ୍‌ତେଲ ନଦୀରୁ ଶନିବାର ଉଦ୍ଧାର କରାଯାଇଛି। ଅପହରଣ ପରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ବରଗାଁର ଶ୍ରୀକାନ୍ତ ନନ୍ଦ (୨୭) ବଲାଙ୍ଗୀରର ଏକ କଦଳୀ ଗୋଦାମରେ କାମ କରୁଥିଲେ। ଗତ ୮ ତାରିଖରେ ଘରୁ ସେ ଗୋଦାମକୁ ଯାଇ ଫେରି ନ ଥିଲେ। ଶୁକ୍ରବାର ସକାଳେ ବରଗାଁ-ଅଁଲାସାରୀ ରାସ୍ତାରେ ତାଙ୍କର ଚଷମା ଓ ଚପଲ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ପୁଇଁତଲା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଅଶ୍ଳୀଳ ଭିଡିଓ ଶୁଟିଂ କରି ବ୍ଲାକମେଲ

ଭୋଗରାଇ, ୧୦।୮(ଡି.ଏନ.ଏ.)

**ଭୋଗରାଇରେ ପୁଣି ଲଜ୍ଜା**

ବାଲେଶ୍ୱର ଜିଲାର ଉପାନ୍ତ ତାଳସାରୀ ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ରଖିବାକୁ ବାଧ୍ୟକରି ଏହାର ଭିଡିଓ ଶୁଟିଂ କରି ସେମାନଙ୍କୁ ବ୍ଲାକମେଲ କରିବା ଭଳି ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ପରେ ଦାବି ମୁତାବକ ଟଙ୍କା ନ ପାଇବାରୁ ଭିଡିଓ ରେକର୍ଡିଂ କରିଥିବା ୩ ଦୁର୍ବୃତ୍ତ ଏହାକୁ ଭାଇରାଲ କରିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭୋଗରାଇ ଅଞ୍ଚଳରେ ଯୁକ୍ତ ୨ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଯୁକ୍ତ ୩ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ସହ ଗତ ୧ତାରିଖରେ ତାଳସାରୀ ବେଳାଭୂମି ସୁବର୍ଣ୍ଣପୁର ଦ୍ୱୀପକୁ ବୁଲି ଯାଇଥିଲେ। ସେଠାରେ ବସି ଗପସପ ହେଉଥିବାବେଳେ ୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପ୍ରେମୀଯୁଗଳ ମନେକରି ଅସଦାଚରଣ କରିବା ସହ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଛାତ୍ରଙ୍କୁ ମାରଧର ଓ ଛାତ୍ରୀଜଣଙ୍କୁ ଅସଦାଚରଣ କରି ଦୁହିଁଙ୍କୁ ଶାରୀରିକ ସମ୍ପର୍କ ରଖିବା ଭଳି ଅଭିନୟ କରିବାକୁ ବାଧ୍ୟ କରିଥିଲେ। ସେଠାରେ ପୁରୁଷ ବନ୍ଧୁ ଓ ତାଙ୍କ ବାନ୍ଧବୀ ଉପାୟଶୂନ୍ୟ ହୋଇପଡିଥିଲେ। ପରେ ଦୁର୍ବୃତ୍ତମାନେ ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ସେମାନଙ୍କୁ ବ୍ଲାକମେଲ କରିଥିଲେ। ଏପରିକି ୨୦ହଜାର ଟଙ୍କା ନ ଦେଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। କଲେଜ ଛାତ୍ରଜଣକ ତାଙ୍କର ଅନ୍ୟ ଜଣେ ବନ୍ଧୁଙ୍କ ପାଖକୁ ଫୋନ କରି ତାଙ୍କଠାରୁ ୧୫ଶହ ଟଙ୍କା ଆଣି ସେମାନଙ୍କୁ ଦେଇଥିଲେ। ସପ୍ତାହକ ମଧ୍ୟରେ ବାକି ଟଙ୍କା ନ ଦେଲେ ଭିଡିଓ ଭାଇରାଲ କରିଦେବେ ବୋଲି ଚେତାବନୀ ଦେଇ ୩ ଦୁର୍ବୃତ୍ତ ଏହି ଛାତ୍ରୀଛାତ୍ରଙ୍କୁ ଛାଡିଥିଲେ। ଏହି ପରିପ୍ରେକ୍ଷୀରେ ଟଙ୍କା ନ ପାଇବାରୁ ୩ ଦୁର୍ବୃତ୍ତ ଗତ ୯ତାରିଖରେ ଭିଡିଓ ଭାଇରାଲ କରିଦେବାରୁ ଉଭୟ ଛାତ୍ରୀଛାତ୍ର ମାନସିକ ଭାରସାମ୍ୟ ହରାଇ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରୀଙ୍କ ପୁରୁଷ ବନ୍ଧୁ କୁହାଯାଉଥିବା ଛାତ୍ରଜଣକ ଶନିବାର ତାଳସାରୀ ମେରାଇନ ଥାନାକୁ ଯାଇ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଦୁଶାଳ ମାଝି ଏକ ମାମଲା (ନଂ. ୨୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତଲାସି ଜାରି ରଖିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ଦୟାନିଧି ନାୟକଙ୍କ ପରଲୋକ

ସୋହେଲା,୧୦।୮ (ଡି.ଏନ.ଏ.)



ବରଗଡ଼ ଜିଲା ସୋହେଲା ବ୍ଲକ ସଂଗ୍ରାମୀପୀଠ ପାଣିମୋରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଦୟାନିଧି ନାୟକଙ୍କ ଶନିବାର ଭୋର ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ହେବାରୁ ପରିବାର ଲୋକେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନେଇଥିବାବେଳେ ତାଙ୍କର ବିୟୋଗ ଘଟିଛି।

ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପ୍ରଧାନ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଛକରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠକୁ ନିଆଯାଇଥିଲା। ସେଠାରେ ପାଣିମୋରା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ମରଶରୀରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ତାଙ୍କ ଖଳାକୁ ନିଆଯାଇଥିଲା। ସେଠାରେ ପୋଲିସ ପ୍ରଶାସନ ତରଫରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ତାଙ୍କ ନାତି କମ୍ଳୁ ନାୟକ ମୁଖାଗ୍ନି ଦେଇଥିଲେ। ପାଣିମୋରା ଗ୍ରାମର ଦୟାନିଧି ୧୯୨୬ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୪୨ରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ପାଣିମୋରା ଗ୍ରାମରୁ ୪୨ଜଣ ଯୁବକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ଚାଲି ଚାଲି ବରଗଡ଼ରେ ପହଞ୍ଚିଥିଲେ। ସେଠାରେ ବାଲିଯୁରୀ ହାଟପଦାରେ ଇଂରେଜ ସରକାର ସିଲ୍ କରିଥିବା କଂଗ୍ରେସ ଅଫିସର ତାଲା ଭାଙ୍ଗିବା ସହିତ ଏସ୍‌ଡିଓଙ୍କ ଚୌକି ଦଖଲ କରିଥିଲେ। ଏହି ଅଭିଯୋଗରେ ପୋଲିସ ସମସ୍ତଙ୍କୁ ଅଟକ ରଖିଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ ବୟସ କମ୍ ଥିବାରୁ ସେମାନଙ୍କୁ ଛାଡି ଦେଇ ବାକି ୩୨ଜଣଙ୍କୁ ଗିରଫ କରିଥିଲା। ଦୟାନିଧି ପିକେଟିଂ କରୁଥିବା ବେଳେ ଗିରଫ ହୋଇ ୯ମାସ ସମ୍ବଲପୁର ଜେଲରେ କାରାବରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଗୋଟିଏ ଗ୍ରାମରୁ ଏକକାଳୀନ ୩୨ଜଣ ଯୁବକ ସାମିଲ ହେବା ଘଟଣା ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ସୋନିଆ...

ପର୍ଯ୍ୟନ୍ତ ଦଳ ତାଙ୍କ ଉପରେ ଚାପ ପକାଇଥିଲେ ହେଁ ସେ ତାହା ଗ୍ରହଣ କରି ନ ଥିଲେ। ଦଳର ପରାଜୟ ପାଇଁ ସେ ନୈତିକ ଦୃଷ୍ଟିରୁ ନିଜକୁ ଦାୟୀ କରି ନେତୃତ୍ୱ ପରିବର୍ତ୍ତନ ଚାହିଁଥିଲେ। ଫଳରେ ନୂଆ ନେତୃତ୍ୱ ଚୟନ ପାଇଁ ଶନିବାର ସିଡବ୍ଲ୍ୟୁସି ବୈଠକ ବସିଥିଲା। ବୈଠକରେ ନେତୃତ୍ୱକୁ ନେଇ ଦୀର୍ଘସମୟ ଆଲୋଚନା ହୋଇଥିଲା। ସୋନିଆ ଓ ରାହୁଲ ଆଲୋଚନା ପ୍ରକ୍ରିୟାରୁ ଦୂରେଇ ରହିଥିଲେ। ଦିନବେଳା କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ରାତିରେ ପୁଣି ଥରେ ବୈଠକ ବସିଥିଲା ଓ ସେଥିରେ ସୋନିଆ ଓ ରାହୁଲ ଯୋଗଦେଇଥିଲେ।

# ନାବାଳିକା ଛାତ୍ରୀଙ୍କୁ ଜଙ୍ଗଲରେ ବଳାତ୍କାର

ବାରିପଦା ଅଫିସ /ରାଇରଙ୍ଗପୁର (ଡି.ଏନ.ଏ.), ୧୦।୮

ମୟୂରଭଞ୍ଜ ଜିଲାରେ ପୁଣି ଲଜ୍ଜା। ଗୋରୁମହିଷାଣୀ ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଜଙ୍ଗଲରେ ବଳାତ୍କାର କରି ତାଙ୍କ ନଗ୍ନ ଫଟୋକୁ ଅଭିଯୁକ୍ତ ଯୁବକ ଭାଇରାଲ କରିଛନ୍ତି। ବଳାତ୍କାରର ପ୍ରାୟ ୪ମାସ ପରେ ଘଟଣା ପଦାକୁ ଆସିଛି। ଲୋକଲଜ୍ଜାକୁ ଡରି ନୀରବ ରହିଥିବା ପୀଡିତା ଛାତ୍ରୀ ଶନିବାର ଥାନାକୁ ଯାଇ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ରାଇରଙ୍ଗପୁର ହସ୍‌ପିଟାଲରେ ଡାକ୍ତରୀମାଇନା କରାଇ ଏକ ମାମଲା ( ନଂ. ୩୧/୧୯) ରୁଜୁ କରିଛି। ଥାନା ଅଧିକାରୀ ବିଳାସିନୀ ନାୟକ ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ନାବାଳିକା ଛାତ୍ରୀଙ୍କ ନଗ୍ନ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପ୍ରଚାରିତ ହୋଇଥିଲା। ଏନେଇ ପୀଡିତା ମାନସିକ ଭାରସାମ୍ୟ ହରାଇ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

## କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ-ଜୁଲାଇ ସମୟରେ ଜେମ୍‌ସ, ଜୁଏଲେରୀ ରପ୍ତାନି ୮.୪% ହ୍ରାସ ଘଟି ୯.୭ ବିଲିୟନ ଡଲାର ରହିଛି।

- ଜେମ୍‌ସ ଆଣ୍ଡ ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍

**ନ୍ୟାଶନାଲ୍ କୋପରେଟିଭ୍ ହାଉସିଂ ଫେଡେରେଶନ୍‌ର ୧୮୩ତମ ବୋର୍ଡ ବୈଠକ**

# 'ହାଉସିଂ କର୍ପୋରେଶନ ସଶକ୍ତ ହେବା ଆବଶ୍ୟକ'

ଭୁବନେଶ୍ୱର,୧୦।୮(ବ୍ୟୁରୋ):

ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ସର୍ବନିମ୍ନ ଆବଶ୍ୟକତା ହୋଇଥିଲେ ମଧ୍ୟ ନିଜସ୍ୱ ଗୋଟିଏ ଘର କରିବା ପ୍ରତ୍ୟେକ ମଣିଷର ସ୍ୱପ୍ନ ହୋଇଥାଏ। ଏହାକୁ ବାସ୍ତବ ରୂପ ଦେବା ପାଇଁ ସମବାୟ ଗୃହ ନିର୍ମାଣ ସଂସ୍ଥାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ପାରିବେ ବୋଲି ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଭୁବନେଶ୍ୱରରେ ଶୁକ୍ରବାର ଆୟୋଜିତ ନ୍ୟାଶନାଲ୍ କୋପରେଟିଭ୍ ହାଉସିଂ ଫେଡେରେଶନ୍‌ର ୧୮୩ତମ ବୋର୍ଡ ବୈଠକରେ ଯୋଗଦେଇ ରଣେନ୍ଦ୍ର ପ୍ରତାପ କହିଛନ୍ତି ଯେ, ଜନସଂଖ୍ୟା ବୃଦ୍ଧି ଓ ଦ୍ରୁତ ସହରୀକରଣ ଯୋଗୁ ବିଭିନ୍ନ ସହରରେ ବାସଗୃହର ଘୋର ଅଭାବ ଦେଖାଦେଇଛି। ନିମ୍ନ ଓ ମଧ୍ୟମ ଆୟ ବର୍ଗ ଲୋକଙ୍କ ନିମନ୍ତେ ଏହି ସମସ୍ୟା ଆହୁରି ଉତ୍କଟରୂପ ଧାରଣ କରିଛି। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଭାରତରେ ସମବାୟ ଏକ ଆନ୍ଦୋଳନର ରୂପ ନେଇଥିବାବେଳେ ଗୃହନିର୍ମାଣ କ୍ଷେତ୍ରରେ ଏହାକୁ ସାମିଲ କରିବା ଲକ୍ଷ୍ୟ ନେଇ ଜାତୀୟ ସମବାୟ ହାଉସିଂ ଫେଡେରେଶନ୍ ପ୍ରତିଷ୍ଠା କରାଯାଇଛି। ଗୃହ ନିର୍ମାଣ କ୍ଷେତ୍ରରେ ଜାତୀୟକରଣ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ଓ ହୁଡ୍‌କୋ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ନିମ୍ନ ଓ ମଧ୍ୟମ ଆୟ ବର୍ଗ ଲୋକଙ୍କୁ ରାଜ୍ୟର ସମବାୟ ଗୃହନିର୍ମାଣ କର୍ପୋରେଶନ ଗୁଡ଼ିକ ଗୃହଋଣ ଯୋଗାଇ ଦେଇଥାଆନ୍ତି। ମାତ୍ର ରାଜ୍ୟଗୁଡ଼ିକର ଏହି ସଂସ୍ଥାଗୁଡ଼ିକ ପେସାଦାର ପରିଚାଳନା ଓ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇ ନ ଥିବାରୁ ଅନ୍ୟ ଅର୍ଥ ଲଗାଣକାରୀ ସଂସ୍ଥା ସହିତ ପ୍ରତିଯୋଗିତା କରିପାରୁ ନାହାନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏପରି କ୍ଷେତ୍ରରେ ନିମ୍ନ ଓ ମଧ୍ୟମ ଆୟ ବର୍ଗ ଲୋକଙ୍କ ଗୃହ ନିର୍ମାଣ ପାଇଁ ଋଣ ଯୋଗାଇ ଦେଉଥିବା ରାଜ୍ୟ କୋପରେଟିଭ୍ ହାଉସିଂ କର୍ପୋରେଶନ ଗୁଡ଼ିକ ଆର୍ଥିକ ପରିଚାଳନା ଦୃଷ୍ଟିରୁ ସଶକ୍ତ ଓ ମଜଭୁତ ହେବାର ଆବଶ୍ୟକତା ରହିଛି। ବୈଠକରେ ନ୍ୟାଶନାଲ୍ କୋପରେଟିଭ୍ ହାଉସିଂ ଫେଡେରେଶନ୍‌ର ଅଧ୍ୟକ୍ଷ ଏସ୍. ଏନ୍. ଶର୍ମାଙ୍କ ସମେତ ମଧ୍ୟପ୍ରଦେଶ ସମବାୟ ମନ୍ତ୍ରୀ ଗୋବିନ୍ଦ ସିଂହ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, କର୍ଣାଟକ, ରାଜସ୍ଥାନ, ଛତିଶଗଡ଼, ଉତ୍ତରାଖଣ୍ଡର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣଙ୍କ ରାଶିର ନବମ ସ୍ଥାନରେ ଚନ୍ଦ୍ର ପାପଗ୍ରହ ଯୁକ୍ତ ହେତୁ ପାରିବାରିକ ଝଗଡ଼ା, ଯାନବାହନରେ ତ୍ରୁଟି ପରିଲକ୍ଷିତ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ନିଜର ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇଯାଇପାରନ୍ତି।

**ବୃଷ**
ଆଜିର ଗ୍ରହ ସ୍ଥିତି ଧନଭାବ ପ୍ରତି ହାନିକାରକ ଯୋଗୁ ଧନହାନି, ମନ୍ତବ୍ୟକୁ ନେଇ ବିବାଦଜନିତ ଅଶାନ୍ତି ଉପୁଜିପାରେ। ମଙ୍ଗଳଙ୍କ ସ୍ଥିତିରୁ ହଠାତ୍ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ଚନ୍ଦ୍ର ପାପଗ୍ରହ ଯୁକ୍ତ ଓ କେତୁ ନକ୍ଷତ୍ରସ୍ଥ ହେତୁ ଯାତ୍ରାରେ ସମସ୍ୟା, ବ୍ୟବସାୟରେ କ୍ଷତି, ବିବାଦରେ ପରାଜୟର ଗ୍ଲାନି ଅନୁଭବ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କାକରି ମନ ଅସ୍ଥିର ରହିବ।

**କର୍କଟ**
ରାଶ୍ୟାଧିପତିଙ୍କ ଅଷ୍ଟମାଧିପତି ସଂଯୋଗ ସ୍ୱାସ୍ଥ୍ୟହାନି, ଋଣଗ୍ରସ୍ତ ଓ ଶତ୍ରୁତା ସୃଷ୍ଟି କରିପାରେ। ଆତ୍ମୀୟମାନଙ୍କ ପାଇଁ ଯେଉଁ ଆଶା ନେଇ କାମ କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଆଜିର ଗ୍ରହ ସ୍ଥିତି ସନ୍ତାନହେତୁକ ମନସ୍ତାପ ସାଙ୍ଗକୁ ବିଫଳ ଆଲୋଚନା ଅଶାନ୍ତିର କାରଣ ହୋଇପାରେ। ପାରିବାରିକ ଅଶାନ୍ତି ବିଷୟରେ ଚିନ୍ତାକରି ମନରେ ସରସତା ରହିବ ନାହିଁ। ତଥାପି ସକାଳୁ ସକାଳୁ ଶୁଭଖବର ,ଅର୍ଥଲାଭରୁ ମନ ଖୁସି ହୋଇଯାଇପାରେ। ରଚନାତ୍ମକ କାମ, ସାହିତ୍ୟ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା**
ପରିବାର ସ୍ଥାନରେ ପାପଗ୍ରହ ପାରିବାରିକ ଅଶାନ୍ତିକୁ ନିମନ୍ତ୍ରଣ କରିବ। ମନ ଭଲ ନ ଥିବାରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ ଅବଶ୍ୟ ଆଶା ପୂରଣ ହୋଇଯିବ।

**ତୁଳା**
ଆଜିର ଦିନଟି ନୂତନ କର୍ମାରମ୍ଭ, ଯାତ୍ରା, ବାଣିଜ୍ୟାରମ୍ଭ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ସଫଳତା ପ୍ରଦାନ କରିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ପାଇଁ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା**
ପରିସ୍ଥିତିର ଗୁରୁତ୍ୱ ଅନୁଭବକରି ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ପସନ୍ଦ କରିପାରନ୍ତି। ବନ୍ଧୁଙ୍କ କାମରେ ବାଧହୋଇ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଆଶା ଦୁର୍ଲଭ ହୋଇପଡ଼ିବ।

**ଧନୁ**
ରାଶିରେ ତୃତୀୟ ଅଷ୍ଟମାଧିପତିଙ୍କ ଅବସ୍ଥିତି ଭାଇବନ୍ଧୁ,ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହ ସୁସମ୍ପର୍କକୁ ନଷ୍ଟ କରିବ। ଘରର ପରିସ୍ଥିତି ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଜି ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ଏଥିପାଇଁ ବହୁ ଝିନ୍‌ଝଟ ହେବାକୁ ପଡ଼ିପାରେ ।

**ମକର**
ଆଜି କାହାକୁ କିଛି କହିଲା ସମୟରେ ଭାବିଚିନ୍ତି ନ କହିଲେ ଦ୍ୱାଦଶସ୍ଥ ଗ୍ରହ ସ୍ଥିତିର କୁପ୍ରଭାବରୁ ସମ୍ପର୍କରେ ବାଧା ଆସିବ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। ଆକସ୍ମିକ ସମସ୍ୟା କାରଣରୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ପଡ଼ୋଶୀଙ୍କ ସହ ସମ୍ପର୍କରେ ଉନ୍ନତି ଘଟିବ।

**କୁମ୍ଭ**
କିଛି ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତିକୁ ନେଇ ଦିନଟି ଅତିବାହିତ ହେବ। ନିଜର ଉଦ୍ଦେଶ୍ୟ ଗୋପନ ରଖି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହୋଇପାରନ୍ତି। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ମନୋବଳ କ୍ରମଶଃ ହ୍ରାସ ପାଇପାରେ

**ମୀନ**
ଆଜିର ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯାଇପାରେ। ରାହୁଙ୍କ ସ୍ଥିତି ପ୍ରଭାବରେ ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଶ୍ରାବଣ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା ଏକାଦଶୀ ରବିବାର, ରବି ନାରାୟଣ ବ୍ରତ ଓ ଉପବାସ, ଅଗଷ୍ଟ ୧୧ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ମେଷ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୩୯ମି. ଗତେ ଘ୬।୧୫ମି. ମଧ୍ୟେ ରାହୁକାଳ।



ଉତ୍ତର କୋରିଆ ଶନିବାର ଦୁଇଟି ସ୍ୱଳ୍ପଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ଦକ୍ଷିଣ କୋରିଆ ପକ୍ଷରୁ ଅଭିଯୋଗ କରାଯାଇଛି। ୩ ସପ୍ତାହ ମଧ୍ୟରେ ଉତ୍ତର କୋରିଆର ଏହା ପଞ୍ଚମ ପର୍ଯ୍ୟାୟ ପରୀକ୍ଷା। ଆମେରିକା-ଦକ୍ଷିଣ କୋରିଆର ମିଳିତ ସମରାଭ୍ୟାସ ଏବଂ ଉତ୍ତରକୋରିଆ ଓ ଆମେରିକା ମଧ୍ୟରେ ଆଣବିକ ଆଲୋଚନା ପ୍ରତି ଏହା ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି କୁହାଯାଉଛି।

# ମଦଭାଟିରେ ପୋଡ଼ାଜଳା

■ କମାଣ୍ଡର ଜିପ୍, ୨ ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

ପଟ୍ଟାଙ୍ଗି,୧୦।୮(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଡୁମୁରିଗୁଡ଼ା ନିକଟସ୍ଥ ସରକାରୀ ଲାଇସେନ୍ସପ୍ରାପ୍ତ ମଦଭାଟିରେ ଶୁକ୍ରବାର ବିଳମ୍ବିତ ରାତିରେ ପୋଡ଼ାଜଳା ହୋଇଛି। ଭାଟିରେ ଥିବା ୨ଟି ବାଇକ୍, ଗୋଟିଏ କମାଣ୍ଡର ଜିପ୍, ଜେନେରେଟର ପୋଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଭାଟି ବନ୍ଦ ନ କଲେ ମୁଣ୍ଡକାଟ ହେବ ବୋଲି ଲାଲରଙ୍ଗରେ କପଡ଼ାରେ ଲେଖାଯାଇ ଫାଟକରେ ଟଙ୍ଗାଯାଇଛି। ତେଣୁ ଏହା ମାଓବାଦୀଙ୍କ କାମ ବୋଲି ସନ୍ଦେହ କରାଯାଉଛି।

ମଦଭାଟିର ମ୍ୟାନେଜର ଆଦିତ୍ୟ ପ୍ରସାଦ ଓ ପ୍ରମୋଦ ପ୍ରସାଦଙ୍କ କହିବା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ କେତେଜଣ ବ୍ୟକ୍ତି ଭାଟିରେ ପଶି ସେଠାରେ ଥିବା କୋଠରିଗୁଡ଼ିକୁ ବାହାରୁ ତାଲା ପକାଇଦେଇଥିଲେ। ପରେ ସେଠାରେ ଥିବା ଜିପ୍ (ଓଆର୍ ୧୦ସି ୨୮୯୫), ୨ଟି ବାଇକ୍ (ଗୋଟିଏର ନଂ ଓଆର୧୮ ବି ୫୩୭୩), ଜେନେରେଟର ପୋଡ଼ି ଦେଇଥିଲେ। 'ଲାଲ ସଲାମ ଜିନ୍ଦାବାଦ, ମଦଭାଟି ବନ୍ଦ କରାଯାଉ। ନହେଲେ ମୁଣ୍ଡକାଟ୍ ହେବ।' ଉଲ୍ଲେଖ ଥିବା ଏକ ଲାଲରଙ୍ଗର ପୋଷ୍ଟର ଫାଟକ ଭିତର ପାଖରେ ସେମାନେ ମାରିବା ସହ ସେଠାରୁ ପଳାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭାଟି ନିକଟସ୍ଥ ଏନ୍‌ଏଚ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ଗ୍ୟାସ୍ ଟ୍ୟାଙ୍କରକୁ ସେଠାରେ ପୋଲିସ ଓ ଦମକଳ ବାହିନୀ ରାତିସାରା ଜଗି ରହିଥିଲା। ଏହାସତ୍ତ୍ୱେ ପୋଡ଼ାଜଳା ବାବଦରେ ସେମାନେ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଉକ୍ତ ମଦଭାଟି ସଞ୍ଜୟ ସାହୁଙ୍କ ନାଁରେ ଲାଇସେନ୍ସ ରହିଛି। ପୋଲିସ ଭାଟି ମ୍ୟାନେଜରଙ୍କ ଲିଖିତ ଏତଲାକୁ ଆଧାର କରି ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଛି।

## ଭିସୁଟ୍‌ରେ ଆନ୍ଦୋଳନ ମହଙ୍ଗା ପଡ଼ିଲା

# ଅଧ୍ୟାପକ ବହିଷ୍କୃତ, ୨ ନିଲମ୍ବିତ



■ ୧୫ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

■ କୁଳାଧିପତିଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାନୁଷ୍ଠାନ

■ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ସମ୍ବଲପୁର,୧୦।୮(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆନ୍ଦୋଳନ ଚଳାଇଥିବା ଅଧ୍ୟାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟପାଳ ତଥା କୁଳାଧିପତିଙ୍କ କାର୍ଯ୍ୟାଳୟର ଚିଠି ନମ୍ବର ଏସଡିଟିଇ-ଟିଏଚଇ-(ଆଇଆଇ)-୦୦୨୮/୨୦୧୯-୩୮୩୭ ତାରିଖ ୯।୮।୨୦୧୯ ଅନୁଯାୟୀ ଅଧ୍ୟାପକ ସଂଘ ସଭାପତି ପୁଷ୍ପରାଜ ଦାସଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ସମ୍ପାଦକ ପ୍ରଦୀପ ଦାସ ଓ ଉପସଭାପତି ପାଣ୍ଡବ ପାତ୍ରଙ୍କୁ ନିଲମ୍ବନ କରାଯାଇଛି। ଆନ୍ଦୋଳନରେ ସାମିଲ ଅନ୍ୟ ୧୫ ଜଣ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି।

ବିଶ୍ୱ ବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ସୃଷ୍ଟି କରିବା, ଅଧ୍ୟାପକଙ୍କୁ ପ୍ରଭାବିତ କରି ଆନ୍ଦୋଳନ କରିବା, କୁଳପତିଙ୍କ ବିରୋଧରେ ନାରାବାଜି କରିବା, ଗଣମାଧ୍ୟମ ଆଗରେ ମନ୍ତବ୍ୟ ଦେବା ଯୋଗୁ ଶିକ୍ଷା ଅନୁଷ୍ଠାନର ଗରିମା ଉପରେ ତାର ପ୍ରଭାବ ପଡ଼ିଛି। ଆଡମିଶନ ସମୟରେ ଏଭଳି ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷାଦାନ ଓ ଖାତା ଦେଖା କାର୍ଯ୍ୟରେ ବାଧା ଦେବା ଭଳି କାରଣକୁ ଭିତ୍ତିକରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୁଳାଧିପତିଙ୍କ ଏପରି କାର୍ଯ୍ୟାନୁଷ୍ଠାନ ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବାକୁ ଭିସୁଟ୍ ପରିସରରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ୧୭ ତାରିଖଠାରୁ ଅଧ୍ୟାପକ ସଂଘ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା। ବିଶେଷ କରି କୁଳପତି ଅଟଳ ଚୌଧୁରୀଙ୍କୁ ହଟାଇବାକୁ ସେମାନେ ଦାବି କରି ଆସୁଥିଲେ। ଏହା ସହ ଡିନ୍ ଏକାଡେମିକ୍ସଙ୍କୁ ତାଙ୍କ ପଦରୁ ନିବୃତ୍ତ କରିବା, ଡ. ଏସ.ପି. ପାଣିଗ୍ରାହୀ ଓ ଡ. ରାକେଶ ମହାନ୍ତିଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯିବା, ପିଏଆର ଫର୍ମାଟରେ କରିଥିବା ପରିବର୍ତ୍ତନକୁ ପ୍ରତ୍ୟାହାର କରିବା, ପିଏଚ୍‌ଡି ସମ୍ମାନ ପାଇଁ ୟୁଜିସି ନିୟମ ପାଳନ କରିବା, ସର୍ବନିମ୍ନ ସୁବିଧା ଯୋଗାଇ ଦେବା, ଫାକଲ୍ଟି କାଉନସେଲିଂ ବିନା କୌଣସି ନିଷ୍ପତ୍ତି ନ ନେବା, ଷ୍ଟାଟ୍ୟୁଟୋରୀ ବଡି ବୈଠକରେ ଅଡିଓ ଓ ଭିଡିଓ ରେକର୍ଡ କରିବା, ଏକାଡେମିକ୍ସ ପ୍ରସଙ୍ଗରେ ପୁରାତନ ଛାତ୍ର ସଂଘ ମୁଣ୍ଡ ନ ପୂରାଇବା ଭଳି ଦାବି ରହିଥିଲା। ଏହି ସବୁ ଦାବି ଉପରେ ପ୍ରଶାସନିକସ୍ତରରେ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ତତ୍କାଳୀନ ଉପଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରଥମେ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ହେଲେ ଅଧ୍ୟାପକ ସଂଘ ସମସ୍ତ ୧୦ ଦଫା ଦାବି ପୂରଣ ପାଇଁ ଜିଦ୍ ଧରିଥିଲା। କୁଳପତି ଅଟଳ ଚୌଧୁରୀଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା। ହେଲେ ସମସ୍ତ ଦାବି ପୂରଣ କରି ହେବ ନାହିଁ ବୋଲି ସେ କହିଥିଲେ। ଜୁଲାଇ ୨୪ ତାରିଖରେ ରାଜ୍ୟପାଳ ତଥା କୁଳାଧିପତିଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ସି.ଆର. ମହାପାତ୍ର, ଦକ୍ଷତା ବିଭାଗ ଯୁଗ୍ମସଚିବ ଅଜୟ କୁମାର ନାଏକ ଭିସୁଟ୍‌ରେ ପହଞ୍ଚି ରିପୋର୍ଟ ସଂଗ୍ରହ କରିଥିଲେ। କୁଳପତି ଚୌଧୁରୀ ଓ ଆନ୍ଦୋଳନ କରୁଥିବା ଅଧ୍ୟାପକମାନଙ୍କଠାରୁ ପୃଥକ ପୃଥକ ଭାବେ ରିପୋର୍ଟ ନେଇଥିଲେ। ଶେଷରେ ଏହି ରିପୋର୍ଟକୁ ଆଧାର କରି କୁଳାଧିପତିଙ୍କ କାର୍ଯ୍ୟାଳୟ ଆନ୍ଦୋଳନରତ ଅଧ୍ୟାପକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଏ ନେଇ ସଂଘର ସମ୍ପାଦକ ପ୍ରଦୀପ ଦାସ କହିଛନ୍ତି, ଏପରି କାର୍ଯ୍ୟାନୁଷ୍ଠାନ ଅଗଣତାନ୍ତ୍ରିକ, ଆମକୁ କୌଣସି କାରଣ ଦର୍ଶାଅ ନୋଟିସ୍ ଦିଆଯାଇନାହିଁ। ଗଣତନ୍ତ୍ରରେ ସ୍ୱର ଉତ୍ତୋଳନ କରିବା ସମସ୍ତଙ୍କର ଅଧିକାର ରହିଛି। ଆମେ ପ୍ରଥମରୁ ଶୃଙ୍ଖଳିତ ଭାବେ ଆନ୍ଦୋଳନ ଚଳାଇ ଆସିଥିଲୁ। ତଥାପି ଆମମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା।



## ଜିଲା ଟିଠି
## ସୁନ୍ଦରଗଡ଼

# ଅଧିକାର ପାଇଁ ଲଢ଼େଇ

ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାରକୁ ନେଇ ଏବେ ଜିଲାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ଗ୍ରାମସଭା ଜରିଆରେ ମନୋନୀତ ହିତାଧିକାରୀମାନଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରେ ଜିଲା କମିଟୀ ତାଲିକା ଯାଞ୍ଚ ନାଁ ରେ ଅନେକ ହିତାଧିକାରୀଙ୍କୁ ବାଦ ଦେଇଥିବା ଜଣାପଡିଛି। ଏହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆଇନ୍ କାର୍ଯ୍ୟକାରୀ ହେବା ଦିନଠାରୁ ଜିଲାରେ ୧୯ହଜାର ୭୩୦ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଆଉ ୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ନାମକୁ ବାଦ ଦିଆଯାଇଛି। ସେହିପରି ୨ଟି ମାତ୍ର ଗାଁକୁ ଗୋଷ୍ଠୀଗତ ଜଙ୍ଗଲଜମି ଅଧିକାର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଜିଲା ଯାଞ୍ଚ କମିଟି ବାଦ୍ ଦେଇଥିବା ହିତଧିକାରୀଙ୍କ ନାମ ପୁନଃ ଯାଞ୍ଚ ପାଇଁ ଯାହାକି ଗ୍ରାମସ୍ତରରେ ହେବା କଥା ତାହା ତହସିଲ ଜରିଆରେ ଜନଶୁଣାଣି ଶିବିରମାନ ଆୟୋଜନ କରାଯାଉଛି। ଏହି ଶିବିରରେ ହିତାଧିକାରୀମାନଙ୍କ ପକ୍ଷ ରଖିବାକୁ ମଧ୍ୟ ଉଚିତ ସମୟ ଦିଆଯାଉନାହିଁ। ଫଳରେ ଉକ୍ତ ଶିବିର କେବଳ ପ୍ରହସନରେ ପରିଣତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ୍-୨୦୦୬ର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ କରି ବିଭିନ୍ନ ଆଦିବାସୀ,ମୂଳନିବାସୀ ଅଧିକାର ମଞ୍ଚ ଓ ସଙ୍ଗଠନଗୁଡିକ ପକ୍ଷରୁ ଅଧିକାର ପାଇଁ ଲଢେଇ ଆରମ୍ଭ କରିଛନ୍ତି। ବିଭିନ୍ନ ସମୟରେ ଏହି ସଙ୍ଗଠନଗୁଡିକ ପକ୍ଷରୁ ଉପଜିଲାପାଳ, ଜିଲାପାଳ ଓ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଅଧିକାର ଦାବି କରୁଛନ୍ତି। ଓଡ଼ିଶାର ଅନୁସୂଚିତ ଅଞ୍ଚଳରେ ଜଙ୍ଗଲ ଜମି ଅଧିକାର ଆଇନ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଆଦିବାସୀ ସଙ୍ଗଠନ ଗୁଡିକ ଦାବି କରିଛନ୍ତି। ଏହାସହିତ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସମ୍ପର୍କରେ ଗ୍ରାମସଭାକୁ ଅନ୍ଧକାରରେ ରଖି ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନକୁ ସଙ୍ଗଠନଗୁଡିକ ବିରୋଧ କରୁଛି। ଏଣୁ ଅନୁସୂଚିତ ଅଞ୍ଚଳର ଅଧିବାସୀମାନଙ୍କୁ ପାରମ୍ପରିକ ଜଙ୍ଗଲ ଜମି ଅଧିକାର ପ୍ରଦାନ ପାଇଁ ଦାବି ଉଠିଥିବା ବେଳେ ଏହାକୁ ନେଇ ଏବେ ଆଦିବାସୀ ସଙ୍ଗଠନ ଓ ପ୍ରଶାସନ ମଧ୍ୟରେ ଦ୍ୱନ୍ଦ ଲାଗି ରହିଛି। ଏଣୁ ପ୍ରଶାସନ ଓ ଗ୍ରାମସଭା ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ଯଥାଶୀଘ୍ର ଜଙ୍ଗଲ ଜମି ଅଧିକାର ଆଇନ୍ ଅନୁଯାୟୀ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ଶିରୋନାମା (ପଟ୍ଟା) ପ୍ରଦାନ ସକାଶେ ଉଠିଛି। - **ଜୟନାରାୟଣ ମେଣ୍ଡୁଲି**


# ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧୀନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର **କମ୍ପ୍ଲେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍.)** ୱେବ୍‌ସାଇଟ୍ **https://www.rbi.org.in>> lodge a complaint>>** ମାଧ୍ୟମରେ ତାଙ୍କ ଅଭିଯୋଗକୁ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନଲିଖିତ ଠିକଣାରେ ତାଙ୍କ ଅଭିଯୋଗକୁ ପୋଷ୍ଟ/ବ୍ୟକ୍ତିଗତ କିମ୍ବା ଇମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

୧. **ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ: ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା: ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ୍ ନମ୍ବର-୦୬୭୪-୨୩୯୦୦୭୪, ଇମେଲ୍-cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ ୯.୫୦ରୁ ଅପରାହ୍ନ ୫.୩୫

୨. **ବ୍ୟାଙ୍କ ଲୋକପାଳ, ଯୋଜନା 2006 (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
**ବ୍ୟାକିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ** (ଭୁବନେଶ୍ୱର)
ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ, ତୃତୀୟ ମହଲା, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ୍-୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନମ୍ବର-୨୩୯୩୯୦୬
ଇମେଲ୍-cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫

୩. **ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନାର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
**ଲୋକପାଳ-ଅଣବ୍ୟାକିଙ୍ଗ ବିତ୍ତୀୟ** କମ୍ପାନୀ (ପୂର୍ବ କ୍ଷେତ୍ର)*
ମାର୍ଫତ: ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା: ୧୫, ନେତାଜୀ ସୁଭାଷ ମାର୍ଗ, କୋଲକତା-୭୦୦୦୦୧
ଟେଲିଫୋନ୍ ନମ୍ବର : ୦୩୩- ୨୩୩୦୪୯୮୨, ଫ୍ୟାକ୍ସ ନମ୍ବର-୦୩୩- ୨୨୩୦୫୮୯୯
ଇମେଲ୍-cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦
ଟିପଣୀ* କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ସାମିଲ୍ ଅଛି।

୪. **ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ୍.ଡ଼ି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟସ୍)ଙ୍କ ବିରୋଦ୍ଧରେ ଓଏସ୍.ଡ଼ି.ଟି ର ଧାରା ୮ରେ ସୂଚୀତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
**ଲୋକପାଳ, ଡ଼ିଜିଟାଲ୍ ନେଣ ଦେଣ (ଭୁବନେଶ୍ୱର)**
ମାର୍ଫତ: ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା:ପଣ୍ଡିତ୍ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଫାକ୍ସ ନମ୍ବର-୦୬୭୪-୨୩୯୩୯୦୬
ଇ-ମେଲ୍-cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୫୦ ରୁ ଅପରାହ୍ନ-୫.୩୫

୫. **ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା / ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ:
**ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)**
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ, ୨ୟ ମହଲା,
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତୀ ରୀତା ସରକାର ମୋରିଆଙ୍କୁ ମଧ୍ୟ ଟେଲିଫୋନ୍ ନମ୍ବର-୦୨୨-୨୩୦୧୯୬୩୩, ବିସ୍ତାର ସଂଖ୍ୟା-୮୨୦୧ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜୀକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶ ଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟସ୍)ଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟସ୍) ଲୋକପାଳ ଯୋଜନାର ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ' ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଟିପ୍ପଣୀ ୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟସ୍) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧଷର ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କଂପାନୀର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ। କେନ୍ଦ୍ରୀୟ ପରିଚାଳନା କିମ୍ବା ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଆବେଦନ:**
ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ଡ଼ିଜିଟାଲ୍ ନେଣ ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ। ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର **୩୦ ଦିନ** ମଧ୍ୟରେ **ଆରବିଆଇ ୱେବ୍‌ସାଇଟ୍ cms ପେଜ୍-https://www.rbi.org.in>>lodge a complaint>>file an appeal online** ଦ୍ୱାରା କିମ୍ବା **ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ଭବନ, ସାର୍ ପି.ଏମ୍ ରୋଡ଼୍, ଫୋର୍ଟ, ମୁମ୍ବାଇ-୪୦୦୦୦୧** ରେ ଦାଖଲ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର/ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ।**


# ଆଜି ଉତ୍ତର, ପଶ୍ଚିମ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦।୮(ବ୍ୟୁରୋ)- ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇଛି। ଏହା ଫଳରେ ରାଜ୍ୟରେ ବର୍ଷାର ପରିମାଣ କମିଯାଇଛି। ଶନିବାର ବଲାଙ୍ଗୀରରେ ସର୍ବାଧିକ ୧୨ ମିଲିମିଟର ବର୍ଷା ହୋଇଥିବାବେଳେ ଅନୁଗୋଳ, ମାଲକାନଗିରି, ସୋନପୁର, ଗୋପାଳପୁର, ସମ୍ବଲପୁର, ଝାରସୁଗୁଡ଼ାରେ ମଧ୍ୟ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ରବିବାର ଉତ୍ତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୧୨ତାରିଖ ଦିନ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଏହାପରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦବୀ ମରୁଡ଼ି

■ ତୁରନ୍ତ ନିଯୁକ୍ତି ପାଇଁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

ଜୟପୁର,୧୦।୮(ଡି.ଏନ୍.ଏ.)

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧିକାଂଶ ପ୍ରଫେସର, ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଓ ଅନ୍ୟ ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ଅସୁବିଧା ଭୋଗୁଛନ୍ତି। ସେମାନେ ଏନେଇ ପୂର୍ବରୁ ବାରମ୍ବାର ଆନ୍ଦୋଳନ ଓ ଧାରଣା ଦେଇଛନ୍ତି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି ବିଶ୍ୱବିଦ୍ୟାଳୟରେ ଅବ୍ୟବସ୍ଥା ଲାଗିରହିଛି। ଏହା ମାନବାଧିକାରର ଉଲ୍ଲଂଘନ ବୋଲି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଜିଲା କୋର୍ଟର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ ପାତ୍ର ଗତ ଜୁଲାଇ ୯ରେ ଅଭିଯୋଗ କରିଥିଲେ। କମିଶନ ଏହି ଅଭିଯୋଗକୁ ଗ୍ରହଣ କରିବା ସହ ୮ ସପ୍ତାହ ଭିତରେ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଗତ ୨ ତାରିଖରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୯ରେ କେନ୍ଦ୍ର ସରକାର କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ। ଏଥିରେ ୧୧ଟି ବିଭାଗ ରହିଥିଲେ ମଧ୍ୟ ଆବଶ୍ୟକ ପ୍ରାଧ୍ୟାପକ ଓ ଅନ୍ୟ ପଦବୀ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ବାରମ୍ବାର ଅଭିଯୋଗ ଆସୁଛି। ବର୍ତ୍ତମାନ ୧୫୪ଟି ପଦବୀରୁ ୧୩୭ଟି ଖାଲି ପଡ଼ିଛି। ୨୩ ଜଣ ପ୍ରଫେସର ପଦବୀ ରହିଥିବାବେଳେ ସମସ୍ତ ପଦବୀ ଖାଲି ରହିଛି। ସେହିପରି ସହଯୋଗୀ ପ୍ରଫେସର ୪୩ଟି ମଧ୍ୟରୁ ୪୨ ଓ ସହାୟକ ପ୍ରଫେସର ୮୮ ଜଣଙ୍କ ମଧ୍ୟରୁ ୭୨ ଜଣ ରହିଛନ୍ତି।







ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।
–ଶ୍ରୀଅରବିନ୍ଦ



# କଶ୍ମୀରୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା



ଆକାର ପଟେଲ

କଶ୍ମୀରରେ ଆମେ ଯାହା କଲୁ ତାହାର ପୂର୍ଣ୍ଣ ଅର୍ଥ କ'ଣ ତାହା ଯଥାସମୟରେ ଜଣାପଡ଼ିବ। ଏବେ ଆମେ କହିଚାଲିଛୁ କି ଆମେ ଯାହା କଲୁ, ତାହା କଶ୍ମୀରୀମାନଙ୍କ ସମେତ ସମଗ୍ର ଦେଶବାସୀଙ୍କ ପାଇଁ ଭଲ। ଯେଉଁମାନେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାକୁ ସହିପାରୁ ନ ଥିଲେ, ସେମାନେ ଏବେ ଖୁସି ଯେ ଦେଶର ଏକମାତ୍ର ମୁସଲମାନବହୁଳ ରାଜ୍ୟ ଏବେ ସିଧାସଳଖ ଦିଲ୍ଲୀ ଦ୍ୱାରା ଶାସିତ ଏକ କେନ୍ଦ୍ରଶାସିତ ଅଞ୍ଚଳ। ଅବଶ୍ୟ ଅନ୍ୟ କେତେକ ରାଜ୍ୟକୁ ବି ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଛି, କିନ୍ତୁ କଶ୍ମୀରକୁ ଧର୍ମ ଦୃଷ୍ଟିକୋଣରୁ ଭିନ୍ନଭାବେ ବିଚାର କରାଯାଉଥିଲା। ଏହି କାରଣରୁ ଆମ ଭିତରୁ ଅନେକେ କଶ୍ମୀରକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯିବାକୁ ପସନ୍ଦ କରୁ ନ ଥିଲେ। ୩୭୦ ଧାରାକୁ ଅବିକୃତ ଭାବରେ ରଖିବା ଓ ଜମ୍ମୁ–କଶ୍ମୀରକୁ ସ୍ୱୟଂଶାସନ କ୍ଷମତା ଦେବା ଉଚିତ ବୋଲି କ୍ୱଚିତ୍ ଲୋକ ଭାବୁଥିଲେ। ତା'ପରେ ଅର୍ଥନୈତିକ ଦିଗ ବି ଅଛି। କଶ୍ମୀର ଓ ବିଶେଷତଃ ଶ୍ରୀନଗରରେ ଦାରିଦ୍ର୍ୟ, ନିରକ୍ଷରତା ଓ ଅନ୍ୟ ମାନବ ଉନ୍ନୟନ ସୂଚକ ସେହି ସ୍ତରର ନାହିଁ, ଯାହା ଅନ୍ୟ ରାଜ୍ୟଗୁଡ଼ିକରେ ଅଛି। କଶ୍ମୀରୀମାନେ ଭାରି ଉଦ୍ୟୋଗୀ ଏବଂ ସେମାନେ କେବଳ ଭାରତର ଅନ୍ୟ ଅଞ୍ଚଳଗୁଡ଼ିକରେ ନୁହେଁ, ବିଦେଶରେ ମଧ୍ୟ ବାଣିଜ୍ୟ କରୁଥିବାର ଦେଖିବାକୁ ମିଳନ୍ତି। ତେଣୁ ଏହି ରାଜ୍ୟ ଅର୍ଥନୀତି ଦୃଷ୍ଟିରୁ ପଛୁଆ ବୋଲି ଯେପରିଭାବେ କୁହାଯାଉଛି ତାହା ଠିକ୍ ନୁହେଁ। ବର୍ତ୍ତମାନ ଯୁକ୍ତି ହେଉଛି ଏଣିକି ଅଣକଶ୍ମୀରୀମାନେ ଏଠାରେ ଜମି କିଣିପାରିବେ ଓ ପୁଞ୍ଜିନିବେଶ କରିପାରିବେ।

ତୃତୀୟ କଥା ଯାହା କୁହାଯାଉଛି ତାହା ହେଲା ଏହା ନୂଆ ପ୍ରକାର ରାଜନୀତି ଆଡ଼କୁ ବାଟ କଢ଼ାଇନେବ। କଶ୍ମୀରୀମାନେ ସେମାନଙ୍କ ପରିବାରଭିତ୍ତିକ ଦଳଗୁଡ଼ିକଠାରୁ ମୁକ୍ତ ହୋଇଯିବେ ଏବଂ ନୂତନ ଗଣତାନ୍ତ୍ରିକ ସୁଯୋଗ ଖୋଜିନେବା ପାଇଁ ସେମାନଙ୍କୁ ଅବକାଶ ମିଳିବ। ତେବେ କଶ୍ମୀରୀମାନେ କେଉଁ ପ୍ରକାର ଦଳକୁ ଭୋଟ ଦେବା ଉଚିତ ବା ଉଚିତ ନୁହେଁ, ତାହା କହିବାର ଅଧିକାର ବାହାର ଲୋକମାନଙ୍କର ନାହିଁ। ସତକଥା ହେଲା ଭାରତ ସରକାର କଶ୍ମୀରରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା କରିଛନ୍ତି ବୋଲି ଯଦି ଆମେ ବିଶ୍ୱାସ କରିବା ତେବେ ଏହା ଗ୍ରହଣ କରିନେବାକୁ ହେବ ଯେ, ଯେଉଁ ଦଳଗୁଡ଼ିକ ଭୋଟରମାନଙ୍କ ବିଶ୍ୱାସ ଜିତି ପାରିଛନ୍ତି, ଆମେ ସେହି ଦଳଗୁଡ଼ିକୁ ଗାଳିଦେଉଛୁ। ବର୍ତ୍ତମାନ ସମୟରେ ସବୁଠୁ ଶକ୍ତିଶାଳୀ ଲୋକପ୍ରିୟ ଶକ୍ତି ହେଉଛନ୍ତି ବିଚ୍ଛିନ୍ନତାବାଦୀ, ଯେଉଁମାନେ ରାଜନୀତି ମୈଦାନରେ ନାହାନ୍ତି। ହୁରିୟାତ୍ ଏବଂ ମୌଳବାଦୀ ଜମାତ–ଇ–ଇସଲାମୀ ସମେତ ଯେଉଁ ଦଳଗୁଡ଼ିକ ଏମାନଙ୍କ ସହ ସଂଶ୍ଳିଷ୍ଟ ସେମାନେ ଭାରତର କାର୍ଯ୍ୟାନୁଷ୍ଠାନକୁ ଅଙ୍ଗୁଳି ନିର୍ଦ୍ଦେଶ କରିପାରିବେ ଏବଂ କହିପାରିବେ ଯେ କଶ୍ମୀରୀମାନେ ଯାହା ଚାହୁଁଥିଲେ ତାହା ପାରମ୍ପରିକ ଦଳଗୁଡ଼ିକଠାରୁ ପାଇନାହାନ୍ତି। ଆମେ ଆଶା କରୁଛୁ ଯେ ଏହି ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟାନୁଷ୍ଠାନର ଫଳାଫଳ କ'ଣ ହେବ ସେ ବିଷୟରେ ଦିଲ୍ଲୀ ଚିନ୍ତା କରିଛି। କଶ୍ମୀରୀମାନଙ୍କର ଟେଲିଫୋନ୍ ଓ ଇଣ୍ଟରନେଟ୍ ସଂଯୋଗ କାଟି ଦିଆଯାଇଥିବାରୁ ୩୭୦ ଧାରା ଉଚ୍ଛେଦ ସହ ରାଜ୍ୟ ପାହ୍ୟା ହଟେଇ ଦିଆଯିବାକୁ ନେଇ ସେମାନଙ୍କର ମତାମତ ଆମେ ଏପର୍ଯ୍ୟନ୍ତ ଜାଣିପାରି ନାହୁଁ।

ସାମାଜିକ ଗଣମାଧ୍ୟମରେ କଶ୍ମୀରୀମାନଙ୍କର ସ୍ୱର ଯାହା ଶୁଣିବାକୁ ମିଳୁଛି, ତାହା ବିଶ୍ୱସନୀୟ ନୁହେଁ, କାରଣ ଶ୍ରୀନଗର ଓ ଅନ୍ୟ ସହରଗୁଡ଼ିକରେ ଯେଉଁମାନଙ୍କୁ ଅଟକ ରଖାଯାଇଛି, ସେମାନଙ୍କ ପାଖରେ କୌଣସି ନେଟ୍ ସଂଯୋଗ ନାହିଁ। ଯେତେବେଳେ କର୍ଫ୍ୟୁ ହଟିବ ଓ ଯୋଗାଯୋଗ ବ୍ୟବସ୍ଥା ପୂର୍ବପରି ଚାଲୁ ହେବ, ସେତେବେଳେ ସାରା ଭାରତ ଓ ବିଶ୍ୱ ଜାଣିବ କଶ୍ମୀରୀମାନଙ୍କର ପ୍ରତିକ୍ରିୟା କ'ଣ। ସେମାନେ ନିଜର ନ୍ୟାଯ୍ୟ ଅଧିକାର ପାଇଁ ଲଢ଼େଇ କରି ଆସୁଛନ୍ତି ବୋଲି କହିଆସୁଛନ୍ତି। ଆମେ ସେମାନଙ୍କୁ ପଥର ଫିଙ୍ଗାଳି ଓ ଆତଙ୍କବାଦୀ ଭାବେ ଦେଖିଆସୁଛୁ। ଜାତିସଂଘର ପର୍ଯ୍ୟବେକ୍ଷଣ ଓ ନିଷ୍ପତ୍ତି ପରେ, ବିଶ୍ୱସମୁଦାୟ କଶ୍ମୀର ପ୍ରସଙ୍ଗରେ ସ୍ପୃହା ରଖିନାହାନ୍ତି। ଭାରତ ତା'ର ଆଭ୍ୟନ୍ତରୀଣ ବ୍ୟାପାରରେ କ'ଣ ପଦକ୍ଷେପ ନେଲା, ତାହା ଉପରେ ବିଶ୍ୱସମୁଦାୟ ଉଦ୍‌ବେଗ ପ୍ରକାଶ କରୁନାହିଁ। ଅଧିକାଂଶ ସୁରକ୍ଷା ପରିଷଦ ସଦସ୍ୟଙ୍କ ସହ ଭାରତର ସୁସମ୍ପର୍କ ରହିଛି ଏବଂ ଏହା ଆଉ ରୁଷିଆର ଭିଟୋ ଉପରେ ନିର୍ଭର କରୁନାହିଁ। ଆମର କର୍ଫ୍ୟୁ ଓ କଶ୍ମୀରରେ ଯୋଗଯୋଗ ବିଚ୍ଛିନ୍ନ ହେବା ନେଇ ବିଶ୍ୱ କିଛି ପ୍ରତିକ୍ରିୟା ପ୍ରକାଶ କରିବ ନାହିଁ କାରଣ ସେମାନେ ତିନି ଦଶନ୍ଧି ଧରି ଏହାକୁ ଉପେକ୍ଷା କରି ଆସିଛନ୍ତି।

ଶେଷରେ ଆତଙ୍କବାଦୀ ହିଂସା ବୋଲି ଯାହା କୁହାଯାଉଛି ତାହା ଦେଶର ତିନୋଟି ଅଞ୍ଚଳରେ ସୀମିତ: ଉତ୍ତରପୂର୍ବାଞ୍ଚଳ, ମାଓବାଦୀପୀଡ଼ିତ ଆଦିବାସୀ ଅଞ୍ଚଳ ଏବଂ କଶ୍ମୀର। ସାମ୍ପ୍ରଦାୟିକ ହିଂସା ଓ ପ୍ରତିହିଂସା ଦେଶର ଅବଶିଷ୍ଟ ଅଞ୍ଚଳରେ ଘଟୁଛି, ଯାହା ମୁଖ୍ୟତଃ ୧୯୯୨ରୁ ୨୦୦୨ ମଧ୍ୟରେ ଘଟିଥିଲା। ଏସବୁ ପ୍ରସଙ୍ଗଭିତ୍ତିକ। କିନ୍ତୁ ଏସବୁ ହିଂସାର ମୂଳ କାରଣ କ'ଣ ତା' ଉପରେ ଆମ ସୁରକ୍ଷା ବିଶେଷଜ୍ଞମାନେ ବିଶେଷ ଚିନ୍ତା କରିନାହାନ୍ତି। ଏ ହିଂସା କିପରି ନ ଘଟିବ ସେ ବିଷୟରେ ଚିନ୍ତା କରାଯିବା ଉଚିତ। ତେବେ ୩୭୦ ଧାରା ଉଚ୍ଛେଦ ନେଇ ଯାହା କୁହାଯାଉଛି ତାହା ସକାରାତ୍ମକ, ଯଦିଚ ଏଥିପ୍ରତି ଉତ୍ସାହ ସମ୍ଭବତଃ ମଉଳିଗଲାଣି। ଏହା ଉପରେ କଶ୍ମୀରବାସୀଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଆମେ ଜାଣିପାରିବା ଆମ କାର୍ଯ୍ୟାନୁଷ୍ଠାନର ପରିଣାମ କ'ଣ ଏବଂ ଯଥାସମୟରେ ଏହାର ପୂର୍ଣ୍ଣ ଅର୍ଥ ପ୍ରକାଶ ପାଇବ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅଗଷ୍ଟ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନକୁ ୩୮ଟି ଏଫ୍–୧୬ ଲଢୁଆ ବିମାନ ଯୋଗାଣକୁ ବାତିଲ କଲା।
- ଜମ୍ମୁ–କଶ୍ମୀରରେ ଆଉ ୬ ମାସ ପାଇଁ ରାଷ୍ଟ୍ରପତି ଶାସନ ମିଆଦ ବୃଦ୍ଧି କରିବା ସକାଶେ ଏକ ପ୍ରସ୍ତାବ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | | | | | | | E |
| A | | | | | | | B | 8 | C | 0 | | 2 | | D |
| | 8 | | | 2 | | | A | | 3 | | | | 1 | |
| B | 5 | | | | 8 | | | | | 7 | | | | C |
| D | E | 9 | 0 | | 6 | | | | | 8 | | 7 | | 5 |
| | B | | | 0 | | | | | | 4 | A | | 2 | 1 |
| 6 | | | | | D | | 9 | | | | | | | |
| | | | | | C | | | | 5 | B | 0 | D | | |
| | 4 | | 9 | A | E | | 1 | | | | | 5 | 0 | |
| 0 | | | 3 | 5 | | C | 6 | | 8 | D | 2 | 4 | 9 | |
| | 9 | | | D | | 7 | | 1 | | E | | | | |
| | 3 | | A | C | | | | | | | | B | E | 0 |
| | | | | | | | | 4 | | 3 | | | | |
| | | | 5 | | | 6 | | | 0 | | 9 | | | |
| | 0 | 4 | B | 3 | | | | C | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | B | 7 | D | 8 | 3 | C | 5 | 9 | 6 | E | A | 4 | 2 |
| 7 | 6 | E | 5 | 2 | C | 4 | B | 9 | A | 0 | 1 | D | 8 | 3 |
| 9 | C | 8 | B | 4 | E | 1 | A | 0 | 3 | 2 | D | 7 | 5 | 6 |
| D | 5 | A | 6 | 9 | 3 | 2 | 8 | E | 7 | B | 4 | 1 | 0 | C |
| 2 | 4 | 3 | 0 | 1 | A | 7 | 6 | D | C | 5 | 8 | 9 | B | E |
| 5 | 3 | 9 | 1 | A | 7 | B | 4 | 2 | 6 | 8 | C | 0 | E | D |
| 1 | D | 0 | 8 | C | 6 | 5 | E | 7 | 4 | A | B | 3 | 2 | 9 |
| C | 8 | 7 | D | E | 2 | 0 | 3 | A | 1 | 9 | 5 | B | 6 | 4 |
| A | E | 4 | 3 | B | 5 | C | 9 | 6 | 2 | D | 0 | 8 | 1 | 7 |
| 6 | B | 2 | 4 | 0 | 9 | D | 1 | 8 | E | 3 | 7 | C | A | 5 |
| 4 | 2 | D | 9 | 3 | 0 | E | 5 | 1 | B | 7 | A | 6 | C | 8 |
| 8 | A | 6 | E | 5 | B | 9 | 2 | C | D | 1 | 3 | 4 | 7 | 0 |
| 3 | 7 | C | A | 8 | 1 | 6 | D | 4 | 0 | E | 2 | 5 | 9 | B |
| E | 9 | 5 | C | 7 | D | A | 0 | B | 8 | 4 | 6 | 2 | 3 | 1 |
| B | 0 | 1 | 2 | 6 | 4 | 8 | 7 | 3 | 5 | C | 9 | E | D | A |

ଗତକାଲି ପ୍ରକାଶିତ ଉତ୍ତର

# ପଣ୍ଡିତେ ଖୁସି ତ



ପ୍ରକାଶ ତ୍ରିପାଠୀ

କେନ୍ଦ୍ର ସରକାରଙ୍କ ଐତିହାସିକ ନିଷ୍ପତ୍ତିକ୍ରମେ ସମ୍ବିଧାନର ଏକ ସମ୍ବେଦନଶୀଳ ଧାରା ୩୭୦କୁ ହଟାଇ ଦିଆଯାଇଛି। ସାରା ଦେଶରେ ଏହାକୁ ବିପୁଳ ଜନସମର୍ଥନ ମିଳିବା ସହ ଭାରତର ଭୂସ୍ୱର୍ଗ କୁହାଯାଉଥିବା କଶ୍ମୀର ଏଣିକି ଆତଙ୍କବାଦ କାର୍ଯ୍ୟକଳାପରୁ ମୁକ୍ତ ହେବ ଓ ଏଠାରେ ବିକାଶର ଚିତ୍ର ଦେଖିବାକୁ ମିଳିବ ବୋଲି ସାଧାରଣରେ ଆଶା ସଂଚାର ହୋଇଛି। ସ୍ୱାଧୀନତା ପରଠାରୁ ଜମ୍ମୁ–କଶ୍ମୀରକୁ ଏହି ୩୭୦ ଧାରା ମାଧ୍ୟମରେ ମିଳୁଥିବା କିଛି ସ୍ୱତନ୍ତ୍ର ଅଧିକାର ଉଚ୍ଛେଦ ହେବା ପରେ ଏଣିକି ଭାରତର ଅନ୍ୟାନ୍ୟ ରାଜ୍ୟ ସହ ଏହା ସମାନ ହୋଇପାରିବ। ଯେପରି କି ଜମ୍ମୁ–କଶ୍ମୀରରେ ଆଉ ସ୍ୱତନ୍ତ୍ର ସମ୍ବିଧାନ ରହିବ ନାହିଁ। ଭାରତୀୟ ସମ୍ବିଧାନର ସମସ୍ତ ସୁବିଧା ସୁଯୋଗ ଏଠାକାର ନାଗରିକଙ୍କୁ ମିଳିବ। ଜମ୍ମୁ–କଶ୍ମୀରରେ ଥିବା ପୃଥକ୍ ପତାକା ରହିବ ନାହିଁ। ଭାରତର ଜାତୀୟ ପତାକା ଏଠାରେ ଏଣିକି ଉଡ଼ିବ। ଭାରତର ଯେକୌଣସି ନାଗରିକ ଏଠାରେ ଭୋଟର ତାଲିକାରେ ନାମ ଯୋଡି ଭୋଟ ଦେଇପାରିବେ। ଜମ୍ମୁ–କଶ୍ମୀରର ବିଧାନସଭା କାର୍ଯ୍ୟକାଳ ପୂର୍ବରୁ ଥିବା ୬ ବର୍ଷ ପରିବର୍ତ୍ତେ ୫ ବର୍ଷ ରହିବ। ଏଠାରେ ଆଉ ପୂର୍ବ ପରି ଦୋହରା ନାଗରିକତ୍ୱ ରହିବ ନାହିଁ। ଭାରତୀୟ ନାଗରିକ ଭାବେ ସେମାନେ ପରିଚିତ ହେବେ। ଯେ କୌଣସି ଭାରତୀୟ ଏଠାରେ ଜମିକ୍ରୟ କରିପାରିବେ। ନାଗରିକତ୍ୱ କଟିଯିବା ଭୟରେ ଜମ୍ମୁ–କଶ୍ମୀରର କନ୍ୟାମାନେ ଭାରତର ଯେ କୌଣସି ଅଞ୍ଚଳର ପୁରୁଷଙ୍କୁ ବିବାହ କରିବାକୁ ଆଉ ଡରିବେ ନାହିଁ। ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଏବେ ଏଠାରେ ଲାଗୁ ହୋଇପାରିବ। ଧାରା ୩୭୦ ଓ ୩୫(କ) ଉଚ୍ଛେଦ ହେବା ଦ୍ୱାରା ଭାରତର ମୂଳମନ୍ତ୍ର ଏକତା ଓ ଅଖଣ୍ଡତା ଅଧିକ ମଜଭୁତ ହୋଇପାରିବ ବୋଲି ଦେଶରେ ଏକ ଦୃଢ଼ ଧାରଣା ସୃଷ୍ଟି ହୋଇଛି ଓ ସମସ୍ତେ ଏଥିପାଇଁ ଖୁସି ମନାଉଛନ୍ତି।

ତେବେ ଜମ୍ମୁ–କଶ୍ମୀରର ମୂଳ ଅଧିବାସୀ ଓ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ନିର୍ଯ୍ୟାତିତ ହୋଇଥିବା କଶ୍ମୀର ପଣ୍ଡିତମାନେ ଏହାଦ୍ୱାରା ଖୁସି ତ?

କଶ୍ମୀର ପଣ୍ଡିତ ହେଉଛନ୍ତି ଅତି ପୁରାତନ ସାରସ୍ୱତ ବ୍ରାହ୍ମଣ ଗୋଷ୍ଠୀର, ଯେଉଁମାନେ କି ପଞ୍ଚଗୌଡ ବ୍ରାହ୍ମଣ ଭାବେ ପରିଚିତ। ଦୀର୍ଘ ୫ ହଜାର ବର୍ଷ ପୂର୍ବରୁ ସେମାନେ ଏଠାରେ ବସତି ସ୍ଥାପନ କରି ରହୁଥିବା କୁହାଯାଏ। ମୁସଲିମ ଅନୁପ୍ରବେଶ ପୂର୍ବରୁ ଏହିମାନେ ହିଁ କଶ୍ମୀରର ମୂଳ ଅଧିବାସୀ ଭାବେ ପରିଚିତ। କୁହାଯାଏ କଶ୍ମୀର ଶବ୍ଦଟି ମହର୍ଷି କଶ୍ୟପଙ୍କ ନାମରୁ ସୃଷ୍ଟି। ବ୍ରହ୍ମାଙ୍କ ପୁତ୍ର ତଥା ସପ୍ତଋଷିଙ୍କ ମଧ୍ୟରେ ଅନ୍ୟତମ ମହର୍ଷି କଶ୍ୟପ ହିମାଳୟ ଓ ପିର ପଞ୍ଜାଲ ପର୍ବତମାଳା ମଧ୍ୟରେ ଅବସ୍ଥିତ ଏକ ହ୍ରଦକୁ ଶୁଷ୍କ କରି ସେଠାରେ ଅପରୂପ ପ୍ରାକୃତିକ ଶୋଭାରେ ବିମଣ୍ଡିତ ଉପତ୍ୟକା ସୃଷ୍ଟି କରିଥିଲେ, ଯାହାର ନାମ କଶ୍ମୀର ରଖାଯାଇଥିଲା। ଏଠାରେ କ୍ରମେ କଶ୍ମୀର ପଣ୍ଡିତମାନେ ସ୍ଥାୟୀ ବସବାସ ଆରମ୍ଭ କରିଥିଲେ, ଯେଉଁମାନେ କି ଶାନ୍ତି, ମୈତ୍ରୀ, ଏକତା, ସହନଶୀଳତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରି ଆସିଥିଲେ। ପ୍ରଥମତଃ କଶ୍ମୀର ପଣ୍ଡିତମାନେ ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣ ଥିଲେ ହେଁ ଅଶୋକଙ୍କ ସମୟରେ ବୌଦ୍ଧଧର୍ମର ଗୁରୁତ୍ୱ କିଛି ଅଞ୍ଚଳରେ ବୃଦ୍ଧି ପାଇଥିଲା। ତ୍ରୟୋଦଶ ଶତାବ୍ଦୀରେ ଏଠାରେ ଇସଲାମ ଧର୍ମର ପ୍ରବେଶ ହୋଇଥିଲା ଓ କାଳକ୍ରମେ ମୋଗଲ ଓ ଆଫଗାନ ରାଜୁତି ସମୟରେ ଧର୍ମାନ୍ତରିତ ହେବା ଯୋଗୁ ଏମାନଙ୍କ ସଂଖ୍ୟା କମିବାକୁ ଲାଗିଲା।

ଆକବରଙ୍କ ସମୟରେ କଶ୍ମୀର ପଣ୍ଡିତମାନଙ୍କ ପାରଦର୍ଶିତା ଓ ପାଣ୍ଡିତ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ନିର୍ଯାତନାର କାରଣ ସାଜିଥିଲା। ଜୋରଜବରଦସ୍ତ ସେମାନଙ୍କୁ ଇସଲାମ ଧର୍ମରେ ଦୀକ୍ଷିତ କରାଯାଉଥିଲା। ସମୟ ଥିଲା ମିର୍ଜା, ଧର, ଭଟ୍ଟ, କୌଲ, ଆଖୁନ, ଚାକୁ, ଦୁରାନି, କ୍ରାଟୁ, ଡ୍ରାବୁ, କାଲୁ, କାନ୍ନା, ଖେର, ଖୁଦା, କିଚଲୁ, ମୁନସି, ମଟମା, ପୋଦାର, ରାଇନା ଭଳି ସାଙ୍ଗିଆ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ବହନକରି ଭାଇଚାରାର ଶ୍ରେଷ୍ଠ ନିଦର୍ଶନ ରଖିଥିଲା ବେଳେ ପରବର୍ତ୍ତୀ ସମୟରେ ମୌଳବାଦୀ ତଥା ବିଚ୍ଛିନ୍ନତାବାଦୀ ମୁସଲିମ ଗୋଷ୍ଠୀଙ୍କ ପାଇଁ କଶ୍ମୀର ପଣ୍ଡିତମାନେ ନିଜ ଘରୁ ବେଘର ହେବାକୁ ଲାଗିଲେ। ୧୯୨୫ ମସିହାରେ ପୁନର୍ବାର ହିନ୍ଦୁରାଜା ହରିସିଂ ଜମ୍ମୁ–କଶ୍ମୀରର ଶାସନଭାର ହାତକୁ ନେଲେ। ଦେଶ ବିଭାଜନ ସମୟରେ କିଛି ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଥିବାରୁ ସେମାନେ ନିଜ ଇଚ୍ଛାନୁସାରେ ଭାରତ, ପାକିସ୍ତାନ ଅଥବା ସ୍ୱତନ୍ତ୍ର ରହିବାର ସ୍ୱାଧୀନତା ଦିଆଯିବାରୁ ହରି ସିଂ ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ରଖିବାକୁ ନିଷ୍ପତ୍ତି ନେଲେ। ମାତ୍ର ଭାରତ ସ୍ୱାଧୀନତା ପାଇବାର ତିନିମାସ ନ ପୂରୁଣୁ କଶ୍ମୀର ଦଖଲ କରିନେବାକୁ ପାକିସ୍ତାନ ଆକ୍ରମଣ ଆରମ୍ଭ କରିଦେଲା। ରାଜା ହରି ସିଂ ଭାରତର ସହାୟତା ଲୋଡିଲେ।

ଭାରତୀୟ ସେନାଙ୍କ ପ୍ରତିଆକ୍ରମଣରେ ପାକିସ୍ତାନ ପରାସ୍ତ ହେଲା ଓ ଜମ୍ମୁ–କଶ୍ମୀରକୁ ଭାରତ ସହ ଯୋଡି ଦିଆଗଲା କିଛି ଅସ୍ଥାୟୀ ରାଜିନାମାକୁ ଭିତ୍ତିକରି। ଏହି ଅସ୍ଥାୟୀ ଚୁକ୍ତିରେ ଜମ୍ମୁ–କଶ୍ମୀରରେ ଏକ ସ୍ୱତନ୍ତ୍ର ସମ୍ବିଧାନ ରହିବାର ପ୍ରାବଧାନ ଥିଲା, ଯାହାକି ଭାରତୀୟ ସମ୍ବିଧାନର ଧାରା ୩୭୦ରେ ସୁରକ୍ଷିତ ରଖାଗଲା। କଶ୍ମୀରର ସ୍ୱତନ୍ତ୍ର ଜାତୀୟ ପତାକା ସହ ଅନେକ ସ୍ୱତନ୍ତ୍ର ଅଧିକାର ମଧ୍ୟ ଦିଆଗଲା। ସାତ ଦଶନ୍ଧି ଧରି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ମଧ୍ୟ ସେଠାରେ ଭାରତୀୟତା ଦେଖିବାକୁ ମିଳୁ ନ ଥିଲା। ଭାରତ ସରକାରଙ୍କ ଉଦାରତାର ଫାଇଦା ଉଠାଇ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଓ ମୌଳବାଦୀଙ୍କ ତାଡ଼ନାରେ ଜର୍ଜରିତ ହୋଇଥିଲେ ଏଠାକାର ମୂଳବାସିନ୍ଦା କଶ୍ମୀର ପଣ୍ଡିତ ଗୋଷ୍ଠୀ। ୧୯୯୦ ମସିହା ଜାନୁୟାରୀ ୧୯ ତାରିଖ ରାତ୍ରି କଥା ମନେପଡିଲେ କଶ୍ମୀର ପଣ୍ଡିତଙ୍କ ଲୋମ ଏବେ ବି ଟାଙ୍କୁରି ଉଠେ। ସେଦିନ ସନ୍ଧ୍ୟାରେ ଲାଉଡ ସ୍ପିକରରେ ସମଗ୍ର ଉପତ୍ୟକାରେ ପ୍ରଚାର କରାଯାଇଥିଲା ରାଲିଭ, ସାଲିଭ, ୟା ଗାଲିଭ। ଅର୍ଥାତ୍ ଧର୍ମାନ୍ତରିତ ହୁଅ। ନ ହେଲେ ଛାଡି ଚାଲିଯାଅ ନତୁବା ମୃତ୍ୟୁବରଣ କର। କଶ୍ମୀରରେ ରହୁଥିବା ଅଣମୁସଲିମ ବିଶେଷକରି ପ୍ରତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କଶ୍ମୀର ପଣ୍ଡିତ ଗୋଷ୍ଠୀଙ୍କ ପ୍ରତି ଏହା ଥିଲା ବିଚ୍ଛିନ୍ନତାବାଦୀଙ୍କ ଚରମବାଣୀ। ସମୟସୀମା ଭିତରେ ବିଚ୍ଛିନ୍ନତାବାଦୀଙ୍କ ନିର୍ଦ୍ଦେଶକୁ ମାନି ନ ଥିବା କଶ୍ମୀର ପଣ୍ଡିତଙ୍କ ପରିବାର ଉପରେ ଆରମ୍ଭ ହୋଇଥିଲା ଅକଥନୀୟ ଅତ୍ୟାଚାର। ମାତ୍ର ଏକ ସପ୍ତାହ ମଧ୍ୟରେ ୩୧୯ ଜଣ ପଣ୍ଡିତଙ୍କୁ ହତ୍ୟା କରାଗଲା। ଝିଅ–ବୋହୂମାନଙ୍କୁ ଅପହରଣ ଓ ବଳାତ୍କାର କରାଗଲା। ସେମାନଙ୍କ ଝିଅପୁଅମାନଙ୍କୁ ଶିକ୍ଷାନୁଷ୍ଠାନଗୁଡିକୁ ପ୍ରବେଶ କରିବାକୁ ବାରଣ କରାଗଲା। ବାଧ୍ୟ ହୋଇ ପ୍ରାୟ ୬୦ ହଜାର ପରିବାର ଜୀବନ ବଞ୍ଚାଇବା ଲକ୍ଷ୍ୟରେ ହଜାର ହଜାର ବର୍ଷର ନିଜ ଭିଟାମାଟି ଛାଡିଥିଲେ। ପଣ୍ଡିତ ପରିବାର ଯେପରି ପୁନର୍ବାର କଶ୍ମୀର ଉପତ୍ୟକାକୁ ନ ଫେରନ୍ତି, ସେଥିପାଇଁ ସେମାନଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ପୋଡି ଦିଆଗଲା। ସେମାନଙ୍କ ସମ୍ପତ୍ତିକୁ ଜବରଦଖଲ କରିନିଆଗଲା ଓ ସେମାନଙ୍କ ଧର୍ମପୀଠଗୁଡ଼ିକୁ ଭାଙ୍ଗିଦିଆଗଲା।

ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ନିର୍ଭୟରେ ବଞ୍ଚିବାର ମୌଳିକ ସୁବିଧା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥିଲେ ହେଁ କଶ୍ମୀର ପଣ୍ଡିତମାନଙ୍କ କ୍ଷେତ୍ରରେ ତାହା ସମ୍ଭବ ହୋଇପାରିନାହିଁ। ଏବେ ବି ହଜାର ହଜାର ପଣ୍ଡିତ ପରିବାର ବିଭିନ୍ନ ଆଶ୍ରୟସ୍ଥଳରେ ଭୀତତ୍ରସ୍ତ ହୋଇ ଜୀବନ ବିତାଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ ଅନେକ କଲ୍ୟାଣମୂଳକ ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ ସେମାନଙ୍କଠାରେ ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ସକ୍ଷମ ହୋଇପାରି ନାହାନ୍ତି। ବିଚ୍ଛିନ୍ନତାବାଦୀଙ୍କ ପରାକ୍ରମ ଅବ୍ୟାହତ ଥିବାରୁ ନିଜ ଭିଟାମାଟିକୁ ଫେରିଯିବାକୁ ସେମାନେ ସାହସ ଜୁଟାଇ ପାରିନାହାନ୍ତି। ବର୍ତ୍ତମାନ ୩୭୦ ଧାରାକୁ ଉଠାଇ ଜମ୍ମୁ–କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା, ଉଭୟକ୍ଷେତ୍ରକୁ ଭୟ ଓ ଅଶାନ୍ତିର ବାତାବରଣରୁ ମୁକ୍ତ ରଖିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ଯାହାକି ସ୍ୱାଗତଯୋଗ୍ୟ। ମାତ୍ର ଏହି ମୂଳ ଅଧିବାସୀ କଶ୍ମୀର ପଣ୍ଡିତ ପରିବାର ଯେ ପର୍ଯ୍ୟନ୍ତ ନିଜ ଜନ୍ମସ୍ଥାନକୁ ଫେରି ହରାଇଥିବା ସମ୍ପତ୍ତିକୁ ଫେରି ନ ପାଇଛନ୍ତି ସେ ପର୍ଯ୍ୟନ୍ତ ଏହି ଧାରା ୩୭୦ ଓ ୩୫(କ) ଉଚ୍ଛେଦର ସୁଫଳ ସେମାନଙ୍କ ପାଇଁ ମୂଲ୍ୟହୀନ ରହିବ। ସେମାନେ ଖୁସି ହେବେ ସେହିଦିନ, ଯେଉଁଦିନ ନିର୍ଭୟରେ ନିଜ ଜନ୍ମମାଟିରେ ସମ୍ମାନର ସହ ସେମାନେ ବଞ୍ଚି ପାରିବେ।

ମୋ–୯୪୩୭୨୩୨୪୬୩

# 'ମହାନଟି'ର ସାବିତ୍ରୀ

## ବ୍ୟକ୍ତିତ୍ୱ



କୀର୍ତ୍ତି ସୁରେଶ

୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର–୨୦୧୮ ଘୋଷଣା କରାଯାଇଛି। 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍', 'ଅନ୍ଧାଧୁନ୍', 'ପଦ୍ମାବତ୍', 'ବଧାଇ ହୋ' ଆଦି ହିନ୍ଦୀ ସିନେମା ପୁରସ୍କାର ଲାଗି ଚୟନ କରାଯାଇଛି। ଅନ୍ଧାଧୁନ୍ ଲାଗି ଆୟୁଷ୍ମାନ୍ ଖୁରାନା ଓ ଉରି ସକାଶେ ଭିକି କୌଶଲ ଶ୍ରେଷ୍ଠ ଅଭିନେତା ଭାବେ ବଛାଯାଇଥିବା ବେଳେ ତେଲୁଗୁ ଓ ତାମିଲ ଭାଷାର ଦ୍ୱିଭାଷୀ ଚଳଚ୍ଚିତ୍ର 'ମହାନଟି' ଲାଗି ମାଲାୟଲୀ ଅଭିନେତ୍ରୀ କୀର୍ତ୍ତି ସୁରେଶ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। କୀର୍ତ୍ତି 'ମହାନଟି'ରେ ଅଭିନେତ୍ରୀ ସାବିତ୍ରୀ ଚରିତ୍ରରେ ନିଖୁଣ ଅଭିନୟ କରି ଲୋକପ୍ରିୟତା ଅର୍ଜନ ସହ ଜାତୀୟ ପୁରସ୍କାର ପାଇବାକୁ ଯାଉଥିବାରୁ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

କୀର୍ତ୍ତି ୧୭ ଅକ୍ଟୋବର ୧୯୯୨ରେ ମାଲାୟାଲମ ଫିଲ୍ମ ପ୍ରଯୋଜକ ସୁରେଶ କୁମାର ଓ ତାମିଲ ଅଭିନେତ୍ରୀ ମାନେକାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ବଡ଼ ଭଉଣୀ ରେବତୀ ସୁରେଶ ସିନେମାରେ ଭିଜୁଆଲ ଆର୍ଟିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଶାହରୁଖ୍ ଖାନ୍‌ଙ୍କ ପ୍ରଯୋଜନା ସଂସ୍ଥା 'ରେଡ୍ ଚିଲିଜ୍' ଲାଗି ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଏକ କଳାକାର ପରିବାରରେ ଜନ୍ମଗ୍ରହଣ କରିଥିବାରୁ ପିଲାଟି ବେଳୁ କୀର୍ତ୍ତି ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ। ତାଙ୍କ ସ୍କୁଲ ଜୀବନ ତାମିଲନାଡୁର ଚେନ୍ନାଇଠାରେ ଆରମ୍ଭ ହୋଇଥିଲା ଓ ସେହିଠାରେ ସେ ଚତୁର୍ଥ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ଏହା ପରେ କୀର୍ତ୍ତି କେରଳ ଥିରୁଭାନନ୍ତପୁରମ୍‌ର ପାଟୋମ୍‌ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଫେଶନ ଡିଜାଇନିଂ ପଢ଼ିବା ଲାଗି ସେ ପୁନଶ୍ଚ ଚେନ୍ନାଇ ଫେରିଆସି ପର୍ଲ ଏକାଡେମୀରେ ନାମ ଲେଖାଇଥିଲେ। ସେଠାରୁ ଫେଶନ ଡିଜାଇନିଂରେ ଡିଗ୍ରୀ ଅର୍ଜନ କରିବା ପରେ କୀର୍ତ୍ତି ଲଣ୍ଡନଠାରେ ଦୁଇ ମାସ ଇର୍ଣ୍ଟର୍ନଶିପ୍ ଏବଂ ସ୍କଟଲାଣ୍ଡରେ ୪ ମାସିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହେଲେ ଅଭିନୟ ପ୍ରତି କୀର୍ତ୍ତିଙ୍କ ଆକର୍ଷଣ ତାଙ୍କୁ ପରିଚିତି ଆଣିଦେଇଛି। ତାଙ୍କ ଫିଲ୍ମ କ୍ୟାରିୟର ଦେଖିଲେ ସେ ମାଲାୟଲୀ, ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ନିଜର ପ୍ରଭାବ ଜାରି ରଖିଛନ୍ତି। ୨୦୦୦ ମସିହାରେ ଶିଶୁ କଳାକାର ଭାବେ ପିତାଙ୍କ ପ୍ରଯୋଜିତ ଫିଲ୍ମ 'ପାଇଲଟ୍‌ସ'ରୁ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ସେହିପରି ପିତାଙ୍କ ଅନ୍ୟାନ୍ୟ ସିନେମା ୨୦୦୧ରେ 'ଅଚେନେୟାନେନିକିଷ୍ଟାମ୍', ୨୦୦୨ରେ 'କୁବେରାନ୍' ଏବଂ କେତେକ ଟେଲିଭିଜନ ଧାରାବାହିକରେ ସେ ଅଭିନୟ କରିଥିଲେ। ତେବେ କୁବେରାନ୍‌ର ୧୧ ବର୍ଷ ପରେ ତାଙ୍କୁ 'ଗୀତାଞ୍ଜଳି'ରେ ମୁଖ୍ୟ ଅଭିନେତ୍ରୀ ଭୂମିକା ମିଳିଥିଲା। ଏହି ସମୟରେ ସେ ପାଠ ପଢୁଥିଲେ। ସେମିଷ୍ଟର ପରୀକ୍ଷା ମଝିରେ ସେ ଶୁଟିଂ ପାଇଁ ଯାଉଥିବା ତାଙ୍କ ପକ୍ଷେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ୨୦୧୪ରେ 'ରିଙ୍ଗ୍ ମାଷ୍ଟର'ରେ ଜଣେ ଦୃଷ୍ଟିହୀନା ଭୂମିକାରେ ଅଭିନୟ କରିଥିଲେ। ସେତେବେଳେ ଏହି ରୋଲ୍ ଗୀତାଞ୍ଜଳିରେ ମିଳିଥିବା ଭୂମିକାଠାରୁ ଅଧିକ ଆହ୍ୱାନ ସୃଷ୍ଟି କରିଥିଲା। ସମୟ ତାଙ୍କୁ ସହାୟକ ହେବାରୁ 'ରିଙ୍ଗ୍ ମାଷ୍ଟର' ସୁପରହିଟ୍ ହୋଇଥିଲା ଓ ବାଣିଜ୍ୟିକ ଦୃଷ୍ଟିରୁ ସଫଳତା ପାଇଥିଲା। ଏହା ପରେ ତାଙ୍କ ଚାହିଦା ବୃଦ୍ଧି ପାଇବାରୁ ସେ ତାମିଲ ଫିଲ୍ମରେ ଅଭିନୟ ସୁଯୋଗ ପାଇଥିଲେ। ୨୦୧୫ରେ 'ଇଧୁ ଇନ୍ନା ମାୟାମ୍'ରେ କୀର୍ତ୍ତି ଲୋକପ୍ରିୟ ନାୟକ ବିକ୍ରମ ପ୍ରଭୁଙ୍କ ସହ ଅଭିନୟ କରିବା ସହ ଏକାଧିକ ତାମିଲ ଫିଲ୍ମରେ ଅଭିନୟ କରିଥିଲେ। ୨୦୧୬ରେ ସେ ତେଲୁଗୁ ଫିଲ୍ମ 'ନେନୁ ଶୈଳଜା'ରେ ପଦାର୍ପଣ କରିଥିଲେ। ୨୦୧୭ରେ 'ବୈରଭ' ଚଳଚ୍ଚିତ୍ରରେ ବିଜୟଙ୍କ ବିପକ୍ଷରେ ନାୟିକା ସାଜିଥିଲେ। ୨୦୧୮ରେ ତେଲୁଗୁ ଓ ତାମିଲ ଦ୍ୱିଭାଷୀ ସିନେମା 'ମହାନଟି'ରେ ଦକ୍ଷିଣ ଭାରତର ଲୋକପ୍ରିୟ ଅଭିନେତ୍ରୀ ସ୍ୱର୍ଗତା ସାବିତ୍ରୀଙ୍କ ଜୀବନୀ ଉପରେ ଆଧାରିତ ଚରିତ୍ରରେ ଅଭିନୟ କରି ସେ ପ୍ରଶଂସା ସାଉଁଟିଥିଲେ। ଫଳସ୍ୱରୂପ ତାହା ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବା ଲାଗି ସହାୟକ ହୋଇପାରିଛି।

ନିକଟରେ ମୁକ୍ତିଲାଭ କରିଥିବା 'ସମୟ ୨', 'ଦି ସିକୁଏଲ୍ ଅଫ୍ ସମୟ', 'ସାଣ୍ଡାକୋଝି'ରେ କୀର୍ତ୍ତିଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଛି ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ୨୦୧୯ରେ ମାଲାୟଲୀ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିବା ଲାଗି ତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିଛି। ଏପରି କି ଦକ୍ଷିଣ ଭାରତର ଅନ୍ୟତମ ସୁପରଷ୍ଟାର ନଗାର୍ଜୁନଙ୍କ ସହ ଅଭିନୟ କରୁଥିବାରୁ କୀର୍ତ୍ତି ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଆଞ୍ଚଳିକ ଫିଲ୍ମରେ ନିଖୁଣ ଅଭିନୟ କରି ବିଚାରକମଣ୍ଡଳୀଙ୍କ ମନ ଜିଣି ପାରିଥିବାରୁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ମିଳିପାରିଛି ବୋଲି କୁହାଯାଉଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ତ୍ତମାନ ଜମ୍ମୁ–କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଛି। ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ସିଆର୍‌ପିଏଫ୍ ପୋଲିସ ମୁତୟନ ଅଛନ୍ତି। କଶ୍ମୀର ଅଧିବାସୀଙ୍କ ମନରେ ବର୍ତ୍ତମାନ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଏଠିକାର ଜଣେ ଶିଶୁ ସିଆର୍‌ପିଏଫ୍ ଯବାନଙ୍କ ସହିତ ହାତ ମିଳାଇ ସମସ୍ତଙ୍କ ହୃଦୟ ଜିଣିପାରିଛନ୍ତି। ଏହି କଶ୍ମୀରୀ ଶିଶୁ ସିଆର୍‌ପିଏଫ୍‌ର ଜଣେ ମହିଳା ଯବାନଙ୍କ ସହିତ ହାତ ମିଳାଇବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶର ବିଭିନ୍ନ ଭାଗରୁ ପ୍ରଶଂସାର ସୁଅ ଛୁଟିଛି। ଉକ୍ତ ଫଟୋକୁ ହଜାର ହଜାର ଟୁଇଟର ବ୍ୟବହାରକାରୀ ଲାଇକ୍ କରିବା ସହିତ ୭୦୦ରୁ ଅଧିକ ଥର ରିଟୁଇଟ୍ କରାଯାଇଛି। ଅନେକ ଟୁଇଟର ବ୍ୟବହାରକାରୀ ଏହି ମନୋମୋହକର ଫଟୋଗ୍ରାଫ୍‌କୁ ପ୍ରଶଂସା କରିଛନ୍ତି। ଜଣେ ଟୁଇଟର ବ୍ୟବହାରକାରୀ ଲେଖିଛନ୍ତି, 'ଏହା ହେଉଛି ବାସ୍ତବ ଭାରତ। ଆମେ ଏହି ଭାବାବେଗକୁ ଅଭିବାଦନ ଜଣାଉଛୁ। ସମୟ ଅନୁସାରେ କଶ୍ମୀରରେ ଆବଶ୍ୟକ ପରିବର୍ତ୍ତନ ଘଟିବ।' ଆଉଜଣେ ୟୁଜର ଏଥିପାଇଁ ସିଆର୍‌ପିଏଫ୍‌କୁ ପ୍ରଶଂସା କରି ଲେଖିଛନ୍ତି, 'ଏହି ସ୍ମୃତି ଆମ ମାନସପଟରେ ଚିର ଅଭୁଲା ରହିବ'। ଶିଶୁଟି ମହିଳା ଯବାନଙ୍କୁ ସାଲ୍ୟୁଟ କରୁଥିବାର ଆଉ ଏକ ଫଟୋକୁ ସିଆର୍‌ପିଏଫ୍ ଇଣ୍ଡିଆ ପକ୍ଷରୁ ଶେୟାର କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନୂତନ, ବିକଶିତ ଓ ସମୃଦ୍ଧ ଜମ୍ମୁ–କଶ୍ମୀର ଗଠନ ପାଇଁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ–ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି? (ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଦ ବନାମ ମହିଳା

ମହାଶୟ,

ଧରିତ୍ରୀ (୧୫।୭) ସମ୍ପାଦକୀୟ 'ଅଧିକ ମଦ ପିଆଇବେ' ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ ଅନୁଯାୟୀ ରାଜ୍ୟରେ ଅଧିକ ମଦ ବିକ୍ରି ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି କୁହାଯାଇଛି। ଯେଉଁ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ଠାରୁ ଅଧିକ କୋଟା ଉଠାଇଛନ୍ତି, ସେମାନଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ହେବା ଉଚିତ। ଏହାଦ୍ୱାରା ଋଣଗ୍ରସ୍ତ ରାଜ୍ୟ ସରକାରଙ୍କ ଅବକାରୀ ରାଜସ୍ୱ ବୃଦ୍ଧି ପାଇବା ସହ ରାଜକୋଷ ପୂର୍ଣ୍ଣହେବ। ମାତ୍ର ଆଉ ସବୁ ଶୂନ ହୋଇଯିବ। ପରିବାର, ମହିଳାଙ୍କ ଭାଗ୍ୟ, ପିଲାମାନଙ୍କ ଭବିଷ୍ୟତ ଆଦି ମଦୁଆ ଅଭିଭାବକଙ୍କ ଯୋଗୁ ବିପର୍ଯ୍ୟସ୍ତ। ମଦ ରାଜସ୍ୱ ବୃଦ୍ଧି ମାନସିକତା ରାଜ୍ୟ ସରକାର ପରିହାର କରିବା ଉଚିତ। ବିହାର ସରକାରଙ୍କୁ ଆମ ରାଜ୍ୟ ସରକାର ଅନୁସରଣ କରିବେ କେବେ?

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିଦ୍ୟାଳୟ ମିଶ୍ରଣକୁ ବିରୋଧ

ନେତାମାନେ କେବଳ ଭୋଟ ହାତେଇବା ପାଇଁ ପ୍ରତି ଗ୍ରାମ, ଏପରି କି ପ୍ରତି ପଡ଼ାରେ ସ୍କୁଲମାନ ଖୋଲିଚାଲିଲେ। ସ୍ଥଳବିଶେଷରେ ଖୁବ୍ କମ୍ ସଂଖ୍ୟାର ଲୋକ ଥିବା ଗ୍ରାମଗୁଡ଼ିକରେ ମଧ୍ୟ ସ୍କୁଲ ଖୋଲାହେଲା। ପ୍ରଥମରୁ ହିଁ ସେଠାରେ ଛାତ୍ରସଂଖ୍ୟା କମ୍। ସ୍କୁଲ ଗୃହଗୁଡ଼ିକ ଏକତାଲା ପରେ ଦୋତାଲା ବି କରାଗଲା। ପିଲା ନ ଥାନ୍ତୁ ପଛେ, ଦୁଇ ତିନିଜଣ ଶିକ୍ଷକ ନିଯୁକ୍ତ କରାଗଲା। ସେଥିରେ ପାଚିକା ଓ ସହାୟିକା ମଧ୍ୟ ରହିଲେ। କେବଳ ରାଜନୀତୀକରଣ ପାଇଁ ଛାତ୍ରୀଛାତ୍ର ନ ଥିବା ଜାଗାରୁ ଶିକ୍ଷକମାନଙ୍କୁ କଢ଼ାଗଲା ନାହିଁ। ଶିକ୍ଷାର ଉନ୍ନତି ପାଇଁ ଧ୍ୟାନ ଦିଆଗଲା ନାହିଁ। ସରକାରୀ ବିଦ୍ୟାଳୟରେ ପାଠପଢ଼ା ହେଉ ନ ଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ନେଇ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏବେ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ବନ୍ଦକରି ଅନ୍ୟତ୍ର ଯିବାକୁ ଅଭିଭାବକମାନେ ସହିବେ ତ! ଛତୁ ଫୁଟିଲା ଭଳି ସ୍କୁଲମାନ ଗଢ଼ି ସରକାର ଯେଉଁ ବାହାବା ନେଇଥିଲେ, ବର୍ତ୍ତମାନ ସ୍କୁଲ ବନ୍ଦ କରିବାର ଫଳ ଭୋଗିବେ ନିଶ୍ଚୟ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଅଗଷ୍ଟ ,୨୦୧୯



ଭାରତରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ନିର୍ମାଣ ଲାଗି ନିଷ୍ପତ୍ତି ବିଚାରାଧୀନ ରହିଥିବା ବାଚସ୍ପତି ଓମ୍ ବିର୍ଲା ଶନିବାର ପ୍ରକାଶ କରିଛନ୍ତି। ଏଥିଲାଗି କେତେକ ଗୋଷ୍ଠୀ ଗଠନ କରାଯାଇ ଏମ୍‌ପିଙ୍କ ସମେତ ବିଭିନ୍ନ ଲୋକଙ୍କ ମତାମତ ଗ୍ରହଣ କରାଯାଉଛି । ପାର୍ଲାମେଣ୍ଟ ଅଧିବେଶନର ଶେଷଦିନରେ ବିର୍ଲା ଏନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିର୍ଲା କହିଛନ୍ତି।



# ପିଓକେରେ ଆତଙ୍କବାଦୀ ଶିବିର ସକ୍ରିୟ

ନୂଆଦିଲ୍ଲୀ,୧୦।୮



ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ପୁଣିଥରେ ସକ୍ରିୟ ହୋଇଉଠିଛନ୍ତି। ଅନ୍ତର୍ଜାତୀୟ ସୀମାକୁ ଲାଗି ରହିଥିବା ପିଓକେରେ ୧୨ରୁ ଅଧିକ ଆତଙ୍କବାଦୀ ଶିବିରକୁ ଇସ୍‌ଲାମାବାଦ ପୁନଃସକ୍ରିୟ କରାଇଥିବା ଜଣାପଡ଼ିଛି। ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମେ ମାସକୁ ଡେଡ୍‌ଲାଇନ ଧାର୍ଯ୍ୟ କରିବା ପରେ ପିଓକେରୁ ଅଧିକାଂଶ ଆତଙ୍କବାଦୀ ଶିବିର ଶୂନ୍ୟ ହୋଇଯାଇଥିଲା। ଆତଙ୍କବାଦୀ ନେତାଙ୍କ ବିରୋଧରେ ଇସ୍‌ଲାମାବାଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ସେମାନେ ଅନ୍ୟତ୍ର ପଳାୟନ କରିଥିଲେ। ଏବେ କୋଟ୍‌ଲି, ରାୱଲକୋଟ୍, ବାଗ୍ ଏବଂ ମୁଜାଫରାବାଦରେ ଆତଙ୍କବାଦୀମାନଙ୍କୁ ପାକ୍ ସେନା ସହାୟତା ଯୋଗାଇ ଦେଉଥିବାରୁ ଭାରତୀୟ ସୁରକ୍ଷାବଳ ହାଇଆଲର୍ଟରେ ରହିଛି।

ଭାରତରେ ପୁଲ୍‌ୱାମା ଭଳି ଆକ୍ରମଣ ଘଟିଲେ ସେଥିପାଇଁ ଇସ୍‌ଲାମାବାଦ ଦାୟୀ ରହିବ ନାହିଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ କହିଥିଲେ। ଇମ୍ରାନଙ୍କ ଏଭଳି ମନ୍ତବ୍ୟ ଆତଙ୍କବାଦୀଙ୍କୁ ଉତ୍ସାହିତ କରିଛି। ଜେଇଏମ୍, ଏଲ୍‌ଇଟି ଏବଂ ସେମାନଙ୍କୁ କରାୟତ୍ତ କରୁଥିବା ଆଇଏସ୍‌ଆଇ ସଂସ୍ଥା ଏବେ ସକ୍ରିୟ ହୋଇଉଠିଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ମୁଜାଫରାବାଦର ଫଗୁସ୍ ଓ କୁନ୍ଦ ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଏକାଠି ହୋଇଛନ୍ତି। ସେଠାରେ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର ଚାଲିଛି। ଅନୁପ୍ରବେଶ ଲାଗି ସେମାନେ ଯୋଜନା କରୁଛନ୍ତି। ଜେଇଏମ୍ ମୁଖ୍ୟ ମାସୁଦ ଆଝାର୍‌ଙ୍କ ଭାଇ ଇବ୍ରାହିମ୍ ଅତହର ପିଓକେରେ ଅଛନ୍ତି। ସୀମା ସ୍ଥିତିନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ରାଜ୍ୟ ଡିଜିପି, ଆଇବି ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ସେନା ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## 'ମର୍ଦ୍ଦାନି ୨' ରିଲିଜ ଡିସେମ୍ବର ୧୩

ମୁମ୍ବାଇ:



ରାଣୀ ମୁଖାର୍ଜୀଙ୍କ ଅଭିନୀତ 'ମର୍ଦ୍ଦାନି ୨' ଡିସେମ୍ବର ୧୩ରେ ରିଲିଜ ହେବାକୁ ଯାଉଛି। ଏଥିରେ ଜଣେ ପୋଲିସ ଅଫିସର ଭାବେ ଶିବାନୀ ରଏ ଭୂମିକାରେ ଅଭିନୟ କରିଛନ୍ତି ରାଣୀ। ଉକ୍ତ ଫିଲ୍ମ ୨୦୧୪ରେ ରିଲିଜ ହୋଇଥିବା 'ମର୍ଦ୍ଦାନି'ର ଦ୍ୱିତୀୟ ସଂସ୍କରଣ। ଏଥିରେ ଗୋପୀ ପୁଥରନ୍ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିଛନ୍ତି। ୟଶ ରାଜ ଫିଲ୍ମସ ବ୍ୟାନରରେ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ 'ମର୍ଦ୍ଦାନି ୨'ର ଅଧିକାଂଶ ଭାଗର ଶୁଟିଂ ଜୟପୁରରେ ଏବଂ ଆଉ କିଛି ଅଂଶ ରାଜସ୍ଥାନର ଅନ୍ୟ ଭାଗରେ ହୋଇଛି। ଶିବାନୀ ଚରିତ୍ରରେ ଥିବା ରାଣୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଭିନୟ କରିଥିବାବେଳେ ଜଣେ ନିର୍ଦ୍ଦୟ ତଥା ଖଳନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୮ରେ 'ହିଚ୍‌କି' ପରେ ରାଣୀଙ୍କର ପରବର୍ତ୍ତୀ ଫିଲ୍ମ 'ମର୍ଦ୍ଦାନି ୨' ପରଦାକୁ ଆସିବା ଅପେକ୍ଷା ଅଛି।

## ଭାଜପାରେ ମିଶିଲେ ନାଗର, ସଞ୍ଜୟ ସେଠ୍

ନୂଆଦିଲ୍ଲୀ,୧୦।୮(ପି.ଟି.)

ସମାଜବାଦୀ ପାର୍ଟି ଛାଡ଼ିଥିବା ଦୁଇ ପ୍ରମୁଖ ନେତା ସୁରେନ୍ଦ୍ର ସିଂ ନାଗର ଓ ସଞ୍ଜୟ ସେଠ୍ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ନିକଟରେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱକୁ ସମର୍ଥନ ଜଣାଇ ସେମାନେ ଭାଜପାରେ ମିଶିଥିବା କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସେମାନେ ସମର୍ଥନ କରିଛନ୍ତି। ନାଗର ଦୁଇଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସଞ୍ଜୟ ଉତ୍ତରପ୍ରଦେଶର ଜଣାଶୁଣା ରିଏଲ୍‌ଟର। ସେ ସମାଜବାଦୀ ପାର୍ଟିର କୋଷାଧ୍ୟକ୍ଷ ଥିଲେ। ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦର ଯାଦବ ଓ ମିଡିଆ ମୁଖ୍ୟ ଅନିଲ୍ ବାଲୁନିଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଛନ୍ତି।

## ଦିଲ୍ଲୀରେ ପ୍ରଥମ ତିନି ତଲାକ୍ ମାମଲା

ନୂଆଦିଲ୍ଲୀ,୧୦।୮(ପି.ଟି.)

**ଅଭିଯୁକ୍ତ ସ୍ୱାମୀ ଗିରଫ**

ଦିଲ୍ଲୀର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ତିନି ତଲାକ୍ ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି। ତିନି ତଲାକ୍ ଆଇନ ପ୍ରଣୟନ ହେବା ପରେ ଦିଲ୍ଲୀରେ ଏହା ପ୍ରଥମ ମାମଲା। ଜୁନ୍ ୨୩ରେ ଉକ୍ତ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କୁ ତିନି ଥର ତଲାକ୍ କହିବା ସହ ହ୍ୱାଟ୍ସଆପ୍‌ରେ ଫତୱା ପଠାଇଥିଲେ ବୋଲି ଦିଲ୍ଲୀ (ଉତ୍ତର) ଡିସିପି ନୁପୁର ପ୍ରସାଦ କହିଛନ୍ତି। ମୁସଲମାନ ମହିଳା (ବିବାହ ଅଧିକାରୀ ସୁରକ୍ଷା) ଅଧିନିୟମ, ୨୦୧୯ ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅଗଷ୍ଟ ୧ରେ ପାର୍ଲାମେଣ୍ଟରେ ଉକ୍ତ ବିଲ୍ ଗୃହୀତ ହୋଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୧ | ୨୫.୭ |
| ଚାନ୍ଦବାଲି | ୩୪.୭ | ୨୬.୬ |
| କଟକ | ୩୪.୫ | ୨୪.୦ |
| ପାରାଦ୍ୱୀପ | ୩୫.୦ | ୨୭.୨ |
| ଭୁବନେଶ୍ୱର | ୩୪.୭ | ୨୪.୬ |
| ଗୋପାଳପୁର | ୩୧.୦ | ୨୫.୪ |
| ପୁରୀ | ୩୩.୨ | ୨୬.୦ |
| ଅନୁଗୋଳ | ୩୩.୭ | ୨୧.୦ |
| ବାରିପଦା | ୩୬.୫ | ୨୬.୪ |
| ଝାରସୁଗୁଡ଼ା | ୩୨.୬ | ୨୫.୨ |
| କେନ୍ଦୁଝର | ୩୨.୬ | ୨୪.୩ |
| ସମ୍ବଲପୁର | ୩୩.୦ | ୨୪.୦ |
| ସୁନ୍ଦରଗଡ଼ | ୨୭.୫ | ୧୯.୦ |
| ହୀରାକୁଦ | ୩୨.୩ | ୨୪.୩ |
| ତାଳଚେର | ୩୪.୦ | ୨୪.୬ |
| ଭବାନୀପାଟଣା | ୩୪.୦ | ୨୫.୩ |
| ବଲାଙ୍ଗୀର | ୩୨.୦ | ୨୫.୨ |
| କୋରାପୁଟ | ୨୯.୦ | ୨୦.୪ |
| ଫୁଲବାଣୀ | --- | ୨୩.୩ |
| ଟିଟିଲାଗଡ଼ | --- | ୨୧.୦ |
| ମାଲକାନଗିରି | ୨୯.୦ | ୨୨.୦ |
| ସୋନପୁର | ୩୦.୮ | ୨୧.୬ |
| ଦାରିଙ୍ଗବାଡ଼ି | ୨୯.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ପୁରୁଷ ସାମରିକ କର୍ମଚାରୀଙ୍କୁ ମିଳିବ ସିସିଏଲ୍ ସୁବିଧା

ନୂଆଦିଲ୍ଲୀ,୧୦।୮

ସ୍ତ୍ରୀଙ୍କୁ ହରାଇଥିବା ସାମରିକ ବାହିନୀର ପୁରୁଷ କର୍ମଚାରୀ ସେମାନଙ୍କ ଶିଶୁଙ୍କ ଯତ୍ନ ନେବା ପାଇଁ ଛୁଟି (ସିସିଏଲ୍) ସୁବିଧା ପାଇପାରିବେ। ସେହିପରି ପ୍ରତିରକ୍ଷା ବିଭାଗରେ ମହିଳା ଅଫିସରଙ୍କ କ୍ଷେତ୍ରରେ ମଧ୍ୟ କେତେକ କୋହଳ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବେସାମରିକ କର୍ମଚାରୀଙ୍କ ପାଇଁ ନିକଟରେ କାର୍ମିକ ଓ ତାଲିମ ବିଭାଗ ଏହି ସୁବିଧା ଦେଉଥିବାରୁ ପ୍ରତିରକ୍ଷା ବିଭାଗରେ ଅନୁରୂପ ସୁବିଧା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସମ୍ପ୍ରତି କେବଳ ମହିଳା ଅଫିସରମାନଙ୍କୁ ପ୍ରତିରକ୍ଷା ବିଭାଗରେ ସିସିଏଲ୍ ମିଳୁଛି।


### ଏସ୍.ଇ. ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର୍ ଡିଇଇ/ଟିଆର୍‌ଡି/ସିକେପି, ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ହେବ: (୧) ସିକେପି-ଡି-୬୧୯-ବର୍ଣ୍ଣ:** ସିକେପି ଡିଭିଜନର ବିଭିନ୍ନ ସେକ୍ସନରେ ପ୍ୟାଚ୍‌ରେ ଥ୍ରୋ ରେଲ୍ ରିନିୱାଲ (ଟିଆର୍‌ଆର୍) ପ୍ରାଇମେରୀ ଥ୍ରୋ ରେଲ୍ ରିନିୱାଲ୍ (ସିଟିଆର୍) ସେକେଣ୍ଡାରୀ ଏବଂ ଥ୍ରୋ ସ୍ଲିପର ରିନିୱାଲ୍ (ଟିଏସ୍‌ଆର୍) ପ୍ରାଇମେରୀ । **(୨) ସିକେପି-୬୧୮-କନ୍‌କୋର-କେଏସ୍‌କି:** ସିକେପି ଡିଭିଜନ୍ ଫେଜ୍-Iରେ କେଏସ୍‌କିଠାରେ ମେସର୍ସ କନ୍‌କୋର୍ ସାଇଡିଂର ବିଦ୍ୟୁତୀକରଣ । **(୩) ସିକେପି-୬୧୫-ଟିଡବ୍ଲ୍ୟୁ-ଆରଇପି:** ସିକେପି ଡିଭିଜନରେ ୪-ହ୍ୱିଲର୍ ମାର୍କ-II ଟାୱାର୍ ୱାଗନ୍‌ର ୦୨ ଗୋଟି ପର୍କିନ୍ସ ପି-୬ ଇଞ୍ଜିନ୍ (କ୍ର.ସଂ. ୬୦୪୫ ଓ ୬୦୪୭)କୁ ଟାଟା/ଅଶୋକ ଲେଲାଣ୍ଡ ଇଞ୍ଜିନ୍, ଗିୟର୍ ବକ୍ସ ଏବଂ ଏୟାର୍ ବ୍ରେକ୍ ସିଷ୍ଟମ୍‌ରେ ବଦଳାଇବା। **ଟେଣ୍ଡର ମୂଲ୍ୟ:** ଟ.୯୦,୬୮,୬୧୬.୦୫ (କ୍ର.ସଂ. ୧ ପାଇଁ), ଟ.୧,୨୭,୧୯,୫୦୧.୮୫ (କ୍ର.ସଂ. ୨ ପାଇଁ) ଏବଂ ଟ.୨୬,୬୦,୬୮୬.୬୬ (କ୍ର.ସଂ. ୩ ପାଇଁ)। **ଅମାନତ ରାଶି:** ଟ.୧,୮୧,୪୦୦/- (କ୍ର.ସଂ. ୧ ପାଇଁ), ଟ.୨,୧୩,୬୦୦/- (କ୍ର.ସଂ. ୨ ପାଇଁ) ଏବଂ ଟ.୫୩,୨୦୦/- (କ୍ର.ସଂ. ୩ ପାଇଁ)। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଟ.୫,୦୦୦/- (କ୍ର.ସଂ. ୧ ଓ ୨ ପାଇଁ), ଟ.୩,୦୦୦/- (କ୍ର.ସଂ. ୩ ପାଇଁ) । **ସମାପ୍ତି ଅବଧି:** ୩୬ ମାସ (କ୍ର.ସଂ. ୧ ପାଇଁ), ୧୨ ମାସ (କ୍ର.ସଂ. ୨ ପାଇଁ) ଏବଂ ୦୬ ମାସ (କ୍ର.ସଂ. ୩ ପାଇଁ)। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୩।୦୯।୨୦୧୯ରିଖ ୧୫.୩୦ ଘଟିକା (ପ୍ରତ୍ୟେକ ପାଇଁ)। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୩।୦୯।୨୦୧୯ରିଖ ୧୫.୦୦ ଘଟିକା (ପ୍ରତ୍ୟେକ ପାଇଁ)। ଇ-ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ତଥା ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-600)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍ (ଇଏନ୍‌ଜିକି), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ହେବ: (୧) ସିକେପି-ୱେଷ୍ଟ-୧୯-୨୦-୨୯:** ଏସ୍‌ଏସ୍‌ଇ (ୱାର୍କସ୍)/ରାଉରକେଲାଙ୍କ ଅଧୀନରେ ତା୩୦।୬।୨୦୨୧ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ରାଉରକେଲା ସେଟଲମେଣ୍ଟଠାରେ ଜଳ ଯୋଗାଣ ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ। **(୨) ସିକେପି-ଏବ୍ଲ୍ୟୁ-୧୯-୨୦-୨୧:** ଚକ୍ରଧରପୁର ଡିଭିଜନରେ ୦୨ ବର୍ଷ ଅବଧି ପାଇଁ 'ମଡସୋନିକ' ଅହମ୍ମଦାବାଦ ମେକ୍ ଡିଜିଟାଲ୍ ଅଲଟ୍ରାସୋନିକ୍ ରେଲ୍/ୱେଲ୍ଡ ଟେଷ୍ଟରର ବାର୍ଷିକ ରକ୍ଷଣାବେକ୍ଷଣ ଠିକା। **(୩) ସିକେପି-ସେଣ୍ଟ୍ରାଲ-୧୯-୨୦-୧୬:** ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ ଅଧୀନରେ ବିୟୁଏଫ୍ (ଏକ୍ସ-)-କେଆର୍‌ବିୟୁ ସେକ୍ସନ ମଧ୍ୟରେ ତା୦୧।୦୭।୨୦୧୯ରୁ ୩୦।୦୬।୨୦୨୧ ଅବଧି ପାଇଁ ଜୋନାଲ୍ କାର୍ଯ୍ୟ/ଯୋଗାଣ ତଥା ଅନ୍ୟାନ୍ୟ ସିଭିଲ ଇଞ୍ଜିନିୟରିଂ ଆସେଟ୍ ନିର୍ବାହ (୨ୟ କଲ୍)। **(୪) ସିକେପି-ସେଣ୍ଟ୍ରାଲ-୧୯-୨୦-୧୭:** ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ ଅଧୀନରେ ବିଏନ୍‌ଡିଏମ୍ "ଏ" କେବିନ୍ (ଏକ୍ସ)-ବିଏକ୍ସଏଫ୍ ସେକ୍ସନ ମଧ୍ୟରେ ତା୦୧।୦୭।୨୦୧୯ରୁ ୩୦।୦୬।୨୦୨୧ରିଖ ଅବଧି ପାଇଁ ଜୋନାଲ୍ କାର୍ଯ୍ୟ/ଯୋଗାଣ ଏବଂ ଅନ୍ୟାନ୍ୟ ସିଭିଲ୍ ଇଞ୍ଜିନିୟରିଂ ଆସେଟ୍ ନିର୍ବାହ (୨ୟ କଲ୍)। **ଟେଣ୍ଡର ମୂଲ୍ୟ:** ଟ.୧,୨୭,୨୪,୦୭୮.୭୦ (କ୍ର.ସଂ.୧ ପାଇଁ), ଟ.୩୬,୬୬,୦୯୦.୦୦ (କ୍ର.ସଂ. ୨ ପାଇଁ), ଟ.୮୬,୫୧,୯୪୦.୦୦ (କ୍ର.ସଂ. ୩ ପାଇଁ) ଏବଂ ଟ.୧,୨୦,୬୦,୨୮୦.୦୦ (କ୍ର.ସଂ. ୪ ପାଇଁ)। **ଇଏମ୍‌ଡି:** ଟ.୨,୧୩,୬୦୦/- (କ୍ର.ସଂ. ୧ ପାଇଁ), ଟ.୬୩,୩୦୦/- (କ୍ର.ସଂ. ୨ ପାଇଁ), ଟ. ୧,୭୩,୦୦୦/- (କ୍ର.ସଂ. ୩ ପାଇଁ), ଟ.୨,୧୦,୩୦୦/- (କ୍ର.ସଂ. ୪ ପାଇଁ)। **ଟେଣ୍ଡର ଫର୍ମ ମୂଲ୍ୟ:** ଟ.୫,୦୦୦/- ( କ୍ର.ସଂ. ୧, ୩ ଓ ୪ ପାଇଁ) ଏବଂ ଟ.୩,୦୦୦/- (କ୍ର.ସଂ. ୨ ପାଇଁ) । **ଖୋଲାଯିବା ତାରିଖ:** ତା୦୯।୦୯।୨୦୧୯ରିଖ (କ୍ର. ସଂ. ୧ରୁ ୪)। ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ତଥା ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-598)



### ଅଧିସୂଚନା

**ବିଜ୍ଞପ୍ତି ସଂ. ସିଓଏମ୍‌ଏମ୍‌ଏଲ୍.୯୫/୨୧/କନ୍‌ସେସନ୍/ୟୁଆଇଡି/ପଲିସି/୨୦୧୯ ତାରିଖ: ୦୭।୦୮।୨୦୧୯**

ଭାରତୀୟ ରେଳପଥ କମର୍ସିଆଲ୍ ସର୍କୁଲାର୍ ନଂ. ୨୦୧୮ର ୧୮ ତାରିଖ ୧୯।୦୩।୨୦୧୫ ମାଧ୍ୟମରେ ଦିବ୍ୟାଙ୍ଗଜନ ବ୍ୟକ୍ତିମାନଙ୍କ ପାଇଁ ଭାରତୀୟ ରେଳପଥରେ ରିହାତି ଲାଗି ଏକ ୟୁଆଇଡି ପ୍ରଣାଳୀ ପ୍ରଚଳନ କରିଛି ଯାହା ଡିଭିଜନଗୁଡ଼ିକର ସିନିୟର ଡିସିଏମ୍‌ଙ୍କ ଦ୍ୱାରା ଜାରି ହେଉଛି । ଏହି ଅଧିସୂଚନା ସର୍ବସାଧାରଣଙ୍କ ପାଇଁ ସରକାରୀ ଚିକିତ୍ସାଳୟ ଦ୍ୱାରା ଜାରି ଭିନ୍ନକ୍ଷମତା ଏବଂ ରିହାତି ପ୍ରମାଣପତ୍ର ଦାଖଲ ଲାଗି ଜାରି କରାଯାଉଛି ଯାହା ସିନିୟର ଡିସିଏମ୍‌ଙ୍କ କାର୍ଯ୍ୟାଳୟ ଦ୍ୱାରା ଚକ୍ରଧରପୁର ଡିଭିଜନର, ଦକ୍ଷିଣ ପୂର୍ବ ରେଳପଥର କ୍ଷେତ୍ରାଧିକାର ଅଧୀନରେ ଆସୁଥିବା ଜିଲ୍ଲାଗୁଡ଼ିକରେ ୟୁଆଇଡି ଜାରି ଲାଗି ଆବଶ୍ୟକ କାଗଜପତ୍ର ଦାଖଲ ଉପରେ ନିର୍ଭର କରିବ।

ଆଗ୍ରହୀ 'ଦିବ୍ୟାଙ୍ଗଜନ' ବ୍ୟକ୍ତିବିଶେଷଙ୍କୁ ଏହି ବିଜ୍ଞପ୍ତି ପ୍ରକାଶିତ ହେବା ପରେ ୩୧ ଅଗଷ୍ଟ, ୨୦୧୯ ମଧ୍ୟରେ ସିନିୟର୍ ଡିଭିଜନାଲ୍ କମର୍ସିଆଲ୍ ମ୍ୟାନେଜର, ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କୁ ୟୁଆଇଡି କାର୍ଡ ଜାରି ଲାଗି ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି ଏବଂ ଏହାପରେ ରିହାତି ପ୍ରମାଣପତ୍ର ଲାଗି ଅନୁରୋଧକୁ ପ୍ରଶ୍ରୟ ଦିଆଯିବ ନାହିଁ।

(PR-601) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର
ଏସ୍.ଇ. ରେଳପଥ, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ



TATA STEEL BSL
TATA

### ଟାଟା ଷ୍ଟିଲ ବିଏସଏଲରେ ଚାକିରି ଆଳରେ ଠକେଇରୁ ସତର୍କ ରୁହନ୍ତୁ

ଟାଟା ଷ୍ଟିଲ ଲିମିଟେଡରେ ଚାକିରି କରାଇଦେବା ନାଁରେ କିଛି ଅସାଧୁ ଲୋକ ନିଯୁକ୍ତି ପତ୍ର ପ୍ରଦାନ କରୁଥିବାର ଖବର ଆମର ହସ୍ତଗତ ହୋଇଛି। ଏହି ଅସାଧୁ ବ୍ୟକ୍ତିମାନେ କମ୍ପାନୀ ନାମରେ ଚାକିରି କରାଇଦେବା ଆଳରେ ଆବେଦନ ପତ୍ର ଗ୍ରହଣ କରି ନୀରିହ ପ୍ରାର୍ଥୀଙ୍କୁ ପ୍ରକ୍ରିୟାଗତ ଖର୍ଚ୍ଚ ନାମରେ ଅର୍ଥ ମାଗୁଛନ୍ତି କିମ୍ବା ମିଥ୍ୟା ଇମେଲ ଓ ଟେଲିଫୋନ କରି ଅର୍ଥ ପଇଠ କରିବାକୁ କହୁଛନ୍ତି। ଏପରିକି ନକଲି ଆବେଦନ ପତ୍ର ପଠେଇବା ଏବଂ ସାକ୍ଷାତକାର ତଥା ଟେଲିଫୋନ ସାକ୍ଷାତକାର ମଧ୍ୟ ଆୟୋଜନ କରୁଛନ୍ତି।

ଆମେ ସମସ୍ତଙ୍କୁ ଏହି ସମ୍ବନ୍ଧରେ ଜଣାଇବାକୁ ଚାହୁଁଛୁ ଯେ ଟାଟା ଷ୍ଟିଲ ବିଏସଏଲ ଲିମିଟେଡ ଯୋଗ୍ୟତା ତଥା ମେଧା ଅନୁସାରେ ନିଜର କର୍ମଚାରୀ ଚୟନ କରିଥାଏ। ଆମେ ଚୟନ ପ୍ରକ୍ରିୟା ସମୟରେ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ନିମନ୍ତ୍ରଣ ଅବସରରେ କିମ୍ବା ଚୟନ ପରିଶେଷରେ କୌଣସି ଅର୍ଥ କିମ୍ବା ଅମାନତ ରାଶି ଜମା କରିବା ନିମନ୍ତେ କହି ନଥାଉ।

ଯଦି କୌଣସି ପ୍ରାର୍ଥୀଙ୍କୁ ଟାଟା ଷ୍ଟିଲ ବିଏସଏଲରେ ଚାକିରି କିମ୍ବା ସାକ୍ଷାତକାର କରାଇଦେବା ପାଇଁ କେହି ଅର୍ଥ ଦାବି କରୁଥାନ୍ତି ପ୍ରାର୍ଥୀମାନେ ଏଭଳି ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ଅନୁରୋଧ। କମ୍ପାନୀରେ କୌଣସି ପ୍ରକାରର ସାକ୍ଷାତକାର ପାଇଁ ସୁଯୋଗ ଆସିଲେ ସଂପୃକ୍ତ ବ୍ୟକ୍ତି ଆମର ୱେବସାଇଟ୍ **www.tatasteelbsl.co.in**ରୁ ଆବଶ୍ୟକୀୟ ସୂଚନା 'ମାନବ ସମ୍ବଳ' ବିଭାଗରୁ ସଂଗ୍ରହ କରିପାରିବେ।



**CIME Bhubaneswar**
उद्यमेन ही सिध्यन्ति
NAAC Accredited

### COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)

### NOTICE FOR SPOT ADMISSION - 2019
FOR THE REMAINING VACANT SEATS IN MBA / MCA / MCA (LE) / M.Tech (CSE)

Spot Counseling for the remaining vacant seats shall be conducted as per the schedule below for MBA, MCA, MCA-LE and M.Tech (CSE):

| Date of Spot Counseling | Time of reporting & registration | Time of display of merit list | Time of Spot admission |
|---|---|---|---|
| 13th & 14th Aug 2019 | 10.00 AM to 1.00 PM | 3.00 PM | 4.00 PM onwards |

The following modalities will be followed during Spot Counseling:

1. Candidates having valid OJEE-2019 rank shall participate in counseling at college level. However, the candidates who have got final allotment in OJEE counseling process and have already taken admission in any of the technical / professional colleges of the State are not eligible to participate in Government College Spot Admission Process.
2. OJEE-2019 rules and regulations will be followed during Spot Admission.
3. All candidates seeking spot admission are required to report with the original documents and a set of self-attested photocopies as mentioned in Annexure-I (available in our website).
4. Candidates having valid rank in CAT / MAT / XAT / ATMA and CMAT are also allowed for Institute level admission in MBA program against the vacant seats as per guidelines of OJEE Counseling Brochure 2019.
5. Selected candidates have to deposit **Rs.10,000/-** (**Rs.5,000/-** in case of ST / SC candidates) as part admission fee and **Rs.450/-** as counseling fee through Bank Draft in favour of **Chairman, OJEE-2019, payable at Bhubaneswar.** Candidates are advised to bring 2 (two) separate drafts for the above fee.
6. The guidelines / provisions on the eligibility criteria prescribed by the AICTE / other guidelines notified by the Government / OJEE counseling brochure will be strictly followed.
7. For further details, visit website: **www.cime.ac.in** or contact Mr. S.K. Senapati (7008295948) / Dr. P.D. Das (7978668517).

**PRINCIPAL**



OFFICE OF THE PRINCIPAL
### INSTITUTE OF MANAGEMENT & INFORMATION TECHNOLOGY
(A Constituent College of BPUT, Govt. of Odisha)
BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007

No. 1078, Date.10.08.19

**SPOT ADMISSION VACANT SEATS FOR M.TECH (CSE) & M.TECH (IT) FOR THE YEAR 2019-20**

The spot admission for the un-allotted/ non-reported M.Tech (CSE) & M.Tech (IT) will be held at IMIT, Cuttack in two phases as per the following schedule.

| Phase | Date of Spot Counseling | Time of reporting & registration | Time of display of merit list | Time of Spot admission |
|---|---|---|---|---|
| 1 | 12.08.2019 | 10.00 AM to 1.00 PM | 3 :00 PM | 4.00 PM onwards |
| 2 | 14.08.2019 | 10.00 AM to 1.00 PM | 3 :00 PM | 4.00 PM onwards |

The detail information and modalities for spot selection is available in the college website, www.imit.ac.in.

Sd/- PRINCIPAL



### GANGADHAR MEHER UNIVERSITY
AMRUTA VIHAR, SAMBALPUR
No. 4032 / GMU, Date : 10.08.2019

**PG ADMISSION NOTIFICATION 2019-20 (VACANT SEAT)**

Applications are invited for admission into a few vacant seats of PG Programmes of (MBA-FM, MSC-ETC, MSC Anthropology, MA Sociology) of Gangadhar Meher University, Sambalpur for the session 2019-20.

Interested candidates are required to visit the university website www.gmuniversity.ac.in for eligibility, application form, information Brochure & other details.

For the PG Vacant Seat Admission 2019-20, The downloaded Hard Copy of Application Form along with necessary documents will be received in the Academic Section GMU, SBP from Dt. 14.08.2019 to Dt. 19.08.2019 (10.30 am to 12.30pm). Candidates are advised to visit the University website www.gmuniversity.ac.in for details. If required, candidates may contact the following helpline number from 10.00 am to 05.00pm.

Admission helpline number :
Shri P.K. Harpal, 8763634897

**Sd./- Registrar
G.M. University Amruta Vihar, Sambalpur**



### COLLEGE OF ENGINEERING & TECHNOLOGY (Autonomous)
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

**No. 2228/CET** **Date: 10.08.2019**

**NOTICE**

Following Govt. instruction, **SPOT ADMISSION** for the academic year 2019-20 shall be held in CET, Bhubaneswar as per guidelines and schedule indicated below.

**GUIDELINES:**
1) The Spot Admission shall be conducted for both unallotted seats as notified by OJEE and the non-reported seats after the final allotment.
2) The candidates having valid JEE (Main)-2019 / OJEE-2019 rank are eligible to participate in the Spot Counseling.
3) There is no category wise restriction during Spot Admission. However, the non-domicile outstate candidates have to pay the fees at par with IIIT, Bhubaneswar.
4) **Fees:** Candidates have to submit Demand Draft of Rs. 10,000/- (Rs. 5000/- for SC & ST candidates) towards part admission fee drawn in any nationalized bank in favour of OJEE-2019 payable at Bhubaneswar and another Demand Draft of Rs. 450/- towards counseling fee draw in any nationalized bank in favour of OJEE-2019 payable at Bhubaneswar. Payment of part admission fee and counseling fee is mandatory on the same day of spot counseling by the candidates to confirm the allotment for spot admission..
5) Candidates are required to produce JEE (Main) Rank Card and other relevant supporting documents.
6) For vacant seats, candidates are required to visit the respective college/institution websites: VSSUT, Burla: **www.vssut.ac.in,** CET, Bhubaneswar: **www.cet.edu.in,** IGIT, Sarang: **www.igitsarang.ac.in,** PMEC, Berhampur: **www.pmec.ac.in,** GCE, Kalahandi: **www.gcekbpatna.ac.in** and GCE, Keonjhar: **www.gcekjr.ac.in**

**SCHEDULE:**

| Event | Date | Reporting Time | Declaration of Merit List | Admission (Collection of Documents & DD) |
|---|---|---|---|---|
| 1st Round | 13.08.2019 | 10:00 AM to 1:00 PM | 3:00 PM | 3:00 PM – 5:00 PM |
| 2nd Round | 14.08.2019 | 10:00 AM to 1:00 PM | 3:00 PM | 3:00 PM – 5:00 PM |

**THE ABOVE SPOT ADMISSION PROCESS WILL BE HELD JOINTLY FOR VSSUT, BURLA; CET, Bhubaneswar, IGIT, SARANG, PMEC, BERHAMPUR; GCE, KALAHANDI AND GCE, KEONJHAR AT THIS VENUE.**

**Sd/- PRINCIPAL**



### ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

SAMS
Student Academic Management System
No.53-KK

**ରାଜ୍ୟରେ ସରକାରୀ ଆଇଟିଆଇ ଗୁଡିକରେ
2019-20 ବର୍ଷରେ ଅନ୍ତିମ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ ।**

ସପ୍ଲିମେଣ୍ଟାରି 2019 ଉତ୍ତିର୍ଣ ବା ୧୦ମ ପାସ ପରେ କୌଣସି ଠାରେ ନାମ ଲେଖାଇପାରି ନଥିବା ଛାତ୍ରଛାତ୍ରୀ ମାନଙ୍କୁ ସୁଚାଇଦିଆଯାଉଛି ଯେ ୨୦୧୯-୨୦ ବର୍ଷରେ ରାଜ୍ୟର ସରକାରୀ ଆଇଟିଆଇ ମାନଙ୍କରେ SAMS ଅନଲାଇନ ପଦ୍ଧତି ରେ **ଅନ୍ତିମ ପର୍ଯ୍ୟାୟ ନାମଲେଖା** ପାଇଁ ସ୍ପଟ ପଞ୍ଜୀକରଣ ଓ ନାମ ଲେଖା ତା 13.08.2019 ଠାରୁ ତା 30.08.2019 ମଧ୍ୟରେ କରାଯାଉଅଛି ।

ସୂଚନା ଯୋଗ୍ୟ ଯେ ଭିତ୍ତିଭୂମି ସୁଦୃଢ ବିଶିଷ୍ଟ ରାଜ୍ୟର 49 ଗୋଟି ସରକାରୀ ଆଇଟିଆଇର ଉନ୍ନତ ମାନର କୁଶଳୀ ତାଲିମ ପ୍ରଣାଳୀ ଆଣି ପାରିଛି ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ନିଯୁକ୍ତି ବା ଆତ୍ମନିଯୁକ୍ତି ଭିତ୍ତିକ ଆତ୍ମ ସନ୍ତୋଷ ଓ ପରିବାରରେ ସରସତା । ଆଧୁନିକ ଯନ୍ତ୍ରପାତି ବିଶିଷ୍ଟ କାର୍ମଶାଳା , ଶ୍ରେଣୀ ଗୃହ , ତାଲିମ ପ୍ରାପ୍ତ ପ୍ରଶିକ୍ଷକ , ଆବାସିକ ସୁବିଧା ସହିତ ସୁଦକ୍ଷା , ପ୍ରେରଣା, ନିର୍ମାଣକୁଶୁମ , ଦିବ୍ୟାଙ୍ଗ ମାନଙ୍କ ପାଇଁ ବାଣିଶ୍ରୀ ଯୋଜନା ଓ ମାଗଣା ୟୁନିଫର୍ମ ଇତ୍ୟାଦି ଛାତ୍ରୀ ଛାତ୍ର ମଙ୍ଗଳ ଯୋଜନା ତଥା ଜୀବନ ଦକ୍ଷ୍ୟତା ତାଲିମ ସହ ଶିଳ୍ପାନୁଷ୍ଠାନ ମାନଙ୍କରେ ଶିକ୍ଷାନବିସ ତାଲିମ , ନିଯୁକ୍ତି ବା ଆତ୍ମ ନିଯୁକ୍ତି ର ଭରପୁର ସୁବିଧା । ସୁଦକ୍ଷ୍ୟା ଯୋଜନାରେ ଝିଅ ପିଲାଙ୍କ ପାଇଁ , ନିର୍ମାଣକୁଶୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅ ଙ୍କ ପାଇଁ ଓ ବାଣିଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମ୍ପୂର୍ଣ ମାଗଣା ତାଲିମ ର ସୁବିଧା ସରକାରୀ ଆଇଟିଆଇରେ ରହିଅଛି ।

**ନାମଲେଖା ପ୍ରଣାଳୀ:**
କ) ତା1.8.2019ରିଖରେ 14 ବର୍ଷ ବୟସର ହୋଇଥିବେ କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ମାଟ୍ରିକ ଟ୍ରେଡ ପାଇଁ ଗଣିତ ଓ ବିଜ୍ଞାନ ବିଷୟ ଥାଇ ୧୦ମ ଶ୍ରେଣୀ ପାସ କରିଥିବେ କିମ୍ବା ଅଣ ମାଟ୍ରିକ ଟ୍ରେଡ ପାଇଁ ଅଷ୍ଟମ ପାସ ହୋଇ ସ୍କୁଲ ଛାଡି ଥିବେ କିମ୍ବା ୧୦ ମ ଫେଲ ହୋଇଥିବେ ।
ଗ) ତା13.08.2019 ଠାରୁ ତା 30.08.2019 ମଧ୍ୟରେ ଯେକୌଣସି କାର୍ଯ୍ୟଦିବସର ନାମ ଲେଖା ପାଇଁ ସ୍ଥିର କରିଥିବା ସରକାରୀ ଆଇଟିଆଇ କୁ ଦିନ ଦୁଇଟା ମଧ୍ୟରେ ଯାଇ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ନିଜ ନାମ ଖାଲିଥିବା ଟ୍ରେଡ ରେ ପଞ୍ଜୀକୃତ କଲେ ସେଇଦିନର ମେଧା ତାଳିକା ମୁତବକ ନାମ ଲେଖା ହେବ ।
ଘ) ଅଧିକ ବିବରଣୀ ନିମିତ୍ତ , **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ** Helpline- **୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ ବା** ନିକଟସ୍ଥ ସରକାରୀ ଆଇଟିଆଇ ଗୁଡିକରେ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ର ବରପୁର ଫାଇଦା ନିଅନ୍ତୁ ।

**14004/11/0012/1920** ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା


Your classified advertisement published in Dharitri will be listed free in Dharitri online edition : **www.dharitri.com**



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ

# ଏ ସପ୍ତାହର କାର୍ଯ୍ୟକ୍ରମ

**୧୧।୮।୨୦୧୯(ରବିବାର)**

**ଭୁବନେଶ୍ୱର**

- ବାଗଦେବୀ ଲିଟେରେଚର ଟ୍ରଷ୍ଟ ପକ୍ଷରୁ ଜାତୀୟସ୍ତରୀୟ ଟ୍ୟାଲେଣ୍ଟ ପ୍ରତିଯୋଗିତା, ଜନମଣ୍ଡଳ ପରିସର, ନୀଳକଣ୍ଠ ନଗର, ପାସପୋର୍ଟ ଅଫିସ ନିକଟ, ସକାଳ ୮ଟା।
- ଶିବବ୍ରତ ଦାସ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସଙ୍ଗୀତ ପ୍ରତିଯୋଗିତା, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସକାଳ ୯ଟା।
- ୟୁଏସଆଇ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଓଡ଼ିଶା ଆସୋସିଏଶନ ଫର ବ୍ଲାଇଣ୍ଡସ୍, ଖାରବେଳ ନଗର, ସକାଳ ୯ଟା।
- ସେଲଟର ଫାଉଣ୍ଡେଶନ ପକ୍ଷରୁ ୧୨ତମ ଜାତୀୟସ୍ତରୀୟ ପ୍ରତିଯୋଗିତା, ବେଚପନ ସ୍କୁଲ, ମୈତ୍ରୀ ବିହାର, ସକାଳ ୯ଟା ୩୦।
- ପ୍ରଜ୍ଞା ନୃତ୍ୟାନୁଷ୍ଠାନ ପକ୍ଷରୁ ୯ମ ପ୍ରଜ୍ଞା ପ୍ରତିଭା ଆୱାର୍ଡ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ଓଡ଼ିଶା ପତ୍ରକାର ସଂଘର ୧୦ମ ପ୍ରତିଷ୍ଠା ଦିବସ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଆରସିଏସ୍‌ଟି) କଲେଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ, ଆରସିଏସ୍‌ଟି, ମଞ୍ଚେଶ୍ୱର, ପୂର୍ବାହ୍ନ ୧୦ଟା। ଉଦ୍‌ଯାପନ ଉତ୍ସବ, ଅପରାହ୍ନ ୩ଟା।
- ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ଛାତ୍ରବୃତ୍ତି ପ୍ରଦାନ, ସତ୍‌ଶିକ୍ଷା ମନ୍ଦିର, ସମୟ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଶହୀଦ ସ୍ପୋର୍ଟିଂ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ ଉତ୍ସବ, ହୋଟେଲ ଏମ୍ପାୟାର, ମଧ୍ୟାହ୍ନ ୧୨ଟା।
- ଖୁଦୁରୁକୁଣି ମହୋତ୍ସବର ପ୍ରସ୍ତୁତି ବୈଠକ, ଦିଲୀପ ଭବନ, ସୁନ୍ଦରପଦା, ଅପରାହ୍ନ ୩ଟା।
- କାଞ୍ଚନା ଫାଉଣ୍ଡେଶନ ପକ୍ଷରୁ 'ଡିୟର ଜିନ୍ଦେଗୀ', ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ୩ୟ ସ୍ମାରକୀ ବକ୍ତୃତାମାଳା, ଗୀତ ଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- କୋଣାର୍କ ପବ୍ଲିକେଶନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ହୋଟେଲ କେଶରୀ, ଅପରାହ୍ନ ୫ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସେମିନାର, ଭାରତୀୟ ବିଦ୍ୟା ଭବନ, ୟୁନିଟ-୩, ଅପରାହ୍ନ ୫ଟା ୧୫।
- ୩ୟ ଓଡ଼ିଶା ଆରଥ୍ରୋପ୍ଲାଷ୍ଟି ଆସୋସିଏଶନ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ହୋଟେଲ ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୬ଟା।
- 'ପକ୍ଷୀଘର ପ୍ରକାଶନୀ' ପକ୍ଷରୁ କବିତାଗ୍ରନ୍ଥର ଲୋକାର୍ପଣ ଉତ୍ସବ, ନାଲ୍‌କୋ ଅଡିଟୋରିୟମ, କଳିଙ୍ଗ ହସ୍ପିଟାଲ ନିକଟ, ସନ୍ଧ୍ୟା ୬ଟା ୧୫।

**କଟକ**

- ପଞ୍ଚମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା, ଜନ ଶିକ୍ଷଣ ସଂସ୍ଥା, ସେକ୍ଟର-୮, ସିଡିଏ, ପୂର୍ବାହ୍ନ ୧୦ଟା।

**ପୁରୀ**

- ବଡଦାଣ୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ, ସିଂହଦ୍ୱାର, ସକାଳ ୬ଟା।
- ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**୧୨।୮।୨୦୧୯(ସୋମବାର)**

**ଭୁବନେଶ୍ୱର**

- ଉତ୍କଳ ଲାଇବ୍ରେରୀ ଆସୋସିଏଶନ ପକ୍ଷରୁ ଜାତୀୟ ଲାଇବ୍ରେରିଆନ୍ସ ଦିବସ ପାଳନ, ଭାରତୀୟ ବିଦ୍ୟା ଭବନ, ପୂର୍ବାହ୍ନ ୧୦ଟା।
- ନୂପୁର ଅନୁଷ୍ଠାନ ପକ୍ଷରୁ ମହ୍ଲାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଇଦ୍‌ଲୁଜୁହା ପର୍ବ, କାଇପଦର ଇଦ୍‌ଗା ପଡିଆ, ସକାଳ ୯ଟା।
- ଇଦ୍‌ଲୁଜୁହା ପର୍ବ, କେରଙ୍ଗ ଜାମା ମସ୍‌ଜିଦ୍, ପୂର୍ବାହ୍ନ ୯ଟା ୩୦।

**ପୁରୀ**

- ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**୧୩।୮।୨୦୧୯(ମଙ୍ଗଳବାର)**

**ପୁରୀ**

- ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଅଭିଯୋଗ ଶୁଣାଣି ଶିବିର, ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**୧୪।୮।୨୦୧୯(ବୁଧବାର)**

**ପୁରୀ**

- ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**୧୫।୮।୨୦୧୯(ଗୁରୁବାର)**

**ଭୁବନେଶ୍ୱର**

- ସ୍ୱାଧୀନତା ପାଳନ ଅବସରରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।

**ପୁରୀ**

- ଝୁଲଣ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପନୀ ଦିବସ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ବିଜେବି ହାଇସ୍କୁଲ ପଡିଆ, ସକାଳ ୯ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ଚୋରି କରି ଯେଉଁଠି**
**ରାତି ପାହିଗଲା ସେଇଠି ।**

ଚୋର ଅନ୍ଧାର ରାତିରେ ଚୋରି କରେ । କାଳେ ସକାଳ ହୋଇଯିବ ତାକୁ ଲୋକେ ଦେଖିଦେବେ, ସେ ତରତର ହେଉଥାଏ । ତେବେ ଏପରି ଭାବନା ମନରେ ନ ଥିଲେ ଅଚିରେ ଧରାପଡ଼ିଯିବାର ସମ୍ଭାବନା ରହିଥାଏ । ଅସତର୍କ ଭାବେ କାମ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଚଇତା, ଦି' ମାଇପର ଘଇତା,**
**ତବତ ଖାଇବୁ କି ପଖାଳ ଖାଇବୁ,**
**ବେଳ ଥାଉଁ ଥାଉଁ କହିଥା ।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେ ନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ । ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ । ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭିଡ଼ରୁ ଦୁର୍ଘଟଣା, ଫସିଲା ଆମ୍ବୁଲାନ୍ସ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

ଶନିବାର ଅପରାହ୍ନ ୫ଟାରେ ବମିଖାଲ ଓଭରବ୍ରିଜଠାରୁ ଏସ୍‌ପ୍ଲାନେଡ୍ ୱାନ୍ ସପିଂ ମହଲ ଛକ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ହୋଇଥିଲା । ରସୁଲଗଡରୁ କଳ୍ପନା ଅଭିମୁଖେ ଯାଉଥିବା ମୋ ବସ୍‌କୁ ଏକ ଘରୋଇ ବସ୍ ଓଭରଟେକ୍ କରୁଥିବାବେଳେ ଦୁଇବସ୍ ମଧ୍ୟରେ ଧକ୍କା ଲାଗିଥିଲା । ମୋ ବସ୍‌ର ଡ୍ରାଇଭର ପାର୍ଶ୍ୱ କାଚଟି ଭାଙ୍ଗିଯାଇଥିଲା । ଏହାକୁ ନେଇ ଦୁଇ ବସ୍‌କୁ ରାସ୍ତା ଉପରେ ରଖି କର୍ମଚାରୀମାନେ ପାଟିତୁଣ୍ଡ ଲାଗିଥିଲେ । ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କିଛି ବି ସୁଫଳ ମିଳି ନ ଥିଲା । ଫଳରେ ବହୁ ସମୟ ଧରି ରାସ୍ତାର ଦୁଇ ପାର୍ଶ୍ୱରେ ଅସ୍ୱାଭାବିକ ଭିଡ଼ ହୋଇଥିଲା । ଏହି ଭିଡ଼ ଭିତରେ ଏକ ଆମ୍ବୁଲାନ୍ସ ଫସି ରହିଥିଲା । ଆମ୍ବୁଲାନ୍ସରେ ରୋଗୀ ଥିଲେ । ଆମ୍ବୁଲାନ୍ସ ଡ୍ରାଇଭର ସାଇରନ୍ ବଜାଇ ମୁକୁଳିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଆଗପଛରେ ଗାଡ଼ି ଲାଗି ରହିଥିବାରୁ କିଛିବି ବାଟ ନ ଥିଲା । ପ୍ରାୟ ୨୦ ମିନିଟ୍ ପରେ ପୋଲିସ ରାସ୍ତାରୁ ଜାମ୍ ହଟାଇ ଆମ୍ବୁଲାନ୍ସକୁ ବାହାର କରିଥିଲା ।

# ଦୁଇ କାର୍ ମୁହାଁମୁହିଁ: ଜଣେ ମୃତ, ୮ ଗୁରୁତର

**ଖୁଣ୍ଟୁଣୀ, ୧୦।୮(ଡି.ଏନ୍.ଏ.)**

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ନିକଟ ଧବଳେଶ୍ୱର ଆଟିଆଇ କଲେଜ ସମ୍ମୁଖରେ ଶନିବାର ଦୁଇ କାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଟାଉନ ଆନନ୍ଦ ନଗର ଅଞ୍ଚଳର ସ୍ମୃତିରଞ୍ଜନ ରାୟ ଚୌଧୁରୀ। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆନନ୍ଦ ନଗର ଅଞ୍ଚଳରୁ ସ୍ମୃତିରଞ୍ଜନ ତାଙ୍କ ପରିବାର ଏକ କାର୍ (ଓଡି ୦୬ ଜି ୯୩୮)ରେ ଶୁଦ୍ଧକ୍ରିୟାରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଉଥିଲେ। ଆଇଟିଆଇ କଲେଜ ସମ୍ମୁଖରେ ଭୁବନେଶ୍ୱରରୁ ଢେଙ୍କାନାଳ ଶିରିଡି ସାଇ ଆଶ୍ରମ ଆସୁଥିବା ବ୍ରଜବନ୍ଧୁ ମହାରଣାଙ୍କ କାର (ଓଡି ୦୨ ଏମ ୯୫୯୯) ସହ ସ୍ମୃତିରଞ୍ଜନଙ୍କ କାର ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଖୁଣ୍ଟୁଣୀ ପୋଲିସ ପହଞ୍ଚି କାରରୁ ଗୁରୁତରଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ସ୍ମୃତିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସ୍ମୃତିରଞ୍ଜନଙ୍କ ସ୍ତ୍ରୀ ଦେବଯାନୀ ମହାନ୍ତି, ପୁଅ ସୌମ୍ୟରଞ୍ଜନ ରାୟ ଚୌଧୁରୀ, ପୁଅର ସାଙ୍ଗ କାମାକ୍ଷାନଗର ଅଞ୍ଚଳର ସଞ୍ଜିତ୍ ପ୍ରଧାନ, ଭୁବନେଶ୍ୱର ଖାରବେଳନଗର ୟୁନିଟ-୯ ଅଞ୍ଚଳର ସ୍ୱର୍ଣ୍ଣଲତା ମହାରଣା, ବ୍ରଜବନ୍ଧୁ ମହାରଣା, ପ୍ରିୟମ୍ବଦା ମହାରଣା, ଆଲିସି ମହାରଣା ଓ ମନୋଜ ମହାରଣା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ୫୫ନଂ. ଜାତୀୟ ରାଜପଥକୁ ସମ୍ପ୍ରସାରଣ କରିବାକୁ ସାଧାରଣରେ ଦାବି ହେଉଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ପତ୍ର ସଂଖ୍ୟା: ୧୭୯୪୨ **ଭ୍ରମ ସଂଶୋଧନ**
**KNM-1828/93,** ତା୧୦।୦୮।୨୦୧୯ରିଖ ଧରିତ୍ରୀରେ ପ୍ରକାଶିତ ସୂଚନା ଶିରୋନାମା ବିଜ୍ଞାପନଟିରେ 'MIG ଫ୍ଲାଟ୍ ନଂ.K9A–2015' ଭୁଲ୍ କ୍ରମେ ପ୍ରକାଶ ପାଇଛି। ତାହାକୁ 'MIG ଫ୍ଲାଟ୍ ନଂ.K9A–215' ପଢ଼ିବାକୁ ଅନୁରୋଧ।

OFFICE OF THE HEADMISTRESS, KASTURABA GANDHI BALIKA VIDYALAYA (KGBV), KIAPADAR, TH. RAMPUR BLOCK, KALAHANDI
**TENDER CALL NOTICE 2019-20**
Sealed tenders are invited from the registered firms/ manufacturers/ authorized dealers/ whole sellers/ Govt. stores for supply of the Vegetable and Non-Vegtable items, to the **KASTURABA GANDHI BALIKA VIDYALAYA, KIAPADAR, TH. RAMPUR BLOCK** of Kalahandi district for the year 2019-20. The tender form with other particulars and the list of the items can be obtained from the office of the KGBV from 10.00 AM to 04.00 PM in all working day w.e.f. **07.08.2019** to **21.08.2019** on payment of Rs. **200/-** (Two hundred only) non refundable in shape of Bank draft payable in the State Bank of India, Utkal Gramina Bank. The tender paper completed in respect along with requisite documents and Earnest money in shape of Bank Draft drawn in favour of the **Headmistress and Chairperson KGBV, Kiapadar** payable at the State Bank of India, Utkal Gramina Bank would only be deposited in this KGBV up to 01.00 PM on dt. **21.08.2019.** The KGBV Level Purchase Committee meeting will be held on date **21.08.2019** at 1.30 PM as mentioned in the 1st page for opening of the tender.The chairman of the Purchase Committee (B.D.O.) reserves the right to accept or reject the tender in whole or in part without assigning any reason thereto.
For more information kindly Login Kalahandi.nic.in.
Sd./- Headmistress cum convener, K.G.B.V. Hostel, U.P. School, Kiapadar
**Sd./- Headmistress, Govt. UPS (KGBV) Kiapadar**

**CUTTACK MUNICIPAL CORPORATION**
"e" PROCUREMENT NOTICE
2019_ORULB_55247
Tender Call Notice No.3102(PW) Date.09.08.2019
Name & No of Works : Civil Work
No of Works : 6 No
Bid Value : Rs.3.30 to Rs.7.86 Lakhs
Period of Completion : Two Calendar Month to Three Calendar month
Date and Time schedule :

| Start | End | Opening |
|---|---|---|
| 11.00 AM on dt. 13.08.2019 | 5.00 PM on dt.20.08.2019 | 11.00 A.M. on dt.26.08.2019 |

Tender Details : can be seen from the procurement portal : www.tendersorissa.gov.in
Executive Engineer-I

# ସୁଆର ମହାସୁଆର ନିଯୋଗ ନିର୍ବାଚନ ସରିଲା

## ଆଜି ଫଳାଫଳ

ପୁରୀ ଅଫିସ,୧୦।୮: ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶେଷ ହୋଇଛି। ଶନିବାର କୋଇଲି ବୈକୁଣ୍ଠ ପରିସର ନିଯୋଗ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ୩୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ୧୫ ନିର୍ବାଚିତ ହେବେ। ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସମେତ ବିଭିନ୍ନ ପଦପଦବୀ ଲାଗି ଚୟନ ହେବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ୧,୦୪୭ ସଦସ୍ୟଙ୍କ ମଧ୍ୟରୁ ୮୭୪ ଜଣ ମତଦାନ କରିଥିଲେ। ରବିବାର ସକାଳ ୯ଟାରୁ ନିଯୋଗ କାର୍ଯ୍ୟାଳୟରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। କେଉଁମାନେ ନିଯୋଗ ଦାୟିତ୍ୱରେ ରହିବେ ତାହା ଜଣାପଡ଼ିବ। ତେବେ ଏଥର ତିନିଗୋଷ୍ଠୀଙ୍କ ମଧ୍ୟରେ ଜୋର୍‌ଦାର ଲଢେଇ ଚାଲିଥିଲା। କେଉଁ ଗୋଷ୍ଠୀ ବାଜି ମାରିଛି ତାହା ଦେଖିବାକୁ ବାକି ରହିଲା।

# ପର୍ଯ୍ୟଟନ କ୍ଷେତ୍ରର ବିକାଶ ନେଇ ବୈଠକ

## ପର୍ଯ୍ୟଟକଙ୍କୁ ଉନ୍ନତ ସେବା ଯୋଗାଇବା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୦।୮: ବାତ୍ୟାରେ ପୁରୀ ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ପର୍ଯ୍ୟଟନ ଗାଇଡ଼, ଲାଇଫ୍ ଗାର୍ଡ, ଫଟୋଗ୍ରାଫରଙ୍କୁ ସରକାର ୫କୋଟି ୭୯ଲକ୍ଷ ଟଙ୍କା ଋଣ ସହାୟତା ପ୍ରଦାନ କରିଛନ୍ତି। ମୋଟ ୧,୦୬୬ଟି ଡଙ୍ଗା କ୍ଷତିଗ୍ରସ୍ତ ହୋଇଥିବାବେଳେ ୯୨୭ ଜଣ ସହାୟତା ପାଇଁ ଆବେଦନ କରିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଶନିବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପର୍ଯ୍ୟଟକମାନଙ୍କୁ ଉନ୍ନତ ସେବା ଯୋଗାଇଦେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। କ୍ଷତିଗ୍ରସ୍ତମାନଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଏସ୍‌ବିଆଇର ମୁଖ୍ୟ ପ୍ରବନ୍ଧକ, ଆଞ୍ଚଳିକ ପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

HEALTH CARE

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ୍ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ASTROLOGY

REAL ESTATE SALE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ
ବିପଦରୂପକ ଶସ୍ୟ କାଟିବାକୁ ହୁଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ପୁଣି ବାତିଲ୍ ହେଲା ୩ ଟ୍ରେନ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ):** ଟିଟିଲାଗଡ଼-ରାୟଗଡା ରେଳ ଷ୍ଟେଶନରେ ବାରମ୍ବାର ସମସ୍ୟା ଦେଖାଦେବାରୁ ପୂର୍ବତଟ ରେଳବାଇ ପକ୍ଷରୁ ୩ ଟ୍ରେନକୁ ବାତିଲ ସହ ୨ଟିକୁ ଆଂଶିକ ବାତିଲ୍ କରାଯାଇଛି। ଦୁର୍ଗ-ବିଶାଖାପାଟଣା-ଦୁର୍ଗ ପାସେଞ୍ଜରକୁ ଉଭୟ ପଟରୁ ୯ ରୁ ୧୩ ତାରିଖ ଯାଏ ବାତିଲ କରାଯାଇଛି। ସେହିଭଳି ସମ୍ବଲପୁର-କୋରାପୁଟ-ସମ୍ବଲପୁର ପାସେଞ୍ଜର ଓ ସମ୍ବଲପୁର-ଜୁନାଗଡ଼ ରୋଡ଼-ସମ୍ବଲପୁର ପାସେଞ୍ଜରକୁ ୧୦ ତାରିଖରୁ ୧୩ ତାରିଖ ଯାଏ ବାତିଲ କରାଯାଇଛି। ଅନ୍ୟପକ୍ଷରେ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟରସିଟିକୁ ୧୧ରୁ ୧୩ ତାରିଖ ଯାଏ କେବଳ ସମ୍ବଲପୁରରୁ ଟିଟିଲାଗଡ଼ ମଧ୍ୟରେ ଯାତ୍ରା କରିବାକୁ ଅନୁମତି ମିଳିଥିବାବେଳେ ଟିଟିଲାଗଡରୁ ରାୟଗଡା ଚଳାଚଳ ବନ୍ଦ ରହିବ। ରାୟପୁର-ବିଶାଖାପାଟଣା-ରାୟପୁର ଏକ୍ସପ୍ରେସ୍‌କୁ ରାୟଗଡାରୁ ଟିଟିଲାଗଡ଼ ମଧ୍ୟରେ ଚଳାଚଳ ବନ୍ଦ ରଖାଯାଇଛି। ଜଗଦଲପୁର-ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ ୧୧ ତାରିଖରୁ ଜଗଦଲପୁର ବଦଳରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରିବ ଏବଂ ଜଗଦଲପୁର ଓ ସମ୍ବଲପୁର ମଧ୍ୟରେ ଚଳାଚଳ ବନ୍ଦ ରହିବ। ବର୍ତ୍ତମାନ ରାୟଗଡାରେ ବନ୍ୟାରେ ଧୋଇଯାଇଥିବା ଟ୍ରାକ୍ ମରାମତି ପରେ ୨୪ ଘଣ୍ଟିଆ ନଜର ରଖାଯାଉଛି। ସେହି ଟ୍ରାକ ଦେଇ ଯାଉଥିବା ଟ୍ରେନର ଗତିକୁ ଘଣ୍ଟାପ୍ରତି ୧୦ କି.ମି ବେଗକୁ ଖସାଇ ଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର ପ୍ରବଳ ବର୍ଷାରେ ରାୟଗଡାର ଅମ୍ବାଦୋଳା ଓ ଡାଇକାଲୁ ମଧ୍ୟରେ ଟ୍ରାକ ଧୋଇଯାଇଥିଲା।

### ଜଷ୍ଟିସ ଅରିଜିତ ପଶାୟତ ପାଇବେ ଭୂମି ଗୌରବ ସମ୍ମାନ

**କଟକ ଅଫିସ,୧୦।୮:** ଆସନ୍ତା ୧୭ରେ କଟକ ସାରଳା ଭବନଠାରେ ବିଶିଷ୍ଟ ଆଇନଜ୍ଞ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କୁ ଭୂମି ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସାରଳା ସାହିତ୍ୟ ସଂସଦ ଏବଂ ଚେଲିତୋଳ



କଲଚରାଲ ଏକାଡମୀ ପକ୍ଷରୁ ଜଷ୍ଟିସ ପଶାୟତଙ୍କୁ ଜୀବନବ୍ୟାପୀ ସାଧନା ଓ ସିଦ୍ଧିର ସ୍ୱୀକୃତି ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଜଷ୍ଟିସ ପଶାୟତ ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟବିଚାରପତି ଓ ମୁଖ୍ୟ ବିଚାରପତି, କେରଳ ଓ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି, ସୁପ୍ରିମକୋର୍ଟର ବିଚାରପତି ଭାବେ ବହୁ ଐତିହାସିକ ରାୟ ଦେଇଛନ୍ତି। ୧୯୪୪ ମେ ୧୦ରେ ଜଗତ୍‌ସିଂହପୁର ଜିଲାର ରାଣୀପଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ।





ପ୍ରସାର ଭାରତୀ ଚେୟାରମ୍ୟାନ ଏ. ସୂର୍ଯ୍ୟ ପ୍ରକାଶ, ୟୁଜିସି ସଦସ୍ୟା ଡ. ମନୀଷା ଯାଦବ, ପିଆଇବି ଡିଜି ସୀତାଂଶୁ କର, କବି ଅମରେନ୍ଦ୍ର ଖଟୁଆ ଓ ପଲ୍ଲିବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥଙ୍କ ଉପସ୍ଥିତିରେ ଧରିତ୍ରୀ ଖବରଦାତା ସସ୍ମିତା ପାଇକରାୟ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ଚୈତାଳି ସୋମ ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ ଗ୍ରହଣ କରୁଛନ୍ତି।

# 'ଓଡ଼ିଶାବାସୀ ଦେଶର ଉନ୍ନତିରେ ମୁଖ୍ୟ ପୁରୋଧା ସାଜିଛନ୍ତି'

## ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ-୨୦୧୯

### ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ', 'ଧରିତ୍ରୀ'ର ସସ୍ମିତା ପାଇକରାୟ ସମ୍ମାନିତ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ବିଶ୍ୱର ବଡ଼ ବଡ଼ ଦେଶ ମଧ୍ୟରେ ଭାରତର ସ୍ୱାତନ୍ତ୍ର୍ୟ ରହିଛି। ଆମ ଦେଶରେ ସୁପ୍ରିମ୍‌କୋର୍ଟ ପରି ନ୍ୟାୟାଳୟ ଥିବାବେଳେ ଗଣମାଧ୍ୟମ ପରି ଜାଗ୍ରତ ପ୍ରହରୀ ମଧ୍ୟ ରହିଛି। ଆମ୍ଭେମାନେ ଗଣମାଧ୍ୟମ ସହିତ ଜଡ଼ିତ ରହି ଠିକ୍ କଥାକୁ ଲୋକଲୋଚନକୁ ଆଣିବା ଆବଶ୍ୟକ। ଆଉ ଏହି କାର୍ଯ୍ୟ ଓଡ଼ିଶାରେ ଠିକ୍ ଭାବେ ହେଉଛି। ଓଡ଼ିଶାବାସୀ ଦେଶର ଉନ୍ନତିରେ ମୁଖ୍ୟ ପୁରୋଧା ସାଜିଛନ୍ତି। ପ୍ରତିକ୍ଷେତ୍ରରେ ଏବେ ଓଡ଼ିଶାର ନାଁ ରହିଛି। ସାମ୍ବାଦିକତା ଦିଗରେ ମଧ୍ୟ ଓଡ଼ିଶା ଅଗ୍ରଗତି କରିଛି ବୋଲି ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ ପ୍ରଦାନ ଉତ୍ସବରେ ପ୍ରସାର ଭାରତୀର ଚେୟାରମ୍ୟାନ ଏ. ସୂର୍ଯ୍ୟ ପ୍ରକାଶ କହିଛନ୍ତି।

ପଲ୍ଲିବାଣୀ ମିଶନ ପକ୍ଷରୁ ଶନିବାର ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ ସ୍ପିକର ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୂର୍ଯ୍ୟ ପ୍ରକାଶ କହିଲେ, ଏବେ ସାମ୍ବାଦିକତାରେ ଡିଜିଟାଲ ମିଡିଆ ଏକ ନୂଆ ଯୁଗ ଭାବେ ଉଭା ହୋଇଛି। ଏଥିରେ ସମସ୍ତଙ୍କୁ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି। ଡିଜିଟାଲ ମିଡିଆ ଦ୍ୱାରା ଏବେ ସବୁ ଖବର କ୍ଷଣକେ ଜାଣି ହେଉଛି। ସାମାଜିକ ଗଣମାଧ୍ୟମ ଏହାର ପ୍ରସାରପ୍ରଚାରରେ ଅଧିକ କାମରେ ଆସୁଛି। ତେଣୁ ଗଣମାଧ୍ୟମ ପ୍ରତିନିଧି ଅଧିକରୁ ଅଧିକ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ଅବସରରେ ଓଡ଼ିଶାର ଏକମାତ୍ର ଇଂଲିଶ ଦୈନିକ ଖବରକାଗଜ 'ଓଡ଼ିଶା ପୋଷ୍ଟ'କୁ ସଂସ୍ଥାଭାବେ ଏବଂ 'ଧରିତ୍ରୀ'ର ଖବରଦାତା ସସ୍ମିତା ପାଇକରାୟଙ୍କୁ ସାଂସ୍କୃତିକ ଖବରଦାତା ରୂପେ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ' ମିଳିଛି। ଓଡିଶା ପୋଷ୍ଟ ପକ୍ଷରୁ ଖବରଦାତା ଚୈତାଳି ସୋମ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥିସହିତ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ବିରୂପାକ୍ଷ ତ୍ରିପାଠୀ, ଅର୍ଦ୍ଧେନ୍ଦୁ ଦାସ, ଅରବିନ୍ଦ ଦାସ, ଧୀରେନ୍ଦ୍ର ନାରାୟଣ ମିଶ୍ର, ସମ୍ବିତ ସାହୁ, ସୌଭାଗ୍ୟ ସୁନ୍ଦରରାୟଙ୍କୁ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ୨୩ବର୍ଷ ଧରି ନିୟମିତ ଭାବେ ପ୍ରକାଶ ପାଇ ଆସୁଥିବା ସାହିତ୍ୟ ପତ୍ରିକା 'ପଲ୍ଲୀବାଣୀ'ର ଏକ ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଆଇବିଡିଜିସିତାଂଶୁ କର, କବି ଓ କୂଟନୀତିଜ୍ଞ ଅମରେନ୍ଦ୍ର ଖଟୁଆ, ୟୁଜିସି ସଦସ୍ୟା ଡ. ମନୀଷା ଯାଦବ, ପଲ୍ଲିବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଆ ଓ ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ହାସଲ କରିଥିବା ସାମ୍ବାଦିକଙ୍କୁ ପ୍ରତିବର୍ଷ ପଲ୍ଲୀବାଣୀ ମିଶନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ସରିଲା 'ଇନ୍ଦ୍ରଧନୁ', ନୂଆ ଜ୍ଞାନ ପାଇଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୦।୮(ବ୍ୟୁରୋ)



ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ପ୍ରଶିକ୍ଷଣ ଶିବିର 'ଇନ୍ଦ୍ରଧନୁ' ଶନିବାର ଶେଷ ହୋଇଛି। ଶିବିରରେ ଗଣିତ, ସାହିତ୍ୟ, ବିଜ୍ଞାନ, ଓଡ଼ିଆ, ଚିତ୍ରାଙ୍କନ, ମାଟିକଳା, ନୃତ୍ୟ ଆଦି ୭ ବିଭାଗର କର୍ମଶାଳା ଆୟୋଜିତ ହୋଇଥିଲା। ୱାର୍ଲଡ ଭିଜନ, ଭି. ଗାର୍ଡ, କର୍ତ୍ତବ୍ୟ ଇଣ୍ଡିଆ, ଅଗସ୍ତ୍ୟ ଫାଉଣ୍ଡେଶନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରୁ ୨୦୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ନୂଆ ଜ୍ଞାନ ଓ ଦକ୍ଷତା ସହ ଘରକୁ ଫେରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବ୍ଲାଇଣ୍ଡ ସ୍କୁଲ, ଡିଫ୍ ସ୍କୁଲ ଓ ଚେତନା ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ନିଜ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। ଏବିଇଓ ରବୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସିଆର୍‌ସିସି ମଧୁମିତା ଦାସ ସଭା ପରିଚାଳନା କରିଥିଲେ। ନିଜ ପରିଶ୍ରମ ବଳରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶେଷ ଦିନରେ ଅତିଥି ରୂପେ ଡକାଯାଇଥିଲା। ସେମାନେ ହେଲେ ସୌମ୍ୟ ରଞ୍ଜନ ସାହୁ, ସୌମ୍ୟା ଶ୍ୱେତା ବେହେରା, ବିକ୍ରମାଦିତ୍ୟ ବେହେରା। ଶେଷରେ ତିନିଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।



# ସାଧାରଣରେ କଳା, କଳାକାରଙ୍କ କଥା ଆଲୋଚନା ହେବା ଜରୁରୀ

## ୨୩୧ତମ 'ମିଟ୍ ଦ ଆର୍ଟିଷ୍ଟ'

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଓଡ଼ିଶାର ଅନେକ ଚିତ୍ର ଓ ଭାସ୍କର୍ଯ୍ୟ ଶିଳ୍ପୀ ଦେଶର ବିଭିନ୍ନ ସହରରେ ଭଲ କାମ କରି ନାମ କମାଉଛନ୍ତି। ହେଲେ ଜନ୍ମମାଟିରେ ତାଙ୍କ ପ୍ରତିଭାକୁ ସମ୍ମାନ ମିଳୁନି। ସେମାନଙ୍କ ବିଷୟରେ କେହି ଅଧିକ କିଛି ଜାଣି ନାହାନ୍ତି। ଏହା ବହୁତ ଦୁଃଖ ଓ ପରିତାପର ବିଷୟ। ତେଣୁ ସାଧାରଣରେ କଳା ଓ କଳାକାରଙ୍କ କଥା ଆଲୋଚନା ହେବା ଜରୁରୀ ବୋଲି ଜେଡ଼ିସିଏ ପ୍ରତିଷ୍ଠାତା ଯତୀନ ଦାସ କହିଛନ୍ତି। ଶନିବାର ଜେଡିସିଏ ଭୁବନେଶ୍ୱର ପକ୍ଷରୁ ୨୩୧ତମ 'ମିଟ୍ ଦ ଆର୍ଟିଷ୍ଟ' ଅନୁଷ୍ଠିତ ହୋଇଥିଲା। ଏଥିରେ ଦାସ ପୌରୋହିତ୍ୟ କରି କହିଲେ, ପ୍ରତ୍ୟେକ ଓଡ଼ିଆ ନିଜ ଘରେ ଓଡ଼ିଆ କଳାକାର ଓ ଶିଳ୍ପୀଙ୍କ ଗୋଟିଏ କଳାକୃତି ରଖିଲେ ଆମ କଳା ଓ କଳାକାରଙ୍କର ଆଦର ବଢ଼ିବ। ଏ ଦିଗରେ ସରକାର ଓ ସବୁ ସରକାରୀ ଏବଂ ବେସରକାରୀ ସଂସ୍ଥା ମଧ୍ୟ ଏ ଦିଗରେ ସହଯୋଗର ହାତ ବଢ଼ାଇବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ତଥା ଶିଳ୍ପୀ ପ୍ରତାପଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇ 'କଳାକାର ଭାବେ ମୋ ଜୀବନଯାତ୍ରା' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଆଧୁନିକ ମିଶ୍ରଣ ମାଧ୍ୟମ (ମିକ୍ସ ମିଡିଆ)ରେ ଚିତ୍ର, ଭାସ୍କର୍ଯ୍ୟ, ଷ୍ଟୁଡିଓ ପୋଟେରୀ ଇନ୍‌ଷ୍ଟଲେଶନ ଆଦି କ୍ଷେତ୍ରରେ ତାଙ୍କର ରହିଥିବା ଅଭିଜ୍ଞତାକୁ ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦେବୀପ୍ରସନ୍ନ ପଟ୍ଟନାୟକ, ଅନନ୍ତ ଚରଣ ସାହୁ, ଅଞ୍ଜନ କୁମାର ସାହୁ, ଅପର୍ଣ୍ଣା ରାୟ, ଧୀରେନ ଦାସ, ମଙ୍ଗଳା ପ୍ରସାଦ ମହାନ୍ତି, ଶୁଭକାନ୍ତ ଦାସ, ରତ୍ନାକର ବରାଳ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ନୀତି ୬ ଘଣ୍ଟା ବିଳମ୍ବ

ପୁରୁଣା ଭୁବନେଶ୍ୱର, ୧୦।୮ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶନିବାର ନୀତି ୬ ଘଣ୍ଟା ବିଳମ୍ବ ହୋଇଥିଲା। ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇ ସମାଧାନ କରିବା ପରେ ପୁଣି ସନ୍ଧ୍ୟା ସାଢେ ୬ଟାରେ ଶ୍ରୀଜୀଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିବା ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି। ଖବର ନେବାରେ ଜଣାପଡିଛି ଯେ, ସକାଳେ ଠାକୁରଙ୍କ ଯଥାରୀତି ଆଳତି, ଅବକାଶ ଦର୍ଶନ ଚାଲିଥିଲା। ପୂର୍ବାହ୍ନ ସାଢେ ୧୨ଟାରେ ଠାକୁରଙ୍କ ଠାକୁରାଣୀ ସକାଳ ଧୂପ ଚାଲିଥିଲା। ତେବେ ପାଳିଆ ପୂଜାପଣ୍ଡା ପିଢାରୁ ଉଠି ନ ଥିବା ବେଳେ ହଠାତ୍ ମହାସୁଆର ସେବାୟତ ଭିତର କବାଟ ଖୋଲି ଦେଇଥିଲେ। ପରେ ପୂଜାପଣ୍ଡା ସେବାୟତ ବେଶ ଏବଂ ଭୋଗ ମାରା ହେଲା ବୋଲି କହିଥିଲେ। ମାତ୍ର ଏହାକୁ ଅନ୍ୟ ସେବାୟତ ମାନି ନ ଥିଲେ। ଯାହାକୁ କେନ୍ଦ୍ରକରି ଠାକୁରଙ୍କ ନୀତି ବନ୍ଦ ରହିଥିଲା। ଅପରାହ୍ନରେ ଦେବୋତ୍ତର କମିଶନର, ଏଡିଏମ୍ ଏବଂ ବୋର୍ଡ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ତ ପ୍ରମୁଖ ନିଯୋଗ ମୁଖ୍ୟ ବୈଠକରେ ସାମିଲ ହୋଇଥିଲେ। ଶେଷରେ ସମସ୍ତଙ୍କ ସହମତିରେ ମହାସ୍ନାନ କରାଯିବା ପରେ ଠାକୁରାଣୀଙ୍କ ସକାଳ ଧୂପରୁ ପୁଣି ନୀତି ଆରମ୍ଭ ହୋଇଥିଲା। ପରେ ସ୍ୱତନ୍ତ୍ର ଧାରା ଲାଗୁ ହେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

# ଜାହାଜକୁ ନେଇ ପ୍ରକାଶ ପାଉଛି କଳ୍ପନାଜଳ୍ପନା

କୃଷ୍ଣପ୍ରସାଦ,୧୦।୮(ଡି.ଏନ.ଏ.)

ମାଲେସିଆରୁ ବିଶାଖାପାଟଣା ଯାଉଥିବା ଏକ ପଣ୍ୟବାହୀ ଜାହାଜ କୃଷ୍ଣପ୍ରସାଦ ବ୍ଲକ ନିକଟ ବଙ୍ଗୋପସାଗର ଉପକୂଳରେ ଗତ ଗୁରୁବାରଠାରୁ ଫସିରହିଛି। ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ପାକିସ୍ତାନ ଜଳପଥ ଦେଇ ଭାରତରେ କିଛି ଅଘଟଣ ଘଟାଇବା ଯୋଜନା କରୁଥିବା କୁହାଯାଉଛି। ଏ ନେଇ ନୌସେନା ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଜାହାଜଟି ବଙ୍ଗୋପସାଗର ବିସ୍ତୀର୍ଣ୍ଣ ଝାଉଁଜଙ୍ଗଲ ନିକଟରେ ଲାଗିରହିଥିବାରୁ ନାନା ସନ୍ଦେହ ସୃଷ୍ଟି ହେଉଛି। ଏଥିରେ ଯାନ୍ତ୍ରିକ ତ୍ରୁଟି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଉକ୍ତ ଜାହାଜଟି ଏହି ରାସ୍ତାଦେଇ କଞ୍ଚାମାଲ ନେଇ ଯାତାୟାତ କରୁଥିବା ଷ୍ଟେଟ ମେରାଇନ କାର୍ଯ୍ୟାଳୟ ପାରାଦୀପରୁ ଆସିଥିବା ମ୍ୟାନେଜିଂ ପାର୍ଟନର ଗଦାଧର ମନ୍ତ୍ରୀ ପ୍ରକାଶ କରିଛନ୍ତି। କୃଷ୍ଣପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ଭୋଟର ପରିଚୟପତ୍ର ଯାଞ୍ଚକରି ତଦନ୍ତ ଆରମ୍ଭ କରିଛି। ଜାହାଜଟି ସମୁଦ୍ର ବାଲିରେ ଧୀରେ ଧୀରେ ପୋତି ହେବାରେ ଲାଗିଛି। କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ଅନୁପସ୍ଥିତ ଥିବାବେଳେ ଫୋନ ଯୋଗାଯୋଗ ହୋଇପାରୁ ନ ଥିବାରୁ ଅଧିକ ତଥ୍ୟ ସଂଗ୍ରହ ହୋଇନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଧନଞ୍ଜୟ



ବିଜୟ



ତାରାପ୍ରସାଦ



ମଣ୍ଟୁ



ଚନ୍ଦନ



ମୁନ୍‌ମୁନ୍



ଶ୍ରୀମା

# ସେଦିନ ବର୍ଷାରେ...





ପ୍ରତିବର୍ଷ ବର୍ଷା ଆସେ ପୁଣି ଚାଲିଯାଏ। ହେଲେ ପଛରେ ଛାଡିଯାଏ ଅନେକ ସ୍ମୃତି । ଏଭଳି କିଛି ଅଭୁଲା ବର୍ଷା ଅନୁଭୂତିକୁ ନେଇ ଆଜିର ଉପସ୍ଥାପନା...





**କାଦୁଅରେ ଖସିଗଲା ଗୋଡ଼:** ୨୦୦୭ ସେପ୍ଟେମ୍ବର ମାସର ଘଟଣା। ସେହି ସମୟରେ ମୁଁ ନିରାକାରପୁର କଲେଜରେ ଯୁକ୍ତ୩ ଦ୍ୱିତୀୟର ବର୍ଷ ଛାତ୍ରୀ ଥାଏ। କଲେଜରୁ କ୍ଲାସ୍ ସାରି ଘରକୁ ଫେରୁଥାଏ। ହଠାତ୍ ବୋଉର ଫୋନ ଆସିଲା। କଲେଜରୁ ଫେରିବା ବେଳେ ପରିବା ନେଇ ଆସିବୁ। କଲେଜରୁ ଘରକୁ ନ ଯାଇ ସିଧା ପରିବା ବଜାରରେ ପହଞ୍ଚିଗଲି। ବର୍ଷାଦିନ। ନିରାକାରପୁର ବଜାରରେ ପାଣି ଜମି ରହିଥିଲା। ପରିବା ଚୋପାରେ ପାଣି ଜମି କାଦୁଅ ହୋଇଯାଇଥିଲା ମୋର ଆଉ ଧାରଣା ନ ଥିଲା। ତେଣୁ ଅସତର୍କ ଭାବେ ପରିବା କିଣିବାକୁ ଗଲି। ଯେମିତି ଆଗକୁ ପାଦ ପକାଇଛି, ଗୋଡ଼ ଖସି ସିଧା ପଡ଼ିଲି ତଳେ। ପାଣି ସାଙ୍ଗକୁ କାଦୁଅ, ଓଃ ଯୋଉ ପରିସ୍ଥିତି ହେଲା ନ କହିବା ଭଲ। ୟୁନିଫର୍ମ ସାରା କାଦୁଅ ଲାଗିଯାଥିଲା, ହେଲେ ଭାଗ୍ୟବଶତଃ ମୋ ଦେହରେ କୌଣସି ଖଣ୍ଡିଆ ଖାବରା ହୋଇ ନ ଥିଲା। ତରତର ହୋଇ ଉଠିଲା ବେଳକୁ ସମସ୍ତେ ମୋ ଆଡ଼େ ଚାହୁଁଥିବାର ଦେଖି ଯେତିକି ଲାଜ ଲାଗୁଥିଲା ବହିପତ୍ର ଓଦା ହୋଇଯାଇଥିବାରୁ ସେତିକି ଦୁଃଖ ବି ଲାଗୁଥିଲା। କେମିତି ଯାଇ ଘରେ ପହଞ୍ଚିବି ଚିନ୍ତା କରୁଥିଲି। ଏହି ସମୟରେ ମୋର ଜଣେ ସାଙ୍ଗ ବିଷ୍ଣୁପ୍ରିୟା ଆସି ପହଞ୍ଚିଲା। ଆଉ ସବୁ ଘଟଣା ଜାଣିବା ପରେ ମୋତେ ତା' ଗାଡ଼ିରେ ନେଇ ଘରେ ଛାଡ଼ିଦେଲା। ଘରେ ମୋତେ ଦେଖି ଅବାକ୍ ହୋଇଯାଇଥିଲେ । ସବୁକଥା ଶୁଣିବା ପରେ ସମସ୍ତେ ଠୋ ଠୋ ହସିଥିଲେ। ବର୍ଷାଦିନ ଆସିଲେ ନିରାକାରପୁର ବଜାର କଥା ମନେପଡ଼ିଯାଏ। ଆଜି ବର୍ଷାଦିନ ହେଲେ ସେ ବଜାରକୁ ଯିବା ମାତ୍ରେ ସେହି ସ୍ମୃତି ମନେପଡ଼ି ବହୁତ ହସ ଲାଗେ। ଏବେ ବି ମୋ ସାଙ୍ଗ ଚିଡ଼ାଏ, ଆରେ ନିରାକାରପୁର ପରିବା ବଜାରରେ ପାଣି ଜମିଛି। ଦେଖିକି ଯିବୁ , ନ ହେଲେ ପୁଣି ତଳେ ପଡ଼ିଯିବୁ।

*–ସାଗରିକା ରଥ, ଗଜପତିନଗର, ପୁରୀ*

**ଶବ ପୋଡ଼ିବାକୁ ୪ଘଣ୍ଟା ଭିଜିଥିଲି:** ବର୍ଷେ ତଳର କଥା। ରାତି ପ୍ରାୟ ସାଢ଼େ ଏଗାରଟା ହେବ। ଘରେ ବସି ଆରାମ କରୁଥାଏ। ହଠାତ୍ ଖବର ଆସିଲା, ଭଦ୍ରକର ଜଣେ ବନ୍ଧୁଙ୍କ ଭଉଣୀ ଚାଲିଗଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ଏଣେ ପୁରୀରେ ସେମାନଙ୍କର କେହି ସମ୍ପର୍କୀୟ ବି ନାହାନ୍ତି। ପ୍ରଥମଥର ଲାଗି ଆସୁଥିବାରୁ ସ୍ୱର୍ଗଦ୍ୱାରରେ ଶବ ପୋଡ଼ିବାରେ ସହଯୋଗ ଲାଗି ଅନୁରୋଧ କରୁଥିଲେ। ସେତେବେଳେ ଅଳ୍ପମାତ୍ରାରେ ବର୍ଷା ହେଉଥିଲା। ମୁଁ ମୋର ଜଣେ ବନ୍ଧୁ ରାଜାକୁ ସାଙ୍ଗରେ ନେଇ ସ୍ୱର୍ଗଦ୍ୱାରରେ ପହଞ୍ଚି ଶବ ସତ୍କାର ଲାଗି ବ୍ୟବସ୍ଥା କଲୁ। ବର୍ଷା ହେଉଥିବାରୁ ଯେତେ ଶୀଘ୍ର ହେବ ଶବ ପୋଡ଼ିବା ଲାଗି ଆମେ ଚେଷ୍ଟା କରୁଥିଲୁ। ହେଲେ ନିଆଁ ଲଗାଇବାର ମାତ୍ର କିଛି ସମୟ ହୋଇଛି ପ୍ରବଳ ମାତ୍ରାରେ ବର୍ଷା ଆରମ୍ଭ ହୋଇଗଲା। ସ୍ୱର୍ଗଦ୍ୱାରରେ ସେ ସମୟରେ କାଁ ଭାଁ ଲୋକ ରହିଥାନ୍ତି। ଶବ ପୋଡ଼ା ଆରମ୍ଭ ହୋଇସାରିଥିବାରୁ ଦରପୋଡ଼ା ଅବସ୍ଥାରେ ଛାଡ଼ି ବି ହେଉ ନ ଥିଲା। ତେଣୁ ଯାହାବି ହେଉ ସାହାଯ୍ୟ କରିବୁ ଏବଂ ଏହି କାର୍ଯ୍ୟ ସାରିବୁ ବୋଲି ନିଷ୍ପତ୍ତି ନେଲୁ। ପ୍ରଥମେ ଶବ ପୋଡ଼ା ସ୍ଥାନ ଚାରିପେଟ ପାଣି ନ ପଶିବା ଲାଗି ବାଲିର ଏକ ବନ୍ଧ କଲୁ। ଯଦିଓ ଶବ ଉପରେ କୌଣସି ବସ୍ତୁ ପକାଇବା ଲାଗି ଅନ୍ୟମାନେ ବିରୋଧ କରିଥିଲେ, ତଥାପି କୌଣସି ଉପାୟ ନ ଥିବାରୁ ଆମେ ଶବ ଓଦା ନ ହେବା ଲାଗି ମଶିଣା ଘୋଡ଼ାଇ ପୋଡ଼ିଲୁ। ବାହାରେ ଠିଆ ହୋଇଥିବା ଲୋକେ ଆମ ଶବ ପୋଡ଼ିବା ଦେଖୁଥାନ୍ତି। ପ୍ରାୟ ୪ ଘଣ୍ଟା ବର୍ଷାରେ ଭିଜି ଭିଜି ଶେଷରେ ଆମେ ସମ୍ପୂର୍ଣ୍ଣ ପୋଡ଼ିବା କାମ ସାରିଲୁ। ସେତେବେଳକୁ ସକାଳ ହୋଇଯାଇଥିଲା। ଏବେ ବି ବର୍ଷାଦିନରେ ସ୍ୱର୍ଗଦ୍ୱାରକୁ ଗଲେ, ସେହି ସ୍ମୃତି ଆପେ ଆପେ ତାଜା ହୋଇଯାଏ।

*–ସନ୍ତୋଷ ଶେଖର ମହାନ୍ତି, ଦୋଳମଣ୍ଡପ ସାହି, ପୁରୀ*

**ଚାଳ ତଳେ ବିତିଗଲା ଦିନ:** ସେଦିନ ଥାଏ ଶ୍ରାବଣ ମାସ ପ୍ରଥମ ସୋମବାର। ସକାଳୁ ଉଠି ନିତ୍ୟକର୍ମ ସାରି କଲେଜ ଯିବା ପାଇଁ ବାହାରିଲି। ଘରଠାରୁ କଲେଜର ଦୂରତା ପ୍ରାୟ ୧୭ କି.ମି.। ଘରରୁ ଅଳ୍ପ ଦୂର ଯାଇଛି ଆଗରେ ଗୋଟିଏ ବିଲେଇ ପାସ୍ କଲା। ବିଲେଇଟିର ରଙ୍ଗ କଳା ଏବଂ ଦେଖିବାକୁ କେମିତି ଏକ ଭୟଙ୍କର ଲାଗୁଥିଲା। ସେ ବିଲେଇ ମୋ ପାଇଁ ଶୁଭ କି ଅଶୁଭ ଥିଲା ତା' ତ ମୁଁ ଜାଣିନି ହେଲେ ମନରେ କେମିତି ଏକ ଦ୍ୱନ୍ଦ୍ୱ ଥିଲା। ଆଗକୁ ଯିବି ନା ଘରକୁ ଫେରିଯିବା ଠିକ୍ ହେବ ନିଷ୍ପତ୍ତି ନେଇ ପାରୁ ନ ଥିଲି। ତଥାପି କଲେଜ ଗଲି। ଅଳ୍ପ ବାଟ ଯାଇଛି ଘନ କଳା ବାଦଲ ଆକାଶରେ ଘୋଟି ଆସିଲା। ଧୀରେ ଧୀରେ ବର୍ଷା ବି ଆରମ୍ଭ ହୋଇଗଲା ଆଉ ମୁଁ ଭିଜିଗଲି। ଖୁବ୍ ଜୋରରେ ପବନ ହେବାରୁ ଦେହ କମ୍ପିଉଠୁଥିଲା ଆଉ ଗାଡି ଚଲାଇବାରେ ଅସୁବିଧା ହେଉଥିଲା। ରାସ୍ତା କଡରେ ବନ୍ଦ ଥିବା ଏକ ଚାଳ କ୍ୟାବିନ୍ ଘର ପାଖରେ ଠିଆ ହୋଇଗଲି। ବେଳକୁ ବେଳ ବର୍ଷା ପବନ ଯେତେ ବଢି ବଢି ଚାଲୁଥିଲା ମନରେ ଡର ବି ସେତିକି ବଢୁଥିଲା। ଏଣେ ଭୋକରେ ପେଟରେ ମୂଷା ଦୌଡୁଥିଲେ। ପାଖରେ ରେନିକୋଟ ନ ଥିବାରୁ ବର୍ଷା ଛାଡିବାକୁ ବାଧରେ ଅପେକ୍ଷା କରି ରହିଲି। ସକାଳୁ ସନ୍ଧ୍ୟା ହୋଇଗଲା। ଯେମିତି ବର୍ଷା କମିଲା ଏକା ନିଃଶ୍ୱାସରେ ଗାଡି ଧରି ଘରକୁ ଚାଲିଗଲି। ଡ୍ରେସ୍ ବଦଳାଇ ପ୍ରଥମେ ଖାଇଲା ପରେ ଟିକେ ଆରାମ ମିଳିଲା। ଏବେବି ବର୍ଷାରେ କୁଆଡେ ବାହାରିବା ମାତ୍ରେ ସେଦିନର ବର୍ଷା ଆଉ ସେ ଚାଳଘର ମୋ ଆଖି ଆଗରେ ନାଚିଉଠେ।

*– ସୁଦର୍ଶନ ଗିରି, ଛାତ୍ର, ଉଦୟନାଥ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, କଟକ*

**ଅଭୁଲା ସେ ବର୍ଷା ରାତି:** ୧୯୯୯ ମସିହାର ଘଟଣା। ବର୍ଷାଦିନ ଚାଲିଥିଲା। କିଛିଦିନ ଲଗାତର ପ୍ରବଳ ବର୍ଷା ଲାଗିରହିଥିବାରୁ ସମସ୍ତଙ୍କୁ ଘାରିଥିଲା ବନ୍ୟା ଭୟ। ଦିନେ ରାତି ପ୍ରାୟ ଗୋଟାଏ ହେବ ଘର ବାହାରୁ ଖୁବ୍ ଜୋର୍‌ରେ ଶବ୍ଦ ଶୁଭିଲା– ପାଣି ମାଡି ଆସିଲା, ପାଣି ମାଡି ଆସିଲା। ଶୋଇବା ଛାଡି ଧଡପଡ ହୋଇ ଉଠିବା ବେଳକୁ ଚାରିଆଡେ ପାଣି ହିଁ ପାଣି । ଚାହୁଁ ଚାହୁଁ କିଛି କ୍ଷଣ ଭିତରେ ଘରର ଆସବାବପତ୍ର ଭାସିବା ଆରମ୍ଭ ହୋଇଗଲା। ପଡିଶା ଘର ଲୋକେ ଆଉ ଆମ ମା' ମିଶି ଆମ ଭାଇଭଉଣୀମାନଙ୍କୁ ଉପର ଘରକୁ ନେଇଗଲେ। କିଛି ସମୟ ପରେ ମୋର ହଠାତ୍ ମନେପଡିଲା ଆମ କୁକୁର ଛୋଟୁ କଥା। ବିଳମ୍ବ ନ କରି ପାଣିକୁ ଡେଇଁ ପଡି ଛୋଟୁକୁ ଉଦ୍ଧାର କଲି ସତ, ହେଲେ ନିଜେ ପାଣିରୁ ବାହାରିବା କଷ୍ଟ ହୋଇ ପଡିଲା। ଘରେ ସେଦିନ ମାମୁ ଥିବାରୁ ମୋତେ ଆଉ ଛୋଟୁକୁ ଉପରକୁ ନେଇଗଲେ। ବର୍ଷା ସାଙ୍ଗକୁ ବଢି ପାଣିର ସ୍ତର କ୍ରମଶଃ ବଢିଚାଲୁଥିଲା ଆଉ ଆମେ ଭୋକରେ ଆଉଟୁ ପାଉଟୁ ହେଉଥିଲୁ। ସେଠାରୁ ସମସ୍ତଙ୍କୁ ଉଦ୍ଧାର କରି ବିଭିନ୍ନ ଉଚ୍ଚା ସ୍ଥାନକୁ ନିଆଗଲା। ଆମକୁ ଗଞ୍ଜାମ ଲ' କଲେଜରେ ଛଡାଗଲା। ୨ ଦିନ ପରେ ଆମ ପାଖେ ରିଲିଫ୍‌ରେ କିଛି ଖାଦ୍ୟ ପହଞ୍ଚିଲା। ଏମିତି କଷ୍ଟରେ ପାଞ୍ଚ ଦିନ କାଟିବାକୁ ପଡିଥିଲା। ପାଣି କମିବା ପରେ ଆମେ ଘରକୁ ଗଲୁ। ଏବେବି ସେ ଅନ୍ଧକାର ରାତିର ବର୍ଷା ଆଉ ବନ୍ୟା ପାଣିର ଭୟଙ୍କର ଗର୍ଜନ ମନେ ପଡିଲେ ଲୋମ ଟାଙ୍କୁରି ଉଠେ।

*– ପ୍ରିୟଙ୍କା ପି.ଏସ୍., ବ୍ରହ୍ମପୁର*



ପ୍ରିୟଙ୍କା



ସନ୍ତୋଷ



ସାଗରିକା



ସୁଦର୍ଶନ

## ଏ ସପ୍ତାହର ପ୍ରଶ୍ନ

୧– ........... ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ସ୍କୋର୍ଟ୍ସ ଇନିସିଏଟିଭ୍ ପ୍ରତିଷ୍ଠା କରାଯାଇଛି ?
୨– ୨୦୧୯ ମସିହାରେ ୱାର୍ଲ୍ଡ ବ୍ରେଷ୍ଟଫିଡିଂ ୱିକ୍‌ର ଥିମ୍ ............ ?
୩– ମିସ୍ ୱାର୍ଲ୍ଡ ଡାଇଭର୍ସିଟିର ୨୦୧୯ର ବିଜୟିନୀ.......... ?
୪– ଭାରତର ପ୍ରଥମ ଥ୍ରୀଡି ସ୍ମାର୍ଟ ଟ୍ରାଫିକ୍ ସିଗ୍‌ନାଲ 'ଇଣ୍ଟେଲାଇଟ୍ସ' ସେବା .......... ସହରରେ ଆରମ୍ଭ କରାଯାଇଛି ?
୫– ୨୦୧୯ ପୋଲାଣ୍ଡ ଓପନ ରେସ୍‌ଲିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ବିଜୟିନୀ ଭାରତୀୟ କ୍ରୀଡ଼ାବିତ୍.............. ?

## ଗତ ଥରର ଉତ୍ତର

୧ ଭି.କେ. ଜୋହରି
୨ ନେପାଳ
୩ ହ୍ୱାଟ୍ସଆପ୍
୪ ସୁଦର୍ଶନ ପଟ୍ଟନାୟକ
୫ ଶିବ ଥାପ୍ପା

## ଉତ୍ତର ଦାତା



ରବୀନ୍ଦ୍ର ନାଥ, ଝାଡ଼ଖଣ୍ଡ



ପ୍ରଭୁରଞ୍ଜନ ମୁଦୁଲି, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

## ଲକ୍ଷ୍ୟ ଅନ୍ତର୍ଜାତୀୟ ପରିଚିତି

ଟିଭିରେ ଆଲବମ୍ ଗୀତ ଦେଖିବା ମାତ୍ରେ ଖୁସିରେ ଝୁମି ଝୁମି ନାଚି ଉଠୁଥିଲା ତାଙ୍କ କୁନି କୁନି ପାଦ। ଝିଅର ଏହି ଆଗ୍ରହ ଦେଖି ମା'ବାପା ମଧ୍ୟ ଯୋଗାଇ ଦେଇଥିଲେ ଆଗକୁ ବଢ଼ିବାର ପ୍ରେରଣା । ମାତ୍ର ତିନିବର୍ଷ ବୟସରୁ ହିଁ ସେମାନେ ଆରମ୍ଭ କରାଇଥିଲେ ତାଙ୍କ ଓଡ଼ିଶୀନୃତ୍ୟ ଶିକ୍ଷା। ସେବେଠୁ ସେ ନିଜ ନୃତ୍ୟର ଯାଦୁ ଦେଖାଇ ସାଉଁଟିଛନ୍ତି ଅନେକ ସମ୍ମାନ ଓ ପ୍ରଶଂସା। ସେ ହେଉଛନ୍ତି ବରଗଡ଼ ଗୋପାଳୁଣୀନଗରରେ ରହୁଥିବା ମା' ମଧୁଲିତା ଏବଂ ବାପା ଅକ୍ଷୟ ଦାସଙ୍କ ଝିଅ ଆର୍ଯ୍ୟରୂପା। ବର୍ତ୍ତମାନ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଯୁକ୍ତ୨ କଳା ୨ୟ ବର୍ଷ ଛାତ୍ରୀ ହୋଇଥିଲେ ହେଁ ଓଡ଼ିଶୀନୃତ୍ୟରେ ବିଶାରଦ ହାସଲ କରିସାରିଛନ୍ତି। ଓଡ଼ିଶୀ ବ୍ୟତୀତ ମାହାରୀ ଏବଂ ସମ୍ବଲପୁରୀ ନୃତ୍ୟ ଶିଖିଥିବା ଆର୍ଯ୍ୟରୂପା ମଡର୍ନ ଡାନ୍ସରେ ବି ନିପୁଣା। ଇତିମଧ୍ୟରେ ସେ ରାଜ୍ୟର ଅନେକ ଜିଲ୍ଲା ସମେତ ଅଯୋଧ୍ୟା, କଲିକତା, ତ୍ରିପୁରା, ଚଣ୍ଡିଗଡ଼, ନୂଆଦିଲ୍ଲୀ ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରୀୟ ଉତ୍ସବରେ ନୃତ୍ୟ ପରିବେଷଣକରି ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ଦର୍ପଣ ପ୍ରତିଭା ସମ୍ମାନ, ରାଜୀବ ଗାନ୍ଧୀ ସଦ୍‌ଭାବନା ଆୱାର୍ଡ, ଦେବସ୍ମୃତି ସମ୍ମାନ, ସୁର ସଙ୍ଗୀତ ସମ୍ମାନ, ଭାରତୀୟ ସଂସ୍କୃତି ସମ୍ମାନ ଭଳି ଅନେକ ପୁରସ୍କାର। ଏହା ବ୍ୟତୀତ ସେ ମୁନ୍ ଟିଭିରେ ପ୍ରସାରିତ ଡାନ୍ସିଂ କୁଇନ୍, ଇ ଟିଭିରେ ପ୍ରସାରିତ ବୁମ୍ ସାକାଲାକା ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଜୟିନୀ ମୁକୁଟ ବି ପିନ୍ଧି ସାରିଛନ୍ତି। କେବଳ ନୃତ୍ୟ ନୁହେଁ, ପେଣ୍ଟିଂରେ ରୁଚି ରଖୁଥିବା ଏହି ନୃତ୍ୟଶିଳ୍ପୀ ସମୟ ପାଇଲେ ୟୁଟ୍ୟୁବ୍ ଏବଂ ବିଭିନ୍ନ ଟିଭି ଚ୍ୟାନେଲରୁ ରୋଷେଇ ଶିଖି ନୂଆ ନୂଆ ଆଇଟମ୍ ରାନ୍ଧି ପରିବାର ଲୋକଙ୍କୁ ଖୁଆଇବାକୁ ଖୁବ୍ ଭଲପାଆନ୍ତି। ବର୍ତ୍ତମାନ ସେ ନିଜ ନୃତ୍ୟଶିକ୍ଷା ଜାରି ରଖିବା ସହ ଛୋଟ ଛୋଟ ପିଲାଙ୍କୁ ମଧ୍ୟ ନୃତ୍ୟ ଶିକ୍ଷା ଦେଉଛନ୍ତି। ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ସ୍ତରୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଥିବା ଆର୍ଯ୍ୟରୂପା ନିଜ ସଫଳତା ପଛରେ ମା'ବାପାଙ୍କ ପ୍ରେରଣା ଏବଂ ଶାଶ୍ୱତ ଜୋଷୀ, ସେଫାଳିକା ମହାନ୍ତି, ବ୍ରଜକିଶୋର ମଲ୍ଲିକ ଏବଂ ଅନ୍ୟ ସମସ୍ତ ଗୁରୁଙ୍କ ଆଶୀର୍ବାଦ ରହିଥିବା କୁହନ୍ତି।



ଆର୍ଯ୍ୟରୂପା

## ଆମ ଶରୀର ମସ୍ତିଷ୍କ



ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟକଳାପରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ମସ୍ତିଷ୍କ। ଆସନ୍ତୁ, ଜାଣିବା ମଣିଷ ମସ୍ତିଷ୍କ ସମ୍ପର୍କରେ କିଛି ରୋଚକ ତଥ୍ୟ....

- ମଣିଷ ମସ୍ତିଷ୍କର ସାଧାରଣ ଓଜନ ୩ ପାଉଣ୍ଡ ବା ୧୪୦୦ ଗ୍ରାମ୍। ମହିଳାଙ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କ ୧୦% ବଡ଼। ହେଲେ ମହିଳାଙ୍କ ମସ୍ତିଷ୍କର ହିପୋକ୍ୟାମ୍ପସ୍(ସ୍ମରଣଶକ୍ତି ସହ ଜଡ଼ିତ ମସ୍ତିଷ୍କର ଏକ ଅଂଶ) ପୁରୁଷଙ୍କଠାରୁ ଅପେକ୍ଷାକୃତ ବଡ଼। ତେବେ ଏକ କୌତୂହଳପୂର୍ଣ୍ଣ କଥା ହେଉଛି, ଲଣ୍ଡନରେ ଥିବା ୨୫,୦୦୦ ସହରର ରାସ୍ତା ମନେ ରଖିବାରେ ହେଉଥିବା ମାନସିକ ବ୍ୟାୟାମ ଯୋଗୁ ସେଠାକାର କ୍ୟାବ୍ ଡ୍ରାଇଭରମାନଙ୍କର ହିପୋକ୍ୟାମ୍ପସ୍ ପୃଥିବୀର ଅନ୍ୟମାନଙ୍କ ତୁଳନାରେ ବଡ଼।
- ମସ୍ତିଷ୍କର ଆକାର ବଡ଼ ହୋଇଥିଲେ ମଣିଷ ଅଧିକ ବୁଦ୍ଧିମାନ ହୁଏ ବୋଲି ଅଧିକାଂଶ ବିଶ୍ୱାସ ରଖନ୍ତି। ହେଲେ ବାସ୍ତବ କିନ୍ତୁ ଏହା ନୁହେଁ। କାରଣ ଆଲବର୍ଟ ଆଇନ୍‌ଷ୍ଟାଇନଙ୍କ ଭଳି ବୈଜ୍ଞାନିକଙ୍କ ମସ୍ତିଷ୍କର ଓଜନ ଥିଲା ୧୨୩୦ ଗ୍ରାମ୍, ଯାହାକି ସାଧାରଣ ମସ୍ତିଷ୍କର ଓଜନଠାରୁ ବି ୧୦% କମ୍।
- ଆଖିପତା ପକାଇବାଠୁ କମ୍ ସମୟ ଅର୍ଥାତ୍ ମାତ୍ର ୧୩ ମିଲି ସେକେଣ୍ଡ ମଧ୍ୟରେ ଦେଖିଥିବା ଦୃଶ୍ୟକୁ ମଧ୍ୟ ମସ୍ତିଷ୍କ ଗ୍ରହଣ କରିପାରେ।
- ମସ୍ତିଷ୍କକୁ ପ୍ରତି ସମୟରେ ବିଭିନ୍ନ ପ୍ରକାର ଭାବନା ଆସିଥାଏ। ତେବେ ଏହା ଦିନକୁ ପ୍ରାୟ ୫୦,୦୦୦ଟି ପର୍ଯ୍ୟନ୍ତ ଭାବନା କରିପାରେ।
- ମସ୍ତିଷ୍କରେ ସାଧାରଣତଃ ୧୦୦ ବିଲିଅନ୍ ନ୍ୟୁରନ ରହିଛି।
- ମଣିଷ ଶରୀରର ସବୁଠୁ ଚର୍ବିଯୁକ୍ତ ଅଂଶ ହେଉଛି ମସ୍ତିଷ୍କ । ଏଥିରେ ନିଜ ଓଜନର ପ୍ରାୟ ୬୦ଭାଗ ଚର୍ବି ରହିଛି।
- କୌଣସି କାରଣରୁ ଯଦି ମସ୍ତିଷ୍କକୁ ମାତ୍ର ୫ମିନିଟ୍ ଅମ୍ଳଜାନ ନ ପହଞ୍ଚିପାରେ ତେବେ ଏହା ନଷ୍ଟ ହୋଇଯିବା ଆଶଙ୍କା ବଢ଼ିଯାଇଥାଏ।
- ଏକ ଗବେଷଣା ରିପୋର୍ଟ ମୁତାବକ ମସ୍ତିଷ୍କ ଭିତରେ ସୂଚନାଗୁଡ଼ିକ ୨୬୦ ମାଇଲ ପ୍ରତି ଘଣ୍ଟା ବେଗରେ ଗତି କରିଥାନ୍ତି।
- ମସ୍ତିଷ୍କରେ ୧,୦୦,୦୦୦ ମାଇଲ ଲମ୍ବ ରକ୍ତବାହୀ ନଳୀ ରହିଛି, ଯାହାକି ପୃଥିବୀ ପୃଷ୍ଠର ସମୁଦାୟ ଦୂରତା(୨୪,୯୦୦ମାଇଲ) ଠାରୁ ଅଧିକ।

## ଟପ୍ ୧୦

### ଲୋକପ୍ରିୟ ମୋବାଇଲ ଫୋନ୍ ବ୍ରାଣ୍ଡ–୨୦୧୯




୧........................... ସାମ୍‌ସଙ୍ଗ୍
୨........................... ଆପଲ୍
୩........................... ହୁଆଇ
୪........................... ଓପୋ
୫........................... ଭିଭୋ
୬........................... ଜାଓମି
୭........................... ଏଲ୍‌ଜି
୮........................... ଲେନୋଭୋ
୯...........................ଜେଡ୍‌ଟିଇ
୧୦............. ଅଲ୍‌ସେଟ୍–ଲ୍ୟୁସଣ୍ଟ



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ଛାତ୍ରୀଙ୍କୁ କମେଣ୍ଟ ମାରି ୨ ଯୁବକ ଗିରଫ

**କଟକ ରୋଡ,୧୦।୮(ଡି.ଏନ୍.ଏ.):** ଜଣେ ସ୍କୁଲ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଶନିବାର ୨ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ପି.ତିରୁପତି ଓ ପି.ରାମୁଡୁ। ଏମାନେ ବମିଖାଲ କେନାଲ ରୋଡରେ ଥିବା ଏକ ବସ୍ତିରେ ରୁହନ୍ତି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ୨ ଅଭିଯୁକ୍ତ ଜଣେ ସ୍କୁଲ ଛାତ୍ରୀଙ୍କୁ ହଇରାଣ କରିବା ସହ କମେଣ୍ଟ ମାରୁଥିଲେ। ବାରମ୍ବାର ଏଭଳି ହେବା ପରେ ଛାତ୍ରୀଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଯୁବକମାନଙ୍କୁ ଧରିବା ଲାଗି ଘର ଲୋକ ପ୍ରସ୍ତୁତ ରହିବା ସହ ଝିଅ ପଛେ ପଛେ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏମାନେ କମେଣ୍ଟ ମାରୁଥିବା ବେଳେ ତାଙ୍କୁ କାବୁ କରି ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୬/୧୯)ରୁଜୁ ହୋଇଛି।

### ଚୋରି ଇନ୍‌ଭର୍ଟର, ଓଜନ ମେଶିନ ଜବତ: ୨ ଗିରଫ

**ବାଲିଅନ୍ତା,୯।୮(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ନଖରା ଅଞ୍ଚଳର ବନମାଳି ସାହୁଙ୍କ ପରିବା ଦୋକାନରୁ ଚୋରି କରିଥିବା ଅଭିଯୋଗରେ ପାହାଲ ଫାଣ୍ଡି ପୋଲିସ ୨ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ନଖରାର ପ୍ରମୋଦ କୁମାର ସାହୁ (୩୫) ଓ ଶରତ କୁମାର ସାହୁ (୩୫)। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ଗୋଟିଏ ଇନ୍‌ଭର୍ଟର, ବ୍ୟାଟେରି ଓ ଗୋଟିଏ ଇଲେକ୍ଟ୍ରି ଓଜନ ମେଶିନ ଜବତ କରିଛି। ସୂଚନା ମୁତାବକ, ଗତ ବୁଧବାର ରାତିରେ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି କ୍ୟାବିନରେ ଥିବା ବ୍ୟାଟେରି, ମେଶିନ ସହ ନଗଦ ୪୦୦ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବନମାଳି ପାହାଲ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

### ୨ ଯାତ୍ରୀଙ୍କୁ ମାଡ଼ ମାରି ଲୁଟ୍ ଉଦ୍ୟମ, ଜଣେ ଗିରଫ

**ଭୁବନେଶ୍ୱର,୧୦।୮(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ତାମିଲନାଡୁ ଯିବାକୁ ଟ୍ରେନ ପାଇଁ ଅପେକ୍ଷା କରିଥିବା ଦୁଇଜଣ ଯାତ୍ରୀଙ୍କୁ ୪ଜଣ ଯୁବକ ମାଡମାରି ଲୁଟପାଟ କରିଛନ୍ତି। ହେଲେ ଦୁଇ ଯୁବକଙ୍କ ଚିତ୍କାର ଶୁଣି ପିସିଆର ଭ୍ୟାନ୍ ଜଣେ ଲୁଟେରାକୁ କାବୁ କରିଛି। ତାକୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେହେଲେ ମାଳିସାହି ମସ୍‌ଜିତ କଲୋନୀର ଆଲାମିନ୍ ଖାଁ(୨୨)। ସୂଚନା ଅନୁଯାୟୀ, ବାଲିପାଟଣାର ଜଗନାଥ ସେଠି ଓ ଅସ୍ତରଙ୍ଗର ଜଟାଧାରୀ ସ୍ୱାଇଁ ଉଭୟ ତାମିଲନାଡୁ ଯିବା ପାଇଁ ଗାଁରୁ ଆସି ଷ୍ଟେସନ ନିକଟରେ ଛିଡାହୋଇଥିଲେ। ଟ୍ରେନ୍ ଆସିବା ପୂର୍ବରୁ ସେମାନେ ପାଖରେ ଥିବା ଏକା ଦୋକାନକୁ ଯାଇଥିବା ବେଳେ ମାଳିସାହିର ୪ଜଣ ଯୁବକ ସେମାନଙ୍କୁ କାବୁ କରି ମାଡ ମାରିବା ସହ ଲୁଟପାଟ କରିଥିଲେ। ତାଙ୍କ ଦୁଇଟି ମୋବାଇଲ୍ ଓ ୪ ହଜାର ଟଙ୍କା ଲୁଟି ନେଇଥିଲେ। ଦୁଇ ଯୁବକ ଚିତ୍କାର କରିବାକୁ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ଆଲାମିନ୍‌ଙ୍କୁ କାବୁ କରିନେଇଥିଲା।

### ଠିକାଦାରଙ୍କ କାର କାଚ ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ

**କଟକ ରୋଡ,୧୦।୮(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଶନିବାର ରାତିରେ ଜଣେ ଠିକାଦାରଙ୍କ କାର କାଚ ଭଙ୍ଗାଯାଇ କେହି ଦୁର୍ବୃତ୍ତ ତାଙ୍କ ବ୍ୟାଗ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଶହୀଦନଗର ଥାନା ଅଧୀନ କେଶୁରାରେ ରହୁଥିବା ଠିକାଦାର ତ୍ରିପୁରା ଦେହୁରୀ ରାତି ପ୍ରାୟ ୮ଟାରେ କାର(ଓଡି ୦୨ ୧୩୧୨)ରେ ଯାତ୍ରି ନିବାସ ନିକଟରେ ଥିବା ଏକ ହୋଟେଲକୁ କିବାକୁ ଆସିଥିଲେ। ରାତି ପ୍ରାୟ ୯ଟା ୩୦ରେ ଦେହୁରୀ ବାହାରୁକୁ ଆସିବା ପରେ ତାଙ୍କ କାର କାଚ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। କାର ଭିତରେ ଥିବା ଏକ ବ୍ୟାଗରେ ତାଙ୍କର ଠିକାଦାରୀ ସମ୍ବନ୍ଧୀୟ ଅନେକ କାଗଜପତ୍ର ଚୋରି ହୋଇଯାଇଛି। ଏ ନେଇ ଥାନାକୁ ସୂଚନା ମିଳିବା ପରେ ପୋଲିସ ହୋଟେଲରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଛି। ୩ଜଣ ଯୁବକ କାର କାଚ ଭାଙ୍ଗି ବ୍ୟାଗ ଲୁଟିନେଇ ପଳାଉଥିବା ଫୁଟେଜରେ କଏଦ ହୋଇଛି। ଘଟଣାସଂକ୍ରାନ୍ତରେ ପୋଲିସ ଅନୁସନ୍ଧାନ ଜାରି ରଖିଛି।

---

■ ରାଜଧାନୀରେ ୩୦ ମହିଳାଙ୍କଠାରୁ ଲୁଟ୍ ଘଟଣା

# ଧରାପଡ଼ିଲା ୨ଜଣିଆ ଲୁଟେରା ଗ୍ୟାଙ୍ଗ୍

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**



ରାଜଧାନୀରେ ଗତ କିଛିମାସ ହେବ ମାତିଥିବା ଭ୍ୟାନିଟି ଓ ମୋବାଇଲ୍ ଫୋନ୍ ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରିଛି କମିଶନରେଟ ପୋଲିସ। ଏହି ୨ଜଣିଆ ଗ୍ୟାଙ୍ଗ୍‌ର ସଦସ୍ୟ କଳା ପଲ୍‌ସରରେ ଆସି ମହିଳାଙ୍କଠାରୁ ଲୁଟ୍‌ପାଟ କରୁଥିଲେ। ଇତିମଧ୍ୟରେ ୩୦ ମହିଳାଙ୍କଠାରୁ ଲୁଟ୍ କରିଥିବା ନେଇ ଅଭିଯୋଗ ହୋଇଛି। ତେବେ ପୋଲିସକୁ ଚ୍ୟାଲେଞ୍ଜ କରି ଖସି ଯାଉଥିବା ଏହି ଗ୍ୟାଙ୍ଗ୍‌ର ୨ଜଣ ଓ ଲୁଟ୍ ଜିନିଷ କିଣିଥିବା ଜଣଙ୍କୁ ଶନିବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଳାସପଲ୍ଲୀ ଭୋଇସାହିର ଚୁଇଁଆ ଓରଫ ତ୍ରିଲୋଚନ ନାୟକ (୧୯), ଗଞ୍ଜାମ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ତପୁ ଓରଫ ସୁଶାନ୍ତ ମହାରଣା(୨୦) ଓ ଧଉଳି ଥାନା ଇଟିପୁରର ଲକି ଓରଫ ପ୍ରତ୍ୟୁଷା ଖଟୁଆ (୧୯)। ସେମାନଙ୍କ ନିକଟରୁ ପୋଲିସ ୧୫ ମୋବାଇଲ୍ ଫୋନ୍, ୩୦ ଭ୍ୟାନିଟି, ସୁନା ଅଳଙ୍କାର ଓ ଏକ ପଲସରକୁ ଜବତ କରିଛି। ଆଇପିସି ଦଫା ୩୯୧ ଓ କେସ୍‌ନଂ–୨୮୪/୧୯ ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

■ ୩ ଗିରଫ, ୧୫ ମୋବାଇଲ, ୩୦ ଭ୍ୟାନିଟି, ସୁନା ଅଳଙ୍କାର, ବାଇକ୍ ଜବତ

■ ଗ୍ୟାଙ୍ଗ୍ ନାମରେ ୧୮ରୁ ଊର୍ଦ୍ଧ୍ୱ ମାମଲା

### କେମିତି ଧରାପଡ଼ିଲେ

ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ବିଶେଷକରି ମହିଳାଙ୍କୁ ଟାର୍ଗେଟ କରନ୍ତି। ସହର ଭିତରୁ ଲୁଟ୍ ପରେ ଧଉଳି ଅଞ୍ଚଳରେ ଥିବା ଏକ ନିଛାଟିଆ ସ୍ଥାନରେ ବସି ଭାଗ ବାଣ୍ଟି ନିଅନ୍ତି। ଭ୍ୟାନିଟ୍‌ରେ ସୁନା ଗହଣା, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ବିକ୍ରି କରନ୍ତି। ସୁନା ଗହଣାକୁ ସୁନା ଦୋକାନୀଙ୍କୁ ବିକୁଥିବାବେଳେ ମୋବାଇଲ୍ ଫୋନ୍‌କୁ ଅତି କମ୍ ଦାମରେ ଧଉଳି ଅଞ୍ଚଳର ସ୍ଥାନୀୟ ପିଲାଙ୍କୁ ବିକ୍ରି କରନ୍ତି। ଗତ ମାସ ୭ ତାରିଖରେ ସୁଚିସ୍ମିତା ଦାଶ ବଜାରକୁ ଆସି ସୂର୍ଯ୍ୟନଗରସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ତପୁ ଓ ଚୁଇଁଆ ଏକ ପଲସରରେ ଆସି ମହିଳାଙ୍କ ଭ୍ୟାନିଟ ବ୍ୟାଗ୍ ଲୁଟି ନେଇଥିଲେ। ବ୍ୟାଗ୍‌ରେ ନଗଦ ୪ହଜାର ଟଙ୍କା ସହ ମୋବାଇଲ୍ ଫୋନ୍ ରହିଥିଲା। ସେମାନେ ଉକ୍ତ ମୋବାଇଲ୍‌କୁ ଧଉଳି ଅଞ୍ଚଳର ଲକିକୁ ବିକ୍ରି କରି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଲୁଟ ମୋବାଇଲ୍‌କୁ ଟ୍ରାକ୍ କରି ଶୁକ୍ରବାର ବିଳମ୍ବିତ ରାତିରେ ଧଉଳି ଅଞ୍ଚଳରେ ଚଢାଉ କରି ଲକିକୁ ଉଠାଇ ଆଣିଥିଲା। ତାଙ୍କୁ ପଚରାଉଚରା କରି ଗ୍ୟାଙ୍ଗ୍ ସମ୍ପର୍କରେ ଜାଣିବା ପରେ ଅଭିଯୁକ୍ତ ଚୁଇଁଆ ଓ ତପୁକୁ ଧରିଥିଲା। ଉଭୟଙ୍କ ଘରୁ ପୋଲିସ ବିପୁଳ ଭ୍ୟାନିଟ ଓ ମୋବାଇଲ୍ ଫୋନ୍ ମିଳିଥିଲା। ଅଧିକ ସଦସ୍ୟ ହେଲେ ଧରାପଡିଯିବା ଭୟରେ ସେମାନେ ଅନ୍ୟ କାହାରିଙ୍କୁ ଗ୍ୟାଙ୍ଗ୍‌ରେ ମିଶାଉନଥିଲେ। ସେମାନେ ସହରର ଭିଡ ଅଞ୍ଚଳରେ ମହିଳାଙ୍କ ଠାରୁ ଭ୍ୟାନିଟି ବ୍ୟାଗ୍ ଓ ସୁନା ଚେନ୍ ଲୁଟ କରନ୍ତି। ଏମାନଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୧୮ରୁ ଊର୍ଦ୍ଧ୍ୱ ମାମଲା ରହିଛି। କ୍ୟାପିଟାଲ ଥାନାରେ ୪ ମାମଲା ରହିଥିବାବେଳେ ନୟାପଲୀ ଥାନାରେ ଗୋଟିଏ, ଖଣ୍ଡଗିରି ଥାନାରେ ଦୁଇଟି ଓ ଧଉଳି ଥାନାରେ ଗୋଟିଏ ମାମଲା ରହିଛି। ସେମାନଙ୍କ ନାମରେ ଆଉ କେଉଁ ଥାନାରେ ମାମଲା ରହିଛି ସେନେଇ ମଧ୍ୟ ପୋଲିସ ତଦନ୍ତ କରୁଛି।

---

■ ବସନ୍ତପୁର ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ନ ଥିବାରୁ ତାଲା ପକାଇଲେ ଗ୍ରାମବାସୀ



ବିଭିନ୍ନ ସମସ୍ୟା ନେଇ ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ।

**ପୁରୁଣା ଭୁବନେଶ୍ୱର,୧୦।୮ (ଡି.ଏନ.ଏ.)**

ଭୁବନେଶ୍ୱର ଉପକଣ୍ଠ ବସନ୍ତପୁର ଶାସନର ଗ୍ରାମବାସୀ ବସନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଠ ପଢାଇବାକୁ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବାରୁ ଶନିବାର ତାଲା ପକାଇଥିଲେ। ୧୯୧୨ମସିହାରେ ସ୍ଥାପିତ ଏହି ବିଦ୍ୟାଳୟଟି ନାନା ସମସ୍ୟା ଦେଇ ଗତି କରୁଛି। ଦୀର୍ଘ ୬ ମାସ ହେଲାଣି ୫ଟି ଶ୍ରେଣୀରେ ପଢୁଥିବା ୬୨ ପିଲାଙ୍କୁ ମୋଟ ଦୁଇଜଣ ଶିକ୍ଷକ ପଢାଇ ଆସୁଛନ୍ତି। ଏହାକୁ ତୀବ୍ର ବିରୋଧ କରି ଗ୍ରାମବାସୀ ତାଲା ପକାଇବା ସହ ସିଆରସିସିଙ୍କୁ ଘେରିଥିଲେ। ତୁରନ୍ତ ପ୍ରଧାନଶିକ୍ଷକ ନିଯୁକ୍ତି ଏବଂ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯିବା ନେଇ ଗ୍ରାମବାସୀ ସିଆରସିସିଙ୍କ ପାଖରେ ଅଡି ବସିଥିଲେ। ସୂଚନାଥାଉ କି ରାଜଧାନୀ ଉପକଣ୍ଠ ଏବଂ ଅନେକ ଶିକ୍ଷା ଜିଲାରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉପଯୁକ୍ତ ଶିକ୍ଷାଦାନ ନ କରି ବିଦ୍ୟାଳୟକୁ ବିଳମ୍ବରେ ଆସିବା ସହ ମନମୁଖୀ କ୍ଲାସ କରିବା ସହ ଅଧିକ ସମୟ ମଧ୍ୟାହ୍ନଭୋଜନରେ ଦେବା ଦ୍ୱାରା ପିଲାମାନେ ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ଶିକ୍ଷୟିତ୍ରୀଶିକ୍ଷକ ଯତ୍ନଶୀଳ ହେବାକୁ ଦାବି କରାଯାଇଛି।

---

# ନୂଆ ରୂପ ନେଲା ରୂପାଲି ହାଟ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**



ନୂଆ ରୂପାଲି ହାଟକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ବାତ୍ୟା 'ଫନୀ'ରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଶହୀଦନଗର ରୂପାଲି ହାଟର ପୁନରୁଦ୍ଧାର ହୋଇଛି। ଇଟା, ସିମେଣ୍ଟରେ ସ୍ୱତନ୍ତ୍ର ପିଣ୍ଡି ତିଆରି କରାଯିବା ସହ ଆଲୁମିନିୟମ ପାଇପ୍, ଲୁହା ଆଙ୍ଗେଲ ଓ ନୂଆ ଆଜ୍‌ବେଷ୍ଟସ୍ ଦ୍ୱାରା ଛପର କରାଯାଇଛି। ଏଥିସହ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ହୋଇଛି। ଏବେ ଏହି ହାଟରେ ୨୨୦ ପିଣ୍ଡିକୁ ସ୍ମାର୍ଟ ଲୁକ୍ ମିଳିଛି। ସାମାଜିକ ଅନୁଷ୍ଠାନ 'ଜୟ ଓଡ଼ିଶା', 'ହିଣ୍ଡାଲ୍‌କୋ' କମ୍ପାନୀ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରୂପାଲି ହାଟକୁ ପୁନରୁଦ୍ଧାର କରାଯାଇ ନୂଆ ରୂପ ଦିଆଯାଇଛି। ଶନିବାର ଏହାକୁ ଉଦ୍‌ଘାଟନ କରାଯିବା ପରେ ହାଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ଡ. ଜଗନ୍ନାଥ ମହାପାତ୍ର, ଜୟ ଓଡ଼ିଶା ଅନୁଷ୍ଠାନର ସଭାପତି ରୁଦ୍ର ସାମନ୍ତରାୟ ଓ ହିଣ୍ଡାଲ୍‌କୋର ଅର୍ଦ୍ଧେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୨୨୦ ପିଣ୍ଡିକୁ ମିଳିଲା ସ୍ମାର୍ଟ ଲୁକ୍**

ଉଲ୍ଲେଖଥାଉ କି, ବାତ୍ୟାରେ ରାଜଧାନୀର ଅନ୍ୟତମ ପ୍ରମୁଖ ବ୍ୟବସାୟିକ କ୍ଷେତ୍ର ରୂପାଲି ହାଟ ସ୍ଥିତି ହରାଇଥିଲା। ଚାଳିଆ, ପିଣ୍ଡି, କ୍ୟାବିନ, ଆଜ୍‌ବେଷ୍ଟସ ଭାଙ୍ଗିଯିବାରୁ ବ୍ୟବସାୟୀମାନେ ବ୍ୟବସାୟ କରିପାରି ନ ଥିଲେ। ଗତ ମେ ୭ରେ ଜୟ ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ପୁନରୁଦ୍ଧାର ପାଇଁ ହିଣ୍ଡାଲ୍‌କୋ କମ୍ପାନୀ ସହ ଯୋଗାଯୋଗ କରାଯାଇଥିଲା। ହିଣ୍ଡାଲ୍‌କୋ ସହମତି ପ୍ରକାଶ କରିବା ପରେ ଜୟ ଓଡ଼ିଶା ଅନୁଷ୍ଠାନ ବିଏମ୍‌ସି ସହ ଆଲୋଚନା କରିଥିଲା। ସମସ୍ତଙ୍କ ସହଯୋଗରେ ମେ ୧୫ରୁ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

---

### ବ୍ଲକିଂବେଳେ ଧରାପଡ଼ିଲେ ୨ ସନ୍ଦିଗ୍ଧ ବାଂଲାଦେଶୀ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ପଳାଶୁଣି ଛକରେ ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ବ୍ଲକିଂ ଓ ଚେକିଂ ଚାଲିଥିଲା। ଏହି ସମୟରେ ସନ୍ଦେହଜନକ ଅବସ୍ଥାରେ ଭୁବନେଶ୍ୱରରୁ କଟକ ଯାଉଥିବା ଏକ କାର୍‌କୁ ପୋଲିସ ଅଟକିବାକୁ କହିଥିଲା। ହେଲେ କାର୍‌ଟି ନ ରହି ଦ୍ରୁତଗତିରେ ପଳାଇଥିଲା। ବାଟରେ ଏକାଧିକ ପୋଲିସ ଭ୍ୟାନ୍ ଘେରିଯାଇ ଉକ୍ତ କାର୍‌କୁ ଧରିଥିଲା। କାର୍‌ରେ ଥିବା ଦୁଇଜଣ ବାଂଲାଦେଶୀ ବୋଲି ଜଣାପଡିବା ପରେ ସ୍ପେଶାଲ ସ୍କ୍ୱାଡ୍ ସେମାନଙ୍କୁ ଏକ ଗୁପ୍ତ ସ୍ଥାନକୁ ନେଇ ପଚରାଉଚରା କରୁଛି। ସେମାନେ ଭିନ୍ନ ଭାଷାରେ କଥା ହେଉଥିବାରୁ ପୋଲିସ ପାଇଁ ଅଡୁଆ ହେଉଛି। କାର୍‌ରୁ ମାରଣାସ୍ତ୍ର କିମ୍ବା ଅନ୍ୟ କୌଣସି ସାମଗ୍ରୀ ଜବତ ହୋଇଥିବା ନେଇ ପୋଲିସ କିଛି ସ୍ପଷ୍ଟ କରିନି।

---

# ଫାସେଟ ପକ୍ଷରୁ ଆରମ୍ଭ ହେଲା କାର୍ଯ୍ୟକ୍ରମ 'ନକ୍ସା'

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

ସ୍ୱଳ୍ପ ଖର୍ଚ୍ଚରେ ଘର ତିଆରି କରିବାକୁ ଚାହୁଁଥିବା ଲୋକେ ଯେପରି ସମସ୍ୟା ଅନୁଭବ ନ କରନ୍ତି ସେଥିପାଇଁ ଫାସେଟ୍ ସଂସ୍ଥା ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶନିବାର ଏ ନେଇ ପୁରୁଣାଭୁବନେଶ୍ୱରସ୍ଥିତ ଭଜନମଣ୍ଡପରେ ଏକ କାର୍ଯ୍ୟକ୍ରମ 'ନକ୍ସା'ର ଆୟୋଜନ କରାଯାଇଛି। ଘର ତୋଳିବା ଲାଗି ଇଚ୍ଛୁକ ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଛନ୍ତି।

ଉଲ୍ଲେଖଥାଉ କି, ସବୁ ଲୋକ ନିଜର ଘରକୁ ବେଶ୍ ସୁନ୍ଦର କରିବାକୁ ଚାହିଁଥାନ୍ତି। ହେଲେ ମାତ୍ରାଧିକ ଖର୍ଚ୍ଚ ହେତୁ ଅନେକେ ପଛଘୁଞ୍ଚା ଦିଅନ୍ତି। କିନ୍ତୁ ଏବେ ଫାସେଟ୍ ସେମାନଙ୍କୁ ଅଳ୍ପ ଖର୍ଚ୍ଚରେ ସୁନ୍ଦର ଆକୃତିର ଘର ତିଆରି କରିବାର ନୂଆ ବାଟ ଦେଖାଇବ। ପ୍ରଥମ ପର୍ଯ୍ୟାୟରେ ଏକାମ୍ର ନିର୍ବାଚନମଣ୍ଡଳୀର ବାସିନ୍ଦାଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ଥାପତ୍ୟମାନେ ବିଭିନ୍ନ ଘର ତୋଳିବା ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ନିର୍ବାଚନମଣ୍ଡଳୀଗୁଡିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ସୂଚନା ମିଳିଛି। ସୂଚନାଯୋଗ୍ୟ ଫାସେଟ ହେଉଛି ସିଇଟି କଲେଜ ପୁରାତନ ଛାତ୍ର ସଂସଦ।

**ସ୍ୱଳ୍ପ ଖର୍ଚ୍ଚରେ ହେବ ସୁନ୍ଦର ଘର**

---

■ ଆଜି ରାଜ୍ୟସ୍ତରୀୟ ସତ୍‌ସଙ୍ଗ କର୍ମୀ ସମ୍ମିଳନୀ

# ଯୋଗଦେବେ ପୂଜନୀୟ ବାବାଇଦା

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**



ସ୍ଥାନୀୟ ସତ୍‌ସଙ୍ଗ ବିହାରଠାରେ ରବିବାର ରାଜ୍ୟସ୍ତରୀୟ ସତ୍‌ସଙ୍ଗ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସତ୍‌ସଙ୍ଗର ପ୍ରଶାସକ ପୂଜନୀୟ ଅର୍କଦ୍ୟୁତି ଚକ୍ରବର୍ତ୍ତୀ 'ବାବାଇଦା'ଙ୍କର ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ସତ୍‌ସଙ୍ଗର ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦକ୍ରମେ ଆସନ୍ତା ନଭେମ୍ବର ୧୭ରେ ଏଠାରେ ରାଜ୍ୟସ୍ତରୀୟ 'ସୁଧା–ସର୍ଜନା' ମହୋତ୍ସବ ଅନୁଷ୍ଠିତ ହେବ। ସତ୍‌ସଙ୍ଗ ବିହାରଠାରେ ରବିବାର ସକାଳେ 'ବାବାଇଦା' ପହଞ୍ଚିବା ପରେ ପ୍ରଥମେ ସ୍ୱସ୍ତ୍ୟୟନୀ ବ୍ରତ ପ୍ରଦାନ କରିବେ। ତତ୍‌ପରେ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ସମ୍ମିଳନୀରେ ଯୋଗଦେଇ ଉକ୍ତ ମହୋତ୍ସବର ସଫଳ ରୂପାୟନ ଲାଗି କର୍ମୀମାନଙ୍କୁ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଥିବା ସତସଙ୍ଗ ବିହାର ପକ୍ଷରୁ ସୂଚିତ କରାଯାଇଛି।

---

# ପ୍ରଜ୍ଞା ପ୍ରତିଭା ସମ୍ମାନ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

ଭଞ୍ଜକଳା ମଣ୍ଡପରେ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ପ୍ରଜ୍ଞା ପ୍ରତିଭା ସମ୍ମାନ–୨୦୧୯ ଲାଗି ଶନିବାରଠାରୁ ଦୁଇଦିନିଆ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପାଖାପାଖି ୪୦୦ ପ୍ରତିଯୋଗୀ ଏଥିରେ ଯୋଗଦେଇ ଓଡ଼ିଶୀ, ସମରକଳା, ଚିତ୍ରାଙ୍କନ, ପାଶ୍ଚାତ୍ୟ ନୃତ୍ୟ ଓ ନୂଆ ନୃତ୍ୟଗୁଡ଼ିକରେ ଭାଗ ନେଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କ ଆସନ୍ତା ୧୮ ଓ ୧୯ ତାରିଖରେ ହେବାକୁ ଥିବା ପ୍ରଜ୍ଞା ପ୍ରତିଭା ସମ୍ମାନ–୨୦୧୯ରେ ସମ୍ମାନିତ କରାଯିବା ସହ ପ୍ରଜ୍ଞା ପ୍ରତିଭା ବୃତ୍ତି ପ୍ରଦାନ କରାଯିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦିକା ସ୍ୱୟଂପ୍ରଭା ସାହୁ ସଂଯୋଜନା କରିଥିବା ବେଳେ ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ଗୁରୁ ମନୋଜ କୁମାର ବେହେରା, ଗୁରୁ ନମିତା ରାଏ, ଗୁରୁ ଉଦୟ ଶଙ୍କର ସ୍ୱାଇଁ, ଗୁରୁ କୃଷ୍ଣଚନ୍ଦ୍ର ମହାରଣା ଯୋଗ ଦେଇଥିଲେ।

**ଭାଗ ନେଲେ ୪୦୦ ପ୍ରତିଯୋଗୀ**

---

### ସିରିଜ୍ ଦୁର୍ଘଟଣା ଘଟାଇ ଓଲଟିଲା କାର

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

ଆଚାର୍ଯ୍ୟବିହାର ଛକ ନିକଟରେ ରାତି ୧୦ଟା ୧୫ରେ ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ଦ୍ରୁତଗତିରେ ଯାଉଥିବା କାର (ନଂ.ଜେଏଚ୍–୦୫ବିଏଫ୍–୦୨୧୬)ଟି ପ୍ରଥମେ ଏକ ବାଇକ୍ ଓ ପରେ ଏକ ଯାତ୍ରୀବାହୀ ଅଟୋକୁ ଧକ୍କା ଦେଇ ଡିଭାଇଡରରେ ପିଟି ହୋଇ ଓଲଟି ପଡିଥିଲା। ୩ ଜଣ ଚାଳକଙ୍କ ସହ ଅଟୋରେ ଥିବା ଯାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଏକ ଘଣ୍ଟା ଧରି ଜାମ୍ ହୋଇଥିଲା।

---

# ଅଏଲ ଇଣ୍ଡଷ୍ଟ୍ରି ପକ୍ଷରୁ ବିଶ୍ୱ ଜୈବ ଇନ୍ଧନ ଦିବସ




**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

ଅଏଲ ଇଣ୍ଡଷ୍ଟ୍ରି ଓଡ଼ିଶା ପକ୍ଷରୁ ଶନିବାର ଇନଷ୍ଟିଚ୍ୟୁଟ ଅଫ ମିନେରାଲସ ଆଣ୍ଡ ମ୍ୟାଟେରିଆଲସ ଟେକ୍ନୋଲୋଜି (ଆଇଏମଏମଟି)ଠାରେ ଶନିବାର ବିଶ୍ୱ ଜୈବ ଇନ୍ଧନ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଅଗଷ୍ଟ ୧୦ରେ ଏହି ଦିବସ ପାଳିତ ହୋଇଆସୁଛି। ଅଣ ଜୀବାଶ୍ମରୁ ଉତ୍ପାଦିତ ତୈଳ ତଥା ଜୈବ ଇନ୍ଧନର ଉପକାରିତା ବିଷୟରେ ଜନସାଧାରଣଙ୍କୁ ସଚେତନତା କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ଚଳିତବର୍ଷ ଦିବସର ବିଷୟବସ୍ତୁ ଥିଲା ରନ୍ଧନ ତୈଳରୁ ଜୈବ ଇନ୍ଧନର ଉତ୍ପାଦନ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଦେଶରେ ୮୫୦ କୋଟି ଲିଟର ତୀବ୍ର ଡିଜେଲ ବ୍ୟବହାର କରାଯାଉଛି। ଜୈବ ଇନ୍ଧନ ପାଇଁ ହୋଇଥିବା ନିୟମରେ ୨୦୩୦ ସୁଦ୍ଧା ୫% ଇନ୍ଧନ ତୀବ୍ର ଡିଜେଲ ଉତ୍ପାଦନରେ ବ୍ୟବହାର କରାଯିବ। ଏହି ଲକ୍ଷ୍ୟ ପୂରଣ କରିବାକୁ ୫୦୦ କୋଟି ଲିଟର ଜୈବ ଇନ୍ଧନର ଆବଶ୍ୟକତା ରହିଛି। ରନ୍ଧନ ତୈଳରୁ ଜୈବ ଇନ୍ଧନ ପ୍ରସ୍ତୁତି କରାଗଲେ ତୀବ୍ର ଡିଜେଲ ଉତ୍ପାଦନରେ ଏହା ବେଶ୍ ସହାୟକ ହେବ। ଏଥିରେ ରାଜ୍ୟ ସଭା ସାଂସଦ ରଘୁନାଥ ମହାପାତ୍ର, ଆଇଓସିଏଲ ସିଜିଏମ୍ ଶୁଭଜିତ ଘୋଷ, ଏସ୍‌ବିଆଇ ଓଡ଼ିଶା ଡିଜିଏମ୍ ପ୍ରବୀଣା କଳା, ଗେଲ୍ ସିଜିଏମ ଦୀନବନ୍ଧୁ ସୋରେନ, ଏଚପିସିଏଲ ଡିଜିଏମ ଅଭ୍ୟଙ୍କର ଦାସ ଯୋଗ ଦେଇଥିଲେ।

---

# ୧୨ରେ ନନ୍ଦନକାନନ ପାଳିବ ବିଶ୍ୱ ହସ୍ତୀ ଦିବସ

**ବାରଙ୍ଗ,୧୦।୮(ଡି.ଏନ୍.ଏ.)**



**ଛୋଟ ହାତୀ ମାମା**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୨ ତାରିଖ ତଥା ସୋମବାର ୫ମ ଥର ପାଳନ ହେବ ବିଶ୍ୱ ହସ୍ତୀ ଦିବସ। ଏହି ଦିନ ନନ୍ଦନକାନନ ବନ୍ଦ ଥିବାରୁ କର୍ମଚାରୀ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ଗହଣରେ ପାଳନ କରାଯିବ। ଏହି ଉପଲକ୍ଷେ କନଫେରନ୍ସ ହଲରେ ପର୍ଯ୍ୟଟନବିଭାଗ ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୭୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଦିବସରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୦ଜଣ ଛାତ୍ରୀଛାତ୍ରଙ୍କ ସହ ମାହୁନ୍ତଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ବିଶ୍ୱହସ୍ତୀଦିବସ ନିରାଡମ୍ବରଭାବେ ପାଳନ ହେବାକୁ ଯାଉଛି। ନା ରହିବ ହାତୀଙ୍କ ପିଠିରେ ପିପିଲି ଚାନ୍ଦୁଆ ନା ରହିବ ହାତୀଙ୍କ ଶରୀରରେ ରଙ୍ଗିନ ଚକଖଡିର ଚିତ୍ରିତ। ୩ କିମ୍ବା ୪ ହାତୀକୁ ନେଇ ଏହି ହସ୍ତୀ ଦିବସ ପାଳନ ହେବ। ସୋମବାର ନନ୍ଦନକାନନ ବନ୍ଦ ଥିବାରୁ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନନ୍ଦନକାନନରେ ପ୍ରେମା, ବାସନ୍ତୀ, କମଳା, ଗୌରୀ, ଜୁଲି, ଚନ୍ଦନ, ହୀରା ଓ ମାମାକୁ ମିଶାଇ ୮ଟି ହାତୀ ରହିଛନ୍ତି। ନନ୍ଦନକାନନର ଛୋଟହାତୀ ମାମା ହୋଇଥିବାବେଳେ ସବୁଠାରୁ ବଡ ହାତୀ ପ୍ରେମା। ଛୋଟ ହାତୀ ମାମା ସାଜିବ ହସ୍ତୀ ଦିବସରେ ମୁଖ୍ୟ ଆକର୍ଷଣ ସାଜିବ ବୋଲି ଜଣାପଡ଼ିଛି।

ପର୍ଯ୍ୟଟନ ପରିଚାଳନା ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଅମୂଲ୍ୟ କୁମାର ପରିଡା କୁହନ୍ତି, ପର୍ଯ୍ୟଟକମାନେ କମିବାର ମୁଖ୍ୟ କାରଣ ବାତ୍ୟା ଫନୀ। ଯେଉଁ ପର୍ଯ୍ୟଟକ ନନ୍ଦନକାନନକୁ ବୁଲିବାକୁ ଆସିଥାନ୍ତି ସେମାନେ ପୁରୀ, କୋଣାର୍କ, ଧଉଳି, ଖଣ୍ଡଗିରି ସହ ନନ୍ଦନକାନନକୁ ବୁଲିବା ତାଲିକାରେ ରଖିଥାନ୍ତି। ବାତ୍ୟାରେ କ୍ଷତି ହୋଇଥିବା ପୁରୀର ପ୍ରାକୃତିକ ପରିବେଶ ଫେରି ନାହିଁ ବୋଲି ପର୍ଯ୍ୟଟକଙ୍କ ଧାରଣା ଥିବାରୁ ସେମାନଙ୍କ ସଂଖ୍ୟା କମିଛି। ଏବେ ନନ୍ଦନକାନନ ପକ୍ଷରୁ ନୂଆ ପଶୁପକ୍ଷୀ ଆଣିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ଶେଷ ସୁଦ୍ଧା ଆନାକୋଣ୍ଡା ନନ୍ଦନକାନନକୁ ଆସିବ। ଏହାପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ କହିଥିଲେ।

### ଗୋଡିବାରୀରେ ମୁଖ୍ୟ ଆକର୍ଷଣ ସାଜିବ ନନ୍ଦ

ଚନ୍ଦକା–ଡମପଡା ଅଭୟାରଣ୍ୟ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଠାରେ ମୁଖ୍ୟ ଆକର୍ଷଣ ସାଜିବ ହାତୀ ନନ୍ଦ। ୧୯୯୭ରେ ମାହୁନ୍ତ ରାଧାରଞ୍ଜନଙ୍କୁ ମାରି ଚର୍ଚ୍ଚାରେ ଥିବା ନନ୍ଦ ସ୍ୱଭବରେ ପରିବର୍ତ୍ତନ ହୋଇଛି। ଏହି ଦିବସ ପାଳନ ଅବସରରେ ନନ୍ଦ ଓ ଯଶୋଦା ସାମିଲ ହେବା ବେଳେ ହାତୀ ଶଙ୍କର ବାଦ ପଡିବ। ତା' ପାଇଁ କେବଳ ସୁସ୍ୱାଦ ଖାଦ୍ୟ ପଠାଯିବ। ପ୍ରଶିକ୍ଷଣ ଦେବାକୁ ଆସିଥିବା ଆସାମ ମାହୁନ୍ତକୁ ମାରି ହିଂସ୍ରତାର ପରିଚୟ ସୃଷ୍ଟିକରି ଏକୁଟିଆଭାବେ ନିର୍ବାସନର ଦଣ୍ଡ କୁମାରଖୁଣ୍ଟିରେ ଭୋଗୁଛି ଶଙ୍କର। ଚନ୍ଦକା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ହେଉଥିବା ସଚେତନତା ରାଲିକୁ ଚଳିତବର୍ଷ ପାଇଁ ବର୍ଷା ହେବାର ସମ୍ଭାବନା ଥିବାରୁ ବନ୍ଦ କରାଯାଇଛି। ହାତୀମାନଙ୍କୁ ବିନା ସାଜସଜ୍ଜାରେ ବିଶ୍ୱ ହସ୍ତୀ ଦିବସ ପାଳନ ସ୍ଥାନକୁ ଅଣାଯାଇ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଇ ହସ୍ତୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରାଯିବ ବୋଲି ଚନ୍ଦକା–ଡମପଡା ଡିଏଫ୍‌ଓ କେଦାର ସ୍ୱାଇଁ କହିଛନ୍ତି।

# SUNDAY classifieds




## BRIDE WANTED

Brahmin boy MCA 1990, 5'-11" working MNC, Bangalore required beautiful working girl (prefered Bangalore). 9439630459. D-67038

Handsome Khandayat boy 1991, 5'9", B.Tech, M.Tech, IIT, Kharagpur, serving IES. Sunasansar: 9937512659. D-66761

Divorcee groom Engineer 31+, Bank 36, Doctor 40+. Samadhan: 8594926181. D-67040

Wanted Kayasta Bengali Science graduate, Post graduate, B.Tech, M.Tech, MBA, MCA girl or any job holder for our son (Software Engineer) at Bangalore. Contact: 9937619636, 8018542461. D-13715

## GROOM WANTED

Divorcee bride Govt. Clerk 31, Bank 34+, Teacher 37-8594926181. D-67039

ତେଲି,39 ବର୍ଷ ବାଲେଶ୍ୱର Govt. job କରୁଥିବା ବିଧବା ଝିଅ ପାଇଁ ବ୍ୟବସାୟିକ ବରପାତ୍ର ଖୋଜା ଚାଲିଛି। 8763515536. D-13805

Beautiful Khandayat girl 1994/5'3" B.Tech Govt. employee, "VAISNABI" 7008967858. D-66174

26 ବୟସ୍କା, Civil Engineer, 30,000/- ପାଉଥିବା ସୁନ୍ଦର Karana Divorcee, BBSR ସ୍ଥିତ ଝିଅଙ୍କ ପାଇଁ ପୁଅ ଦରକାର। 9658674636. D-13866

Divorcee bride Bank 45, Teacher 38, Business 40 (Caste-no-bar). 7873374269. D-67041

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Maruti Van OMINI with gas connection for sale. Contact: 7978024751. D-62199




## SALE

**6000 sqft GA corner plot sale at Saheed Nagar, Bhubaneswar. Contact- Deepak: 9937329999.** D-66280

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Gharabari boundary plot Tamando MCL boundary side, direct owner: 8144391451.** D-66739

Sale-2800sqft. building on 2400sqft. land, Acharyavihar, Bhubaneswar, 9348986710, 9437056848. D-65908

**New duplex for sale near Patia, Housingboard colony, land area of 1600 sqft. & construction area of 2830sqft.. Price 95lakhs (Negotiable). Contact: 9439585947 / 9937388797.** D-67033

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଛି। 9078699286.** D-66755

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

**ଭୁବନେଶ୍ୱର କଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66749

Booking 2BHK simplex 1500 sqft. land 27,40,000/, Tankapaniroad, Sai temple, simplex BJEM-(2) 1200 sqft. land 15,80,000/-. 7735738102. D-13836

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Land for sale, 3680 sqft. at Phulnakhara near Trinath-Bazar on mainroad. Contact: 9437033691. D-65675

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452 / 8249851363.** D-66937

ନଖରା mainroad ରୁ 9k.m. ଦୂର ଓଡ଼ିଶାର ସର୍ବବୃହତ Omfed plant ନିର୍ମାଣ ହେଉଥିବା Arilo ମୌଜାରେ sqft 350/- ଘରବାଡ଼ି plot କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। Contact: 8917492419, 9090950009. D-13808

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଳିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: **8249870448.** D-13744

BDA plot 60', 30' road, ready for construction. Sqft. 650/- ରେ ଭୁବନେଶ୍ୱର Pitapalli, NH side ରେ ମିଳୁଅଛି। Contact: 9348330874, 9178312888. D-13863

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Ready to move 3BHK flat with garage near Khandagiri, outright sale, 70lakhs. Contact: 9040090395, 9040090398.** D-65677

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

**4BHK duplex with gated community at Balianta (Land-1400, construction-2200 @ 55lakh and 2600 @ 65lakh). Contact: mplanets: 9938219397, 9861022055.** D-13820

Gharabari plot NH road side with boundary wall at Khurda, just one k.m. from Khurda hospital. 9439778849. D-64500

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

**Best commercial plot near Hanspal 8000sqft. and Pahala NH. 15000 sqft. Contact only buyers-9040059669.** D-67035

2BHK simplex 26,00,000/- finishing Hanspal. Plots Atala, Chakeisiani, Sundarpada: 8093465134. D-67037

**SC gharabari plot (3000sqft) near Puri Canal, Hanspal just 2k.m from NH-5 (sqft. Rs.1270). M- 8763499150, 8895131458.** D-13838

Gharabari developed plot at Tankapani Road, just 6km from Ravi Talkies Square. Immediate registration, boundary, electricity, wide road. Contact: 7008229682, 7978737479. D-13845

**ବିକ୍ରି ଉପଯୋଗୀ ଘରବାରି plot (2616sqft). ଠିକଣା: ଶୈଳଶ୍ରୀବିହାର Mob: 9439863398, 7750072200.** D-13826

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760




**Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13844

**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

Labrador & German Shepherd puppies for sale. Contact: 8249490842, 8249584100. D-67031




First floor 2BHK with garage near Tankapaniroad Siridisai area. 7008860369. D-13774

2BHK, 2bathroom, drawing, dining, balcony, Gandamunda near ITER, BBSR, rent: 9000/- 8763216428. D-64999

2BHK with attached bathroom, dining, drawing, kitchen and poojaroom, giftroom 24hrs water, marble flooring, Tankapani road. Contact: 9338016539. D-66955

Single furnished room near BDA, Keshari Talkies, Plot-5, Bhubaneswar. Contact: 9238579309. D-66172

300 sqft. with kitchen for office use only backside of Hotel Royal Midtown, 23-Ashok Nagar. Contact: 9861011328. D-65676

3BHK, Ground floor 1800 sqft., garage, Nageswar Tangi. Bank, Corporate, executive preffered. 7894391620. D-52900




Shivam logistic packers movers. Household/ car relocation countrywide. 9777044177, 9338461133. D-13610




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Newly opening Ayurvedic body massage smart therapist, Shree herbal, 775 0020754. D-67343

Kajal ayurvedic massage club fully relaxed by smart lady, home service available. 9937637219. D-66939

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

## AFFIDAVIT

By an affidavit before the Notary Public, Jharsuguda I Dushila Satnalika, W/o- Goutam Satnalika, R/o- Junadihi, Belpahar, Dist. Jharsuguda declared that after marriage my name has been changed from Dusila Kurmi to Dushila Satnalika. That both the names relates to same and one person. D-67375

By an affidavit before the Notary Public, Sambalpur I Nikhil Parija, S/o- Saroj Kumar Parija, R/o- Beri Hotel, P.S.- Ainthapali, Remed, Dist. Sambalpur declared that my name has been wrongly mentioned as Nikhil Kumar Parija in Passport vide No. J3046828. That both the names relates to one and same person. D-37376

## CLASSIFIED BOOKING STATIONS

### CUTTACK

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

ଦଶମ ଜନ୍ମଦିନ ଶୁଭେଚ୍ଛା



ଦେବଦତ୍ତ ସାହୁ (ଦେବୁ)

ଆଜି ୧୦ମ ଜନ୍ମଦିନରେ ଜେଜେ ମା', ଅଜା, ଆଈ, ଅଙ୍କଲ, ମାମା, ବାବାଙ୍କ ତରଫରୁ ଜନ୍ମଦିନର ଅନେକ ଶୁଭେଚ୍ଛା।

ଭଗବାନ ତୋତେ ଆଶୀର୍ବାଦ କରନ୍ତୁ ଓ ତୋର ସବୁ ସ୍ୱପ୍ନ ପୂରଣ କରନ୍ତୁ। ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା "ଦେବୁ"

ଧ-୬୧୯୧୯

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ସାହୁ
(ତିରୋଧାନ: ୦୨।୦୮।୨୦୧୯)

ଆଜକୁ ୧୦ଦିନ ହେଲା ଆମକୁ ଛାଡ଼ି ଚାଲିଗଲ। କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ତୁମେ ଆମ ସ୍ମୃତିରେ, ସ୍ୱପ୍ନରେ, ମନରେ ଘୁରି ବୁଲୁଛ। ଆଜି ତୁମ ଅବର୍ତ୍ତମାନରେ ଆମେ ସମସ୍ତେ ନିଜକୁ ଅସହାୟ ମନେ କରୁଛୁ। ତୁମ ସ୍ନେହ ଓ ଭଲପାଇବା ଆମକୁ ପ୍ରତି ମୁହୂର୍ତ୍ତରେ ଦୁଃଖ ଓ ଯନ୍ତ୍ରଣା ଦେଉଛି। ତୁମ ଉତ୍ସର୍ଗୀକୃତ ମନୋଭାବ, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶବାଦ, ପରୋପକାରିତା, କର୍ତ୍ତବ୍ୟ ପରାୟଣ ଓ ସ୍ୱାଭିମାନ ଆମ ମନରେ ସର୍ବଦା ସ୍ମୃତି ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:
ସ୍ତ୍ରୀ: ପ୍ରଭାତୀ ସାହୁ, ଦିଲ୍ଲୀପ(ପୁଅ), ରାଧା(ବୋହୂ), ପୁଷ୍ପ, ବାବୁ, ଗୋଲି, ତନ୍ମୟ, ବବୁନ୍ (ଗୁଡ଼୍‌ଲୁ), ମାମାଲି, ପାପାଲି, ବୁଲ୍‌ବୁଲ୍, ଅଭି।

ଧ-୧୩୮୬୪

## ସଂକ୍ଷେପରେ

### ଭାରତ ସହ ପାକିସ୍ତାନର ଔପଚାରିକ ଭାବେ ବାଣିଜ୍ୟ ସମ୍ପର୍କ ଛିନ୍ନ

**ଇସଲାମାବାଦ୍,୧୦-୮:** ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ପ୍ରତିବାଦରେ ଭାରତ ସହ ସମସ୍ତ ପ୍ରକାର ବାଣିଜ୍ୟ ସମ୍ପର୍କକୁ ପାକିସ୍ତାନ ଔପଚାରିକଭାବେ ରଦ୍ଦ କରିଛି। ସ୍ଥାନୀୟ ଖବରକାଗଜ 'ଡନ୍'ର ରିପୋର୍ଟ ଅନୁଯାୟୀ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ, ରାଷ୍ଟ୍ରୀୟ ସୁରକ୍ଷା କମିଟି ବୈଠକ ଏବଂ ପାର୍ଲାମେଣ୍ଟର ଯୁଗ୍ମ ଅଧିବେଶନରେ ଉକ୍ତ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି। ତେବେ ଏହାଦ୍ୱାରା ଭାରତ ଅପେକ୍ଷା ପାକିସ୍ତାନ ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ପୂର୍ବରୁ ଭାରତୀୟ ଉଦ୍ୟୋଗୀମାନେ ମତପ୍ରକାଶ କରିସାରିଛନ୍ତି। ସୂଚନାଥାଉ କି, ଦୁଇଦେଶର ବାଣିଜ୍ୟ ସମ୍ପର୍କ ପୂର୍ବରୁ ଉତ୍ତେଜନାପୂର୍ଣ୍ଣ ଥିଲା। ପୁଲୱାମା ଆକ୍ରମଣ ପରେ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ସୀମାଶୁଳ୍କ ଆଦାୟ ଆରମ୍ଭ କରିଛି। ଫଳସ୍ୱରୂପ, ଚଳିତବର୍ଷ ପାକିସ୍ତାନରୁ ଭାରତ ଆମଦାନୀ ୯୨ ପ୍ରତିଶତ ହ୍ରାସ ପାଇ ୨୮.୪୦ ଲକ୍ଷ ଡଲାରରେ ପହଞ୍ଚିଯାଇଛି। ଭାରତକୁ ସହିତ ଔପଚାରିକ ଭାବେ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ନେଇ ସରକାରଙ୍କ ପକ୍ଷରୁ ଦୁଇଟି ଅଧିସୂଚନା ଜାରି କରାଯାଇଛି।

### ଜୁଲାଇରେ ତୈଳ ଇନ୍ଧନ ଚାହିଦା ୩.୩% ବୃଦ୍ଧି

**ନୂଆଦିଲ୍ଲୀ,୧୦-୮:** ଗତବର୍ଷ ତୁଳନାରେ ଚଳିତବର୍ଷ ଜୁଲାଇରେ ଦେଶରେ ତୈଳ ଇନ୍ଧନ ଚାହିଦା ୩.୩% ବୃଦ୍ଧି ପାଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଆଲୋଚ୍ୟ ମାସରେ ମୋଟ ତୈଳ ଚାହିଦା ୧୭.୫୮ ମିଲିୟନ ଟନ ରହିଥିଲା। ବର୍ଷକ ପୂର୍ବ ତୁଳନାରେ ଚଳିତ ବର୍ଷ ପେଟ୍ରୋଲ ଚାହିଦା ୮.୮% ବୃଦ୍ଧି ପାଇ ୨.୫୨ ମିଲିୟନ ଟନ ହୋଇଥିବା ବେଳେ ରୋଷେଇ ଗ୍ୟାସ୍(ଏଲପିଜି) ବିକ୍ରି ୯% ବୃଦ୍ଧି ପାଇ ୨.୨୨ ମିଲିୟନ ଟନ ହୋଇଛି। ତେବେ ଆଲୋଚ୍ୟ ମାସରେ ନାପ୍ଥା ବିକ୍ରି ୫.୨% ହ୍ରାସ ପାଇ ୧.୨୨ ମିଲିୟନ ଟନ ହୋଇଥିବା ବେଳେ ସଡ଼କ ନିର୍ମାଣରେ ବ୍ୟବହୃତ ବିଟୁମେନ(ପିଚୁ) ବିକ୍ରି ୩୬.୪% ଏବଂ ଆଲ୍‌କାତରା ୮.୩% ବୃଦ୍ଧି ପାଇଛି।

### ସ୍ପାଇସ୍‌ଜେଟର ୨ ପାଇଲଟ ବର୍ଷେ ନିଲମ୍ବିତ




**ନୂଆଦିଲ୍ଲୀ,୧୦-୮:** ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ସ୍ପାଇସଜେଟର ଦୁଇଜଣ ପାଇଲଟଙ୍କୁ ଶନିବାର ଏକବର୍ଷ ପାଇଁ ନିଲମ୍ବିତ କରିଛି। ମୁମ୍ବାଇ ବିମାନବନ୍ଦରରେ ବିମାନକୁ ଠିକ୍ ଭାବେ ଅବତରଣ କରି ନ ଥିବାରୁ ସେମାନଙ୍କୁ ଏହି ଦଣ୍ଡ ମିଳିଛି। ସୂଚନାଥାଉ କି, ଜୁଲାଇ ୨ରେ କୋଏମ୍ବାଟୁର୍‌ରୁ ମୁମ୍ବାଇ ଉଦ୍ଦେଶ୍ୟରେ ଉଡିଥିବା ବି୭୩୭ ବିମାନଟି ମୁମ୍ବାଇ ବିମାନ ବନ୍ଦରରେ ଅବତରଣ କରିବା ବେଳେ ରନ୍‌ୱେର ନିର୍ଦ୍ଧାରିତ ସୀମାଠାରୁ ବହୁ ଦୂରକୁ ଚାଲିଯାଇଥିଲା। ଏହି ବିମାନକୁ ସେତେବେଳେ ଚଳାଉଥିଲେ କ୍ୟାପଟେନ କରଣ ଗୁଜରାଲ ଓ କ୍ୟାପ୍ଟେନ ଅର୍ପିତ ଗାନ୍ଧୀ। ଡିଜିସିଏ ପକ୍ଷରୁ ସେମାନଙ୍କୁ ଜୁଲାଇ ୪ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୧୫ ଦିନ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେମାନଙ୍କ ଉତ୍ତର ସନ୍ତୋଷଜନକ ନ ଥିବାରୁ ଡିଜିସିଏ ପକ୍ଷରୁ ଉକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

> ବାଂଲାଦେଶ ସମେତ ଅନ୍ୟ ଦକ୍ଷିଣ-ପୂର୍ବ ଏସିଆ ଦେଶରେ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ କାରଖାନା ପ୍ରତିଷ୍ଠା କରିବାକୁ ବିଚାର କରୁଛି।
> – ନୁସ୍‌ଲି ୱାଡିଆ, ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ



> କ୍ଷୁଦ୍ର ସହରରୁ ଅଧିକ ଯାତ୍ରୀଙ୍କୁ ଆକର୍ଷିତ କରିବା ଲାଗି ଇଣ୍ଡିଗୋ ୮ ଆଞ୍ଚଳିକ ଭାଷା ବ୍ୟବହାର କରିବା ଉପରେ ଜୋର୍ ଦେଉଛି।
> – ନୀତିନ ସେଠୀ, ଇଣ୍ଡିଗୋ ଭାଇସ ପ୍ରେସିଡେଣ୍ଟ (ଡିଜିଟାଲ)



### ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ

# ଜମ୍ମୁ-କଶ୍ମୀର ପର୍ଯ୍ୟଟନକୁ ନେଇ ବଢ଼ୁଛି ଆଶା

- ୬୦% ଅଧିବାସୀ ପର୍ଯ୍ୟଟନ ସହ ସମ୍ପୃକ୍ତ
- ରାଜ୍ୟ ଜିଡିପିରେ ୧୫% ଯୋଗଦାନ
- ପର୍ଯ୍ୟଟନ ଶିଳ୍ପରେ ବଢ଼ିବ ପୁଞ୍ଜିନିବେଶ



**ନୂଆଦିଲ୍ଲୀ,୧୦-୮**

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଲଦାଖ ଓ ଉପତ୍ୟକାରେ ପର୍ଯ୍ୟଟନ ଅଭିବୃଦ୍ଧିର ଅପାର ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧନରେ ଜଣାଇଥିଲେ। ଉପତ୍ୟକାର ପର୍ଯ୍ୟଟନ ଶିଳ୍ପକୁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରିବେ, ଯାହା ଦ୍ୱାରା ଏହା ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସେ କହିଥିଲେ। କିନ୍ତୁ ଜମ୍ମୁ-କଶ୍ମୀରରେ ପରିବେଶରେ ସ୍ଥିରତା ନ ଆସିବା ପର୍ଯ୍ୟନ୍ତ ପର୍ଯ୍ୟଟନ ସେକ୍ଟର ଆଗେଇ ପାରିବ ନାହିଁ ବୋଲି ରାଜ୍ୟର ଟ୍ୟାକ୍ସି ଅପରେଟର୍ସ ସଂଘର ସଭାପତି ମହମ୍ମଦ ଆଶ୍ରଫ ଲୋନ୍ କହିଥିବା ବେଳେ ଅନ୍ୟମାନେ ଏଥିରେ ଏକମତ ନୁହଁନ୍ତି। ଉପତ୍ୟକାରେ ପର୍ଯ୍ୟଟନର ବ୍ୟାପକ ସମ୍ଭାବନା ରହିଥିବା ଆଶାପ୍ରକାଶ କରାଯାଇଛି।

ଜମ୍ମୁ-କଶ୍ମୀର ରାଜସ୍ୱ ଆୟର ମୁଖ୍ୟରେ ରହିଛି ପର୍ଯ୍ୟଟନ। ରାଜ୍ୟର ଅର୍ଥନୀତିରେ ଏହାର ଅବଦାନ ଅନେକ। ଏଠାକାର ପ୍ରାୟ ୬୦ ପ୍ରତିଶତ ଅଧିବାସୀ ଉଭୟ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ପର୍ଯ୍ୟଟନ ଶିଳ୍ପ ତଥା ସହାୟକ କାର୍ଯ୍ୟକଳାପରେ ସମ୍ପୃକ୍ତ। ଏହି ଶିଳ୍ପ ରାଜ୍ୟ ଜିଡ଼ିପିରେ ୧୫% ଯୋଗଦାନ ଦେଇଥାଏ। ତେବେ ୩୭୦ ଅନୁଚ୍ଛେଦ ପ୍ରତ୍ୟାହାର ପରେ ଉପତ୍ୟକାରେ ରାଜନୈତିକ ଅସ୍ଥିରତା ବଢ଼ିଯିବ ବୋଲି ଲୋନ୍ ଆଶଙ୍କାବ୍ୟକ୍ତ କରିଛନ୍ତି। ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ (ଏଚ୍‌ଆର୍‌ଏଡବ୍ଲ୍ୟୁଆଇ)ର ପ୍ରେସିଡେଣ୍ଟ ତଥା ଫେଡେରେଶନ ଅଫ୍ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଫ୍‌ଏଚ୍‌ଆର୍‌ଏଆଇ)ର ଭାଇସ ପ୍ରେସିଡେଣ୍ଟ ଗୁର୍‌ବକ୍ସିସ୍ ସିଂ କୋହଲି କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଉପତ୍ୟକା ପର୍ଯ୍ୟଟନର ପ୍ରକୃତ କ୍ଷମତା ବିକଶିତ ହେବ। ପର୍ଯ୍ୟଟନ ଜମ୍ମୁ-କଶ୍ମୀରର ମୁଖ୍ୟ ଶିଳ୍ପ ହୋଇଥିଲେ ସୁଦ୍ଧା ଏହା ରାଜ୍ୟର ରାଜସ୍ୱରେ ସେଭଳି ଯୋଗଦାନ ଦେଇପାରିନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଚାମ୍ବର ଅଫ୍ ଟ୍ରେଡର୍ସ ଫେଡେରେଶନ ପ୍ରେସିଡେଣ୍ଟ ନୀରଜ ଆନନ୍ଦ କହିଛନ୍ତି ଯେ, ୩୭୦ ପ୍ରତ୍ୟାହାର ହେବା ପରେ ସମସ୍ତ ସେକ୍ଟରରେ ବିପୁଳ ହାରରେ ପୁଞ୍ଜିନିବେଶ ବୃଦ୍ଧିପାଇବ। ଏହାଦ୍ୱାରା ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସହ ରାଜ୍ୟକୁ ଅଧିକ ରାଜସ୍ୱ ମିଳିବ। ରାଜ୍ୟବାସୀଙ୍କ ଭାଗ୍ୟ ରାତାରାତି ବଦଳିଯିବ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ସମସ୍ତ ଦିଗରୁ ସେଠାରେ ବିକାଶ ହେବାକୁ ଯାଉଛି। ସୂଚନାଥାଉ କି, କେନ୍ଦ୍ର ସରକାର ୩୭୦ ଅନୁଚ୍ଛେଦ ପ୍ରତ୍ୟାହାର କରିବା ପୂର୍ବରୁ ଉପତ୍ୟକାରେ ଉପସ୍ଥିତ ଥିବା ଅମରନାଥ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ତୁରନ୍ତ ସ୍ଥାନ ଖାଲି କରିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପୁଲୱାମା ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ପର୍ଯ୍ୟଟନର ବିଶେଷ କ୍ଷତି ହୋଇଛି। ଲୋନ୍ କହିଛନ୍ତି ଯେ, ଏବେ ଉପତ୍ୟକାରେ ପର୍ଯ୍ୟଟନ ଋତୁ ଶେଷ ହୋଇଛି। ଆସନ୍ତାବର୍ଷ ମାର୍ଚ୍ଚ ପୂର୍ବରୁ ପୁନର୍ବାର ପର୍ଯ୍ୟଟନ ଗତିବିଧି ଆରମ୍ଭ ହେଲା ଭଳି ଲାଗୁ ନାହିଁ।

### ରିୟଲ ଇଷ୍ଟେଟ ପାଇଁ ସୁଯୋଗ

**ନୂଆଦିଲ୍ଲୀ,୧୦-୮:** ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଏବେ ସେଠାକାର ରିୟଲ ଇଷ୍ଟେଟରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଦେଶର ବୃହତ ରିୟଲ ଇଷ୍ଟେଟ କମ୍ପାନୀ ଲଦାଖ ଓ ଜମ୍ମୁ-କଶ୍ମୀରରେ ନିବେଶ କରିପାରିବେ ବୋଲି କ୍ରେଡାଇ ଅଧ୍ୟକ୍ଷ ଜ୍ୟାକ୍‌ସେ ଶାହ ମିଡିଆ ସହ ଆଲୋଚନା କାଳରେ କହିଛନ୍ତି। ଉପତ୍ୟକାରେ ରିୟଲ ଇଷ୍ଟେଟ ସେକ୍ଟରରେ ନିବେଶ ପାଇଁ ବିଲ୍ଡରମାନେ ଦୀର୍ଘଦିନ ହେବ ଅପେକ୍ଷା କରିଥିଲେ ବୋଲି ସେ କହିଛନ୍ତି। ସେମାନେ ରାଜ୍ୟରେ ଆବାସିକ ଓ ବାଣିଜ୍ୟିକ ସମ୍ପତ୍ତିରେ ନିବେଶ କରିବେ। ଏଥିସହିତ ପରିବେଶକୁ କ୍ଷତି ନ ପହଞ୍ଚାଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସେଠାରେ ଅଧିକ ସଂଖ୍ୟାରେ ଗଲ୍ଫ କୋର୍ସ, ହୋଟେଲ ଓ ଅନ୍ୟ ସମସ୍ତ ସୁବିଧାର ବିକାଶ ସମ୍ଭାବନା ରହିଛି। ଇସ୍ରାଏଲର ତେଲ ଆଭିଭ୍‌ରେ ଏବେ କ୍ରେଡାଇର ବୈଠକ ଚାଲିଛି। ରିୟଲ ଇଷ୍ଟେଟ ସେକ୍ଟରରେ ମାନ୍ଦାବସ୍ଥା ଆସିବା ସତ୍ତ୍ୱେ ବହୁସଂଖ୍ୟାରେ ବିଲ୍ଡର ଏବେ ମଧ୍ୟ ବଜାରରେ ତିଷ୍ଠି ରହିଥିବାରୁ ଶାହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଡେଭଲପରଙ୍କ ଦୃଢ଼ତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। କ୍ରେଡାଇ ସଭାପତି ସତୀଶ ମାଗର ଗୃହ ଋଣ ଉପରେ ସୁଧ ହାରକୁ ୭.୫%କୁ ହ୍ରାସ କରିବା ଆବଶ୍ୟକ ବୋଲି କହିଛନ୍ତି। ସେହିପରି କ୍ରେଡାଇ ସଚିବ ପଙ୍କଜ ଗୋୟଲ ସିଷ୍ଟମକୁ ଅଧିକ ନମନୀୟ କରିବା ଉପରେ ଜୋର୍ ଦେଇଛନ୍ତି।



### ସିଏସ୍‌ଆର୍ ଉଲ୍ଲଂଘନ ହେଲେ ଜେଲ୍

# ପ୍ରତ୍ୟାହାର ନେଇ ବିଚାର କରିବେ ସୀତାରାମନ୍



**ନୂଆଦିଲ୍ଲୀ,୧୦-୮**

କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ (ସିଏସ୍‌ଆର୍) ସର୍ତ୍ତ ଉଲ୍ଲଂଘନ ହେବା କ୍ଷେତ୍ରରେ ଜେଲ୍‌ର ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ନେଇ ବିଚାର କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶିଳ୍ପ ଜଗତକୁ ପ୍ରତିଶ୍ରୁତି ଦେଇଛନ୍ତି। କାହା ବିରୋଧରେ ଆପରାଧିକ ମକଦ୍ଦମା ଦାଏର କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ବଜେଟ ଅଧିବେଶନରେ କର୍ପୋରେଟ ସଂଶୋଧନ ବିଲ୍‌କୁ ଅନୁମୋଦନ କରାଯାଇଛି। ଏହି ସଂଶୋଧନ ଅନୁଯାୟୀ, ସିଏସ୍‌ଆର୍ ସର୍ତ୍ତ ଉଲ୍ଲଂଘନ କ୍ଷେତ୍ରରେ ସମ୍ପୃକ୍ତ କମ୍ପାନୀଙ୍କୁ ଅପରାଧୀ ଭାବେ ଘୋଷଣା କରାଯିବ। କମ୍ପାନୀ ଅଧିକାରୀଙ୍କୁ ୩ ବର୍ଷ ଜେଲଦଣ୍ଡ ଓ ୫୦ରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟର ବ୍ୟବସ୍ଥା କରାଯାଇଛି। ଶିଳ୍ପ ଜଗତ ଏହାକୁ ବିରୋଧ କରିବା ସହ ପ୍ରତ୍ୟାହାର କରିନେବାକୁ ଦାବି ଜଣାଇ ଆସୁଛନ୍ତି। ସୂଚନାଥାଉ କି, ୫୦୦ କୋଟି ଟଙ୍କାର ନେଟ୍ ମୂଲ୍ୟ, ୧୦୦୦ କୋଟି ଟଙ୍କାରୁ ଅଧିକ କାରବାର କରୁଥିଲେ ଅଥବା ୫ କୋଟି କିମ୍ବା ତା'ଠାରୁ ଅଧିକ ନେଟ୍ ଲାଭ ହାସଲ କରିଥିବା କମ୍ପାନୀଙ୍କୁ ଗତ ୩ ବର୍ଷର ହାରାହାରି ଲାଭର ୨% ପ୍ରତିବର୍ଷ ସିଏସଆର୍ ବାବଦରେ ଖର୍ଚ୍ଚ କରିବାକୁ ପଡିଥାଏ। ଟିକସ ଉତ୍ପୀଡନ ଯୋଗୁ କ୍ୟାଫେ କଫି ଡେ ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥ ଆତ୍ମହତ୍ୟା କରିଥିଲେ ବୋଲି ସାରା ଦେଶରେ ମତପ୍ରକାଶ ପାଇଥିଲା। ଅର୍ଥମନ୍ତ୍ରୀ ସୀତାରାମନ୍ ସେତେବେଳେ ଭାରତୀୟ ଶିଳ୍ପ ମହାସଂଘ ପ୍ରତିନିଧିମାନଙ୍କୁ ଭେଟି ପ୍ରତି ସପ୍ତାହରେ ସେ ଟିକସ ଉତ୍ପୀଡନ ମାମଲାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଏଫ୍‌ପିଆଇ ସରଚାର୍ଜ ପ୍ରସଙ୍ଗରେ ଚୁପ୍



ବଜେଟରେ ଲାଗୁ ହୋଇଥିବା ସରଚାର୍ଜକୁ ନେଇ ଚିନ୍ତିତ ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର(ଏଫ୍‌ପିଆଇ) କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିଛନ୍ତି। ସରଚାର୍ଜ ଲାଗୁ ହେବା ଦ୍ୱାରା ସେମାନଙ୍କ ନିବେଶ ପ୍ରଭାବିତ ହେଉଛି ଦର୍ଶାଇ ଏଫ୍‌ପିଆଇ ଏହାକୁ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଏହା ପ୍ରତ୍ୟାହାର ହେବା ପରେ ଯାଇ ସେମାନେ ଭାରତରେ ନିବେଶ କରିବେ ବୋଲି ସୀତାରାମନ୍‌ଙ୍କୁ ସ୍ପଷ୍ଟ କରିଛନ୍ତି। ତେବେ ଏନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଚୁପ୍ ରହିଛନ୍ତି। ସେ ଏସଂକ୍ରାନ୍ତରେ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି। ଏଠାରେ ଡୋମେଷ୍ଟିକ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଓ ଏଫ୍‌ପିଆଇଙ୍କ ସହ ସୀତାରାମନ୍ ସରଚାର୍ଜକୁ ନେଇ ଆଲୋଚନା କରିଥିଲେ। ତେବେ ଏହାକୁ ପ୍ରତ୍ୟାହାର କରିବା ନେଇ ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେବା ସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ଅତି ଧନୀ ଓ ଏଫ୍‌ପିଆଇଙ୍କ ଉପରେ ସରଚାର୍ଜ ଲାଗୁ କରାଯିବ ବୋଲି ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ସୀତାରାମନ୍ ଘୋଷଣା କରିଥିଲେ। ଏଥିରେ କ୍ଷୁବ୍ଧ ଏଫପିଆଇ ବଜେଟ ପରେ ଆଜିସୁଦ୍ଧା ଷ୍ଟକ ବଜାରରୁ ୨୨ ହଜାର କୋଟି ଟଙ୍କା କାଢ଼ି ନେଇଛନ୍ତି। ବୈଠକରେ ବିଦେଶୀ ସଂସ୍ଥାଗତ ନିବେଶକମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ ଉପସ୍ଥିତ ଥିବା ଅର୍ଥ ମନ୍ତ୍ରଣାଳୟର ଅଧିକାରୀମାନେ ସବୁ ଶୁଣିବା ପରେ ମଧ୍ୟ କିଛି ଉତ୍ତର ଦେଇ ନ ଥିଲେ। ସେମାନେ ଦିଆଯାଇଥିବା ପରାମର୍ଶକୁ ଚୁପଚାପ୍ ଶୁଣିଥିଲେ। ଆସୋସିଏଶନ ଅଫ୍ ଆସେଟ୍ ମ୍ୟାନେଜମେଣ୍ଟ ରାଉଣ୍ଡଟେବଲ ଅଫ୍ ଇଣ୍ଡିଆ ପ୍ରେସିଡେଣ୍ଟ ନନ୍ଦିତା ପାରକର୍ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କୁ ଟିକସ ବ୍ୟବସ୍ଥା ଓ ଇଜ୍ ଅଫ୍ ଡୁଇଂ ବିଜନେସ ସମ୍ପର୍କରେ କୁହାଯାଇଛି। ଇକ୍ୱିଟି ନିବେଶ କ୍ଷେତ୍ରରେ ଭାରତରେ ଏଫ୍‌ପିଆଇ ପ୍ରାୟ ୨୫ରୁ ୩୫ ବିଲିୟନ ଡଲାର ନିବେଶ କରିପାରିବେ ବୋଲି ସୀତାରାମନ୍‌ଙ୍କୁ ଜଣାଇ ଦିଆଯାଇଛି। ତେବେ ଏଥିଲାଗି ସ୍ଥିର ଟିକସ ବ୍ୟବସ୍ଥା ଲାଗୁ ହେବା ଆବଶ୍ୟକ ବୋଲି କୁହାଯାଇଛି।

# ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତର ସଖୀ ପଦକ୍ଷେପ




**ଏସ୍‌ଏଚ୍‌ଜି ଲାଗି ହଳଦୀ ପ୍ରକ୍ରିୟାକରଣ ଯନ୍ତ୍ର ଉଦ୍‌ଘାଟିତ**

**ଭୁବନେଶ୍ୱର,୧୦-୮**

ମହିଳା ସଶକ୍ତିକରଣ ଏବଂ ସ୍ଥାନୀୟ ନିଯୁକ୍ତିକୁ ବେଦାନ୍ତ ଲାଞ୍ଜିଗଡ ୟୁନିଟ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ମହିଳାଙ୍କ ଜୀବିକା ନିର୍ବାହ ନିମନ୍ତେ ଏକ ପ୍ରମୁଖ ପଦକ୍ଷେପ ଭାବେ ବେଦାନ୍ତ 'ସଖୀ' ନାମରେ ଯୋଜନା ଜାରି ରଖିଛି। ନିଜର ପ୍ରତିବଦ୍ଧତାକୁ ବଜାୟ ରଖି କମ୍ପାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ଲାଗି ହଳଦୀ ପ୍ରକ୍ରିୟାକରଣ ଯନ୍ତ୍ର ଏହା ଉଦ୍‌ଘାଟନ କରିଛି। ମହିଳାଙ୍କୁ ପ୍ରଶିକ୍ଷଣ, ପ୍ରୋତ୍ସାହନ ଏବଂ ପ୍ରେରଣା ପ୍ରଦାନ ଦିଗରେ ଏହା କାର୍ଯ୍ୟ କରୁଛି। ଜୈବିକ କୃଷିକୁ ଗୁରୁତ୍ୱ ଦେଇ ୨୦୧୭ରେ ପୂଜାରୀପଡା ଗ୍ରାମରେ ୧୫ ଜଣ ସଦସ୍ୟଙ୍କୁ ବେଦାନ୍ତ ପତ୍ର ପ୍ଲେଟ ତିଆରି ଲାଗି ଉତ୍ସାହିତ କରିଥିଲା। ନିଜର କ୍ଷମତାକୁ ବୃଦ୍ଧି କରି ଏହି ଏସ୍‌ଏଚ୍‌ଜି ଅଧିକ ନିବେଶ ମାଗିଥିଲା। ହଳଦି ପ୍ରକ୍ରିୟାକରଣ ଯନ୍ତ୍ର ଏବଂ କଞ୍ଚାମାଲ କ୍ରୟ କରିବା ସେମାନଙ୍କ ଲକ୍ଷ୍ୟ ଥିଲା। ଲକ୍ଷେ ଟଙ୍କା ପ୍ରାରମ୍ଭିକ ନିବେଶରେ ସେମାନେ 'ସଖୀ' ବ୍ରାଣ୍ଡରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପାଞ୍ଚ କୁଇଣ୍ଟାଲ ହଳଦୀଗୁଣ୍ଡ ପ୍ରସ୍ତୁତ କରି ୨୫,୦୦୦ ଟଙ୍କା ଲାଭ କରିଛନ୍ତି। ଏହି ଭଳି ପଦକ୍ଷେପ ଦ୍ୱାରା କମ୍ପାନୀ ମହିଳା ଉଦ୍ୟୋଗୀ ପ୍ରସ୍ତୁତ କରିବା ଉଦ୍ୟମ ଜାରି ରଖିଛି। ମହିଳାଙ୍କ ସ୍ଥିତି ଏବଂ ଉନ୍ନତି ନେବା କ୍ଷେତ୍ରରେ ସେମାନଙ୍କ ଭୂମିକା ଏବେ ବଦଳୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ସମାଜର ଉନ୍ନତିଧାରାରେ ସାମିଲ ହୋଇ କମ୍ପାନୀ ଲୋକଙ୍କ ସହ କାର୍ଯ୍ୟ କରୁଥିବା ବେଦାନ୍ତ ଲାଞ୍ଜିଗଡ ୟୁନିଟର ସିଓଓ ରାକେଶ ମୋହନ କହିଛନ୍ତି।

# ମହିଳା ଫୁଟ୍‌ୱେର ସେଗ୍‌ମେଣ୍ଟରେ ଆସିବ ଆଇଡି

**ଭୁବନେଶ୍ୱର,୧୦-୮(ବ୍ୟୁରୋ)**




ଏମ୍ ଆଣ୍ଡ ବି ଫୁଟୱେର ପ୍ରାଇଭେଟ ଲିମିଟେଡ୍ ଚଳିତ ବର୍ଷ ଘରୋଇ ବଜାରରେ ୨୫ତମ ପୂର୍ତ୍ତି ପାଳନ କରୁଛି। କମ୍ପାନୀ ଏହାର ଲୋକପ୍ରିୟ ବ୍ରାଣ୍ଡ ଆଇଡି ସହ ସେବା ଯୋଗାଣ ଧାରା ଜାରି ରଖିଛି। ଚମଡା ଜୋତା ମାନୁଫାକ୍‌ଚରିଂରେ କମ୍ପାନୀର ନିପୁଣତା ରହିଛି। କମ୍ପାନୀ ଆଇଡି ବ୍ରାଣ୍ଡ ଅଧୀନରେ ଯୁବବର୍ଗଙ୍କ ଲାଗି ପ୍ରଡକ୍ଟ ଡିଜାଇନକୁ ପ୍ରାଥମିକତା ଦେଉଥିବା ଏହାର ଜେନେରାଲ ମ୍ୟାନେଜର ଯୋଗେଶ ଖୁଲ୍‌ବେ ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଇଡିର ଟ୍ୟାଗ୍ ଲାଇନ 'ବିଙ୍ଗ୍ କଲ୍ଟ' ଆଧାରରେ ପ୍ରଡକ୍ଟକୁ ସ୍ୱତନ୍ତ୍ର କରି ପ୍ରସ୍ତୁତ କରାଯାଉଛି। ପ୍ରଡକ୍ଟରେ ସ୍ୱତନ୍ତ୍ର ମେଟେରିଆଲ ବ୍ୟବହାର କରାଯିବା ସହ ଲୁକ୍ ଏବଂ ଫିଲ୍ ଦୃଷ୍ଟିକୋଣରୁ ସ୍ୱତନ୍ତ୍ରତାକୁ ଧ୍ୟାନରେ ରଖାଯାଇଛି। ଉଚ୍ଚଗୁଣବତ୍ତା ଚମଡାରେ ପ୍ରଡକ୍ଟ ପ୍ରସ୍ତୁତ ହେଉଛି, ଯାହା ଆରାମ ପ୍ରଦାନ କରିବାରେ ସହାୟକ ହେବ। କମ୍ପାନୀ ବର୍ତ୍ତମାନ ଲେଡିଜ୍ ଫୁଟ୍‌ୱେର ବର୍ଗରେ ପ୍ରଡକ୍ଟ ଆଣୁ ନ ଥିବା ବେଳେ ଆଗାମୀ ୨ ବର୍ଷରେ ଉକ୍ତ ବର୍ଗରେ ପ୍ରବେଶ ନେଇ ଯୋଜନା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଲୋକମାନେ ମୂଲ୍ୟକୁ ନେଇ ସଚେତନ ଥିବାରୁ ଲୋକଙ୍କ ଚାହିଦା ଆଧାରରେ ପ୍ରଡକ୍ଟ ବଜାର ପ୍ରବେଶ କରାଯାଉଛି। ଏହାବାଦ ଫ୍ଲୋଟର ସୁ ବର୍ଗ ୭୮୫ ଟଙ୍କାରୁ ୯୮୫ ଟଙ୍କା ରହିଛି। ସେହିଭଳି ଲେଦର ସୁ ୧୩୮୫ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କଲେକ୍ସନ ୧୯୮୫ ଟଙ୍କାରୁ ଆରମ୍ଭ କରାଯାଇଛି। ଏୟାର ପକେଟ ପେଟେଣ୍ଟ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ସ୍ୱତନ୍ତ୍ର ତଥା ବିସ୍ତୃତ ରେଞ୍ଜର ପ୍ରଡକ୍ଟ ପ୍ରସ୍ତୁତ ହେଉଛି। ୧୮ରୁ ୩୫ ବର୍ଷ ଗ୍ରାହକଙ୍କ ସହ ଏହା ଠାରୁ ଅଧିକ ବୟସର ଗ୍ରାହକଙ୍କ ଲାଗି ମଧ୍ୟ ପ୍ରଡକ୍ଟ କମ୍ପାନୀ ପୋର୍ଟଫୋଲିଓରେ ସାମିଲ ରହିଛି। ଓଡ଼ିଶାରେ ପ୍ରମୁଖ ଅଂଶୀଦାରଙ୍କ ସହ ସାମିଲ ହୋଇ ଏହା ପ୍ରଡକ୍ଟ ତଥା ସେବା ଯୋଗାଉଥିବା ଖୁଲ୍‌ବେ କହିଛନ୍ତି।

# ଏକା ସମୟରେ କାମ ଆରମ୍ଭ କରିବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୮**




ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଆଗାମୀ ଦିନରେ ସମାନ ସମୟରେ କାମ ଆରମ୍ଭ କରିବେ। କେନ୍ଦ୍ର ସରକାରଙ୍କ ସଂସ୍କାରମୂଳକ କାର୍ଯ୍ୟକ୍ରମ ଅଧୀନରେ ଏଭଳି ପଦକ୍ଷେପ ନିଆଯାଉଛି। ସକାଳ ୯ରୁ ୩ଟା, ୧୦ଟାରୁ ୪ ଟା ଅଥବା ୧୧ଟାରୁ ୫ ଟା, ୬ ଘଣ୍ଟିଆ ବ୍ୟାଙ୍କିଙ୍ଗ କାରବାର ପାଇଁ ଏକ ବ୍ୟାଙ୍କର କମିଟି ପକ୍ଷରୁ ସୁପାରିସ୍ କରାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହି ତିନୋଟି ସମୟସୀମା ମଧ୍ୟରୁ ଯେକୌଣସି ଗୋଟିଏକୁ ସାରା ଦେଶରେ ଅନୁସରଣ କରିବା ଲାଗି କମିଟି ସୁପାରିସ୍ କରିଛନ୍ତି। ଇଣ୍ଡିଆନ ବ୍ୟାଙ୍କ୍‌ସ ଆସୋସିଏଶନ ସିଇଓ ଭି.ଜି.କାନନ କହିଛନ୍ତି ଯେ, ତିନୋଟି ସମୟସୀମା ପ୍ରସ୍ତାବ ଦିଆଯାଇଛି। ତେବେ ସାରା ଦେଶରେ ବ୍ୟାଙ୍କଗୁଡ଼ିକ ଯେକୌଣସି ଗୋଟିଏ ସମୟସୀମାକୁ ଆପଣାଇବାକୁ ହେବ। ଗୋଟିଏ ଅଞ୍ଚଳରେ ଗୋଟିଏ ବ୍ୟାଙ୍କ ଶାଖା ସକାଳ ୮ଟାରେ ଅନ୍ୟ ଏକ ବ୍ୟାଙ୍କ ଶାଖା ସକାଳ ୧୦ଟାରେ ଯେପରି ନ ଖୋଲିବ, ତାହାକୁ ରୋକିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଆବାସିକ ଅଞ୍ଚଳରେ ବ୍ୟାଙ୍କ ଶାଖା ସକାଳ ୮ଟାରେ ଅଥବା ସନ୍ଧ୍ୟାରେ ଖୋଲା ରଖିହେବ। ତେବେ ଏହା ସମାନ ସମୟସୀମା ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ତେବେ ସେ କହିଛନ୍ତି ଯେ, ଅଧିକାଂଶ ବାଣିଜ୍ୟିକ ବ୍ୟାଙ୍କ ସକାଳ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ଖୋଲିଯାଉଛି। ସମାନ ସମୟ ଲାଗୁ କରିବା ନେଇ ବ୍ୟାଙ୍କଗୁଡ଼ିକ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ସହ ଆଲୋଚନା କରିବାକୁ ହେବ। ଏନେଇ ସେମାନଙ୍କ ଉପରେ ନିଷ୍ପତ୍ତି ଲଦି ଦିଆଯିବ ନାହିଁ। ସୂଚନାଥାଉ କି, ଚଳିତବର୍ଷ ଜୁନ୍‌ରେ ଅର୍ଥ ମନ୍ତ୍ରଣାଳୟ ସହ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ)ର ବୈଠକ ବେଳେ ଏଭଳି ଏକ ଯୋଜନା ସମ୍ପର୍କରେ ପ୍ରସ୍ତାବ ଦିଆଯାଇଥିଲା। ଏ ସମ୍ପର୍କରେ ସୁପାରିସ୍ କରିବାକୁ ଆଇବିଏ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଜୁନ ୨୪ରେ ଏକ ସବ୍‌କମିଟି ଗଠନ କରାଯାଇଥିଲା।



❝ ଅସ୍ତ୍ରୋପଚାର ପାଇଁ ୭ ମାସ ଖେଳରୁ ଦୂରେଇ ରହିବା ପରେ ଆସନ୍ତା ସପ୍ତାହରେ ସିନ୍‌ସିନାଟି ଏଟିପି ମାଷ୍ଟର୍ସ ଟୁର୍ନାମେଣ୍ଟରେ ମୁଁ ସିଙ୍ଗଲ୍ସକୁ ପ୍ରତ୍ୟାବର୍ତ୍ତନ କରିବି ।
—ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି



❝ ସେରେନା ୱିଲିୟମ୍ସଙ୍କ ସହିତ ମୁକାବିଲା କରିବା ଲାଗି ମୋର ବହୁଦିନର ସ୍ୱପ୍ନ ଥିଲା। ଟରଣ୍ଟୋ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ତାହା ସାକାର ହେବାକୁ ଯାଉଛି ।
—ମାରି ବୋଜ୍‌କୋଭା, ଚେକ୍ ରିପବ୍ଲିକ ଟେନିସ ଖେଳାଳି

## ସଂକ୍ଷେପରେ

### ଜାତୀୟ ଜୁନିୟର ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୬

**ନୂଆଦିଲ୍ଲୀ, ୧୦।୮ (ପି.ଟି.):** ସୁଲତାନ ଅଫ୍ ଜୋହର୍ କପ୍‌କୁ ନଜରରେ ରଖି ଆଗାମୀ ଜୁନିୟର ହକି କ୍ୟାମ୍ପ୍ ଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୩ ଜଣିଆ ଖେଳାଳି ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଓଡ଼ିଶାର ୬ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହି ୬ ଜଣ ଖେଳାଳି ହେଲେ ଗୋଲକିପର ସାହିଲ କୁମାର ନାୟକ, ଡିଫେଣ୍ଡର୍ସ ନବୀନ କୁଜୁର, ସୁମନ ବେକ୍, ପ୍ରତାପ ଲାକ୍ରା, ମିଡ୍‌ଫିଲ୍ଡର ଗ୍ରେଗୋରୀ ଖେସ୍ ଓ ଫରୱାର୍ଡ ସୁଦୀପ୍ ଚିର୍ମାକୋ। ଏହି କ୍ୟାମ୍ପ୍ ଅଗଷ୍ଟ ୧୨ରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ଠାରେ ଅନୁଷ୍ଠିତ ହେବ। ୨୦ ଦିନିଆ ଏହି କ୍ୟାମ୍ପ୍‌ରେ ୩ ଜଣ ଗୋଲ୍‌କିପର, ୧୦ ଜଣ ଲେଖାଏ ଡିଫେଣ୍ଡର୍ସ, ମିଡ୍‌ଫିଲ୍ଡର୍ସ ଓ ଫରୱାର୍ଡ ସ୍ଥାନ ପାଇଛନ୍ତି। ସୁଲ୍‌ତାନ ଅଫ୍ ଜୋହର କପ୍ (ଜୁନିୟର)ର ୯ମ ସଂସ୍କରଣ ଅକ୍ଟୋବରରେ ଅନୁଷ୍ଠିତ ହେବ।

### ଭାରତ ପ୍ରଥମ ଥର ଫାଇନାଲରେ

**ନେ ପାଇ ତାଓ (ମ୍ୟାନମାର), ୧୦।୮ (ପି.ଟି.):** ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଭଲିବଲ୍ ଚାମ୍ପିୟନଶିପ୍‌ରେ ପାକିସ୍ତାନକୁ ହରାଇ ଭାରତ ପ୍ରଥମ ଥର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ଏଥିସହିତ ଦଳ ଏଫ୍‌ଆଇଭିବି ୨୩ ବର୍ଷରୁ କମ୍ ପୁରୁଷ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ୨୧-୨୫, ୨୫-୧୬, ୨୫-୨୨, ୨୫-୧୮ରେ ବିଜୟ ହାସଲ କରିଥିଲା। ଦଳ ରବିବାର ଫାଇନାଲରେ ଚାଇନିଜ୍ ତାଇପେ ସହିତ ମୁକାବିଲା କରିବ। କୋଚ୍ ପ୍ରୀତମ ସିଂ ଚୌହାନ କହିଛନ୍ତି, ଆମେ ପ୍ରତିଟି ବିପକ୍ଷ ଦଳକୁ ସମାନ ଦୃଷ୍ଟିରେ ନେଇଛୁ। ତେଣୁ ପାକିସ୍ତାନ ବିପକ୍ଷ ମ୍ୟାଚ ନକ୍‌ଆଉଟ ଥିଲେ ମଧ୍ୟ ଆମ ବାଳକମାନେ ବିନା ଚାପରେ ଖେଳିଥିଲେ।

### ଫାଓ ଲିଗ୍: ଦୁଇଟି ଯାକ ମ୍ୟାଚ ଡ୍ର

**କଟକ ଅଫିସ, ୧୦।୮:** କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ରେ ଶନିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ସ୍ପୋର୍ଟ୍ସ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା । ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ପ୍ରାନସିସ ଲାକ୍ରା ୩୫ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ୪୨ତମ ମିନିଟରେ ରେଲୱେର ସଞ୍ଜିତ ପାଣ୍ଡା ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପରେ କୌଣସି ଗୋଲ ନ ହେବା ଫଳରେ ମ୍ୟାଚ୍ ଡ୍ର ରହିଛି। ରେଲୱେର ସରୋଜ କୁମାର ପ୍ରଧାନ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ସନରାଇଜ କ୍ଲବ ଓ ରାଧାରମଣ କ୍ଲବ ମଧ୍ୟରେ ଅନୁଷ୍ଠିତ ୨ୟ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ସନରାଇଜର ନିର୍ମଳ କୁମାର ଉକ୍ତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

# ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଦିନିକିଆ ଆଜି

### ମିଆଁଦାଦ୍‌ଙ୍କ ୨୬ ବର୍ଷର ରେକର୍ଡ ଭାଙ୍ଗିପାରନ୍ତି କୋହଲି

ଭ୍ରମଣକାରୀ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ ମଧ୍ୟରେ ରବିବାର ସ୍ଥାନୀୟ କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଦିନିକିଆ ସିରିଜର ୨ୟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଅବସରରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ତାଙ୍କ କ୍ୟାରିୟରରେ ଆଉ ଏକ ରେକର୍ଡ ପ୍ରତିଷ୍ଠା କରିବାର ସମ୍ଭାବନା ରହିଛି। ଯଦି ଏହି ମ୍ୟାଚ୍‌ରେ ସେ ଆଉ ୧୯ ରନ୍ ସଂଗ୍ରହ କରନ୍ତି ତେବେ ଦିନିକିଆ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହେବାର କିର୍ତ୍ତୀମାନ ସ୍ଥାପନ କରିବେ। ଏହି ତାଲିକାରେ କୋହଲି ବର୍ତ୍ତମାନ ପାକିସ୍ତାନର ମହାନ ବ୍ୟାଟ୍ସମ୍ୟାନ ଜାଭେଦ ମିଆଁଦାଦ (୧୯୩୦ ରନ)ଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ମିଆଁଦାଦ ୱେଷ୍ଟଇଣ୍ଡିଜ ବିପକ୍ଷରେ ୬୪ ଦିନିକିଆ ଇନିଂସରୁ ୧୯୩୦ ରନ୍ ସଂଗ୍ରହ କରି ଦୀର୍ଘ ୨୬ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଛନ୍ତି। ମିଆଁଦାଦ ଶେଷଥର ପାଇଁ ୧୯୯୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କ ଅନ୍ତିମ ଦିନିକିଆ ଖେଳିଥିଲେ। ଅପରପକ୍ଷରେ କୋହଲି ବର୍ତ୍ତମାନ ସୁଦ୍ଧା କାରବୀୟ ଦଳ ବିପକ୍ଷରେ ମାତ୍ର ୩୩ ଇନିଂସ ଖେଳି ୧୯୧୨ ରନ କରିଛନ୍ତି। ଏହି ତାଲିକାର ଟପ୍-୫ରେ ମାର୍କ ୱ (୧୭୦୮), ଜ୍ୟାକ୍ କାଲିସ (୧୬୬୬) ଓ ରମିଜ୍ ରାଜା (୧୬୨୪) ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

**ପୋର୍ଟ ଅଫ୍ ସ୍ପେନ୍, ୧୦।୮ (ପି.ଟି.)**

ବର୍ଷା ଯୋଗୁ ପ୍ରଥମ ଦିନିକିଆ ଧୋଇଯିବା ପରେ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ ରବିବାର ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ତ୍ରିନିଦାଦ୍‌ର ପୋର୍ଟ ଅଫ୍ ସ୍ପେନ୍‌ସ୍ଥିତ କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଭାରତୀୟ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନକୁ ନେଇ ଏବେ ବି ଆକଳନ ଜାରି ରହିଛି। ଏହି ନମ୍ବରରେ ବ୍ୟାଟିଂ କରିବାକୁ ଏପର୍ଯ୍ୟନ୍ତ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଭାରତ ପ୍ରସ୍ତୁତି କରିପାରି ନାହିଁ। ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଦ୍ୱିତୀୟ ଦିନିକିଆରେ ଏହି ସ୍ଥାନରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରିବେ ବୋଲି ଆଶା କରାଯାଉଛି। ଗତ ଟି୨୦ ସିରିଜରେ ଆୟାର ବ୍ୟାଟିଂ କରିବାର ସୁଯୋଗ ହାସଲ କରି ନ ଥିଲେ। ପ୍ରଥମ ଦିନିକିଆରେ ଅନ୍ତିମ ଏକାଦଶରେ ସାମିଲ ହୋଇଥିଲେ ମଧ୍ୟ ଆୟାର ଖେଳିବାର ସୁଯୋଗ ପାଇ ନ ଥିଲେ। କାରଣ ୧୩ ଓଭରରେ ପରେ ବର୍ଷା ଯୋଗୁ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ନିଜର ଦକ୍ଷତା ପ୍ରମାଣ କରିବା ପାଇଁ ୨ଟି ମ୍ୟାଚ୍ ଯଥେଷ୍ଟ ନୁହଁ। ତେବେ ଏହି ଦୁଇଟି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିପାରିଲେ ଆୟାରଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିବ ଏବଂ ତାଙ୍କ ଉପରୁ ଚାପ କମିବ। ଭାରତ ଏ' ଦଳ ତରଫରୁ ଖେଳି ସେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ତେଣୁ ସେ ସୁଯୋଗର ସଦ୍‌ବ୍ୟବହାର କରିବା ଆଶା କରାଯାଉଛି। ଅଧିନାୟକ ବିରାଟ କୋହଲିଙ୍କ ଦିଶା ନିର୍ଦ୍ଦେଶ ଓ ଉପ- ଅଧିନାୟକ ରୋହିତ ଶର୍ମାଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଆୟର ଆଶାନୁରୂପ ପ୍ରଦର୍ଶନ କରିବେ। ଯଦି ଆୟାରଙ୍କୁ ସୁଯୋଗ ମିଳେ ତେବେ ଲୋକେଶ ରାହୁଲଙ୍କୁ ବେଞ୍ଚରେ ବସିବାକୁ ପଡିବ। ପ୍ରଥମ ମ୍ୟାଚ୍‌ରେ ଭାରତର ଟିମ୍ କମ୍ବିନେଶନ ଦେଖିବାକୁ ଗଲେ ଓ ଗତ ବିଶ୍ୱକପ୍‌ରେ କେତୋଟି ଦମ୍‌ଦାର ଇନିଂସ ଖେଳିବା ପରେ ରାହୁଲଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଜଣେ ସ୍ପେଶାଲିଷ୍ଟ ଓପନର ଭାବେ ବିବେଚନା କରୁଛି। ଫଳରେ ଦୁଇ ସ୍ପେଶାଲିଷ୍ଟ ଓପନର ଶିଖର ଧାୱନ ଓ ରୋହିତଙ୍କ ମଧ୍ୟରୁ ଜଣେ ଆହତ ହେଲେ ରାହୁଲ ଖେଳିବାର ସୁଯୋଗ ହାସଲ କରିବେ। ଏହି ସିରିଜ କେଦାର ଯାଦବଙ୍କ ପାଇଁ ମଧ୍ୟ ବେଶ୍ ଗୁରୁତ୍ୱ ବହନ କରୁଛି। ଦୀନେଶ କାର୍ତ୍ତିକଙ୍କ ପରେ ସେ ଦଳରେ ନିଜର ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ। ଏପଟେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ମଧ୍ୟ ନିଜର ଦକ୍ଷତା ପ୍ରତିପାଦନ କରି ଦଳରେ ସ୍ଥାନ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ତାଙ୍କ ବ୍ୟାଟିଂ କ୍ରମ ନେଇ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଥିବେ। କେଦାର ଯାଦବଙ୍କ ନିକଟରେ ଉଚ୍ଚକୋଟୀର ଟେକ୍‌ନିକ ନ ଥିବା ବିଚାର କରାଯାଉଛି। ପୁଣି ଜୋରଦାର ଶଟ୍ ଖେଳି ଛକା ମାରିବାର ଦକ୍ଷତା ବା ଶକ୍ତି ତାଙ୍କ ନିକଟରେ କମ ରହିଛି ବୋଲି ଭାରତୀୟ କ୍ରିକେଟ ପଣ୍ଡିତମାନେ ବିଚାର କରନ୍ତି। ଟପ୍ ଅର୍ଡର ବିଫଳ ହେବାବେଳେ କେଦାର ଏପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଇନିଂସ ଖେଳିପାରି ନାହାନ୍ତି। ତାଙ୍କର ସାଇହ ହ୍ୟାଣ୍ଡ ଅଫ୍ ସ୍ପିନ୍ ମଧ୍ୟ ସେତେଟା ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରି ନାହିଁ। ପୁଣି ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଦଳରେ ରହିଥିବା ବେଳେ କେଦାରଙ୍କ ବୋଲିଂର ଆବଶ୍ୟକତା କମ୍ ରହିଛି।

ବୋଲିଂରେ ଅଭିଜ୍ଞ ଭୁବନେଶ୍ୱର କୁମାର ଯଦି ବିଶ୍ରାମ ନେବେ ତାହେଲେ ନବଦୀପ ସଇନିଙ୍କୁ ସୁଯୋଗ ମିଳିପାରେ। ୟୁଜବେନ୍ଦ୍ର ଚହଲ ଅତିରିକ୍ତ ସ୍ପିନର ଭାବେ ଦଳରେ ସ୍ଥାନ ପାଇପାରନ୍ତି। ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଅନ୍ତିମ ଏକାଦଶରୁ ବାଦ୍ ପଡିବେ। ପ୍ରଥମ ଦିନିକିଆରେ ୩ ଓଭର ବୋଲିଂରେ ସେ ୨୭ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପ୍‌ନର କ୍ରିସ୍ ଗେଲ ଓ ଇନ୍‌ଫର୍ମ ଇଭିନ ଲୁଇସ୍ ଭାରତ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ପ୍ରଥମ ମ୍ୟାଚ୍‌ରେ ଗେଲ ୩୧ଟି ବଲ୍ ଖେଳି ମାତ୍ର ୪ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଗେଲଙ୍କ ଏହି ଇନିଂସ ଅବଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଗେଲଙ୍କୁ ଘରୋଇ ମ୍ୟାଚିରେ ବିଦାୟୀ ବା ଫେୟାରୱେଲ ଟେଷ୍ଟ ଖେଳିବାର ସୁଯୋଗ ମିଳିନାହିଁ। କାରଣ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇ ନାହିଁ। ତେଣୁ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ବାକି ଦୁଇଟି ମ୍ୟାଚ୍‌ରେ ଗେଲ କିଛି କରି ଦେଖାଇବେ ବୋଲି ଆଶା କରାଯାଉଛି।



ବିରାଟ କୋହଲି

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, କେଦାର ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି।
- **ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), କ୍ରିସ ଗେଲ୍, ରନ କ୍ୟାମ୍ପବେଲ, ଇଭିନ ଲୁଇସ୍, ସାଇ ହୋପ୍, ଶିମରନ ହେଟମେୟର, ନିକୋଲାସ ପୁରନ, ରୋଷ୍ଟନ ଚେଜ୍, ଫାବିଆନ ଆଲେନ, କାର୍ଲୋସ ବ୍ରାଥୱେଟ୍, କିମୋ ପଲ, ଶେଲଡନ କଟ୍ରେଲ, ଓଶେନ ଥୋମାସ ଓ କେମର ରୋଚ୍।

**ସ୍ଥାନ: ପୋର୍ଟ ଅଫ୍ ସ୍ପେନ୍**
**ସମୟ: ସନ୍ଧ୍ୟା ୭ଟା**
**ସିଧା ପ୍ରସାରଣ: ସୋନୀ ନେଟ୍‌ୱର୍କ**

### ଏଏଆଇ ଉପରୁ ସସ୍‌ପେଣ୍ଡ ଆଦେଶ ଉଠି ପାରିବ

**ନୂଆଦିଲ୍ଲୀ, ୧୦।୮ (ପି.ଟି.):** ଭାରତୀୟ ତୀରନ୍ଦାଜୀ ଆସୋସିଏଶନ (ଏଏଆଇ) ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ହୋଇପାରିବ। ଏଥିପାଇଁ ବିଶ୍ୱ ତୀରନ୍ଦାଜୀ ମହାସଂଘ (ଡବ୍ଲ୍ୟୁଏଏଫ୍) ତରଫରୁ ଏକ ସର୍ତ୍ତାରୋପ କରାଯାଇଛି। ଚଳିତମାସ ଶେଷ ସୁଦ୍ଧା ଆସୋସିଏଶନକୁ ଏକ ସ୍ପଷ୍ଟ 'ରୋଡ୍ ମ୍ୟାପ୍' ପ୍ରସ୍ତୁତ କରିବାକୁ ପଡ଼ିବ। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟଙ୍କ ଏକ ରାୟ ପରେ ଡବ୍ଲ୍ୟୁଏଏଫ୍ ଏହା ପ୍ରକାଶ କରିଛି। ସାନି ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଆସୋସିଏଶନର କାର୍ଯ୍ୟ ଦେଖା ଚାହାଁ କରିବା ଲାଗି ଏକ ଅସ୍ଥାୟୀ କମିଟି ଗଠନ ପାଇଁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଜଷ୍ଟିସ ଏସ୍, ମୁରଲୀଧର ଓ ନାଜ୍‌ମି ୱାଜିରିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅସ୍ଥାୟୀ କମିଟି ଅଗଷ୍ଟ ୨୩ ସୁଦ୍ଧା ଗଠନ ହେବ। ଏହାର ପ୍ରଥମ ବୈଠକ ଅଗଷ୍ଟ ୨୪ରେ ବସିବ। ଜମ୍ମୁ ଓ କଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ବି. ଡି. ଅହମ୍ମଦ କମିଟିର ଅଧକ୍ଷ ରହିବେ। ଏଥିରେ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତୀୟ ଅଲିମ୍ପିକ ଆସୋସିଏଶନ ଏବଂ ଏଏଆଇର ଦୁଇଗୋଷ୍ଠୀରୁ ଜଣେ ଲେଖାଏଁ ସଦସ୍ୟ ସ୍ଥାନ ପାଇବେ। ଡବ୍ଲ୍ୟୁଏଏଫ୍ ସେକ୍ରେଟାରି ଜେନେରାଲ ଟମ୍ ଡିଲେନ୍ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସାଧାରଣ ସମ୍ପାଦକ ରାଜୀବ ମେହେଟାଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ଅସ୍ଥାୟୀ କମିଟିକୁ ତୁରନ୍ତ ଗଠନ କରିବା ଲାଗି କୁହାଯାଇଛି। କମିଟିରେ ଆଇଓଏରୁ ମେହେଟାଙ୍କୁ, କ୍ରୀଡ଼ା ମନ୍ତ୍ରଣାଳୟରୁ ଆର. ରାଜଗୋପାଳ ଏବଂ ଏଏଆଇର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀରୁ ବି.ଭି.ପି. ରାଓ ଏବଂ ବୀରେନ୍ଦ୍ର ସଚଦେବାଙ୍କୁ ସାମିଲ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଅସ୍ଥାୟୀ କମିଟି ଉଭୟ ଭାରତୀୟ କ୍ରୀଡ଼ା ଆଚରଣ ବିଧି ଏବଂ ବିଶ୍ୱ ତୀରନ୍ଦାଜୀ ସମ୍ବିଧାନକୁ ଦୃଷ୍ଟିରେ ରଖି ଏକ ସମ୍ବିଧାନ ଗଠନ ସହ ନୂଆ କର୍ମକର୍ତ୍ତା ନିର୍ବାଚନ ପାଇଁ ଏକ 'ରୋଡ୍ ମ୍ୟାପ୍' ପ୍ରସ୍ତୁତ କରିବେ।



ସପୋର୍ଟ ଷ୍ଟାଫ୍‌ଙ୍କ ଗହଣରେ ଟ୍ରଫି ସହ ଭାରତ-ଏ ଦଳର ଖେଳାଳି।

### ୩ୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର': ଭାରତ ସିରିଜ୍ ବିଜୟୀ

**ତରୌବା, ୧୦।୮:** ବାମହାତୀ ସ୍ପିନର ଶାହାବାଜ ନଦିମ ୫ ଉଇକେଟ ଅକ୍ତିଆର କରିବା ସତ୍ତ୍ୱେ ଭାରତ ଏ' ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ ଟେଷ୍ଟକୁ ୱେଷ୍ଟଇଣ୍ଡିଜ ଏ' ଅମୀମାଂସିତ ରଖିବାକୁ ସକ୍ଷମ ହୋଇଛି। ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ ଏ' ୨୦୧ ରନ୍ କରିଥିବାବେଳେ ୱେଷ୍ଟଇଣ୍ଡିଜ ଏ' ୧୯୪ ରନ୍‌ରେ ସୀମିତ ରହିଥିଲା। ୭ ରନ୍‌ର ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ୩୬୫ ରନ୍ କରି ପାଳି ଘୋଷଣା କରିଥିଲା। ଫଳରେ ଘରୋଇ ଦଳ ଆଗରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବିନା କ୍ଷତିରେ ୩୭ରନ୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ବ୍ୟାଟିଂ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଏ'ର ବ୍ୟାଟ୍ସମ୍ୟାନମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଦଳ ଅନ୍ତିମ ଦିବସ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୬ ଉଇକେଟ ହରାଇ ୩୧୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଜେରେମି ସେଲୋଜାନୋ ୯୨, ବ୍ରେଣ୍ଡନ କିଙ୍ଗ ୭୭ ଓ ସୁନିମ ଆମ୍ବ୍ରିସ ୬୯ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ କେବଳ ନଦିମ ସଫଳ ହୋଇଥିଲେ। ସେ ୫ ଉଇକେଟ ନେଇଥିଲେ। ଏଥିସହିତ ଭାରତ ୨-୦ ବ୍ୟବଧାନରେ ଅନ୍‌ଅଫିସିଆଲ ସିରିଜ୍ ଜିତି ନେଇଛି।

# ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳ ଘୋଷିତ

**ପୋର୍ଟ ଅଫ୍ ସ୍ପେନ୍, ୧୦।୮**

ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଶନିବାର ଜାସନ ହୋଲ୍ଡରଙ୍କ ନେତୃତ୍ୱରେ ୧୩ ଜଣିଆ ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ଇଂଲଣ୍ଡକୁ ୨-୧ ବ୍ୟବଧାନରେ ପରାସ୍ତ କରିଥିବା ୱେଷ୍ଟଇଣ୍ଡିଜ ଦଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଦ୍ରୁତ ବୋଲର ଆଲଜେରି ଜୋସେଫ ଓ ବାମହାତୀ ସ୍ପିନର ଜୋମେଲ ୱାରିକାନ ଆହତ ସମସ୍ୟା ଯୋଗୁ ଦଳରୁ ବଦ୍ ପଡ଼ିଛନ୍ତି। ଏଥିଯୋଗୁ ସ୍ପିନ ଅଲରାଉଣ୍ଡର ରକିମ କର୍ନୱାଲ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିବାକୁ ସୁଯୋଗ ମିଳିଛି। ୫ ବର୍ଷ ତଳେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବା ଆରମ୍ଭ କରିଥିବା ସ୍ପିନର ଏପର୍ଯ୍ୟନ୍ତ ୨୬୦ ଉଇକେଟ ନେଇ ସାରିଛନ୍ତି। ଆଉ ବ୍ୟାଟିଂରେ ୫୫ ଇନିଂସରେ ଗୋଟିଏ ଶତକ ସହ ୧୩ ଅର୍ଦ୍ଧଶତକ ଲଗାଇଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କୁ ଜାତୀୟ ଦଳରେ ସୁଯୋଗ ଦିଆଯାଇଛି। ୱେଷ୍ଟଇଣ୍ଡିଜ ଏ' ଦଳର ଅଧିନାୟକ ଶାମାର୍ହ ବ୍ରୁକ୍ସଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି।

**ୱେଷ୍ଟଇଣ୍ଡିଜ ଦଳ**

ଜାସନ ହୋଲ୍ଡର (ଅଧିନାୟକ), କ୍ରେଗ୍ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶାମାର୍ହ ବ୍ରୁକ୍ସ, ଜନ୍ କ୍ୟାମ୍ପବେଲ, ରୋଷ୍ଟନ ଚେଜ୍, ରକିମ କର୍ନୱାଲ, ଶେନ୍ ଡାଓରିଚ୍ (ଉଇକେଟକିପର), ଶାନନ୍ ଗାବ୍ରିଏଲ, ଶିମରନ ହେଟମେର, ଶାଇ ହୋପ, କିମୋ ପଲ୍ ଓ କେମର ରୋଚ୍



### କର୍ନୱାଲଙ୍କ ଓଜନ ୧୪୩ କିଲୋ

**ନୂଆଦିଲ୍ଲୀ, ୧୦।୮:** ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ରକିମ କର୍ନୱାଲ। ତାଙ୍କୁ କ୍ରିକେଟର 'ମାଉଣ୍ଟେନ ମ୍ୟାନ' ବୋଲି କୁହାଯାଉଛି। ଭାରତ ବିପକ୍ଷରେ ପଦାର୍ପଣ କରିବାକୁ ସୁଯୋଗ ମିଳିଲେ, କର୍ନୱାଲ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବିଶ୍ୱର ସବୁଠୁ ଓଜନିଆ କ୍ରିକେଟର ହୋଇପାରିବେ। ତାଙ୍କ ଓଜନ ଏବେ ୧୪୩ କିଲୋ। ଏହି ଅଲୋଡ଼ା ରେକର୍ଡ ବର୍ତ୍ତମାନ ବରମୁଡା ଖେଳାଳି ଡ୍ୱେନ ଲେଭରକଙ୍କ ନାମରେ ରହିଛି, ଯିଏକି ୨୦୦୭ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ଏକ କ୍ୟାଚ୍ ନେଇ ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ତାଙ୍କ ଓଜନ ଥିଲା ୧୨୭ କିଲୋ। ଏହି ତାଲିକାରେ ପାକିସ୍ତାନର ପୂର୍ବତନ ଅଧିନାୟକ ଇଞ୍ଜାମାମ ଉଲ୍ ହକ୍ (୧୦୩) ମଧ୍ୟ ରହିଛନ୍ତି। କର୍ନୱାଲ ଜଣେ ସ୍ପିନ୍ ଅଲରାଉଣ୍ଡର। ପ୍ରଥମ ପ୍ରଥମଶ୍ରେଣୀ କ୍ରିକେଟରେ ସେ ୫୫ଟି ମ୍ୟାଚରେ ୨୬୦ ଉଇକେଟ ନେବା ସହ ୨୨୨୪ ରନ ସଂଗ୍ରହ କରିଛନ୍ତି।

# କ୍ରିକେଟ'ର ମାନରେ ଅବନତି

**ଗୌତମ ଗମ୍ଭୀର**

ଭାରତୀୟ କ୍ରିକେଟ ଦଳ ସମ୍ମୁଖରେ ସବୁବେଳେ ପ୍ରତିଦ୍ୱନ୍ଦ୍ୱିତା ଓ ରୋମାଞ୍ଚର ଆହ୍ୱାନ ରହିଥାଏ। ୱେଷ୍ଟଇଣ୍ଡିଜ ଗସ୍ତରେ ମଧ୍ୟ ଏହା ଦେଖିବାକୁ ମିଳିଛି। ତେବେ ବ୍ରାଏନ ଲାରା, ହୁପରଙ୍କ ଉଚ୍ଚକୋଟୀର ବ୍ୟାଟିଂ, ସାର ଭିଭି ରିଚାର୍ଡ୍ସଙ୍କ ଧୂଆଁଧାର ବ୍ୟାଟିଂ ଏବଂ ଶ୍ରେଷ୍ଠ ୪ ଦ୍ରୁତ ବୋଲରଙ୍କ ଦମ୍‌ଦାର ବୋଲିଂ ଓ ଚନ୍ଦରପଲଙ୍କ ପ୍ରଭାବୀ ବ୍ୟାଟିଂ ଏବେ ଦେଖିବାକୁ ମିଳିବନି। ଏହି ସବୁ ପୁରୁଣା ଅଧ୍ୟାୟ ଜଣଙ୍କୁ କ୍ରିକେଟ ପ୍ରଶଂସକ ହେବାକୁ ବାଧ ଅବଶ୍ୟ କରିବ। ତେବେ ବର୍ତ୍ତମାନ କଥା ଅଲଗା ହୋଇଛି। ୱେଷ୍ଟଇଣ୍ଡିଜର ବ୍ୟାଟିଂରେ ଦମ୍ ଥିଲେ ମଧ୍ୟ ସ୍ଥିରତାର ଅଭାବ ସବୁବେଳେ ପରିଲକ୍ଷିତ ହେଉଛି। ଦ୍ରୁତ ବୋଲରମାନେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ୱେଷ୍ଟଇଣ୍ଡିଜ କ୍ରିକେଟର ଏଭଳି ପତନ ଜଣେ କ୍ରିକେଟ ପ୍ରଶଂସକଙ୍କୁ ଦୁଃଖିତ କରିବା ସହ କ୍ରୋଧିତ ମଧ୍ୟ କରାଇବ। ଷ୍ଟାଡିୟମ ଷ୍ଟାଣ୍ଡଗୁଡିକ ସମ୍ପୂର୍ଣ୍ଣ ଫାଙ୍କା ପଡିବା ପରିସ୍ଥିତିକୁ ଆହୁରି ନୈରାଶ୍ୟଜନକ କରିଛି। ଯଦି ବି କେତେଜଣ ପ୍ରଶଂସକ ଷ୍ଟାଡିୟମରେ ଉପସ୍ଥିତ ଅଛନ୍ତି, ସେମାନେ ମୂଳତଃ ଆମେରିକାରୁ ଆସିଥିବା ପ୍ରବାସୀ ଭାରତୀୟ। ଷ୍ଟାଣ୍ଡଗୁଡିକରେ ପ୍ରକୃତ ୱେଷ୍ଟଇଣ୍ଡିଜ୍ କ୍ରିକେଟ ପ୍ରଶଂସକ ଅଭାବ ଦେଖିବାକୁ ମିଳିଛି।

କେବଳ ୱେଷ୍ଟଇଣ୍ଡିଜ୍ କାହିଁକି କ୍ରିକେଟର ସାମୂହିକ ମାନର ମଧ୍ୟ ଅବନତି ପରିଲକ୍ଷିତ ହୋଇଛି। ଅବଶ୍ୟ ଗତ ବିଶ୍ୱକପ୍‌ରେ ଲର୍ଡ୍ସରେ ଆମେ ଏକ ଜବରଦସ୍ତ ଫାଇନାଲ ମ୍ୟାଚ୍ ଦେଖିବାକୁ ପାଇଥିଲୁ। କିନ୍ତୁ ୮୦ ଓ ୯୦ ଦଶକର କ୍ୱାଲିଟି କ୍ରିକେଟ ୨୦୦୦ ପରେ ଆଉ ଦେଖିବାକୁ ମିଳୁନାହିଁ। ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଡେଲ ଷ୍ଟେଇନ୍‌ଙ୍କୁ ହରାଇଛି। ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗକୁ ଦେଖିଲେ ପୂର୍ବର କ୍ୱାଲିଟି ଆଉ ଦେଖିବାକୁ ମିଳୁନାହିଁ। ଡୋନାଲ୍ଡ, ପୋଲକ, ମ୍ୟାକମିଲନ, ଏନ୍‌ଟିନି, ଡି ଭିଲର୍ସଙ୍କ ଖେଳ ଆଉ ଦେଖିବାକୁ ମିଳିବ ନାହିଁ। ସେହିପରି ପାକିସ୍ତାନ ଦଳରେ ୱାସିମ ଆକ୍ରମ, ୱାକର ୟୁନିସ, ସୋଏବ ଅକ୍‌ତାର, ଆକ୍ୱିବ ଜାଭେଦ ଓ ଅନ୍ୟ ଦୁଇ ବିଶ୍ୱସ୍ତରୀୟ ସ୍ପିନର ସାକଲିନ ମୁସ୍ତାକ ଓ ମୁସ୍ତାକ ଅହମ୍ମଦଙ୍କ ଚମକ ଦେଖିବାକୁ ମିଳିବ ନାହିଁ। ବିଶ୍ୱ କ୍ରିକେଟରେ ବୋଲିଂର ମାନ ତଳକୁ ଖସିଛି ଓ ଏହାକୁ ସଜାଡିବାର କୌଣସି ଯୋଜନା ମଧ୍ୟ ଆମ ପାଖରେ ନାହିଁ।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିଛି। ଦିନିକିଆ ଓ ଟେଷ୍ଟ ସିରିଜରେ ମଧ୍ୟ ଭାରତ ଏହି ପ୍ରଦର୍ଶନ ଦୋହରାଇବ ବୋଲି ଆଶା କରାଯାଉଛି। ୱେଷ୍ଟଇଣ୍ଡିଜ ଭଲ ନ ଖେଳିଲେ ଭାରତର କୌଣସି ଦୋଷ ନାହିଁ ବୋଲି କୁହାଯାଇପାରେ। ଯଦି ଭାରତ ଜିତେ ତାହାଲେ ବିରାଟ କୋହଲିଙ୍କ ଭାରତୀୟ ଦଳ ପାଇଁ ବିଦେଶରେ ଏକ ସିରିଜ ବିଜୟ ସାବ୍ୟସ୍ତ ହେବ। ତେବେ କୋହଲିଙ୍କୁ ମୁଁ ଯେତିକି ଜାଣିଛି ସେ ଅଧିକ ଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ପସନ୍ଦ କରିବେ।

ଯଦି ୱେଷ୍ଟଇଣ୍ଡିଜ ଶିବିରରେ ରହିଥାନ୍ତି ତାହାଲେ ଦ୍ରୁତ ଓ ବାଉନ୍ସ ଉଇକେଟ ପ୍ରସ୍ତୁତ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ୩ଟି ଯାକ ଫର୍ମାଟରେ ଏହି ଉଇକେଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଅବଶ୍ୟ ଭାରତୀୟ ଦଳର ଦ୍ରୁତ ବୋଲିଂ ଇତିମଧ୍ୟରେ ବହୁତ ଉନ୍ନତି କରିଛି। ଘରୋଇ ବ୍ୟାଟିଂ ଲାଇନ୍‌ର ବିପର୍ଯ୍ୟୟ ଘଟାଇବାକୁ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ସକ୍ଷମ ହେବ। ଏହା ସତ୍ତ୍ୱେ ଭଲ ଦ୍ରୁତ ଉଇକେଟ ନିର୍ମାଣ କଲେ ୱେଷ୍ଟଇଣ୍ଡିଜ ପାଇଁ ଅପେକ୍ଷାକୃତ ଭଲ ହେବ। ଭାରତୀୟ ଦ୍ରୁତ ବୋଲିଂକୁ ଭୟ କରି ୱେଷ୍ଟଇଣ୍ଡିଜ ଏବେ ବ୍ୟାଟିଂ ଉଇକେଟ ପ୍ରସ୍ତୁତ କରିଛି। ଭାରତ ମଧ୍ୟ ଠିକ୍ ଏହା ଚାହୁଁଛି। ଭାରତ ଏବେ ତା'ର ପ୍ରତ୍ୟେକ ଖେଳାଳିଙ୍କୁ ସୁଯୋଗ ଦେବାକୁ ଚାହୁଁଛି, ଯାହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଶ୍ରେୟାସ ଆୟାର ୪ ନମ୍ବରରେ ପ୍ରଥମ ଦିନିକିଆରେ ବ୍ୟାଟିଂ କରିବାକୁ ସୁଯୋଗ ହାସଲ କରିଥିଲେ। ତେବେ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଡ୍ରେସିଂ ରୁମ୍‌ରେ ତାଙ୍କ ସହ ସମୟ ବିତାଇଛି। ସେ ସ୍ଥିର ପ୍ରଦର୍ଶନ କରିବା ସହ ରନ୍ ସଂଗ୍ରହ କରନ୍ତୁ ବୋଲି ମୁଁ ଚାହୁଁଛି।

*(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*





“ଚଳିତ ଆଶେସ ସିରିଜରେ ଷ୍ଟିଭ୍ ସ୍ମିଥ୍ ଯେଉଁଭଳି ଭାବେ ରନ ସଂଗ୍ରହ କରୁଛନ୍ତି, ତାଙ୍କୁ ଇଂଲଣ୍ଡ ବୋଲର ଜୋଫ୍ରା ଆର୍ଚର ହିଁ ରୋକି ପାରିବେ ବୋଲି ମୋର ବିଶ୍ୱାସ ।

–ଶେନ ୱର୍ନ, ଅଷ୍ଟ୍ରେଲୀୟ ବୋଲିଂ କିମ୍ବଦନ୍ତୀ

“ଭାରତର ଉଦୀୟମାନ ବ୍ୟାଟିଂ ଷ୍ଟାର ଶୁବମନ ଗିଲ୍ ବର୍ତ୍ତମାନ ଯେପରି ଫର୍ମରେ ଅଛନ୍ତି, ତାଙ୍କୁ ୱେଷ୍ଟଇଣ୍ଡିଜ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜରେ ସୁଯୋଗ ଦିଆଯିବା ଉଚିତ୍ ।

–ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲୀୟ ବୋଲର



## ସଂକ୍ଷେପରେ

### ରାଜ୍ୟ ମହିଳା ହକି ସମ୍ବଲପୁର, ଖୋର୍ଦ୍ଧାର ବୃହତ୍ ବିଜୟ

**କଟକ ଅଫିସ,୧୦।୮:** ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲରେ ଚାଲିଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପରେ ଶନିବାର ୪ଟି ମ୍ୟାଚ୍ ଖେଳାଯାଇଛି । ୨ଟି ମ୍ୟାଚ୍‌ରେ ସମ୍ବଲପୁର ଓ ଖୋର୍ଦ୍ଧା ଦଳ ବୃହତ ଗୋଲ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ସମ୍ବଲପୁର ୧୧-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ସମ୍ବଲପୁର ପକ୍ଷରୁ ଅନନ୍ୟା ବିଶ୍ୱାଳ ଓ ଏନ ରୂପାଲି ୩ଟି ଲେଖାଏ ଗୋଲ ଦେଇଛନ୍ତି । ସେହିପରି ଖୋର୍ଦ୍ଧା ଦଳ ୧୫-୦ ଗୋଲରେ କିସ୍‌କୁ ହରାଇଛି । ଅନ୍ୟ ଦୁଇ ମ୍ୟାଚରେ ପାନପୋଷ ସ୍ପୋର୍ଟସ ହଷ୍ଟେଲ ୬-୨ ଗୋଲରେ ସୁନ୍ଦରଗଡ଼କୁ ଏବଂ ଓଡ଼ିଶା ପୋଲିସ ୨-୧ ଗୋଲରେ ସାଇକୁ ପରାସ୍ତ କରିଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିୟନଶିପରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି ।

### ଫାଇନାଲରେ ଭାରତୀୟ ଯୁବ ଦଳ

**ବେକେନହାମ୍ (ୟୁକେ), ୧୦।୮ (ପି.ଟି.):** ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଦିନିକିଆ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ଭାରତୀୟ ଯୁବ କ୍ରିକେଟ୍ ଦଳ ଡିଏଲ୍ ପଦ୍ଧତିରେ ୮ ଉଇକେଟ୍‌ରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଛି। ପରାଜୟସତ୍ତ୍ୱେ ୮ ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ଭାରତୀୟ ଯୁବ ଦଳ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲରେ ଭାରତର ମୁକାବିଲା ବାଂଲାଦେଶ ଯୁବ ଦଳ (୧୧ ପଏଣ୍ଟ) ସହ ହେବ। ଇଂଲଣ୍ଡ ୫ ପଏଣ୍ଟ ସହ ବିଦାୟ ନେଇଛି। ସିରିଜର ଦ୍ୱାଦଶ ମୁକାବିଲାରେ ଟସ୍ ଜିତି ଭାରତୀୟ ଯୁବ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୭୮ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ଦିବ୍ୟାଂଶ ସକ୍ସେନା ୧୦୨ ରନ କରିଥିଲେ। ଅଧିନାୟକ ପ୍ରିୟଙ୍କ ଗର୍ଗ (୫୧) ଓ ତିଳକ ବର୍ମା (୫୨) ମଧ ଉପଯୋଗୀ ବ୍ୟାଟିଂ କରିଥିଲେ। ଜବାବରେ ଇଂଲଣ୍ଡ ଯୁବ ଦଳ ଏକଦା ୩୭ ଓଭରରେ ଗୋଟିଏ ଉଇକେଟ୍ ହରାଇ ୧୬୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ପରେ ଡିଏଲ୍ ପଦ୍ଧତିରେ ୪୨ ଓଭରରେ ୨୧୪ ରନର ପୁନଃ ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଦଳ ୪୧.୩ ଓଭରରେ ୨ ଉଇକେଟ୍ ହରାଇ ଜିତି ନେଇଥିଲା।

# ଦିଲ୍ଲୀ ଡାଇନାମସ ହୋଇପାରେ ‘ଓଡ଼ିଶା ଏଫ୍‌ସି’



ଦିଲ୍ଲୀ ଡାଇନାମସ ଟିମ୍

**ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ଫୁଟବଲ ଖେଳ ଓ ଖେଳାଳିଙ୍କ ବିକାଶ ପାଇଁ ବାଟ ଫିଟୁଛି। କଳିଙ୍ଗ ଷ୍ଟାଡିୟମରେ ଗତ କିଛିବର୍ଷ ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (୨୦୧୭-୧୮), ଆଇ-ଲିଗ୍(୨୦୧୮-୧୯), ଇଣ୍ଡିଆନ ସୁପର କପ୍(୨୦୧୮) ଆଦି ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଆୟୋଜିତ ହୋଇ ସାରିଛି। ଏଠାରେ ମହିଳା ଗୋଲ୍ଡ କପ୍ (୨୦୧୯ ଫେବୃୟାରୀ ୯-୧୫) ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହୋଇ ସାରିଥିବାବେଳେ ୨୦୨୦ରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ (ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪) ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ଉନ୍ନତମାନର ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏପରି ଟୁର୍ନାମେଣ୍ଟର ମ୍ୟାଚ ଗୁଡ଼ିକ ଆୟୋଜନ ସମ୍ଭବ ହୋଇପାରିଛି। ଆଇ-ଲିଗ୍‌ର ଅନ୍ୟତମ ଦଳ ଇଣ୍ଡିଆନ ଆରୋଜର ହୋମ୍ ଭେନ୍ୟୁ ଭାବେ କଳିଙ୍ଗ ଷ୍ଟାଡିୟମ ବ୍ୟବହାର ହେଉଛି। ଇଣ୍ଡିଆନ ଆରୋଜ ଭାରତୀୟ ଦଳର ଯୁବ ଖେଳାଳି (୧୯ ବର୍ଷରୁ କମ୍)ଙ୍କୁ ନେଇ ଗଠିତ। କୌଣସି ଜାତୀୟ ଦଳ ଆଇ-ଲିଗ୍‌ରେ ଖେଳିବା ନିୟମ ନ ଥିବାରୁ ଏହାର ନାମ ପରିବର୍ତ୍ତନ କରାଯାଇ ଅଭିଜ୍ଞତା ହାସଲ ପାଇଁ ଏହି ଯୁବ ଦଳକୁ ସୁଯୋଗ ଦିଆଯାଇଛି। ଏହା ଏକ ଜାତୀୟ ଦଳ ହୋଇଥିବାରୁ ସମସ୍ତ ଔପଚାରିକତା ପୂରଣ କରି ଏଥିରେ ସ୍ଥାନ ପାଇବା ଓଡ଼ିଶା ଖେଳାଳିଙ୍କ ପକ୍ଷରେ ସମ୍ଭବ ହୋଇନାହିଁ। ଏବେ କିନ୍ତୁ ଓଡ଼ିଶା ଫୁଟବଲ ଖେଳାଳିଙ୍କ ପାଇଁ ଆସିଛି ଖୁସି ଖବର। ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଅନ୍ୟତମ ପ୍ରତିଷ୍ଠିତ ଦଳ ଦିଲ୍ଲୀ ଡାଇନାମସ କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଭେନ୍ୟୁ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଏଥିପାଇଁ କେବଳ ବୁଝାମଣାପତ୍ର ସ୍ୱାକ୍ଷର ହେବା ବାକି ରହିଛି। କାଗଜପତ୍ରରେ କାମ ଆଗକୁ ବଢ଼ିଥିବାବେଳେ କେବଳ ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିବା ଅପେକ୍ଷାରେ ରହିଛି। ସବୁକିଛି ଠିକ୍ ରହିଲେ ଆଗାମୀ ଆଇଏସଏଲ ସିଜନ ପୂର୍ବରୁ ଦିଲ୍ଲୀ ଡାଇନାମସ ଦଳର ନାମ ‘ଓଡ଼ିଶା ଏଫସି’ରେ ପରିଣତ ହେବା ସମ୍ଭାବନା ରହିଛି।

ମିଳିଥିବା ସୂଚନା ଅନୁସାରେ ଦୁଇଥର ଆଇଏସଏଲ ସେମିଫାଇନାଲିଷ୍ଟ ଡାଇନାମସ ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ କାରଣରୁ ନିଜର ବେସ୍ ବଦଳାଇବାପାଇଁ ନିଷ୍ପତ୍ତି ନେଇଥିଲା। ବେସ୍ ବଦଳାଇଲେ ଅପେକ୍ଷାକୃତ ଖର୍ଚ୍ଚ କମ୍ ହେବ ବୋଲି ଏହି ଫ୍ରାଞ୍ଚାଇଜ୍ ଦଳର ଅନୁଭବ ହୋଇଥିଲା। ଏହି ଦଳ ଦିଲ୍ଲୀର ଅନ୍ୟ ଭେନ୍ୟୁ ଉପରେ ମଧ ନଜର ପକାଇଥିଲା। ମାତ୍ର ଓଡ଼ିଶା ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ବଦଳାଇଥିଲା। ତେବେ ଚୁକ୍ତି ଅନୁସାରେ ଦଳର ନାମ ପରିବର୍ତ୍ତନ କଲେ ଯାଇ ଏହା ସମ୍ଭବ ବୋଲି ସ୍ପଷ୍ଟ କରାଯାଇଥିଲା। ବର୍ତ୍ତମାନ ଓଡ଼ିଶାର କୌଣସି କ୍ଲବ ଏହି ଲିଗ୍‌ରେ ଅଂଶଗ୍ରହଣ କରୁ ନାହାନ୍ତି। ଚୁକ୍ତିନାମାରେ ସ୍ୱାକ୍ଷର ହୋଇଗଲେ ଏବେ ଓଡ଼ିଶା ଭିତ୍ତିକ ଏକ କ୍ଲବ ଆଇଏସଏଲରେ ଭାଗ ନେଇପାରିବ। କଳିଙ୍ଗ ଷ୍ଟାଡିୟମ ଏବେ ଫୁଟବଲ ପାଇଁ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ଏଠାରେ ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ଅନେକ ଇଭେଣ୍ଟ ଆୟୋଜନ ହୋଇ ସାରିଛି।

କଥାବାର୍ତ୍ତା ଆଗକୁ ବଢ଼ି ସାରିଥିବାରୁ ଦିଲ୍ଲୀ ଡାଇନାମସ ପରିବର୍ତ୍ତିତ ନାମକୁ ନେଇ ଆଇଏସଏଲର ୬ଷ୍ଠ ସିଜନରେ ସମସ୍ତ ଘରୋଇ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ଗତ ସିଜନରେ ଏହି ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୮ମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଆ ଖେଳାଳି ଶୁଭମ ଷଡ଼ଙ୍ଗୀ ଏବେ ଏହି ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ସବୁକିଛି ଠିକ୍ ରହିଲେ ରାଜ୍ୟର ଆଉ ଜଣେ ଦୁଇଜଣ ଖେଳାଳି ଏହି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରନ୍ତି ବୋଲି କ୍ରୀଡ଼ା ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏମଓୟୁ ସ୍ୱାକ୍ଷର ହୋଇଗଲେ ଦିଲ୍ଲୀ ଡାଇନାମସର ନାମ ପରିବର୍ତ୍ତନ ହୋଇଯିବ। ଏଥିରେ ଏଣିକି ଏକ ଓଡ଼ିଶା ବ୍ରାଣ୍ଡ ରହିବ। ଓଡ଼ିଶା ସରକାର ହୋମ୍ ଭେନ୍ୟୁ ପାଇଁ ଏହି ଦଳକୁ ପଡ଼ିଆ ଯୋଗାଇଦେବେ। ପ୍ରତିବଦଳରେ ଡାଇନାମସ ଓଡ଼ିଶା ଫୁଟବଲକୁ ଡେଭଲପ୍ କରାଇବ। ଏବେ ଯେପରି ୟୁଥ୍ ଟିମ୍‌ରେ ସେମାନେ ଦିଲ୍ଲୀର ଅଧିକ ପିଲା ନେଉଛନ୍ତି ସେପରି ଆଗାମୀ ଦିନରେ ଓଡ଼ିଶା ପିଲାଙ୍କୁ ସୁଯୋଗ ଦେବେ। କଳିଙ୍ଗ ଷ୍ଟାଡିୟମରେ ଥିବା ହାଇପରଫରମାନ୍ସ ସେଣ୍ଟରକୁ ବେଙ୍ଗାଲୁରୁ ଏଫସି ନେବାର ଥିଲା। ମାତ୍ର ଏବେ ତାହାକୁ ଦିଲ୍ଲୀ ଦଳ ନେବ। ଦ୍ୱିତୀୟ ଡିଭିଜନ ଆଇ-ଲିଗ୍ ରିଜର୍ଭ ଟିମ୍‌ରେ ଓଡ଼ିଶା ପିଲାଙ୍କୁ ଅଧିକ ସୁଯୋଗ ଦିଆଯିବ। ୟୁଥ୍ ଟିମ୍‌ରେ ଓଡ଼ିଶା ପିଲାଙ୍କୁ ସୁଯୋଗ ମିଳିବା ଶତ ପ୍ରତିଶତ ନିଶ୍ଚିତ ବୋଲି ସେ କହିଛନ୍ତି।

ଓଡ଼ିଶା ପିଲାମାନଙ୍କୁ ଅନ୍ତର୍ଜାତୀୟ ସ୍ତରର କରିବା ପାଇଁ ୫-୭ ବର୍ଷ ସମୟ ଲାଗିବ। ସେଥିପାଇଁ ନ୍ୟାଶନାଲ ୟୁଥ୍ ଟିମ୍‌କୁ ପାଖରେ ରଖା ଯାଇଛି। ଆମ ପିଲାମାନେ ନ୍ୟାଶନାଲ ଟିମ୍ ସହିତ ମ୍ୟାଚ ଖେଳି ପାରିବେ। ସେ କୋଚ୍‌ମାନେ ଆମ ପିଲାଙ୍କ ପ୍ରତିଭାକୁ ଦେଖି ପାରିବେ। ରାଜ୍ୟରେ ଫୁଟବଲକୁ ଲୋକପ୍ରିୟ କରିବା ପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି। ଆମ ପିଲାମାନେ ଯଦି ଜାତୀୟ ଜୁନିୟର ସ୍ତରରେ କିମ୍ବା ଆଇଏସଏଲ ସ୍ତରରେ ଖେଳି ପାରିବେ ତେବେ ସ୍ୱାଭାବିକଭାବେ ଅନ୍ୟ ପିଲା ଏବଂ ସେମାନଙ୍କ ଅଭିଭାବକମାନେ ଆକୃଷ୍ଟ ହେବେ। ଫୁଟବଲ ଏକ ଡିସିଶନ ମେକିଂ ଗେମ୍। ଏଥିରେ ଶିକ୍ଷିତ ପିଲା ନିହାତି ଆବଶ୍ୟକ। ଯେଉଁ ଦଳରେ ଯେତେ ଶିକ୍ଷିତ ପିଲା ଅଛନ୍ତି ସେ ଦଳ ସେତେ ଉନ୍ନତ। ଏହା ପରୀକ୍ଷା ହୋଇ ସାରିଛି।

ଏବେ ଦିଲ୍ଲୀ ଡାଇନାମସ ଆସିଲା। ଆଗାମୀ ଦିନରେ ୫-୬ଟି ଜିଲାରେ ଫୁଟବଲ ସ୍କୁଲ ହେବାର ଯୋଜନା ରହିଛି। ସେଠାରେ ଏଜୁକେଶନ ସହ ପିଲାଙ୍କୁ ଫୁଟବଲ ଶିକ୍ଷା ଦିଆଯିବ। ୬ରୁ ୧୨ ବର୍ଷ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ ହେବ। ୧୫ରୁ ୧୬ ବର୍ଷ ବିଭାଗ ମଧ୍ୟ ରହିବ। ଏଥିରେ ବାହାରୁ କୋଚ୍ ଆସି ପ୍ରଶିକ୍ଷଣ ଦେବେ। ଏହାପରେ ଏକାଡେମୀ ଗଠନ କରାଯିବ ଏବଂ ପ୍ରତିଭା ସମ୍ପନ୍ନ ପିଲାମାନଙ୍କୁ ଏକାଡେମୀରେ ରଖାଯାଇ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଛନ୍ତି।

### ଇଣ୍ଡିଆନ ଆରୋଜ ପାଇଁ ଟ୍ରାଏଲ ଓପନ ରହିଛି

ଓଡ଼ିଶା ସରକାର ଇଣ୍ଡିଆନ ଆରୋଜ ଏବଂ ୧୬ ବର୍ଷରୁ କମ୍ ଜାତୀୟ ଦଳକୁ କେବଳ ରହିବା ଏବଂ ଭିତ୍ତିଭୂମି ଯୋଗାଇ ଦେଉଛନ୍ତି। ଆଇ-ଲିଗ୍ ମ୍ୟାଚ ଆୟୋଜନ କରାଯାଉଥିବାରୁ ସ୍ୱାଭାବିକଭାବେ ଏହାର ଖର୍ଚ୍ଚ ବହନ କରାଯାଉଛି। ଅନ୍ୟ ସମସ୍ତ ଖର୍ଚ୍ଚ ଯଥା କିଟ୍ ଦରମା, କୋଚ୍‌ଙ୍କ ଦରମା, ଏକ୍ସପୋଜର ଟୁର, ଖାଇବା ଆଦି ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ବହନ କରୁଛି। ଓଡ଼ିଶାର ଟଙ୍କଧର ବାଗ୍ ଭାରତୀୟ ଯୁବ ଦଳରେ ରହିଛନ୍ତି। ବିକି ଓରାମ ନିକଟରେ ଆସି ୧୯ ବର୍ଷରୁ କମ୍ କ୍ୟାମ୍ପରେ ଥିଲେ। ପୂର୍ବରୁ ଅମନ୍ ଖାଲ୍‌କୋ ଟିମ୍‌ରେ ଥିଲେ। ଏମିତି ୭ରୁ ୮ ଜଣ ଖେଳାଳି ଇତିମଧ୍ୟରେ ଟ୍ରାଏଲ ଦେଇକି ଯାଇଛନ୍ତି। ଇଣ୍ଡିଆନ ଆରୋଜ ପାଇଁ ଟ୍ରାଏଲ ଓପନ ରହିଛି। ଓଡ଼ିଶା ଖେଳାଳି ଯିଏବି ଯେତେବେଳେ ଆସିବେ ସମସ୍ତଙ୍କୁ ଟ୍ରାଏଲ ଦେବାପାଇଁ ସୁଯୋଗ ରହିଛି। ଓଡ଼ିଶା ସନ୍ତୋଷ ଟ୍ରଫି ଦଳ ଇଣ୍ଡିଆନ ଆରୋଜ ଏବଂ ୧୬ ବର୍ଷରୁ କମ୍ ଦଳ ସହିତ ମ୍ୟାଚ ଖେଳିଥିଲା। ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଜାମସେଦପୁର ଏଫସି ସହିତ ଖେଳିବାକୁ ସୁଯୋଗ ପାଇଲା। ଏଥିରୁ ପରୋକ୍ଷରେ ଓଡ଼ିଶା ପିଲାମାନେ ହିଁ ଉପକୃତ ହେଲେ। ତେଣୁ ଇଣ୍ଡିଆନ ଆରୋଜ ଏବଂ ୧୬ ବର୍ଷରୁ କମ୍ ଦଳର ଉପସ୍ଥିତିରୁ ଓଡ଼ିଶା ପିଲାମାନଙ୍କୁ କିଛି ଫାଇଦା ମିଳୁନାହିଁ ବୋଲି କହିବା ଠିକ୍ ନୁହେଁ। ଦିଲ୍ଲୀ ଡାଇନାମସ କଳିଙ୍ଗ ଷ୍ଟାଡିୟମକୁ ହୋମଭେନ୍ୟୁ କଲେ ଓଡ଼ିଶା ଫୁଟବଲରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ଜଣେ କ୍ରୀଡ଼ା ଅଧିକାରୀ କହିଛନ୍ତି।

## ନବୋଦୟ ବିଦ୍ୟାଳୟ ଜାତୀୟ ସମିତି ହକି ମିଟ୍ ଉଦ୍‌ଘାଟିତ



୨୯ତମ ଜାତୀୟ ହକି ମିଟ୍ -୨୦୧୯ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ସୁନ୍ଦରଗଡ଼,୧୦।୮ (ଡି.ଏନ୍.ଏ.)**

ଜବାହର ନବୋଦୟ ବିଦ୍ୟାଳୟ ସମିତି ଭୋପାଳ, କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଭୋପାଳ ଜୋନ୍‌ର ଆନୁକୂଲ୍ୟରେ ୨୯ତମ ନବୋଦୟ ବିଦ୍ୟାଳୟ ସମିତି ଜାତୀୟ ହକି ମିଟ୍-୨୦୧୯ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ଼ ଜିଙ୍କ୍ ନଗରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟଠାରେ ଏହା ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ଆଠଟି ଜୋନ୍‌ରୁ ୨୬୦ ଜବାହର ନବୋଦୟର ଖେଳାଳି ଭାଗ ନେଇଛନ୍ତି। ପୂର୍ବତନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟ ହକି ମିଟ୍ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ହକି ଖେଳାଳି ପ୍ରବୋଧ ତିର୍କୀ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବୌଦ୍ଧ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଅତୁଲ କୁମାର ରାୟ, ଢେଙ୍କାନାଳ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ କର, ବାଲେଶ୍ୱର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଆରତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ନବୋଦୟ ବିଦ୍ୟାଳୟ ସମିତି ଭୋପାଳ କ୍ଷେତ୍ର ସହକାରୀ କମିଶନର ଏମ୍.ମାରିୟାପ୍ପାନ ସମାରୋହରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଭୋପାଳ କ୍ଷେତ୍ର ଅଧୀନରେ ଥିବା ସମସ୍ତ ନବୋଦୟ ବିଦ୍ୟାଳୟର ୧୭ରୁ ୧୯ ବର୍ଷ ବୟସର ହକି ଖେଳାଳିଙ୍କୁ ନେଇ ୧୬ଟି ଟିମ୍ ଭାଗ ନେଇଛନ୍ତି। ସୁନ୍ଦରଗଡ ଜିଙ୍କ୍ ନଗର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଟି.ଜେ. ଟୋନି ଓ ଉପାଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ କୁମାର ଷଣ୍ଢ, ଖୋର୍ଦ୍ଧାର ଡ. ପ୍ରଦୀପ କୁମାର ଦୋରା, ସୋନପୁରର ମନମୋହନ ପଟେଲ, ରାୟପୁରର ଡ. ମନୀଷ ଶୁକ୍ଳା ଖେଳ ପରିଚାଳନା ଦାୟିତ୍ୱରେ ଅଛନ୍ତି।

## ଓଡ଼ିଶାରେ ହୋଇପାରେ ଏସିଆନ କୁସ୍ତି ଚାମ୍ପିୟନ୍‌ଶିପ୍

**କଟକ ଅଫିସ, ୧୦।୮:** ଆସନ୍ତା ଫେବ୍ରୁୟାରୀ ମାସରେ ଓଡ଼ିଶାରେ ଏସିଆନ୍ କୁସ୍ତି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଭାରତୀୟ କୁସ୍ତି ମହାସଂଘ ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ଘୋଷଣା କରାଯାଇନାହିଁ। ମାତ୍ର ଏସିଆନ କୁସ୍ତି ଚାମ୍ପିୟନଶିପ୍ ଆୟୋଜନ କରିବା ନେଇ ଓଡ଼ିଶାର କେଉଁ ସ୍ଥାନରେ ଭେନ୍ୟୁ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘର ପରାମର୍ଶ ଲୋଡ଼ିଛି ମହାସଂଘ। ଯଦି କଟକରେ ଟୁର୍ନାମେଣ୍ଟର ଭେନ୍ୟୁ କରାଯାଏ ତେବେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣି ଓ ଯାତାୟତ ସମେତ ଅଭ୍ୟାସ କେଉଁଠାରେ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘକୁ ପଚରା ଉଚରା କରାଯାଇଛି। ଏଣୁ କଟକରେ ଏସିଆନ କୁସ୍ତି ଚାମ୍ପିୟନଶିପ ଆୟୋଜନ ହେବ ବୋଲି ପରୋକ୍ଷରେ ଆଶା କରାଯାଉଛି। ଏହି ଚାମ୍ପିୟନଶିପ୍ କେଉଁ ବୟସ ବର୍ଗରେ ହେବ ତାହା ମଧ ସ୍ପଷ୍ଟ ହୋଇନି। କିନ୍ତୁ ସିନିୟର ବର୍ଗରେ ଏସିଆନ କୁସ୍ତି ଚାମ୍ପିୟନଶିପ୍ ହେବାର ଯୋଜନା ଚାଲିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଯଦି ଏହିଭଳି ସମ୍ମାନଜନକ ଚାମ୍ପିୟନଶିପ୍ ଆୟୋଜିତ ହୁଏ ତେବେ ଓଡ଼ିଶାରେ ପ୍ରଥମଥର ନିମନ୍ତେ କୁସ୍ତି କ୍ରୀଡ଼ାକ୍ଷେତ୍ରରେ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ହେବ।

■ ନାଡା ଅଧୀନରେ ବିସିସିଆଇ

## କ୍ରୀଡ଼ାମନ୍ତ୍ରୀ ରିଜିଜୁଙ୍କ ସ୍ୱାଗତ

**ନୂଆଦିଲ୍ଲୀ,୧୦।୮(ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ଅଧୀନକୁ ଆସିବାର ନିଷ୍ପତ୍ତିକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା କ୍ରିକେଟ ତଥା ଅନ୍ୟ କ୍ରୀଡ଼ା ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ହୋଇପାରିବ ବୋଲି ସେ କହିଛନ୍ତି। ଦୀର୍ଘ ଏକ ଦଶନ୍ଧି ହେବ ମନ୍ତ୍ରଣାଳୟ ବିସିସିଆଇକୁ ନାଡା ଅଧୀନକୁ ଆଣିବାକୁ ନିରନ୍ତର ପ୍ରୟାସ କରି ଆସୁଥିଲା। ଏହା ଏକ ଯୁଗାନ୍ତକାରୀ ସକାରାତ୍ମକ ପଦକ୍ଷେପ। କୌଣସି ସମସ୍ୟା ସମାଧାନ ନ ହେଉ ତାହା ଚାହେଁ ନାହିଁ। ସବୁ ପ୍ରକାର ମତପାର୍ଥକ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସମାଧାନ ହେଉ ବୋଲି ଚାହେଁ। କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଆଣିବା ମୋର ମୂଳ ଲକ୍ଷ୍ୟ। କ୍ରୀଡ଼ାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ପଦକ୍ଷେପ ନେବାର ଆବଶ୍ୟକତା ଥିଲା ବୋଲି ରିଜିଜୁ କହିଛନ୍ତି। ସ୍ୱାୟତ୍ତତା ହାତରୁ ଚାଲିଯିବ ବୋଲି ବିସିସିଆଇ ନାଡା ଅଧୀନକୁ ଆସିବାକୁ ଚାହୁଁ ନ ଥିଲା। ନାଡାର ‘ହୋୟାର ଏବାଉଟ୍’ କ୍ଲଜ୍ ନେଇ କେତେକ ବରିଷ୍ଠ କ୍ରିକେଟରମାନେ ମଧ ଆପତ୍ତି ଉଠାଇଥିଲେ। ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟର ଏହି ସର୍ତ୍ତକୁ ସେମାନେ ଗ୍ରହଣ କରିବାକୁ ରାଜି ନ ଥିଲେ। କାରଣ ଏହା ଦ୍ୱାର ପ୍ରାଇଭେସି ବା ବ୍ୟକ୍ତିଗତ ବ୍ୟାପାରରେ ବୁଝାମଣା ହେବ ବୋଲି ସେମାନେ ଭାବୁଥିଲେ। ତେବେ ଶେଷରେ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଓ କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିୟା ବୈଠକରେ ବସି ଏ ନେଇ ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ। ନିୟମ ସମସ୍ତଙ୍କ ପାଇଁ ସମାନ ଓ ଏହା ସମସ୍ତଙ୍କୁ ମାନିବାକୁ ହେବ ବୋଲି ବିସିସିଆଇକୁ କହିଥିଲି ବୋଲି ଝୁଲନିୟା କହିଛନ୍ତି। ଆଇନ ଆଗରେ ବିସିସିଆଇ ସମେତ ସବୁ ଜାତୀୟ କ୍ରୀଡ଼ା ଫେଡେରେଶନ ସମାନ। ତେଣୁ ଏଥିରେ କୌଣସି ଚୁକ୍ତିରେ ସ୍ୱାକ୍ଷର କରାଯିବାର ଆବଶ୍ୟକତା ନାହିଁ। ନିୟମକାନୁନ ସମସ୍ତଙ୍କ ପାଇଁ ସମାନ ହୋଇଥିବାରୁ କୌଣସି ଏମ୍‌ଓୟୁ ବା ବୁଝାମଣା ପତ୍ରର ଆବଶ୍ୟକତା ନାହିଁ ବୋଲି ଝୁଲନିୟା ବିସିସିଆଇକୁ ଅବଗତ କରାଇଥିଲେ।

## ଜିଏମ୍ ଲୁକାଙ୍କୁ ହରାଇଲେ ମହୀତୋଷ

**ଭୁବନେଶ୍ୱର, ୧୦।୮(କ୍ରୀଡ଼ା ପ୍ରତିନିଧି):** ଇଟାଲୀରେ ଚାଲିଥିବା ସ୍ପିଲିମବର୍ଗୋ ଓପନର ଚେସ୍‌ର ମାଷ୍ଟର ବର୍ଗରେ ଓଡ଼ିଶାର ମହୀତୋଷ ଦେଙ୍କୁ ବଡ଼ ସଫଳତା ମିଳିଛି। ୧୯୮୧ ରେଟିଂ ପ୍ରାପ୍ତ ମହୀତୋଷ ଶନିବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡରେ ଇଟାଲୀ ଗ୍ରାଣ୍ଡମାଷ୍ଟର ମୋରୋନି ଲୁକା ଜୁନିୟର(୨୫୭୨ ରେଟିଂ)ଙ୍କୁ ହରାଇ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଆରମ୍ଭରେ ରକ୍ଷଣାତ୍ମକ ଖେଳିଥିବା ମହୀତୋଷ ମଧ୍ୟଭାଗରେ ସୁଯୋଗ ପାଇ ଆକ୍ରମଣାତ୍ମକ ଭାବେ ଗୋଟିଚାଳନା କରିଥିଲେ। ଶେଷରେ ସେ ଗ୍ରାଣ୍ଡମାଷ୍ଟରଙ୍କୁ ରୋକିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭୁ ମିଶ୍ରଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ମହୀତୋଷ ପ୍ରଥମ ରାଉଣ୍ଡରେ ଇଟାଲୀ ଫିଡେ ମାଷ୍ଟର କାର୍ନିସେଲି ଭାଲେରିଓଙ୍କ ସହ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲେ। ୨ ରାଉଣ୍ଡ ଶେଷସୁଦ୍ଧା ସେ ୧.୫ ପଏଣ୍ଟ ହାସଲ କରି ୩୭ତମ ସ୍ଥାନରେ ରହିଛନ୍ତି। ଏଥି ସହିତ ସେ ୫୦.୮ ରେଟିଂ ପଏଣ୍ଟର ଫାଇଦା ପାଇଛନ୍ତି। ତୃତୀୟ ରାଉଣ୍ଡରେ ସେ ରୋମାନିଆ ଗ୍ରାଣ୍ଡମାଷ୍ଟର ମିରୋନ ଲୁସିଆନ-କଷ୍ଟିନ(୨୪୯୪)ଙ୍କୁ ଭେଟିବେ।



## ୫ ଖେଳାଳିଙ୍କୁ ଏମ୍‌ବି ମେମୋରିଆଲ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୧୦।୮(କ୍ରୀଡ଼ା ପ୍ରତିନିଧି)**

ମକୁନ୍ଦ ବରାଳ (ଏମବି) ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ସୂଚନାଭବନଠାରେ ୫ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ସହ ବିଗତ ଦିନର କ୍ରୀଡ଼ା ଗୁରୁ ଓ ସେମାନଙ୍କ ଶିଷ୍ୟଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ପୁରସ୍କାର ୨୦୧୬ରୁ ପ୍ରଦାନ କରାଯାଇଆସୁଛି। ଏହି ପରିପ୍ରେକ୍ଷୀରେ ଏଥର ଫୁଟବଲ ପ୍ରତିଭା ଲକ୍ଷ୍ମୀପ୍ରିୟା ଲେଙ୍କା, କରାଟେକା ସୁଶ୍ରୀ ମଧୁପ୍ରିୟା, କୁସ୍ତି ପ୍ରତିଭା ଶିବାନୀ ଜେନା ଓ ଜୁଡୋ ପାଇଁ ନିତ୍ୟା ମାଝିଙ୍କୁ ୪ର୍ଥ ଏମବି ମେମୋରିଆଲ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଉଦୀୟମାନ ଆଥଲେଟ୍ ମନୀଷା ମେରେଲଙ୍କୁ ଏମବି ମେମୋରିଆଲ-ଅନୁରାଧା ବିଶ୍ୱାଳ ସମ୍ମାନ ପ୍ରଦାନ କରାଯାଇଛି। ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅରବିନ୍ଦ ଢାଲି, ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକ, କ୍ରୀଡ଼ାଗୁରୁ ହରିପ୍ରସାଦ ପଟ୍ଟନାୟକ, କ୍ରୀଡ଼ା ସଙ୍ଗଠକ ଚିତ୍ତରଞ୍ଜନ ସ୍ୱାଇଁ, ଦିଲୀପ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କୃତ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ଗୌରୀଶଙ୍କର ମିଶ୍ର, କୈବଲ୍ୟ ବରାଳ, ସନ୍ତୋଷ କୁମାର ବରାଳ ମକୁନ୍ଦ ବରାଳଙ୍କ ପୁତ୍ର ନବକିଶୋର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ମାଲ୍ୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସୁର ତରଙ୍ଗ ପକ୍ଷରୁ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।




ପୁରସ୍କାର ସହ ଅତିଥିଙ୍କ ଗହଣରେ ୫ କ୍ରୀଡ଼ାବିତ୍।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୧୯ Bhubaneswar, Sunday, August 11/2019

## ସଂକ୍ଷେପରେ

### ଆର୍‌ପିଏଫ୍‌ର ଅପରେଶନ 'ଇଷ୍ଟ୍‌କୋଷ୍ଟ ରେଲ୍‌ୱେ ଥଣ୍ଡର'

## ବେଆଇନ ଟିକେଟ ବିକ୍ରି: ୬ ଗିରଫ

**ଭୁବନେଶ୍ୱର, ୧୦।୮ (ବ୍ୟୁରୋ):** ଭୁବନେଶ୍ୱର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ 'ଇଷ୍ଟ୍‌କୋଷ୍ଟ ରେଲ୍‌ୱେ ଥଣ୍ଡର'। ଶନିବାର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ଟିକେଟ ବିକ୍ରି କରୁଥିବା ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଆର୍‌ପି ଛକସ୍ଥିତ ପ୍ରିୟଦର୍ଶିନୀ ମାର୍କେଟସ୍ଥିତ କମ୍ୟୁନିକେଶନ କେୟାର ଦୋକାନ ମାଲିକ ଭୀମସେନ ମଲ୍ଲିକ, ଏସ୍.ଜେ. ଇନଫୋଟେକ୍‌ର ଶ୍ରୀବସ୍ତ ବାରିକ, ରୁଚିକା ମାର୍କେଟର ସୁନିତା ଟୁର୍ ଆଣ୍ଡ୍ ଟ୍ରାଭେଲ୍ସର ରାଜେଶ କୁମାର ପାତ୍ର, ଫରେଷ୍ଟ ପାର୍କସ୍ଥିତ ସାରଥି ଟୁର୍ ଆଣ୍ଡ ଟ୍ରାଭେଲ୍ସର ଶିବ ପ୍ରସାଦ ବିଶ୍ୱାଳ, ଜୟଦେବ ବିହାରସ୍ଥିତ ସମର କମ୍ୟୁନିକେଶନର ସମରେନ୍ଦ୍ର ସ୍ୱାଇଁ ଓ ଜାଗମରାସ୍ଥିତ ଏକ୍ସେଲ ସିଷ୍ଟମର ଅଶୋକ କୁମାର ରାଉତ। ଏମାନେ ନିଜ ବ୍ୟକ୍ତିଗତ ଆଇଆର୍‌ସିଟିସି ଆଇଡିରେ ଟିକେଟ କରି ଚଢ଼ା ଦରରେ ବିକ୍ରି କରୁଥିଲେ। ଟିକେଟ ବିକ୍ରି ପାଇଁ ଆଇଆର୍‌ସିଟିସିଠାରୁ ସ୍ୱୀକୃତି ପାଇବା ପରେ ଏଜେଣ୍ଟମାନେ ଟିକେଟ ବିକ୍ରି କରିବାର ନିୟମ ରହିଛି। କିନ୍ତୁ ଗିରଫ ଅଭିଯୁକ୍ତମାନେ ବିନା ସ୍ୱୀକୃତିରେ ବ୍ୟକ୍ତିଗତ ଆଇଡି ତଥା ଜାଲ୍ ଆଇଡି ଖୋଲି ଏହି ବେଆଇନ କାରବାର କରୁଥିଲେ। ଲୋକଙ୍କଠାରୁ ଟିକେଟ ପିଛା ଧାର୍ଯ୍ୟ ମୂଲ୍ୟଠାରୁ ୫୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ଅଧିକ ନେଉଥିଲେ। ଦୀର୍ଘବର୍ଷ ଧରି ଇ-ଟିକେଟିଂ ଜରିଆରେ ଲୋକଙ୍କୁ ଏପରି ଠକି ଆସୁଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚଢ଼ାଉ ହୋଇଥିବା ୬ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରୁ ୨ଟି ଟ୍ରାଭେଲ୍ସ, ୪ ଡିଟିପି ଏବଂ ଜେରକ୍ସ ଦୋକାନ ରହିଛି। ଅଭିଯୁକ୍ତଙ୍କଠାରୁ ୫ ସିପିୟୁ, ଗୋଟିଏ ଲାପ୍‌ଟପ, ୩ ମୋବାଇଲ ଫୋନ୍, ୫ ନୂଆ ଟିକେଟ ଓ ୯ ପୁରୁଣା ଟିକେଟ ଜବତ କରାଯାଇଛି। ଦଫା ୧୪୩ ଅନୁଯାୟୀ ମାମଲା ନଂ. ୨୦୧୫-୨୦୨୦/୨୦୧୯ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଭୁବନେଶ୍ୱର ଆର୍‌ପିଏଫ୍ ଥାନାଧିକାରୀ କାଲୁ ସେଠୀ, ଆର୍‌ପିଏଫ କ୍ରାଇମବ୍ରାଞ୍ଚ ଆଇଆଇସି ବାଇଧର ସିଂ, ଡିଭିଜନାଲ କ୍ରାଇମବ୍ରାଞ୍ଚ ଆଇଆଇସି ଶ୍ରୀନିବାସ ପଟ୍ଟନାୟକ ଓ ଏସ୍‌ଟିଏଫ ମୁଖ୍ୟ ରଞ୍ଜୟ କୁମାର ପାତ୍ର ନେତୃତ୍ୱ ନେଇଥିଲେ। ଭୁବନେଶ୍ୱର ଆର୍‌ପିଏଫ ଥାନାଧିକାରୀ ସେଠୀ ଯାତ୍ରୀମାନଙ୍କୁ ଅଣସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କଠାରୁ ଟିକେଟ ନ କିଣିବାକୁ ଅନୁରୋଧ କରିଛନ୍ତି।

# ପୁଅ ସାମ୍ନାରେ ବାପାଙ୍କ ଉପରେ ଚଢ଼ିଗଲା ହାଇୱା

**ବାଲକାଟୀ, ୧୦।୮ (ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ଭାର୍ଗବୀ ବ୍ରିଜ୍ ଉପରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଚଢ଼ିଯିବାରୁ ବାଇକରେ ଯାଉଥିବା ସୁକାନ୍ତ ନାୟକ(୫୦) ନାମକ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ(୧୮) ସାମାନ୍ୟ ଆହତ ହୋଇଛନ୍ତି। ପୁଅ ଆଖି ଆଗରେ ବାପାଙ୍କ ଜୀବନ ଯିବା ସ୍ଥାନୀୟ ଲୋକଙ୍କୁ ଗଭୀର ଦୁଃଖ ପହଞ୍ଚାଇବା ସହ ଉତ୍ତେଜିତ କରିଥିଲା। ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ପୁଅଙ୍କୁ ଡାକ୍ତରଖାନା ପଠାଇବା ପରିବର୍ତ୍ତେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଫାଣ୍ଡିକୁ ନେବାକୁ ଉଦ୍ୟମ କରୁଥିବାବେଳେ ଜନ ଆକ୍ରୋଶର ଶିକାର ହୋଇଥିଲା। ଲୋକେ ଜଣେ ଏଏସ୍‌ଆଇଙ୍କୁ ଗୋଡାଇ ଗୋଡ଼ାଇ ପିଟିବା ସହ ଜନଗହଳିପୂର୍ଣ୍ଣ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ କରିଦେଇଥିଲେ। ଏହାପରେ ପୋଲିସ ଉପସ୍ଥିତିରେ ହାଇୱାରେ ନିଆଁ ଲଗାଇଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ଲୋକେ



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଗହଳି।

- ବାଲକାଟୀ ଭାର୍ଗବୀ ବ୍ରିଜ୍‌ରେ ଦୁର୍ଘଟଣା
- ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ଟ୍ରକ
- ଏଏସ୍‌ଆଇଙ୍କୁ ଗୋଡ଼ାଇ ପିଟିଲେ





ସେମାନଙ୍କୁ ଛାଡ଼ି ନ ଥିଲେ। ଉକ୍ତ ରାସ୍ତାରେ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାଲି ଟ୍ରକ୍ ଚଳାଚଳ ବନ୍ଦ କରାଯିବା ଏବଂ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ପାଇଁ ଲୋକେ ଦାବି କରିଥିଲେ। ଏପରି କି ତହସିଲଦାର ଓ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାକୁ ସେମାନେ ଅଡ଼ି ବସିଥିଲେ। ପ୍ରାୟ ୨ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱର ଲୋକ ଯାତାୟାତ କରି ନ ପାରି ପ୍ରବଳ ଖରାରେ ହନ୍ତସନ୍ତ ହୋଇଥିଲେ। ଅପରାହ୍ନ ସାଢ଼େ ଗୋଟାଏରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା ଓ ବାଲିଅନ୍ତା ଥାନା ଆଇଆଇସି ପ୍ରଦୀପ କୁମାର ରାଉତ ଦାବି ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଏହାପରେ ରାସ୍ତାରୋକୋ ହଟି ଯାତାୟାତ ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ମୁତାବକ, ମୃତକ ସୁକାନ୍ତଙ୍କ ଘର ପୁରୀ ଜିଲା ନିମାପଡ଼ା ଥାନା ଚଅଁରପଦା ପଞ୍ଚାୟତର ଛତାହାର ଗ୍ରାମରେ। ସେ ସ୍ପ୍ଲେଣ୍ଡର ପ୍ଲସ୍ (ଓଡି୧୩ ଏଲ ୬୮୫୫) ବାଇକରେ ପୁଅକୁ ବସାଇ ବାଲକାଟୀ ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ଭାର୍ଗବୀ ବ୍ରିଜ୍ ଉପରେ ତାଙ୍କ ବାଇକ୍‌କୁ ଏକ ବାଲି ବୋଝେଇ ହାଇୱା(ଓଡି ୦୪ଜି ୮୨୯୯) ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକ ପଛରେ ବସିଥିବା ପୁଅ କିଛି ଦୂରକୁ ଛିଟିକି ପଡ଼ିଥିବାବେଳେ ସୁକାନ୍ତଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା ହାଇୱା। ଆଖି ସାମ୍ନାରେ ଏଭଳି ଦୃଶ୍ୟ ଦେଖି ପୁଅ ନିର୍ବାକ ହୋଇଯାଇଥିଲେ। ଲୋକେ ତାଙ୍କୁ ଶାନ୍ତ୍ୱନା ଦେବା ସହ ପିସିଆର ଭ୍ୟାନ ସହାୟତାରେ ବାଲକାଟୀ ଡାକ୍ତରଖାନାକୁ ନେଇଥିଲେ। ଅନ୍ୟପକ୍ଷରେ ଘଟଣା ପରେ ହାଇୱା ଚାଳକ ବ୍ରିଜ୍‌ରୁ ନଦୀକୁ ଡେଇଁ ଫେରାର ହୋଇଯାଇଥିଲେ। ରାସ୍ତାରୋକୋ ହଟିବା ପରେ ଅଗ୍ନିଶମ କର୍ମଚାରୀମାନେ ହାଇୱାରେ ଲାଗିଥିବା ନିଆଁକୁ ଲିଭାଇଥିଲେ। ସେତେବେଳକୁ ଗାଡ଼ିର ୭୫ ଭାଗ ପୋଡ଼ିଯାଇଥିଲା। ପରେ ପୋଲିସ ଉଭୟ ଗାଡ଼ିକୁ ଜବତ କରି ନେଇଥିଲା। ଏନେଇ ବାଲିଅନ୍ତା ଥାନାରେ ୧୯୩/୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।





### ଏକ୍ସପାଏରୀ ମେଡିସିନ ଖାଇ ଯକ୍ଷ୍ମାରୋଗୀ ମୃତ୍ୟୁ ଘଟଣା

# ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୦।୮ (ବ୍ୟୁରୋ)**

- ଡାକ୍ତର, ଆଶାକର୍ମୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ଆସନ୍ତା ୬ ତାରିଖ ସୁଦ୍ଧା ରିପୋର୍ଟ ଦେବ ସ୍ୱାସ୍ଥ୍ୟ ବିଭାଗ

୨୦୧୭ ଡିସେମ୍ବର ୩୧ରେ ଏକ୍ସପାଏରୀ ମେଡିସିନ ଖାଇ ଯକ୍ଷ୍ମାରେ ଆକ୍ରାନ୍ତ କଟକ ରାଜାବଗିଚା ଅଞ୍ଚଳର ଗୁଡି ନାୟକ (୨୦)ଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ବିଚାର କରି ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଗୁଡିଙ୍କ ପରିବାରକୁ ୩ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏଥିପାଇଁ ଦାୟୀ ଡାକ୍ତର, ଆଶା କର୍ମୀ ଓ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସନ୍ତା ମାସ ୬ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜାବଗିଚା ଅଞ୍ଚଳର ରାଜେନ୍ଦ୍ର ନାୟକଙ୍କ ଝିଅ ଗୁଡି ଦୁଇବର୍ଷ ଧରି ଯକ୍ଷ୍ମାରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ଏ ସମ୍ପର୍କରେ ଜଣାଇବା ପରେ ଆଶାକର୍ମୀ କଟକ ସିଟି ମେଡିକାଲରୁ ଡାକ୍ତରଙ୍କଠାରୁ ମେଡିସିନ ଆଣି ତାଙ୍କୁ ଖାଇବାକୁ ଦେଇଥିଲେ। ସେ ଏହି ମେଡିସିନ୍ ଏକ ମାସ ଧରି ଖାଇବା ପରେ ୨୦୧୭ ଡିସେମ୍ବର ୩୦ରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଏହାର ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଉକ୍ତ ମେଡିସିନ ଏକ୍ସପାଏରୀ ହୋଇଯାଇଥିବା ଜଣାପଡିଥିଲା। ଏହି ଘଟଣାକୁ ନେଇ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଏପରି କି ମେଡିସିନ ଦେଇଥିବା ଆଶାକର୍ମୀ ଜଣକ ଗଣମାଧ୍ୟମରେ ମୁହଁ ଖୋଲିଥିଲେ। ଡାକ୍ତର ଉକ୍ତ ମେଡିସିନ ଦେଇଥିଲେ। ସେ ଇଂଲିଶ ପଢ଼ା ଜାଣି ନ ଥିବାରୁ ମେଡିସିନ ଏକ୍ସପାଏରୀ ହୋଇଥିବା ଜାଣିପାରି ନ ଥିଲେ ବୋଲି ଆଶାକର୍ମୀ ଜଣକ କହିଥିଲେ। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ରଞ୍ଜିତ ସୂତାର, ପ୍ରଦୀପ୍ତ ନାୟକ ଓ ଅଖଣ୍ଡ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଏହାକୁ ଗୁରୁତ୍ୱର ସହ ନେଇ ଏକ ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଟିମ୍ ଦେଇଥିବା ରିପୋର୍ଟରେ ସିଟି ହସ୍ପିଟାଲର ଡାକ୍ତର ଓ ଆଶାକର୍ମୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ଦାୟୀ କରାଯାଇଛି। ଶନିବାର ମାମଲାର ବିଚାର କରି ଓଏଚ୍‌ଆର୍‌ସି କ୍ଷତିପୂରଣ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ 'ଇମର୍ଜିଂ ସ୍କୁଲ ଅଫ୍ ଦ ଇୟର' ସମ୍ମାନ



**ଭୁବନେଶ୍ୱର, ୧୦।୮ (ବ୍ୟୁରୋ)**

ଗୁଣାତ୍ମକ ଶିକ୍ଷା ପଦ୍ଧତି ଓ ପ୍ରଦାନ ପାଇଁ ଶନିବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ 'ଇମର୍ଜିଂ ସ୍କୁଲ୍ ଅଫ୍ ଦ ଇୟର' ସମ୍ମାନ ପ୍ରଦାନ କରାଯାଇଛି। ରାଜସ୍ଥାନ ଉଦୟପୁରଠାରେ ଅନୁଷ୍ଠିତ ଗ୍ଲୋବାଲ ଏଜୁକେଶନ ଆୱାର୍ଡସ୍-୨୦୧୯ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ଓ ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଉଦୟପୁରର ପ୍ରିନ୍ସ ଲକ୍ଷରାଜ ସିଂହ ମେୱାର ଏବଂ ସେକ୍‌ମୋଲ୍‌ର ପ୍ରତିଷ୍ଠାତା ସୋନମ୍ ୱାଙ୍ଗଚୁକ୍ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ବ୍ୟକ୍ତିଗତ ବା ସଙ୍ଗଠନାତ୍ମକ ରୂପେ ଶିକ୍ଷା କ୍ଷେତ୍ରରେ ଯେଉଁମାନଙ୍କର ଶ୍ରେଷ୍ଠ ଅବଦାନ ରହିଥାଏ ସେମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଦୁଇଦିନିଆ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ 'ଶ୍ରେଣୀ ଗୃହରେ କିପରି ଭାବେ ରଚନାତ୍ମକ ଶୈଳୀରେ ଶିକ୍ଷା ପ୍ରଦାନ ଓ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ ଗଠନ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ୫୦୦ରୁ ଅଧିକ ଖ୍ୟାତିସମ୍ପନ୍ନ ଶିକ୍ଷକ ଯୋଗଦେଇ ମତ ରଖିଥିଲେ। 'ସୁପର ୩୦'ର ଆନନ୍ଦ କୁମାର, ଡୁନ୍ ସ୍କୁଲର ହେଡ଼ମାଷ୍ଟର ମାଥ୍ୟୁ ରାଗେଟ୍ ଏବଂ ଆମେରିକା ଏଏସ୍‌ଡିର ନିର୍ଦ୍ଦେଶକ ସିନ୍ ସ୍ଲେଡ୍ ପ୍ରମୁଖ ଯୋଗଦେଇଥିଲେ।

# 'ବିଦ୍ୟୁତ୍ ଖର୍ଚ୍ଚରୁ ମୁକ୍ତି ଦେବ ସୋଲାର ପ୍ରକଳ୍ପ'





ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର।

**ପୁରୀ ଅଫିସ, ୧୦।୮**

ପୁରୀ କଚେରିରୋଡସ୍ଥିତ ସେସୁ କାର୍ଯ୍ୟାଳୟଠାରେ ଟାଟା ପାୱାର ସୋଲାର ସିଷ୍ଟମ ସଚେତନତା କାର୍ଯ୍ୟକ୍ରମକୁ ଶନିବାର ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଦେଶର ୨୯ଟି ରାଜ୍ୟର ୧୦୦ଟି ସହରରେ ଏହି ଯୋଜନା ସଫଳତା ହାସଲ କରିଛି। ଏବେ ଓଡ଼ିଶାବାସୀ ଏହାର ବ୍ୟବହାର ଦ୍ୱାରା ପରିବେଶ ଅନୁକୂଳ ଶକ୍ତି ପାଇବା ସହ ବିଦ୍ୟୁତ୍ ଖର୍ଚ୍ଚରୁ ବଞ୍ଚିତ ହୋଇପାରିବେ। ଜନସାଧାରଣ ନିଜ ନିଜ ଛାତରେ ଏହି ପ୍ରକଳ୍ପ ସ୍ଥାପନ କରି ୫ କିଲୋୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ପାଇବା ସହ ବାର୍ଷିକ ୫୦ହଜାର ଟଙ୍କା ସଞ୍ଚୟ କରିପାରିବେ। ଏହି ଅବସରରେ ମନ୍ତ୍ରୀ ସେସୁ କାର୍ଯ୍ୟାଳୟ ଓ ଟେକ୍‌ନିକାଲ ୟୁନିଟ୍ ପରିଦର୍ଶନ କରିବା ସହ ଗ୍ରୋ-ଗ୍ରୀନ ବୋର୍ଡରେ ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ସେସୁ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପି.କେ. ସାହୁ, ସେସୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସବୁ ସମସ୍ୟାର ସମାଧାନ ଥିଲେ ବାରିଷ୍ଟର ରଣଜିତ୍ ମହାନ୍ତି

**କଟକ ଅଫିସ, ୧୦।୮**

ସେ ରାଜନୀତି ହେଉ ଅବା ଆଇନ, ସବୁ ସମସ୍ୟାର ସମାଧାନ ଥିଲେ ବାରିଷ୍ଟର ରଣଜିତ ମହାନ୍ତି। ଯେ କୌଣସି ବ୍ୟକ୍ତି ତାଙ୍କ ନିକଟକୁ ସମସ୍ୟା ନେଇ ପହଞ୍ଚିଥାନ୍ତି, ସେ ତାଙ୍କୁ ସହାୟତା କରିଥାନ୍ତି। ତାଙ୍କ ପାଖରୁ କେହି ଖାଲି ହାତରେ ଫେରନ୍ତି ନାହିଁ। ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟ ବାର ସଭାପତି ଥିବା ସମୟରେ ସେ ହିଁ ୫ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ଲ ପାଠ୍ୟକ୍ରମ ଲାଗି ଉଦ୍ୟମ କରି ସଫଳ ହୋଇଥିଲେ। ଫଳରେ ତାଙ୍କ ପ୍ରଚେଷ୍ଟାରେ ବାଙ୍ଗାଲୋର ଠାରେ ପ୍ରଥମ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହାପରେ ଅନେକ ଭଲ ଆଇନଜ୍ଞ ଏହି ପେସାକୁ ଆସିଥିଲେ ବୋଲି ସ୍ଥାନୀୟ ସାରଳା ଭବନରେ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ୮୮ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନମନ୍ତ୍ରୀ ପ୍ରତାପ ଜେନା ଏହା କହିଛନ୍ତି। ସେହିପରି ମୁଖ୍ୟବକ୍ତା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ବାରିଷ୍ଟର ରଣଜିତ ମହାନ୍ତିଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱ ଓଡ଼ିଶାରେ ବିରଳ। ସେତେବେଳେ ବାରିଷ୍ଟର ମହାନ୍ତି କହୁଥିଲେ, ଜଣେ ଯେତେବେଳେ ଅସୁବିଧାରେ ଥାଏ ତେବେ ତାଙ୍କୁ ଆମେ ସହାୟତା କରିବା ନିହାତି ଆବଶ୍ୟକ। ଅଧିବକ୍ତା ଭାବେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଯୋଗଦେଇ କହିଥିଲେ, ଓଡ଼ିଶାର ଆଇନଜୀବୀଙ୍କ ପାଇଁ ବାରିଷ୍ଟର ରଣଜିତ ମହାନ୍ତି ସବୁଦିନ ଲାଗି ଆଦର୍ଶ ହୋଇ ରହିବେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ, କଟକ ସହର ବିଜେଡି ସଭାପତି ମଧୁସୂଦନ ସାହୁ, ହାଇକୋର୍ଟ ବାର ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଆଇନଜୀବୀ ମିଳନ କାନୁନ୍‌ଗୋ, ଜୟନ୍ତୀ କମିଟି ଆବାହକ ପ୍ରଫେସର ହୃଷୀକେଶ ମିଶ୍ର, ବାରିଷ୍ଟର ରଣଜିତ ମହାନ୍ତିଙ୍କ ପୁତ୍ର ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି, ବିଜେଡି ନେତା ବିଶ୍ୱଜିତ ମହାନ୍ତିଙ୍କ ସହ ବହୁ ଆଇନଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ଦୀପେଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ ପୂର୍ବରୁ ଅନୁଷ୍ଠିତ ପାଷ୍ଟ, ପ୍ରେଜେଣ୍ଟ ଓ ଫ୍ୟୁଚର ଅଫ ଲିଗାଲ ପ୍ରଫେସନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅସୀମ ଅମିତାଭ ଦାସ ଓ ଉମେଶ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।





ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଶ ରହିବା ଉଚିତ୍ ନୁହେଁ।
-ଗୁରୁ ନାନକ



## ସଂକ୍ଷେପରେ

### ଶ୍ରୀକୃଷ୍ଣପୁରରେ ମଧୁବାବୁ ଆଇନ ସହାୟକ ନିଯୁକ୍ତ

**ମାହାଙ୍ଗା,୧୦।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତର ନୂତନ ମଧୁବାବୁ ଆଇନ ସହାୟକ ଭାବେ ଲଛମନ କୁମାର ସିହ୍ନାଙ୍କୁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଚୟନ କରାଯାଇଛି। ତେଣୁ ତାଙ୍କୁ ନିଯୁକ୍ତି ଦେବା ପାଇଁ ବିଭାଗ ପକ୍ଷରୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ପଞ୍ଚାୟତର ମଧୁବାବୁ ଆଇନ ସହାୟକ ଥିବା ପ୍ରଦୀପ କୁମାର ସେଠୀଙ୍କ ସ୍ଥାନରେ ସିହ୍ନା କାର୍ଯ୍ୟ କରିବେ। ଆଗକୁ ପଞ୍ଚାୟତର ଜନସାଧାରଣ କିପରି ସହଜରେ ଏବଂ ସୁବିଧାରେ ଆଇନ ସହାୟତା ପାଇବେ ତା'ଉପରେ ସିହ୍ନା ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି।

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ସାଲେପୁର,୧୦।୮(ଡି.ଏନ.ଏ.):** ସାଲେପୁର ବ୍ଲକ ରାମେଶ୍ୱର ପଞ୍ଚାୟତସ୍ଥିତ ଦୁର୍ଗାପୁର ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପରିସରରେ ପ୍ରାକ୍ତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ଯୁଧିଷ୍ଠିର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ଜେନା ଯୋଗଦେଇ ତାଙ୍କ ବକ୍ତବ୍ୟରେ ସୁଷମା ଥିଲେ ଜଣେ ମହାନ୍ ନାରୀନେତ୍ରୀ। ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସହଯୋଗ କରିଥିଲେ ବୋଲି କହିଥିଲେ। କିଶୋର ଚନ୍ଦ୍ର ବିଶୋଇ, ପବିତ୍ର ମଲ୍ଲିକ, ରମେଶ ଚନ୍ଦ୍ର କାଣ୍ଡି, ସୁଷମା କାଣ୍ଡି, ଗୀତାରାଣୀ ବେହେରା, ରତ୍ନରେଖା ବିଶୋଇ, ସ୍ୱର୍ଣ୍ଣଲତା ବେହେରା, ସ୍ୱସ୍ତିକା ଦାଶ, ଶୁଭଶ୍ରୀ ଦଳାଇଙ୍କ ସମେତ ଗୁରୁମାଗୁରୁଜୀ ଉପସ୍ଥିତ ରହି ସୁଷମାଙ୍କ ସ୍ମୃତିଚାରଣ କରିଥିଲେ। ଦିବାକର ରଣା, ନିଲୁ ବେହେରାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଜନ୍ମମାଟିରେ ବରେନ୍ଦ୍ରକୃଷ୍ଣ ଧଳଙ୍କ ଶ୍ରାଦ୍ଧୋତ୍ସବ

**ବାଙ୍କୀ,୧୦।୮(ସ୍ୱ.ପ୍ର.):** ବାଙ୍କୀ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟଠାରେ ନୂଆଦିଲ୍ଲୀ କଳିଙ୍ଗକୃତି ସଂସ୍ଥାନ ପକ୍ଷରୁ ବାଙ୍କୀ ବରପୁତ୍ର ତଥା ବରିଷ୍ଠ ଗ୍ରନ୍ଥକାର ବରେନ୍ଦ୍ରକୃଷ୍ଣ ଧଳଙ୍କ ତୃତୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ବରେନ୍ଦ୍ରକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପଧୂପ ଅର୍ପଣ କରିଥିଲେ। ଏହିଅବସରରେ ସେ କହିଥିଲେ, ଭୁବନେଶ୍ୱର ପୁସ୍ତକମେଳାର ସ୍ରଷ୍ଟା ବରେନ୍ଦ୍ରକୃଷ୍ଣ ଜଣେ ବିଚକ୍ଷଣ ଖବରଦାତା ତଥା ଗ୍ରନ୍ଥକାର ଥିଲେ। ତାଙ୍କ ଅନୁବାଦ ସାହିତ୍ୟ ଯୋଗୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ତାଙ୍କର ବହୁଭାଷାରେ ଅଭିଜ୍ଞତା ରହିଥିଲା। ସେ ଜାତୀୟ ସାମ୍ବାଦିକ ୟୁନିୟନର ସଭାପତି ରହି ଓଡ଼ିଶାକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। କଳିଙ୍ଗ କୃତି ସଂସ୍ଥାନର ଉପସଭାପତି ତଥା ସାମାଜିକ କର୍ମୀ ଗୌତମ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବରେନ୍ଦ୍ରକୃଷ୍ଣଙ୍କ ଜୀବନୀଉପରେ ସୂଚନା ଦେଇ ତାଙ୍କର ଏକ ପ୍ରତିମୂର୍ତ୍ତି ଶୀଘ୍ର ବାଙ୍କୀରେ ସ୍ଥାପନ କରାଯିବ ବୋଲି ପ୍ରକାଶ କରିଥିଲେ। ପରେ ସାମ୍ବାଦିକତା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଯୁବସାମ୍ବାଦିକ ବିଭୁପ୍ରସାଦ ସାମଲଙ୍କୁ ମୁଖ୍ୟଅତିଥି ବରେନ୍ଦ୍ରକୃଷ୍ଣ ଧଳ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, କାଳିଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡ଼ା, ଦୁର୍ଗାଚରଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରେନ୍ଦ୍ର କୃଷ୍ଣଙ୍କ ଏକ ଫଟୋଚିତ୍ର ସର୍ବସାଧାରଣଙ୍କ ଦର୍ଶନ ପାଇଁ ସୂଚନା ଲୋକସମ୍ପର୍କ ବିଭାଗର ଅଧିକାରୀଙ୍କୁ ସାମାଜିକ କର୍ମୀ ପ୍ରଦାନ କରିଥିଲେ।

### ସଚେତନତା କର୍ମଶାଳା

**କଟକ ଅଫିସ, ୧୦।୮:** କଳିଙ୍ଗ ସେବା ସଂଘ ପକ୍ଷରୁ ସ୍ଥାନୀୟ ୟଙ୍ଗ ମେନ ଖ୍ରୀଷ୍ଟିଆନ ଆସୋଶିଏସନଠାରେ ଶନିବାର ଏଲ୍‌ପିଜି ସିଲିଣ୍ଡରର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଲ୍‌ପିଜି ସିଲିଣ୍ଡରର ବ୍ୟବହାର ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଆସୋଶିଏସନ ସମ୍ପାଦକ ସୁବୋଧ ମହାରଣା, ଡାନିଏଲ ନାୟକ, ଅଭିଜିତ ଦାସ ବିହାରୀ, ଆଡଭୋକେଟ ସେଖ୍ ଅଖମଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ ନିଶ୍ଚିନ୍ତକୋଇଲି ବ୍ଲକରେ ସରିପାରୁନି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ

# ଭଡ଼ା ଘର, କମ୍ୟୁନିଟି ସେଣ୍ଟରରେ ଚାଲିଛି ପାଠପଢ଼ା

**ନିଶ୍ଚିନ୍ତକୋଇଲି,୧୦।୮(ସ୍ୱ.ପ୍ର.)**

■ପୂର୍ଣ୍ଣାଙ୍ଗ ହୋଇ ମଧ ୬୮ଟି ଗୃହ ହସ୍ତାନ୍ତର କରାଯାଉନାହିଁ
■୮୦ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ

ମା' ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ସମନ୍ୱିତ ଶିଶୁ ବିକାଶ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କିନ୍ତୁ କେତେକ ସ୍ଥାନରେ ଭିତ୍ତିଭୂମିର ଅଭାବ ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ସରକାରଙ୍କ ଏହି ଆଭିମୁଖ୍ୟ ସଫଳ ହୋଇ ପାରୁନାହିଁ। ଯାହା ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ। ଏହି ବ୍ଲକ ପାଇଁ ସରକାର ୨୨୧ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ବ୍ୟୟବରାଦ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ମାତ୍ର ୯୫ଟି କେନ୍ଦ୍ର ନିଜସ୍ୱ ଗୃହରେ ଚାଲୁଛି। ସେଥିରୁ ୮୦ଟିରେ ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ଅନେକ ସ୍ଥାନରେ ପିଲା ସ୍କୁଲ ପିଣ୍ଡା, ଭଡ଼ାଘର ଓ କମ୍ୟୁନିଟି ସେଣ୍ଟରରେ ବସି ପାଠ ପଢ଼ୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥାଇ ମଧ କୌଣସି ପଦକ୍ଷେପ ନେଉ ନ ଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକ ଚିନ୍ତା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ଶିଶୁ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସରକାର ମଧ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଗର୍ଭସ୍ଥ ଶିଶୁ, ମା'ଓ ୩ ବର୍ଷରୁ ୬ ବର୍ଷ ପିଲାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ସେମାନଙ୍କ ଯତ୍ନ ନେବାର ବ୍ୟବସ୍ଥା କରିଛନ୍ତି। ବ୍ଲକରେ ୨୫ଟି ମିନି ଅଙ୍ଗନୱାଡ଼ି ଓ ୨୩୪ ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଶାଇ ମୋଟ ୨୫୯ଟି କେନ୍ଦ୍ର ରହିଛି। ସେଥିରୁ ୯୫ କେନ୍ଦ୍ରର ସ୍ଥାୟୀ ଗୃହ ଥିବା ବେଳେ ୧୪୪ଟି ସ୍କୁଲରେ, ୨୭ଟି ଭଡ଼ାଘରେ ଓ ୨୩ଟିକମ୍ୟୁନିଟ୍‌ସେଣ୍ଟରରେ ଚାଲୁଛି। ସମସ୍ତ କେନ୍ଦ୍ରରେ ୩ରୁ୬ ବର୍ଷ ମଧ୍ୟରେ ୨୧୬୦ ଛାତ୍ରୀ ଓ ୨୦୮୬ ଛାତ୍ର ପାଠ ପଢୁଛନ୍ତି। ପରିତାପର ବିଷୟ ୬୮ଟି ଅଙ୍ଗନୱାଡ଼ି କେନ୍ଦ୍ର ଯଥା ଛନ୍ଦା ଅଙ୍ଗନୱାଡ଼ି କେନ୍ଦ୍ର, ଏକରୁଖି, ଜଗନ୍ନାଥପୁର-୨, ହଳଧରପୁର, ଓରିକଣ୍ଡା ଓ ପୁରୁଣାପାରି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଥିଲେ ହେଁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୦-୧୧ ଆର୍ଥିକ ବର୍ଷ ପୂର୍ବରୁ ୧୭ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅନୁଦାନ ଆସିଥିବାବେଳେ ୨୦୧୦-୧୧ରେ ୧, ୨୦୧୧-୧୨ରେ ୧୬ , ୨୦୧୨-୧୩ରେ ୧୭, ୨୦୧୩-୧୪ରେ ୩୮, ୨୦୧୪-୧୫ରେ ୮, ୨୦୧୫-୧୬ରେ ୮, ୨୦୧୬-୧୭ରେ ୪୧, ୨୦୧୭-୧୮ରେ ୭ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୬୮ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ସରକାରୀ ଅନୁଦାନ ଆସିଛି। ସେଥିରୁ ୧୦୧ କେନ୍ଦ୍ର କାର୍ଯ୍ୟ ଶେଷ ହୋଇଥିବା ବେଳେ ୫୨ଟି ଘର ଅଧାପାନ୍ତରିଆ ହୋଇ ପଡିରହିଛି। ୬୮ଟି ଘର ବିଭିନ୍ନ କାରଣରୁ ଆରମ୍ଭ ହୋଇନାହିଁ। ପଞ୍ଚାୟତ ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ବିଦ୍ୟୁତ୍ ସଂଯୋଗ କରିବାର ବ୍ୟବସ୍ଥା ଥିଲେ ହେଁ ପୂର୍ଣ୍ଣାଙ୍ଗ ହୋଇଥିବା ୧୦୧ ଗୃହ ମଧ୍ୟରୁ ୮୦ଟିରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ସରକାର ଦେଉଥିବା ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀକୁ ସଂରକ୍ଷଣ କରି ରଖିବା ପାଇଁ ଅସୁବିଧା ହେଉଛି। ଏବେ ବର୍ଷାଦିନ ସତ୍ତ୍ୱେ କେତେଜଣ ପିଲା ସ୍କୁଲ ପିଣ୍ଡା, ବାତ୍ୟା ଆଶ୍ରୟସ୍ଥଳ ଓ କ୍ଲବ ପିଣ୍ଡାରେ ବସି ପାଠ ପଢୁଛନ୍ତି। ସରକାର ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକୁ ପୂର୍ଣ୍ଣାଙ୍ଗ କଲେ ତାଙ୍କ ଆଭିମୁଖ୍ୟ ଫଳପ୍ରଦ ହେବ ବୋଲି ବହୁ ବୁଦ୍ଧିଜୀବି ମତ ରଖିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ସିଡିପିଓ ନୀଳାବତୀ ସେଠୀଙ୍କୁ ପଚାରିବାରେ ସେ କହିଥିଲେ, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାୟୀ ଗୃହ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନର ଦାୟିତ୍ୱ। ସେମାନେ ଯେତେ ଶୀଘ୍ର ଗୃହ ନିର୍ମାଣ ଶେଷ କରି ଆମକୁ ହସ୍ତଗତ କରାଇବେ ଆମେ କେନ୍ଦ୍ର ଚଳାଇବୁ। ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁଙ୍କୁ ପଚାରିବାରେ ସେ କହିଥିଲେ, ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକର ସ୍ଥାୟୀ ଗୃହ ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। କିଛି ସ୍ଥାନରେ ଜମି ଓ ସାଇଟ ସିଲେକ୍ସନ ହୋଇ ନ ଥିବାରୁ ବିଳମ୍ବ ହେଉଛି। ତଥାପି କାର୍ଯ୍ୟ ଶୀଘ୍ର ସାରିବାକୁ ଆମେ ଉଦ୍ୟମ ଜାରି ରଖିଛୁ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ ଶେଷ ହେଉଛି।

### ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ସଚେତନତା

**ରଘୁନାଥପୁର,୧୦।୮ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସାରଦା ସରକାରୀ ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କୁ ନେଇ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ରୋଗ ସମ୍ପର୍କରେ ଗ୍ରାମରେ ସଚେତନତା କରାଯାଇଛି। ପ୍ରଧାନଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ପ୍ରଥମେ ସଭା ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜଳବାହିତ ରୋଗ ଡେଙ୍ଗୁ, ମ୍ୟାଲେରିଆ ସମ୍ପର୍କରେ ନିଜ ପରିବାର ଓ ପଡୋଶୀଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ପରେ ଏକ ସଚେତନତା ରାଲି ସ୍ଥାନୀୟ ଗୋକୁଳପୁର ଓ ହରିଶପୁରକୁ ଯାଇ ପଥପ୍ରାନ୍ତ ଅଭିନୟ ମାଧ୍ୟମରେ ଏହାର ଭୟାଭହତା ଓ ନିରାକରଣ ସମ୍ପର୍କରେ ଦର୍ଶାଯାଇଥିଲା। ଏହାଛଡ଼ା ଘର ନିକଟରେ ପଡିଥିବା ପ୍ଲାଷ୍ଟିକ୍ ଡବା, ଷଢେଇ ଓ ଟାୟାର ମଧ୍ୟରେ ବର୍ଷା ପାଣି ରହି ଏଥିରେ କିପରି ଡେଙ୍ଗୁ ମଶାର ଲାଭା ସୃଷ୍ଟି ହୁଅନ୍ତି ସେ ସମ୍ପର୍କରେ ଛାତ୍ରୀଛାତ୍ର ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ଏହି ରାଲି ଶିକ୍ଷକ ସୁଜିତ ବେହେରା, ବିଶ୍ୱଜିତ ଓଝା, ଅଞ୍ଜନା ନାୟକ, ପ୍ରମିଳା ନାୟକ, ରୁକ୍‌ସାନା ତାବସୁମ, ମୌସୁମୀ ରଥ, ରଞ୍ଜିତା ବେହେରା, ଗୀତାରାଣୀ ବିଶ୍ୱାଳ, ସଂଯୁକ୍ତା ସିଂହ ପ୍ରମୁଖ ପରିଚାଳନା କରିଥିଲେ।




ଛୁଟି ଦିବସରେ କାର୍ଯ୍ୟ କରିବାକୁ ବାଧ କରାଯାଉଥିବା ପ୍ରତିବାଦରେ ଶନିବାର କଟକ ବିକାଶ ଭବନ ପରିସରରେ ମ୍ୟାଲେରିଆ ନିରୋଧ ବିଭାଗ ମଜଦୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

### ଗାଧୋଇବାବେଳେ କାଠଯୋଡ଼ିରେ ଭାସିଗଲେ ଯୁବକ

**କଟକ ଅଫିସ, ୧୦।୮**

ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳର କାଠଯୋଡୀ ନଦୀରେ ଗାଧୋଇବାବେଳେ ଶନିବାର ଜଣେ ଯୁବକ ଭାସିଯାଇଛନ୍ତି। ସେ ହେଲେ ଖାନ୍‌ନଗର ଗୁରୁସାହିର କେଶବ ଗୁରୁ(୨୪)। ଅଗ୍ନିଶମ ଓ ଓଡ୍ରାଫ ଟିମ୍ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା କେଶବଙ୍କ ପତ୍ତା ମିଳିପାରି ନ ଥିବା ବାଦାମବାଡି ଥାନା ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ଦିନ ମଜୁରିଆ ଭାବେ କାମ କରୁଥିବା କେଶବ ସକାଳ ପ୍ରାୟ ୮ଟାରେ କାଠଯୋଡ଼ୀ ନଦୀର ଚନ୍ଦନ ଘାଟ କୂଳକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ହଠାତ କେଶବ ପାଣିର ସୁଅରେ ଭାସି ଯାଉଥିବା କେତେଜଣ ଲୋକ ଦେଖିଥିଲେ। କିଛି ଦିନ ହେବ କାଠଯୋଡ଼ିରେ ବନ୍ୟାଜଳ ପ୍ରବେଶ କରିଥିବାରୁ ପାଣିର ମାତ୍ରା ଅଧିକ ରହିଛି। ଫଳରେ ଲୋକମାନେ କେଶବଙ୍କୁ ବଞ୍ଚାଇବାକୁ ପାଇଁ ପାଣିରେ ପଶିବାକୁ ଡରିଥିଲେ। ଏ ନେଇ ସେମାନେ କେଶବଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗ ଓ ବାଦାମବାଡି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଖୋଜାଖୋଜି ଦୀର୍ଘ ସମୟ ଧରି ଖୋଜା ଖୋଜି କରିଥିଲେ ମଧ କେଶବଙ୍କୁ ଖୋଜି ପାଇନାହାନ୍ତି। ସୂଚନାଥାଉ କି, ୨୦୧୬ରେ ଏହି ଘାଟରେ ଜଣେ ଭାସି ଯାଉଥିବାବେଳେ କେଶବ ତାଙ୍କୁ ଉଦ୍ଧାର କରି ସାହାସିକତାର ଉଦାହରଣ ସୃଷ୍ଟି କରିଥିଲେ।



ଅଗ୍ନିଶମ କର୍ମଚାରୀମାନେ ନିଖୋଜ ଯୁବକଙ୍କୁ ଖୋଜୁଛନ୍ତି।

■ କାର୍ଯ୍ୟକାରୀ ହୋଇପାରୁନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

# ନିର୍ମାଣ ପରଠାରୁ ତାଲା ପଡ଼ି ରହିଛି

**ବାଙ୍କୀ,୧୦।୮(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ପଞ୍ଚାୟତରେ ଦୀର୍ଘ ୪ବର୍ଷ ହେବ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ କରାଯାଇଛି। ହେଲେ ନିର୍ମାଣ ପରଠାରୁ ଏହା କାର୍ଯ୍ୟକାରୀ ନ ହୋଇ ତାଲା ପଡ଼ିରହିଛି। ଯଦ୍ଵାରା କେନ୍ଦ୍ର ଚାରିପାଖ ବୃକ୍ଷଲତା ଦ୍ୱରା ଆଚ୍ଛାଦିତ ହୋଇ ରହିଥିବାରୁ ଏହା ଏକ ଭୂତ କୋଠିରେ ପରିଣତ ହୋଇଛି। ପଞ୍ଚାୟତର ଲୋକପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେହ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିଲେ ମଧ ଉକ୍ତ ଗୃହ ଉପରେ ସେମାନଙ୍କ ଦୃଷ୍ଟି ନ ପଡ଼ିବା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଏପରି କି ଏବେ ଏହି କେନ୍ଦ୍ରଟି ବିଷାକ୍ତ ସରିସୃପମାନଙ୍କ ଆଶ୍ରୟସ୍ଥଳ ପାଲଟିଛି। କେନ୍ଦ୍ରଟି କାର୍ଯ୍ୟକ୍ଷମ କରାଗଲେ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ବ୍ଲକ କନିଷ୍ଠଯନ୍ତ୍ରୀ ମଜିଦ୍ ଅଲ୍ଲୀଙ୍କୁ ପଚାରିବାରେ ସେ କହିଥିଲେ, ସେବାକେନ୍ଦ୍ରକୁ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ୧୫ଦିନ ମଧ୍ୟରେ ରାସ୍ତା ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା କରାଯିବ। ଏହାପରେ ସେବାକେନ୍ଦ୍ର କାର୍ଯ୍ୟକାରୀ ହେବ।



କନ୍ତପହଁରା ପଞ୍ଚାୟତରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର।

# ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ଓକିଲ ସଂଘର ସ୍ୱାଗତ

**ନରସିଂହପୁର,୧୦।୮(ସ୍ୱ.ପ୍ର.)**

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ଉପରୁ ଧାରା ୩୭୦ ଓ ୩୫କୁ ଉଚ୍ଛେଦ କରି କେନ୍ଦ୍ର ଶାସିତ ଅଞ୍ଚଳଭାବେ ଘୋଷଣା କରିଥିବାରୁ ନରସିଂହପୁର ଓକିଲ ସଂଘ ପକ୍ଷରୁ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ସଭାପତି ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସଂଘ ସଭାଗୃହରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଅଖଣ୍ଡତା ଓ ସମାନ ସମ୍ବିଧାନିକ ଅଧିକାର ପାଇଁ କେନ୍ଦ୍ର ସରକାର ନେଇଥିବା ପଦକ୍ଷପକୁ ଦୃଢ ସମର୍ଥନ କରାଯାଇଥିଲା। ବୈଠକରେ ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର, ଅଶୋକ ଶତପଥୀ, ସମ୍ପାଦକ ବିଭୁ ପ୍ରସାଦ ମିଶ୍ର, ସରୋଜ କୁମାର ମହାରଣା ପ୍ରମୁଖଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ଧାରା ୩୭୦ ଉଚ୍ଛେଦକୁ ଓକିଲ ସଂଘ କର୍ମକର୍ତ୍ତା ସ୍ୱାଗତ କରୁଛନ୍ତି।

■ 'ନୋ ସେଲ୍‌ଫି ୱିଥ ୱାଇଲ୍ଡ ଲାଇଫ' ଶୀର୍ଷକ ଆଲୋଚନାଚକ୍ର

# ବନ୍ୟପ୍ରାଣୀ ସହ ସେଲ୍‌ଫି ପ୍ରାଣଘାତୀ ହୋଇପାରେ

**ଟିଗିରିଆ,୧୦।୮(ଡି.ଏନ.ଏ.)**

ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଏବଂ ସ୍କାଉଟ ଗାଇଡ୍ ରୋଭର ରେଞ୍ଜର ମିଳିତ ଉଦ୍ୟମରେ ସ୍ୱଚ୍ଛଭାରତ ଅଭିଯାନ ସହିତ 'ନୋ ସେଲ୍‌ଫି ୱିଥ ୱାଇଲ୍ଡ ଲାଇଫ'ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସର ଏବଂ ସ୍ଥାନୀୟ ଶ୍ରୀମା ଅରବିନ୍ଦ ବିଦ୍ୟାଳୟ ପରିସରରୁ ଅଳିଆ ଆବର୍ଜନା ଓ ଅନାବନା ଗଛ ସଫା କରାଯାଇଥିଲା। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସିପ୍ରା ମହାପାତ୍ର, ଅଧ୍ୟାପକ ସୁଧାକର ମୁଦୁଲି ଏବଂ ଅଧ୍ୟାପକ ବିନାୟକ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସମ୍ପାଦନ କରାଯାଇଥିଲା। ଏତଦ୍‌ବ୍ୟତୀତ ଶ୍ରୀମା ଅରବିନ୍ଦ ବିଦ୍ୟାଳୟ ପ୍ରେକ୍ଷାଗୃହରେ 'ନୋ ସେଲଫି ଉଇଥ ୱାଇଲ୍ଡ ଲାଇଫ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଦାସ ସହଯୋଗ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ମନୋରଞ୍ଜନ ମହାନ୍ତିଙ୍କ ସହିତ ସ୍ନେକ ହେଲପ୍ ଲାଇନ ରାଜ୍ୟ ସମ୍ପାଦକ ଲଳିତ ମୋହନ ପଣ୍ଡା ଯୋଗଦେଇ ବନ୍ୟପ୍ରାଣୀଙ୍କ ସହିତ ସେଲଫି କିପରି ପ୍ରାଣଘାତୀ ହୋଇପାରେ ତାହା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିସହିତ ସାପକାମୁଡ଼ାର କିପରି ଉପଚାର କରାଯାଇ ପାରିବ ସେ ବିଷୟରେ ସଚେତନ କରାଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ଶ୍ରୀମା ଶ୍ରୀଅରବିନ୍ଦ ସଂସ୍ଥା ସମ୍ପାଦକ ସଞ୍ଜୟ କର, ପରିଚାଳନା ସଦସ୍ୟ ପ୍ରଭାକର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ରାମଚନ୍ଦ୍ର ବାରିକ, ପ୍ରଦୀପ ବର୍ଦ୍ଧନ, ପ୍ରସନ୍ନ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସୁପରାମର୍ଶ ଦେଇଥିଲେ। ହୃଦାନନ୍ଦ ରାଉତ, ଲକ୍ଷ୍ମୀଧର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସରୋଜ କିଶୋର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ

### ଆଜି ରାଜ୍ୟସ୍ତରୀୟ ସତ୍‌ସଙ୍ଗ କର୍ମୀ ସମ୍ମିଳନୀ ଯୋଗଦେବେ ପୂଜନୀୟ 'ବାବାଇଦା'



**ଭୁବନେଶ୍ୱର,୧୦।୮(ବ୍ୟୁରୋ):** ସ୍ଥାନୀୟ ସତ୍‌ସଙ୍ଗ ବିହାରଠାରେ ରବିବାର ରାଜ୍ୟସ୍ତରୀୟ ସତ୍‌ସଙ୍ଗ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସତ୍‌ସଙ୍ଗର ପ୍ରଶାସକ ପୂଜନୀୟ ଅର୍କଦ୍ୟୁତି ଚକ୍ରବର୍ତ୍ତୀ 'ବାବାଇଦା'ଙ୍କର ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ସତ୍‌ସଙ୍ଗର ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦକ୍ରମେ ଆସନ୍ତା ନଭେମ୍ବର ୧୭ରେ ଏଠାରେ ରାଜ୍ୟସ୍ତରୀୟ 'ସୁଧା-ସର୍ଜନା' ମହୋତ୍ସବ ଅନୁଷ୍ଠିତ ହେବ। ସତ୍‌ସଙ୍ଗ ବିହାରଠାରେ ରବିବାର ସକାଳେ 'ବାବାଇଦା' ପହଞ୍ଚିବା ପରେ ପ୍ରଥମେ ସ୍ୱସ୍ତ୍ୟୟନୀ ବ୍ରତ ପ୍ରଦାନ କରିବେ। ତତ୍‌ପରେ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ସମ୍ମିଳନୀରେ ଯୋଗଦେଇ ଉକ୍ତ ମହୋତ୍ସବର ସଫଳ ରୂପାୟନ ଲାଗି କର୍ମୀମାନଙ୍କୁ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଥିବା ସତସଙ୍ଗ ବିହାର ପକ୍ଷରୁ ସୂଚିତ କରାଯାଇଛି।

### ସ୍ତନ୍ୟପାନ ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୧୦।୮:** ଶୈଳବାଳା ମହିଳା ମହାବିଦ୍ୟାଳୟରେ ଇନରହ୍ୱିଲ କଟକ ସେଣ୍ଟ୍ରାଲ କ୍ଲବ ପକ୍ଷରୁ ସ୍ତନ୍ୟପାନ ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡା. ବୀଣାପାଣି ତ୍ରିପାଠୀ ଯୋଗଦେଇ ସ୍ତନ୍ୟପାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଚିନ୍ମୟୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମା'ର ଯତ୍ନନେବା ସହ ଶିଶୁମାନଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଲବ ସଭାନେତ୍ରୀ ସୁଚିତ୍ରା ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସବିତା ଖଣ୍ଡେଇ, ବୀଣାପାଣି ମହାପାତ୍ର, ମଞ୍ଜୁ ନାୟକ, ମାନସୀ ମିଶ୍ର, ପଦ୍ମଜା ତ୍ରିପାଠୀ, ଇନ୍ଦିରା ଅରୋରା, ଇତି ପ୍ରସାଦ ଓ ପଲ୍ଲବୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦିକା ସୁବର୍ଣ୍ଣ ପରିଜା ଧନ୍ୟବାଦ ଦେଇଥିଲେ।

### ସଚେତନତା କର୍ମଶାଳା

**କଟକ ଅଫିସ, ୧୦।୮:** କଳିଙ୍ଗ ସେବା ସଂଘ ପକ୍ଷରୁ ସ୍ଥାନୀୟ ୟଙ୍ଗ ମେନ କ୍ରୀଷ୍ଟିଆନ ଆସୋସିଏସନ (ୱାଇଏମ୍‌ସିଏ)ଠାରେ ଶନିବାର ଏଲ୍‌ପିଜି ସିଲିଣ୍ଡରର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଲ୍‌ପିଜି ସିଲିଣ୍ଡରର ବ୍ୟବହାର ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଆସୋସିଏସନ ସମ୍ପାଦକ ସୁବୋଧ ମହାରଣା ଯୋଗଦେଇ ସୁରକ୍ଷିତ ଭାବରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ଡାନିଏଲ ନାୟକ, ଅଭିଜିତ ଦାସ ବିହାରୀ, ଆଡଭୋକେଟ ସେଖ୍ ଅଖମଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ପାଲା ମହୋତ୍ସବ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୧୦।୮(ଡି.ଏନ୍.ଏ.):** ଐତିହାସିକ ସତ୍ୟନାରାୟଣ ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସତ୍ୟନାରାୟଣ ପାଲା ସମିତି ପକ୍ଷରୁ ସତ୍ୟନାରାୟଣ ପୂଜା ମଣ୍ଡପରେ ସମିତି ଉପସଭାପତି ଲିଙ୍ଗରାଜ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମିତିର ସମସ୍ତ ସଦସ୍ୟ ଓ ଉପଦେଷ୍ଟାବୃନ୍ଦ ଯୋଗଦେଇ ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ପାଲା ମହୋତ୍ସବକୁ ଆଡମ୍ବରରେ ପାଳନ କରିବାପାଇଁ ନିଷ୍ପତ୍ତି ନେଇଥିଲେ। ଅଗଷ୍ଟ ୨୪ ରୁ ଆରମ୍ଭ ହୋଇ ଏହି ପାଲା ମହୋତ୍ସବ ୧୬ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ପାଲା ମହୋତ୍ସବରେ ପାଲା ଗାୟକ ବିରଞ୍ଚି ନାରାୟଣ ତ୍ରିପାଠୀ, ଲମ୍ବୋଦର ବେହେରା, ମାନସ ରଞ୍ଜନ କର, ଜୟଚନ୍ଦ୍ର ବଡ଼ଦଳେଇ ପ୍ରମୁଖ ଯୋଗଦେଇ ପ୍ରତି ସନ୍ଧ୍ୟାରେ ପାଲା ପରିବେଷଣ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ■ ନିଶ୍ଚିନ୍ତକୋଇଲି ବ୍ଲକରେ ସରିପାରୁନି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ

# ଭଡ଼ା ଘର, କମ୍ୟୁନିଟି ସେଣ୍ଟରରେ ଚାଲିଛି ପାଠପଢ଼ା

**ନିଶ୍ଚିନ୍ତକୋଇଲି,୧୦।୮(ସ୍ୱ.ପ୍ର.)**

■ପୂର୍ଣ୍ଣାଙ୍ଗ ହୋଇମଧ ୬ଟି ଗୃହ ହସ୍ତାନ୍ତର କରାଯାଉନାହିଁ

■୮୦ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ

ମା' ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ସମନ୍ୱିତ ଶିଶୁ ବିକାଶ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କିନ୍ତୁ କେତେକ ସ୍ଥାନରେ ଭିତ୍ତିଭୂମିର ଅଭାବ ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ସରକାରଙ୍କ ଏହି ଆଭିମୁଖ୍ୟ ସଫଳ ହୋଇ ପାରୁନାହିଁ। ଯାହା ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ। ଏହି ବ୍ଲକ ପାଇଁ ସରକାର ୨୨୧ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ବ୍ୟୟବରାଦ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ମାତ୍ର ୯୫ଟି କେନ୍ଦ୍ର ନିଜସ୍ୱ ଗୃହରେ ଚାଲୁଛି। ସେଥିରୁ ୮୦ଟିରେ ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ଅନେକ ସ୍ଥାନରେ ପିଲା ସ୍କୁଲ ପିଣ୍ଡା, ଭଡ଼ାଘର ଓ କମ୍ୟୁନିଟି ସେଣ୍ଟରରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକ ଚିନ୍ତା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ଶିଶୁ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସରକାର ମଧ ଅଙ୍ଗନୱାଡ଼ି କେନ୍ଦ୍ର ମାଧମରେ ଗର୍ଭସ୍ଥ ଶିଶୁ, ମା'ଓ ୩ ବର୍ଷରୁ ୬ ବର୍ଷ ପିଲାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ସେମାନଙ୍କ ଯତ୍ନ ନେବାର ବ୍ୟବସ୍ଥା କରିଛନ୍ତି। ବ୍ଲକରେ ୨୫ଟି ମିନି ଅଙ୍ଗନୱାଡ଼ି ଓ ୨୩୪ ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଶାଇ ମୋଟ ୨୫୯ଟି କେନ୍ଦ୍ର ରହିଛି। ସେଥିରୁ ୯୫ କେନ୍ଦ୍ରର ସ୍ଥାୟୀ ଗୃହ ଥିବା ବେଳେ ୧୪୪ଟି ସ୍କୁଲରେ, ୨୭ଟି ଭଡ଼ାଘରେ ଓ ୨୩ଟି କମ୍ୟୁନିଟ୍ ସେଣ୍ଟରରେ ଚାଲୁଛି। ସମସ୍ତ କେନ୍ଦ୍ରରେ ୩ରୁ୬ ବର୍ଷ ମଧରେ ୨୧୬୦ ଛାତ୍ରୀ ଓ ୨୦୮୬ ଛାତ୍ର ପାଠ ପଢୁଛନ୍ତି। ପରିତାପର ବିଷୟ ୬ଟି ଅଙ୍ଗନୱାଡ଼ି କେନ୍ଦ୍ର ଯଥା ଛନ୍ଦା ଅଙ୍ଗନୱାଡ଼ି କେନ୍ଦ୍ର, ଏକରୁଖି, ଜଗନ୍ନାଥପୁର-୨, ହଳଧରପୁର, ଓରିକଣ୍ଡା ଓ ପୁରୁଣାପାରି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଥିଲେ ହେଁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୦-୧୧ ଆର୍ଥିକ ବର୍ଷ ପୂର୍ବରୁ ୧୭ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅନୁଦାନ ଆସିଥିବାବେଳେ ୨୦୧୦-୧୧ରେ ୧, ୨୦୧୧-୧୨ରେ ୧୬ , ୨୦୧୨-୧୩ରେ ୧୭, ୨୦୧୩-୧୪ରେ ୩୮, ୨୦୧୪-୧୫ରେ ୮, ୨୦୧୫-୧୬ରେ ୮, ୨୦୧୬-୧୭ରେ ୪୧, ୨୦୧୭-୧୮ରେ ୭ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୬୮ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ସରକାରୀ ଅନୁଦାନ ଆସିଛି। ସେଥିରୁ ୧୦୧ କେନ୍ଦ୍ର କାର୍ଯ୍ୟ ଶେଷ ହୋଇଥିବା ବେଳେ ୫୨ଟି ଘର ଅଧାପାନ୍ତରିଆ ହୋଇ ପଡିରହିଛି। ୬୮ଟି ଘର ବିଭିନ୍ନ କାରଣରୁ ଆରମ୍ଭ ହୋଇନାହିଁ। ପଞ୍ଚାୟତ ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ବିଦ୍ୟୁତ୍ ସଂଯୋଗ କରିବାର ବ୍ୟବସ୍ଥା ଥିଲେ ହେଁ ପୂର୍ଣ୍ଣାଙ୍ଗ ହୋଇଥିବା ୧୦୧ ଗୃହ ମଧ୍ୟରୁ ୮୦ଟିରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ସରକାର ଦେଉଥିବା ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀକୁ ସଂରକ୍ଷଣ କରି ରଖିବା ପାଇଁ ଅସୁବିଧା ହେଉଛି। ଏବେ ବର୍ଷାଦିନ ସତ୍ତ୍ୱେ କେତେଜଣ ପିଲା ସ୍କୁଲ ପିଣ୍ଡା, ବାତ୍ୟା ଆଶ୍ରୟସ୍ଥଳ ଓ କ୍ଲବ ପିଣ୍ଡାରେ ବସି ପାଠ ପଢୁଛନ୍ତି। ସରକାର ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକୁ ପୂର୍ଣ୍ଣାଙ୍ଗ କଲେ ତାଙ୍କ ଆଭିମୁଖ୍ୟ ଫଳପ୍ରଦ ହେବ ବୋଲି ବହୁ ବୁଦ୍ଧିଜୀବି ମତ ରଖିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ସିଡିପିଓ ନୀଳାବତୀ ସେଠୀଙ୍କୁ ପଚାରିବାରେ ସେ କହିଥିଲେ, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାୟୀ ଗୃହ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନର ଦାୟିତ୍ୱ। ସେମାନେ ଯେତେ ଶୀଘ୍ର ଗୃହ ନିର୍ମାଣ ଶେଷ କରି ଆମକୁ ହସ୍ତଗତ କରାଇବେ ଆମେ କେନ୍ଦ୍ର ଚଳାଇବୁ। ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁଙ୍କୁ ପଚାରିବାରେ ସେ କହିଥିଲେ, ଅଙ୍ଗନୱାଡି କେନ୍ଦ୍ର ଗୁଡିକର ସ୍ଥାୟୀ ଗୃହ ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। କିଛି ସ୍ଥାନରେ ଜମି ଓ ସାଇଟ ସିଲେକ୍ସନ ହୋଇ ନ ଥିବାରୁ ବିଳମ୍ବ ହେଉଛି। ତଥାପି କାର୍ଯ୍ୟ ଶୀଘ୍ର ସାରିବାକୁ ଆମେ ଉଦ୍ୟମ ଜାରି ରଖିଛୁ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ ଶେଷ ହେଉଛି।

### ପକ୍କାଘର ସର୍ଭେରେ ଅନିୟମିତତା ଅଭିଯୋଗ

**କଟକ ସଦର,୧୦।୮(ଡି.ଏନ୍.ଏ.)**

ପକ୍କାଘର ହିତାଧିକାରୀ ତାଲିକା ପ୍ରସ୍ତୁତ ଲାଗି କଟକ ସଦର ବ୍ଲକର ୨୩ ପଞ୍ଚାୟତରେ ସର୍ଭେ ଆରମ୍ଭ ହୋଇଛି। ଏହି ସର୍ଭେ ବେଳେ ସରକାରୀ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ କଥାରେ ପ୍ରଭାବିତ ହୋଇ ବେଆଇନ କାର୍ଯ୍ୟ କରୁଥିବା ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନିକଟରେ ଅଭିଯୋଗ ହୋଇଛି। ୨୦୦୦-୨୦୧୯ ମାର୍ଚ୍ଚ ସୁଦ୍ଧା ଇନ୍ଦିରା ଆବାସ, ମୋ କୁଡ଼ିଆ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ତାଲିକା ବ୍ଲକ କାର୍ଯ୍ୟାଳୟରୁ ଗାଏବ ହୋଇଯାଇଥିବା କୁହାଯାଉଛି। ଫଳରେ କେତେଜଣ ଲୋକ ଦ୍ୱିତୀୟ ଥର ପାଇଁ ପକ୍କା ଘର ପାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। କେତେଜଣ ଲୋକ ନାମ ବଦଳାଇ ହିତାଧିକାରୀ ତାଲିକାରେ ରହିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସର୍ଭେରେ ଚାଲିଥିବା ଅନିୟମିତତାକୁ ରୋକିବା ପାଇଁ ବିଧାୟକ ବେହେରାଙ୍କୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ କଟକ ସଦର ବିଡିଓଙ୍କ ସହ କଥା ହୋଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।




ଛୁଟି ଦିବସରେ କାର୍ଯ୍ୟ କରିବାକୁ ବାଧ କରାଯାଉଥିବା ପ୍ରତିବାଦରେ ଶନିବାର କଟକ ବିକାଶ ଭବନ ପରିସରରେ ମ୍ୟାଲେରିଆ ନିରୋଧ ବିଭାଗ ମଜଦୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

### କଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ଅଧିକାର ସଂକ୍ରାନ୍ତ ଆଲୋଚନା

**କଟକ ଅଫିସ,୧୦।୮**

କଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷିତ ରହୁ। ଏ ନେଇ ଶନିବାର ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ସମତା ମଞ୍ଚ ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଚିତ୍ତରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଜମ୍ମୁ, କଶ୍ମୀର ଓ ଲଦାଖ ଅଞ୍ଚଳ ଯେ ସ୍ୱାଧୀନ ଭାରତର ଅବିଚ୍ଛେଦ ଅଙ୍ଗ। ଅବିଭକ୍ତ କଶ୍ମୀର ସ୍ୱାଧୀନ ଭାରତର କେବଳ ମଥାମଣି ନୁହେଁ ଭାରତୀୟ ଧର୍ମନିରପେକ୍ଷ ଓ ଭାଇଚାରାର ପ୍ରତୀକ। ଦେଶ ବିରୋଧରେ ହେଉଥିବା ଷଡ଼ଯନ୍ତ୍ରକୁ ଲୋକଲୋଚନକୁ ଆଣିବା ଆବଶ୍ୟକତା ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଏହି ସଭାରେ ଦ୍ୱାରିକାନାଥ ରଥ, କୃଷ୍ଣଚନ୍ଦ୍ର ପାତ୍ର, ଡ. ବିଶ୍ୱାବସୁ ଦାସ, ପ୍ରଶାନ୍ତ ଦାସ, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ଡଲି ଦାସ, ଲକ୍ଷ୍ମୀ ମହାନ୍ତି, ଉମାବତୀ ସାମଲ, ମନୋରଞ୍ଜନ ଦାସ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ପ୍ରତାପ ମିଶ୍ର, ଗୀତା ଦାସ, ଏସ୍.ଆର ଅହମ୍ମଦ, ଇଂ. ରମାକାନ୍ତ ପ୍ରଧାନ, ଇନ୍ଦୁଭୂଷଣ ବେହେରା, ସିଦ୍ଧାର୍ଥ ରଥ, ମନୋସିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

### ଗାଧୋଇବାବେଳେ କାଠଯୋଡ଼ିରେ ଭାସିଗଲେ ଯୁବକ

**କଟକ ଅଫିସ, ୧୦।୮**

ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳର କାଠଯୋଡୀ ନଦୀରେ ଗାଧୋଇବାବେଳେ ଶନିବାର ଜଣେ ଯୁବକ ଭାସିଯାଇଛନ୍ତି। ସେ ହେଲେ ଖାନ୍‌ନଗର ଗୁରୁସାହିର କେଶବ ଗୁରୁ(୨୪)। ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା କେଶବଙ୍କ ପତ୍ତା ମିଳିପାରି ନ ଥିବା ବାଦାମବାଡି ଥାନା ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ଦିନ ମଜୁରିଆ ଭାବେ କାମ କରୁଥିବା କେଶବ ସକାଳ ପ୍ରାୟ ୮ଟାରେ କାଠଯୋଡ଼ି ନଦୀର ଚନ୍ଦନ ଘାଟ କୂଳକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ହଠାତ କେଶବ ପାଣି ସୁଅରେ ଭାସି ଯାଉଥିବା କେତେଜଣ ଲୋକ ଦେଖିଥିଲେ। କିଛି ଦିନ ହେବ କାଠଯୋଡ଼ିରେ ବନ୍ୟାଜଳ ପ୍ରବେଶ କରିଥିବାରୁ ପାଣିର ମାତ୍ରା ଅଧିକ ରହିଛି। ଫଳରେ ଲୋକମାନେ କେଶବଙ୍କୁ ବଞ୍ଚାଇବାକୁ ପାଇଁ ପାଣିରେ ପଶିବାକୁ ଡରିଥିଲେ। ଏ ନେଇ ସେମାନେ କେଶବଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗ ଓ ବାଦାମବାଡି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଦୀର୍ଘ ସମୟ ଧରି ଖୋଜା ଖୋଜି କରିଥିଲେ ମଧ କେଶବଙ୍କୁ ଖୋଜି ପାଇନାହାନ୍ତି। ସୂଚନାଥାଉ କି, ୨୦୧୬ରେ ଏହି ଘାଟରେ ଜଣେ ଭାସି ଯାଉଥିବାବେଳେ କେଶବ ତାଙ୍କୁ ଉଦ୍ଧାର କରି ସାହାସିକତାର ଉଦାହରଣ ସୃଷ୍ଟି କରିଥିଲେ।



ଅଗ୍ନିଶମ କର୍ମଚାରୀମାନେ ନିଖୋଜ ଯୁବକଙ୍କୁ ଖୋଜୁଛନ୍ତି।

## କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ

**କଟକ ଅଫିସ,୧୦।୮**

କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ ଶନିବାର କେନ୍ଦ୍ରର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ୟାଟ୍‌ର ପୂର୍ବତନ ଅଧକ୍ଷ ମନୋରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ କଳା ବିକାଶ କେନ୍ଦ୍ର ବଞ୍ଚାଇ ରଖିଛି। ଓଡ଼ିଶୀ ନୃତ୍ୟକୁ ବିଶ୍ୱ ପ୍ରସିଦ୍ଧ କରିବାରେ କେନ୍ଦ୍ର ଅନେକ ଅବଦାନ ରହିଛି ବୋଲି ସେ କହିଥିଲେ। କେନ୍ଦ୍ରର ସଭାପତି ଅନାଦି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀର ସଚିବ ବିଜୟ କୁମାର ଜେନା ଯୋଗଦେଇ କହିଥିଲେ, କଳା ବିକାଶ କେନ୍ଦ୍ର ସମଗ୍ର ଓଡିଆ ଜାତିର ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିଆସୁଛି। ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କେନ୍ଦ୍ରର ଉନ୍ନତି ପାଇଁ ସହଯୋଗ କରାଯିବ। ମୁଖ୍ୟବକ୍ତା ଭାବେ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦ୍ରର ପରଫରମିଂ ଗ୍ରୁପ ଓ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ଉପସଭାପତି ରାଧାମୋହନ ସାହୁ, ଇନ୍ଦ୍ରାଣୀ ମାଲ, ଏ. ନାରାୟଣ ରାଓ, ସ୍ନେହା ମିଶ୍ର, ଦେବେନ୍ଦ୍ର କୁମାର ଦାସଙ୍କ ସମେତ କେନ୍ଦ୍ର ସମସ୍ତ ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କେନ୍ଦ୍ରର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ପ୍ରଦାନ ଓ ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଜାତୀୟ ଶିକ୍ଷାନୀତି-୨୦୧୯ ଆଲୋଚନାଚକ୍ର

**କଟକ ସଦର,୧୦।୮(ଡି.ଏନ୍.ଏ.)**

ଜାତୀୟ ଶିକ୍ଷାନୀତି-୨୦୧୯ ଆଲୋଚନାଚକ୍ର ଶୁକ୍ରବାର କନ୍ଦରପୁର ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରାଧାପକ ବିଜୟ କୁମାର ପାତ୍ର ୪୮୪ ପୃଷ୍ଠାର କେନ୍ଦ୍ର ସରକାରଙ୍କର ଚିଠା ଶିକ୍ଷାନୀତିକୁ ଓଡ଼ିଆରେ ପାଠ କରିଥିଲେ। ଏହା ପରେ ପ୍ରାଧାପିକା ଡ. ସ୍ମିତା ମହାନ୍ତି, ଡ. ଝରଣା ମହାନ୍ତି, ଈଶ୍ୱର ଚନ୍ଦ୍ର ପ୍ରଧାନ, ଜ୍ୟୋତିର୍ମୟୀ ଜେନା ଶିକ୍ଷାନୀତି ଉପରେ ସ୍ୱ-ଲିଖିତ ସନ୍ଦର୍ଭ ପାଠ କରିଥିଲେ। ବରିଷ୍ଠ ପ୍ରଧାପକ ଅଜିତ୍ କୁମାର ମହାନ୍ତି, ଅଶୋକ କୁମାର ମହାନ୍ତି ଓ ଅଲେଖ ଚନ୍ଦ୍ର ସାହୁ ଶିକ୍ଷାନୀତି ଦ୍ୱାରା ଛାତ୍ରୀଛାତ୍ରଙ୍କ ସୁବିଧା ଓ ସମସ୍ୟା ଉପରେ ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ଦୁଃଶାସନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡିଏଭି ସ୍କୁଲରେ ଶପଥ ପାଠ ଉତ୍ସବ

**କଟକ ଅଫିସ,୧୦।୮**

ରାଜାବଗିଚାସ୍ଥିତ ଡିଏଭି ସ୍କୁଲରେ ଶପଥ ପାଠ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ଦାସ ଏଥିରେ ଅଧକ୍ଷତା କରି ନୂତନ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଭାବେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ଦିଗରେ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଅଷ୍ଟମ ଶ୍ରେଣୀର ଛାତ୍ର ଓମ୍ ପ୍ରକାଶ ଦାଶ ହେଡ ବୟ ଓ ଶୀତଳ ମହେକ ରାଉତରାୟ ହେଡ ଗାର୍ଲ ଭାବେ ଶପଥ ନେଇଥିଲେ। ବିଦ୍ୟାଳୟର କେତେକ ଛାତ୍ରୀଛାତ୍ର ଆସିଷ୍ଟାଣ୍ଟ ଲିଡର ଓ ଅନ୍ୟ ପଦବୀରେ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଇରାବତୀ ପତି, କାଜଲ ମିଶ୍ର, ସରିତା ମହାନ୍ତି, ମନଶ୍ରୀ ମହାନ୍ତି ସେମାନଙ୍କ ହାଉସର ସଦସ୍ୟମାନଙ୍କୁ ବ୍ୟାଜ୍ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୋମା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇପ୍‌ସିତା ଦାସ ଧନ୍ୟବାଦ ଦେଇଥିଲେ।



ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରଦୀପ ଜାଳି ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

### ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ

**କଟକ ସଦର,୧୦।୮(ଡି.ଏନ୍.ଏ.)**

ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାତଜ୍ୱର ନିରାକରଣ ଉପରେ ଏକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବେଣ୍ଟକାର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇଥିଲେ। ବାତଜ୍ୱର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସିଡିଏମ୍‌ଓ. ଡା. ବିଭୁତିଭୂଷଣ ନାୟକ ଓ ଡା. ଗୀତାଞ୍ଜଳି କର ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୪୨ ମୌଜାସ୍ଥିତ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବାତଜ୍ୱର ବଟିକା ସେବନ କରାଯାଇଥିଲା। ପ୍ରାରମ୍ଭରେ ଡା. ଶୁଭାଷିତ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବେଣ୍ଟକାର ସରପଞ୍ଚ ବବିତା ବେହେରା, ବ୍ଲକ ଉପାଧକ୍ଷ ବିଭୂତିଭୂଷଣ ପରିଡା, ସମିତିସଭ୍ୟା ମୀନ ସିଂ, ଜିଲାପରିଷଦ ସଭ୍ୟ ବୀରବର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଡା. ପୁଷ୍ପିତା ପାଲୁର, ସୁଷମା ସ୍ୱାଇଁ ଓ ନିହାରବାଳା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ସବୁ ମଣିଷ ହୃଦୟରେ ଈଶ୍ୱର ବିଦ୍ୟମାନ'



ଜିଲା ପ୍ରତିଷ୍ଠା ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ,୧୦।୮**

ଲାୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ହୋଟେଲରେ ଜିଲା ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମାନବ ସେବା ହିଁ ମାଧବ ସେବା। ଏହା ଭାରତୀୟ ଦର୍ଶନର ମୂଳମନ୍ତ୍ର। ସବୁ ମଣିଷ ହୃଦୟରେ ଈଶ୍ୱର ବିଦ୍ୟମାନ। ଭାରତୀୟ ଦର୍ଶନ କେବେ ପୂର୍ବ ବା ପଶ୍ଚିମ ମଧ୍ୟରେ ତାରତମ୍ୟ ଦେଖିନାହିଁ। ସବୁ ମଣିଷ ଘୃଣାଭାବ ଛାଡି ସମସ୍ତଙ୍କ ସହ ମିଶି ଏକ ହୋଇ କାର୍ଯ୍ୟକରିବା ଦରକାର। ମଣିଷ ଜନ୍ମରେ କିଛି ଉତ୍ତମ କର୍ମ ତାକୁ ସ୍ୱର୍ଗପ୍ରାପ୍ତି କରାଏ। ସେ ଭଗବତ କୃପା ଲାଭ କରେ। ସେହିପରି ଭାବେ ଲାୟନ୍ସ ଇଣ୍ଟରନ୍ୟାଶନାଲ ଅନ୍ତର୍ଜାତିକ ସ୍ତରରେ ସେବା କାର୍ଯ୍ୟ କରି ସୁନାମ ଅର୍ଜନ କରିଛି। ତେଣୁ ମାନବିକତାକୁ ଉଦ୍ଦିଶିତ କରିବା, ଦୂଷିତ ପରିବେଶକୁ ଶୁଦ୍ଧ ଓ ମଧୁମୟ କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଡ. ନୱାଲ ଯେ ମାଲୁ, ମୁଖ୍ୟବକ୍ତା ରଜିତା କୁଲକର୍ନି, ଲାୟନ୍ସ କ୍ଲବ ଜିଲା ଗଭର୍ନର ପ୍ରକାଶ ଜେନା, ପ୍ରଭାତ ମହାନ୍ତି, ପ୍ରଫୁଲ୍ଲ ସାମଲ, ଓମ୍ ପ୍ରକାଶ ଗୁପ୍ତା ଓ ଚନ୍ଦ୍ରଶେଖର ପଟ୍ଟନାୟକ ଯୋଗଦେଇଥିଲେ। ବିରଜା ରାୟ ଓ ସୁନନ୍ଦା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଜେଲ ଗଲେ



**ଖୋର୍ଦ୍ଧା ଅଫିସ,୧୦।୮:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶନିବାର ଜୟମଙ୍ଗଳ ଛକରୁ ୧୧. ୮୦୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ବିକ୍ରି ଅର୍ଥ ୪ ହଜାର ୩୦୦ ଟଙ୍କା ଜବତ କରିଛି। ଏହି ଘଟଣାରେ ଜୟମଙ୍ଗଳ ନୂଆସାହିର ନିରୋଜ କୁମାର ଜେନା ଓରଫ ବାଟି(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ବାଟିଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଜୟମଙ୍ଗଳ ଛକରେ ବ୍ରାଉନସୁଗାର ବିକ୍ରି ଅଭିଯୋଗ ପାଇ ପୋଲିସ ଶନିବାର ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବାଟି ଧରାପଡିଥିଲା। ଥାନା ପକ୍ଷରୁ ୨୧(ବି) ଏନଡିପିଏସ୍ ଆକ୍ଟରେ ନଂ. ୨୪୧/୧୯ରେ ମାମଲା ରୁଜୁ କରାଯାଇଥିଲା।

### ଡକାୟତି ଉଦ୍ୟମ: ୪ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୦।୮:** ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଡକାୟତି ପାଇଁ ଉଦ୍ୟମ କରୁଥିବାବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶୁକ୍ରବାର ରାତିରେ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୨ ଭୁଜାଲି, ୧ କଟୁରି, ଗୋଟିଏ ଲୁହା ରଡ ଜବତ କରିଛି। ଶନିବାର ଜୟମଙ୍ଗଳ ଗାଁର ଦୁଇ ଭାଇ ସୌମ୍ୟରଞ୍ଜନ ହରିଚନ୍ଦନ(୨୧) ଓ ବିଶ୍ୱରଞ୍ଜନ ହରୀଚନ୍ଦନ (୨୨) ଏବଂ ସୌମ୍ୟରଞ୍ଜନ ନରେନ୍ଦ୍ର(୨୩), ମୁକ୍ତାପୁର ସାଗର ପାଇକେରା(୨୫)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ୪ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ୪ ଡକାୟତଙ୍କ ନାଁରେ ଦଫା ୩୯୯, ୪୦୨, ୨୫ ଆର୍ମସ ଆକ୍ଟରେ ନଂ. ୨୪୦/୧୯ରେ ମାମଲା କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା।

### ସ୍ତ୍ରୀଙ୍କ ଘରେ ମାରପିଟ : ଝିଅ ଘରର ୪ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୧୦।୮ (ଡି.ଏନ.ଏ.)-** କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡା ହେବାରୁ ଝିଅଘର ଲୋକେ ସ୍ତ୍ରୀଙ୍କ ଘରେ ପହଞ୍ଚି ମାରପିଟ କରିବା ସହ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଘଟିଛି ଟାଙ୍ଗୀ ପଞ୍ଚାୟତ ବଳରାମପୁର ସାହିରେ। ଉକ୍ତ ସାହିର ପ୍ରଫୁଲ୍ଲ ରାଉତଙ୍କ ପୁଅ ଦିଲ୍ଲୀପ ଜଟଣୀ ଥାନା କୁଦିଆରୀ ଗ୍ରାମରେ ବିବାହ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇ ଆସୁଥିଲା। ଶନିବାର ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡା ଲାଗି ମାରପିଟ୍ ହେବାରୁ ଦିଲ୍ଲୀପଙ୍କ ସ୍ତ୍ରୀ ତାଙ୍କ ବାପଘରକୁ ଫୋନ ଯୋଗେ ଜଣାଇଥିଲେ। ବାପଘର କୁଦିଆରୀ ଗ୍ରାମର ୪/୫ ଜଣ ଯୁବକ ଉତ୍ତ୍ୟକ୍ତ ଅବସ୍ଥାରେ ଆସି ସ୍ଥାନୀୟ ଭଦ୍ର ଲୋକ କିମ୍ବା ଥାନାରେ ନ ଜଣାଇ ଦିଲ୍ଲୀପଙ୍କ ଘରେ ପଶିଥିଲେ। ସେମାନେ ଜିନିଷପତ୍ର ଭଙ୍ଗାରୁଜା କରିବା ସହିତ ଦିଲ୍ଲୀପଙ୍କ ବାପାଙ୍କୁ ଖୁବ୍ ଜୋର୍‌ରେ ବାଡେଇବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ସଙ୍ଗେ ସଙ୍ଗେ ଦିଲ୍ଲୀପ ଟାଙ୍ଗୀ ଥାନାରେ ପହଞ୍ଚି ଲିଖିତ ଭାବେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଟଣୀଥାନା କୁଦିଆରୀ ଗ୍ରାମର ୨ଭାଇ ତପନ ପଟ୍ଟନାୟକ(୨୭) ଓ ଟିଙ୍କନ (୨୪), ସାଗର ରଣସିଂହ (୧୯), ସରୋଜ ମହାରଣା(୩୦) ପ୍ରମୁଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ୨୧୭/୧୯ ମାମଲା ରୁଜୁ ହୋଇ ତଦନ୍ତ ଚାଲୁରହିଛି।

### ଲୋକ ଅଦାଲତ

**ଟାଙ୍ଗୀ (ଖୋର୍ଦ୍ଧା), ୧୦।୮ (ଡି.ଏନ.ଏ.)-** ଟାଙ୍ଗୀସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଶନିବାର ଲୋକ ଅଦାଲତ ବିଚାରପତି ଶାଶ୍ୱତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୨୬ ମୋଟରଯାନ ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧୪,୬୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି। ଏହି ଲୋକ ଅଦାଲତରେ ସଂଘର ସଭାପତି ନକୁଳ ନାୟକ, ସମ୍ପାଦକ ସ୍ୱସ୍ତିକ ରଥ, ସରକାରୀ ଓକିଲ ନିରଞ୍ଜନ ଦାସ, ଭାସ୍କର ପ୍ରସାଦ ଦାସ, ଅଶ୍ୱିନୀ କୁମାର ଦାସ ପ୍ରମୁଖ ଆଇନଜୀବୀଙ୍କ ସମେତ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

■ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ

# ଆଣ୍ଠୁଏ ପାଣିରେ ଯାଉଛନ୍ତି ଛାତ୍ରୀଛାତ୍ର

**ନିରାକାରପୁର,୯।୮(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ସରକାରୀ ଏକାଡେମୀ(ଉଚ୍ଚ ବିଦ୍ୟାଳୟ) ଏବେ ଜଳ ଘେର ମଧରେ ରହିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟିହୋଇଛି। ସୂଚନାଯୋଗ୍ୟ, ୧୯୪୮ମସିହାରେ ଏହା ସ୍ଥାପିତ ହୋଇ ଦୀର୍ଘ ୭୦ ବର୍ଷ ବିତି ଯାଇଥିଲେ ମଧ ବର୍ତ୍ତମାନ ଏହାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିସର ମଧରେ ଆଣ୍ଠୁଏ ପରିମାଣର ବର୍ଷା ଜଳ ଜମାହୋଇ ରହିଥିବା ଯୋଗୁ ଶିକ୍ଷୟିତ୍ରୀ/ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକମାନେ ଯାତାୟାତବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ପୂର୍ବରୁ ଏଠାରେ ପାଣି ଜମାରହି ଅସ୍ୱାସ୍ଥ୍ୟକର ପରିବେଶ ଓ ସମସ୍ୟା ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ସରପଞ୍ଚଙ୍କ ଦାୟିତ୍ୱରେ ରାସ୍ତାରେ ଡଷ୍ଟ ଓ ମୋରମ୍ ବିଛାଯାଇଥିଲା। ଏଥିଯୋଗୁ ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟମାନେ କିଛିଦିନ ସୁବିଧାରେ ଯାତାୟାତ କରିପାରିଥିଲେ। ତେବେ ବିଦ୍ୟାଳୟ ନିକଟରେ ଡ୍ରେନେଜ ସୁବିଧା ନ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରି ନ ଥିଲା। ଡଷ୍ଟ ଓ ମୋରମ ମଧ ଧୋଇ ହୋଇଯାଇଥିଲା। ଫଳରେ ବିଦ୍ୟାଳୟ ପରିସର ଖାଲୁଆ ଅଞ୍ଚଳରେ ପରିଣତ ହୋଇ ଦୀର୍ଘଦିନ ଧରି ପାଣି ଜମା ହେବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଏହି ଦୂଷିତ ଜଳ ମଧ ଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହକୁ ଯିବାକୁ ପଡୁଛି। ଶ୍ରେଣୀଗୃହକୁ ଯିବାବେଳେ ଓଦା ହୋଇଯିବା ଯୋଗୁ କେତେଜଣ ପିଲା ସ୍କୁଲ ନ ଯାଇ ଘରକୁ ଫେରୁଥିବା ମଧ ଦେଖିବାକୁ ମିଳୁଛି। ଉକ୍ତ ସମସ୍ୟା ନେଇ ପ୍ରଧାନ ଶିକ୍ଷକ ଉଦୟ ନାଥ ତ୍ରିପାଠୀ କହିଛନ୍ତି, ଉତ୍ତର ପଟେ ଏବେ ଗୋଟିଏ ଗେଟ୍ ନିର୍ମାଣ ହୋଇଛି। ଏଠାରୁ କେହି ମାଟି, ପଥର ଆଦି ହାଣି ଦେବା ଫଳରେ ସ୍ଥାନଟି ଖାଲୁଆ ହୋଇ ବିଦ୍ୟାଳୟକୁ ପାଣି ପ୍ରବେଶ କରୁଛି। ବାହାର ଅଞ୍ଚଳର ପାଣି ସ୍କୁଲ ମଧକୁ ପ୍ରବେଶ କରି ଜମା ହୋଇରହୁଛି। ଏ ବର୍ଷ ଡ୍ରେନେଜ୍ ବ୍ୟବସ୍ଥା କରାଯିବ। ତେବେ ସରକାରୀ ନିୟମାନୁସାରେ ଏହି ସବୁ କାର୍ଯ୍ୟ ପଞ୍ଚାୟତ ଅଧୀନରେ ଥିବାରୁ ସେମାନେ ଉକ୍ତ କାର୍ଯ୍ୟ କରିବେ। ତେବେ ଏ ନେଇ ମୁଁ ଚେୟାରମ୍ୟାନଙ୍କ ସହିତ ଆଲୋଚନ କରି ପଦକ୍ଷେପ ନେବି ବୋଲି ତ୍ରିପାଠୀ ସୂଚନା ଦେଇଥିଲେ।



ଜଳ ଘେରରେ ଥିବା ବିଦ୍ୟାଳୟ।

■ ଭାଜପାର ସଦସ୍ୟତା ଗ୍ରହଣ ଅଭିଯାନର ଏପାଖ ସେପାଖ

# ମଞ୍ଚରେ ନ ଥିଲା ଆଲୋକ ବ୍ୟବସ୍ଥା

**ଖୋର୍ଦ୍ଧା ଅଫିସ,୧୦।୮:**

ଖୋର୍ଦ୍ଧାର ଗୀତା ଭବନ ପଡିଆରେ ଶନିବାର ଆୟୋଜିତ ଭାଜପାର ସଦସ୍ୟତା ଗ୍ରହଣ ଅଭିଯାନ ପର୍ବରେ କେନ୍ଦ୍ରୀୟ ଉପସଭାପତି, କେନ୍ଦ୍ରୀୟ ସଦସ୍ୟତା ପ୍ରମୁଖ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗ ଦେଇଥିଲେ। ତେବେ ମଞ୍ଚରେ ଆଲୋକ ବ୍ୟବସ୍ଥା କରାଯାଇ ନ ଥିଲା। ଅପରାହ୍ଣ ୪ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପାଇଁ ଘୋଷଣା ହୋଇଥିଲା। ୪୫ ମିନିଟ୍ ବିଳମ୍ବରେ ହେଲାବେଳେ ମଞ୍ଚ ଅନ୍ଧାରରେ ରହିଥିଲା। କାର୍ଯ୍ୟକ୍ରମ ଅନ୍ଧାରରେ ହୋଇଥିଲା। ହଇରାଣ ହୋଇଥିଲେ ଗଣମାଧ୍ୟମର ପ୍ରତିନିଧିମାନେ। ଫଟୋ ଓ ଭିଜୁଆଲ ସଂଗ୍ରହ କରିବାରେ ଅସୁବିଧା ହୋଇଥିଲା।

## ସେଲ୍ଫି ପାଇଁ ଭିଡ

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚୌହାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ସହ ସେଲ୍‌ଫି ନେବାକୁ ମଞ୍ଚରେ ଭିଡ ହୋଇଥିଲା। ଭାଜପା ନେତା ଓ ଆଗଧାଡିର କର୍ମୀମାନେ ଚା ପିଇବା ସମୟରେ ଭିଡ ଜମାଇଥିଲେ। ଅନ୍ୟପକ୍ଷେ ସଭାରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚୌହାନ, ଭୁବନେଶ୍ୱର ଏମ୍‌ପି , ଭାଜପା ରାଜ୍ୟ ସଭାପତି କେବଳ ଭାଷଣ ଦେଇଥିଲେ। ଅନ୍ୟମାନେ କେବଳ ମଞ୍ଚାସୀନ ଥିଲେ। ୩୭୦ ଧାରା ଉଚ୍ଛେଦ ସମ୍ପର୍କରେ ମହିଳା ଚିତ୍ରକର ବବିତା ନାୟକ ଭାରତ ମାନଚିତ୍ର ସହ ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଫଟୋଚିତ୍ରର ଉପହାର ଚୌହାନଙ୍କୁ ଦେଇଥିଲେ। ସେହିଭଳି ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏମ୍‌ପିଙ୍କୁ ଅନୁରୂପ ଫଟୋଚିତ୍ର ପ୍ରଦାନ କରିଥିଲେ।

## ପାଉଚ୍ ପାଣିରୁ ଖର୍ଚ୍ଚ କାଟ ଅଭିଯାନ

ଭାଜପାର ସଦସ୍ୟତା ଅଭିଯାନ ଗ୍ରହଣ ପର୍ବରେ କର୍ମୀ ଓ ସମର୍ଥକମାନଙ୍କୁ ପାଉଚ୍ ପାଣି ଦେବା ଉଦ୍ଦେଶ୍ୟରେ କିଛି ପାଉଚ୍ ପାଣି ବସ୍ତା ମଞ୍ଚ ନିକଟରେ ରଖାଗଲା। ସମସ୍ତେ ଭାଜପାର ସଦସ୍ୟତା ଅଭିଯାନ ଗ୍ରହଣ ପର୍ବରେ ସମୟ ଦେଲେ। ହେଲେ କର୍ମୀ ଓ ସମର୍ଥକମାନଙ୍କୁ ପାଉଚ୍ ପାଣି ଦେବାକୁ ଭୁଲିଗଲେ। ଶେଷର ମଞ୍ଚ ପାଖରୁ ପୁଣି ପାଉଚ୍ ପାଣି ବସ୍ତାକୁ ନେଇ ଦୋକାନକୁ ଫେରାଇ ଦିଆଗଲା। ପାଉଚ୍ ପାଣିରୁ ଖର୍ଚ୍ଚ କାଟ ଅଭିଯାନ ଆରମ୍ଭ ହେଲା ସତ ହେଲେ କର୍ମୀ ଓ ସମର୍ଥକ ପାଣି ବି ଟିକିଏ ପାଇଲେ ନାହିଁ।

## ଫୋକସ୍‌ରେ କମ ଭୋଟ ମିଳିଥିବା ବୁଥ

ମିଶନ ୧୨୦ ଫ୍ଲପ ହେବା ପରେ ଓଡ଼ିଶାର ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ଭାଜପା ଯୋଜନା ଆରମ୍ଭ କରିଛି। ରାଜ୍ୟର ସବୁ ବୁଥ୍‌ରେ କମିଟି ଗଠନ କରି ନିଜ ଉପସ୍ଥିତି ଜାହିର କରାଯିବ। ଫୋକସରେ ରଖାଯାଇଛି ଗତ ସାଧାରଣ ନିର୍ବାଚନରେ ନିର୍ବାଚନରେ କମ ଭୋଟ ମିଳିଥିବା ବୁଥ୍। କମ୍ ଭୋଟ ମିଳିଥିବା ବୁଥ୍‌କୁ ଚିହ୍ନଟ କରି ସ୍ୱତନ୍ତ୍ର ରଣନୀତି ଜରିଆରେ କାମ କରାଯିବ। ସଦସ୍ୟତା ସଂଗ୍ରହ ଅଭିଯାନର ରାଷ୍ଟ୍ରୀୟ ପ୍ରଭାରୀ ଚୌହାନ ଶନିବାର ଦଳର ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

■ ଜଟଣୀ ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବ

# ଲେଖକ ନିଜର ମୌଳିକତା ବଜାୟ ରଖନ୍ତୁ



ବାର୍ଷିକ ଉତ୍ସବରେ ଅତିଥିମାନେ ସାହିତ୍ୟ ସଂସଦର ମୁଖପତ୍ର ଚିହ୍ନକୁ ଉନ୍ମୋଚନ କରୁଛନ୍ତି।

**ଜଟଣୀ,୧୦।୮(ଡି.ଏନ.ଏ.):**

ଜଟଣୀ ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ଘରୋଇ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଅଧକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ଶତ୍ରୁଘ୍ନ ପାଣ୍ଡବ, ଘରୋଇ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଜଗନ୍ନାଥ ପାଢ଼ୀ, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଚୀନ ଓ ପାରମ୍ପରିକ କବିତାର ଧାରା ଓ ସ୍ୱରୂପ ଉପରେ ଆଲୋଚନା କରିଥିଲେ। ପାରମ୍ପରିକ, ପାଶ୍ଚାତ୍ୟ, ପ୍ରଗତିବାଦୀ, ଛନ୍ଦ, ସନେଟ୍ – ଛନ୍ଦ ମିଶ୍ରିତ କବିତାର ଧାରା, ଶୈଳୀ ଓ ଚିନ୍ତନ ଆଦି ଉପରେ ବିସ୍ତୃତ ଭାବେ ଅତିଥିମାନେ କହିଥିଲେ। ପୂର୍ବରୁ ଲେଖାର ମୌଳିକ ଭଙ୍ଗିରୁ ଲେଖକଙ୍କ ପରିଚୟ ଜାଣି ହେଉଥିଲା। ଲେଖକ ନିଜର ମୌଳିକତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସଂସଦ ସମ୍ପାଦକ ସତ୍ୟବାଦୀ ସାହୁ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ସଂସଦର ମୁଖପତ୍ର 'ଚିହ୍ନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାଛଡ଼ା ଅନେକ କବୟିତ୍ରୀ ଓ କବିଙ୍କ ଦ୍ୱାରା କବିତା ଆସର ସହ ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସାରସ୍ୱତ କୃତବିଦ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ଚିହ୍ନର ସମ୍ପାଦକ ସୁରେଶ ଚନ୍ଦ୍ର ରଥଙ୍କ ସମେତ ଆଦିନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣିଗ୍ରାହୀ, ରଶ୍ମିତା ନାୟକ, ସ୍ୱସ୍ତିଦା ପାଳ, ସୁଦର୍ଶନ ସାହୁ, ଶରତ ଚନ୍ଦ୍ର ଦାଶ, ପ୍ରଭାକର ବେହେରା, ସୁଶାନ୍ତ ରାଉତ, ପଦ୍ମଲୋଚନ ସାହୁ, ସୁକାନ୍ତି ମହାପାତ୍ର, ସୌଦାମିନୀ ବେହେରା, ଜୟଶ୍ରୀ ପଟ୍ଟନାୟକ, ଭକ୍ତବନ୍ଧୁ ଚୌଧୁରୀ, କାହ୍ନଚରଣ ସାହୁ, ଶମ୍ଭୁଦତ୍ତ ସ୍ୱାଇଁ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ସହାୟତା କରିଥିଲେ।

## 'ଅପହଞ୍ଚ ଇଲାକାରେ ବିଜ୍ଞାନ' ଶୀର୍ଷକ କର୍ମଶାଳା

**ଚିଲିକା,୧୦।୮ (ଡି.ଏନ୍.ଏ.)**

ଅପହଞ୍ଚ ଇଲାକାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶୀର୍ଷକରେ ଏକ ତିନିଦିନିଆ କର୍ମଶାଳା ଶନିବାର ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ନିକଟ ତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ 'ଗଣପତି ସାବତ୍ ଫାଉଣ୍ଡେସନ୍' ଆନୁକୂଲ୍ୟରେ ଭାରତ ସରକାରଙ୍କ ସହାୟତାରେ ଅନୁଷ୍ଠିତ କର୍ମଶାଳାର ଉଦ୍‌ଯାପନୀ ଦିବସରେ ଫାଉଣ୍ଡେସନର ପ୍ରତିଷ୍ଠାତା ଡା. ବିନୋଦ କୁମାର ସାବତ୍, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡ. ମଳୟ କୁମାର ମିଶ୍ର, ନରେନ୍ଦ୍ରପୁର କେ.ଏମ୍. ବିଜ୍ଞାନ ମହାବିଦ୍ୟାଳୟର ରିଡର ଡ. ସତୀଶ ପ୍ରସାଦ ନାୟକ, ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ନୃସିଂହ ଚରଣ ପ୍ରଧାନ, ବାଣପୁର ବ୍ଲକ ଶିକ୍ଷାଧିକାରୀ ସନାତନ ଜାଲି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଦୁର୍ଗାପ୍ରସାଦ ମହାରଣା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଭରି ରହିଥିବା କୁସଂସ୍କାର ବିଲୋପ ପାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ନିଶଙ୍କ କର୍ମଶାଳା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରତାପ ନାରାୟଣ ପ୍ରଧାନ ଓ ସିଆରସିସି ପ୍ରମୋଦ କୁମାର ପ୍ରଧାନ ସହାୟତା କରିଥିଲେ।

## ନାଚୁଣୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଚିଲିକା,୧୦।୮ (ଡି.ଏନ୍.ଏ.)**

ନାଚୁଣୀ ମହାବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଓ ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରାକ୍ତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ପ୍ରାକ୍ତନ ବିଧାୟକ ରଘୁନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ଅଧ୍ୟାପିକା ଲିନା ନନ୍ଦିଜା ସଂଯୋଜନା କରିଥିବା ବେଳେ ପ୍ରାଧାପକ ରାଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ପରଜଙ୍ଗ ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ କମିଟି ଉପସଭାପତି ପ୍ରାଧାପକ ରାଜକିଶୋର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାଧାପକ ଡ. ସତ୍ୟ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

■ ଗୋରୁ ଚୋରି ସିସିଟିଭିରେ କଏଦ ଘଟଣା

# ୨ ଗାଡ଼ି ଜବତ, ଅଭିଯୁକ୍ତ ଫେରାର

**ନିଜ ଆଡୁ ତଦନ୍ତ ଆରମ୍ଭ କଲା ପୋଲିସ**

**ଜଟଣୀ,୧୦।୮(ଡି.ଏନ.ଏ.)**

ସିସିଟିଭି କଏଦ ହୋଇଥିବା ଗୋରୁ ଚୋରି ଭିଡିଓ ଭାଇରାଲ ହେବା ଘଟଣାରେ ଜଟଣୀ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି। ତନାଘନା କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଚୋରିରେ ବ୍ୟବହୃତ ୨ଟି ଟାଟା ଏସସିଇ ଜବତ କରିଛି। ଏଥିସହ ୨ ଗାଈ ଉଦ୍ଧାର କରିଛି। ତେବେ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତେବେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିବା ଜଟଣୀ ଥାନା ଇନ୍‌ସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସେମାନଙ୍କୁ ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି। ବୁଧବାର ରାତି ଗୋଟାଏ ୪୩ ମିନିଟ ଜଟଣୀ କୁଦିଆରୀସ୍ଥିତ ଏକ ପେଟ୍ରୋଲ ପମ୍ପ ପରିସରରେ ଶୋଇଥିବା ଗାଈ ଚୋରି କରି ନେବା ଦୃଶ୍ୟ ଫିଲିଙ୍ଗ ଷ୍ଟେଶନରେ ଲାଗିଥିବା ସିସିଟିଭିରେ କଏଦ ହୋଇଯାଇଥିଲା। ପରେ ଏହାର ଭିଡିଓ ଭାଇରାଲ ହେବା ସହ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଫଳରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋର୍ଦ୍ଧା ଗଡମାଣତୀର ଅଞ୍ଚଳରେ ଚଢାଉ କରି ଗାଈ ଚୋରିରେ ବ୍ୟବହୃତ ଉପରୋକ୍ତ ୨ ଗାଡି ଜବତ କରିଛି। ଏ ନେଇ ନଂ. ୨୯୨/୧୯ରେ ମାମଲା ରୁଜୁ ହୋଇଛି।

## ବାଇକ୍ ଚୋରି କରି ଯୁବକ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୦।୮:**

ବାଇକ୍ ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶଥାନା ପୋଲିସ ବାସେଲିସାହିର ଦିପୁ ବେହେରା(୨୮)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦିପୁଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ଗତ ୮ ତାରିଖ ମାରୱାଡିପଟିରୁ ରାଧାବଲ୍ଲଭ ସାହିର ଅଜୟ ମହାନ୍ତଙ୍କର ବାଇକ୍ ଚୋରି ହୋଇଥିଲା। ପୋଲିସ ନଂ. ୨୩୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

■ ଗଡ଼ତରାରେ ଚୋରି ଉଦ୍ୟମକୁ ପଣ୍ଡ କଲେ ଗ୍ରାମବାସୀ

# ୨ ଖସିଗଲେ, ଜଣେ ଧରାପଡ଼ିଲେ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୦।୮(ଡି.ଏନ୍.ଏ.):**

ବେଗୁନିଆ ଥାନାର ଗଡତରା ଗାଁରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନଙ୍କ ଚୋରି ଉଦ୍ୟମକୁ ଗ୍ରାମବାସୀ ପଣ୍ଡ କରି ଦେଇଛନ୍ତି। ଗ୍ରାମବାସୀ ଜଣେ ଦୁର୍ବୃତ୍ତଙ୍କୁ ଗୋଡେଇ ଗୋଡେଇ ପିଟି କାବୁ କରିଥିବାବେଳେ ଅନ୍ୟ ଦୁଇଜଣ ଖସିଯିବାରେ ସକ୍ଷମ ହୋଇଛନ୍ତି। ଘଟଣା ଘଟିବା ପରେ ସ୍ଥାନୀୟ ଲୋକ ଅଟକ ରଖିଥିବା ଜଣେ ଦୁର୍ବୃତ୍ତଙ୍କୁ ପୋଲିସ ଜିମା ଦେଇଛନ୍ତି। ଅନ୍ୟପକ୍ଷେ ଚୋରି ଉଦ୍ୟମକୁ ନେଇ ଗଡତରାରେ ଉତ୍ତେଜନା ଲାଗି ରହିଛି। ଗାଁ ଲୋକ ରାତି ଉଜାଗର ରହି ଅନ୍ୟ ଦୁଇ ଦୁର୍ବୃତ୍ତଙ୍କୁ ନିଜ ହେପାଜତକୁ ନେବା ନେଇ ଉଦ୍ୟମ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବିଳମ୍ବିତ ରାତିରେ ଗଡତରା ଗାଁରେ ୩ ଜଣ ଅଜଣା ଯୁବକ ଘୂରି ବୁଲୁଥିଲେ। ଗ୍ରାମବାସୀ ସେମାନଙ୍କର ଚାଲି ଚଳଣୀ ଓ ବେଶ ପୋଷାକକୁ ଦେଖି ଚୋର ଭାବି ଭୟଭୀତ ହୋଇଥିଲେ। ଏପରିକି ଅଜଣା ଯୁବକମାନେ ଇଂରାଜି, ହିନ୍ଦି ଓ ବଙ୍ଗଳାରେ କଥାବାର୍ତ୍ତା ହେଉଥିଲେ। ବେଗୁନିଆ ପୋଲିସ ସୂଚନା ଅନୁସାରେ, ଅଟକ ଯୁବକ ଚୋର କି ନୁହେଁ ତଦନ୍ତ ଚାଲିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ।

# ବେଗୁନିଆ ବ୍ଲକ ସଂଘ ପକ୍ଷରୁ ଚାରାରୋପଣ

**ବେଗୁନିଆ, ୧୦।୮ (ଡି.ଏନ.ଏ.)–**

ବେଗୁନିଆ ବ୍ଲକ ସଂଘ ଆନୁକୂଲ୍ୟରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀମାନଙ୍କ ପକ୍ଷରୁ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଘ ସଭାପତି ସୁରେଶ କୁମାର ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ପରେ କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମୁଖରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବେଗୁନିଆ ମହାବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ର, ଖୋର୍ଦ୍ଧାଜିଲା ସଂଘ ସମ୍ପାଦକ ତ୍ରିନାଥ ସେଠୀ ଉପସ୍ଥିତ ଥିଲେ। ତେବେ ଆମେ ସମସ୍ତେ ସ୍ୱାସ୍ଥ୍ୟକର ପରିବେଶରେ ବଞ୍ଚିବାକୁ ହେଲେ ଗୋଟିଏ ଲେଖାଏଁ ଚାରା ଲଗାଇ ତା'ର ଯତ୍ନ ନେବା ବୋଲି ବିଧାୟକ ସାହୁ କହିଥିଲେ। ବ୍ଲକ ସଂଘ ସମ୍ପାଦକ ବିଜୟ ଷଡଙ୍ଗୀଙ୍କ ସମେତ ବହୁ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।




ବିଧାୟକ ରାଜେନ୍ଦ୍ର ସାହୁ ଚାରା ରୋପଣ କରୁଛନ୍ତି।

■ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଫଳତା ନେଇ ଆଶଙ୍କା

# ଅର୍ଥ ଖର୍ଚ୍ଚ କରୁନି ଗାଁ କଲ୍ୟାଣ ସମିତି

**ବେଗୁନିଆ, ୧୦।୮ (ଡି.ଏନ.ଏ.)**

ସାଧାରଣତଃ ବର୍ଷା ଋତୁ ଆସିଲେ ଗାଁରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ବିଶେଷକରି ଡେଙ୍ଗୁ, ଡାଇରିଆ, ମ୍ୟାଲିରେଆ(ଡିଡିଏମ୍) ରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଇଥାଏ। ତେବେ ଏହି ରୋଗର ନିରାକରଣ ପାଇଁ ପ୍ରତିବର୍ଷ ଜୁଲାଇ ଆରମ୍ଭରୁ ଗାଁ ଗଣ୍ଡାରେ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥାଏ। ଏଥିସହ ପରିମଳ ସଫେଇ କୂଅରେ ବ୍ଲିଚିଂ ପାଉଡର ପକାଇବାର ନିୟମ ରହିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନୁଦାନ ମିଳିଛି। ଜୁଲାଇ ୧ରୁ ଡିଡିଏମ୍ ସଚେତନତା ରଥ ପରିକ୍ରମା କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ସଚେତନତା ସୃଷ୍ଟି କରିବା କଥା। କୂଅ ଏବଂ ଆବର୍ଜନା ଜଳ ଜମା ହୋଇ ରହିଥିବା ସ୍ଥାନରେ ବ୍ଲିଚିଂ ପକାଇବା, ମଶା ତେଲ ସିଞ୍ଚନ କରିବା, ପରିବେଶ ସଫାସୁତରା ରଖିବା, ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ଆଦି ଗାଁ କଲ୍ୟାଣ ସମିତି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ତାହା ଏବେ ଯାଏ ବେଗୁନିଆ ବ୍ଲକରେ କରାଯାଇନାହିଁ। ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ

**କୂଅରେ ପଡୁନି ବ୍ଲିଚିଂ**

ଡିଡିଏମ୍ ସଚେତନତା କାର୍ଯ୍ୟକ୍ରମର ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରତି ଗାଁରେ ଏହି କାର୍ଯ୍ୟକ୍ରମ ଅପହଞ୍ଚ ହୋଇ ରହିଥିବା ବେଳେ ବିଭିନ୍ନ ଜନବସତି ଅଞ୍ଚଳରେ ଅଳିଆ ଆବର୍ଜନା ପଡିରହିଥିବା ଦେଖିବାକୁ ମିଳିଛି। ଅଧିକାଂଶ ଗାଁରେ ଗାଁ କଲ୍ୟାଣ ସମିତି ଅର୍ଥକୁ ନେଇ ଅଭିଯୋଗ ଉଠୁଛି। ପରିମଳ ସୁଧାର ପାଇଁ ପ୍ରତି ଗାଁ କଲ୍ୟାଣ ସମିତି ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେଉଁଠି ଆଦୌ ଖର୍ଚ୍ଚ କରା ନ ଯାଇ ମିଥ୍ୟା ଭାଉଚର କରି ନିଆଯାଉଛି ତ ଆଉ କେଉଁଠାରେ ଅଳ୍ପ କାମ କରି ଟଙ୍କା ହଡପ କରାଯାଉଛି। ତେବେ ତଦାରଖ କରିବାକୁ କୌଣସି ଅଧିକାରୀ ତତ୍ପରତା ଦେଖାଉନାହାନ୍ତି। ଏ ସମ୍ପର୍କରେ ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ ଅନିତା ଲେଙ୍କା କୁହନ୍ତି, କୌଣସି ଗାଁରେ ବିଧିବଦ୍ଧ ଭାବେ ସଚେତନତା କାର୍ଯ୍ୟକ୍ରମ କରା ନ ଯାଉଥିବା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତଥାପି ଆମ ପକ୍ଷରୁ ଏହି ୩ ରୋଗଠାରୁ ଦୂରେଇ ରଖିବାକୁ ପ୍ରୟାସ ଜାରି ରହିଛି।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ। - ଗୁରୁ ନାନକ



## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ଡେଲାଙ୍ଗ, ୧୦।୮(ଡି.ଏନ୍.ଏ.)-ବଜ୍ରପାତରେ ଡେଲାଙ୍ଗ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୁଆଲିପଡ଼ା ପଞ୍ଚାୟତର ବୋଲକଣା ଗ୍ରାମର ହର୍ଷମଣି ଗୁରୁ(୬୧)। ଅପରାହ୍ନ ୪ଟାରେ ହର୍ଷମଣି ପୋଖରୀ ତୁଠରେ ବାସନ ମାଜୁଥିବାବେଳେ ବଜ୍ରପାତ ହୋଇଥିଲା। ଘର ନିକଟରେ ଘଟଣାଟି ଘଟିଥିବାରୁ ସଙ୍ଗେ ସଙ୍ଗେ ପରିବାର ଲୋକେ ଓ ଗ୍ରାମବାସୀ ମିଶି ଚିକିତ୍ସା ନିମନ୍ତେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡେଲାଙ୍ଗ ଥାନରେ ଏକ ଅପମୃତ୍ୟୁ ମାମଲା ନଂ୬/୧୯ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି। ଏହି ବଜ୍ରପାତରେ ପାଖରେ ଥିବା ୩ଟି ନଡିଆଗଛ ମଧ ଜଳିଯାଇଛି।

### ବନ୍ଧୁକ ଦେଖାଇ ୬୦ହଜାର ଟଙ୍କାର ସାମଗ୍ରୀ ଲୁଟ୍

ନିମାପଡ଼ା,୧୦।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳରୁ ଏକ ମାର୍କେଟିଂ ଗାଡିରୁ ଦୁର୍ବୃତ୍ତମାନେ ପ୍ରାୟ ୬୦ହଜାର ଟଙ୍କାର କ୍ଷୀର, ପନିର ଲୁଟିନେଇଥିବା ଶନିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୨୦୧/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ଶାରଦା ଛକଠାରେ ଥିବା ମିଲ୍‌କମନ୍ତ୍ର ଡାଏରୀରୁ କ୍ଷୀର, ପନିଅରଆଦି ଲୋଡ କରି ୬ ମାର୍କେଟିଂ ଗାଡି ନିମାପଡ଼ା ରୁଟରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ଆସୁଥିଲେ। ଏହି ସମୟରେ ଏକ କାରରେ ୪ଜଣ ଲୁଟେରା ଉକ୍ତ ଭ୍ୟାନଗୁଡିକୁ ପିଛା କରିବା ସହ ଦିଘାଲୋ ଛକ ନିକଟରେ ଅଟକାଇଥିଲେ। ୬ ଗାଡି ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ମୋବାଇଲ ଫୋନ ଓ କ୍ଷୀର, ପନିର ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଶନିବାର ମିଲ୍‌କମନ୍ତ୍ର ଡାଏରୀ ପ୍ରାଇଭେଟ ଲିମିଟେଡର ଏଜିଏମ୍ କେତନ କୁମାର ମିଶ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରଣା, ନାଗ ଉଦ୍ଧାର

ଗୋପ, ୧୦।୮(ଡି.ଏନ୍.ଏ.):ଗୋପ ବ୍ଲକ୍ ଅଧୀନ ପଲ୍ଲିଛକସ୍ଥିତ ସୁଦର୍ଶନ ବାରିକଙ୍କ ଘରୁ ଶନିବାର ମଧାହ୍ନରେ ଏକ ୬ ଫୁଟ ଲମ୍ବର ବିଷାକ୍ତ ରଣା ସାପ ଉଦ୍ଧାର କରାଯାଇଥିଲା। ଅପରାହ୍ନରେ ଗୋପ ହାପିକଲୋନୀ ସ୍ଥିତ ସୌଭାଗ୍ୟ ପାତ୍ରଙ୍କ ଘରୁ ଏକ ୪ ଫୁଟର ନାଗ ସାପ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ପଲ୍ଲିଛକସ୍ଥିତ ବାରିକଙ୍କ ଘରେ ଏକ ରଣା ସାପ ପଶିଥିବା ଦେଖିବା ପରେ ପରିବାର ସଦସ୍ୟ ଭୟରେ ଘର ଛାଡ଼ି ଦେଇଥିଲେ। ପରେ ସ୍ନେକ୍ ହେଲ୍‌ପଲାଇନ୍‌ର ବ୍ରଜବନ୍ଧୁ ସାହୁଙ୍କୁ ଡକାଯିବାରୁ ସେ ଦୁଇଟି ସାପକୁ ଉଦ୍ଧାର କରିଥିଲେ।

### ବାତ୍ୟା ବିପନ୍ନଙ୍କୁ ରିଲିଫ୍ କିଟ୍ ବଣ୍ଟନ

ସାକ୍ଷୀଗୋପାଳ, ୧୦।୮(ଡି.ଏନ୍.ଏ.)- ସୁଦୂର ରାଜସ୍ଥାନର ଯୋଧପୁର ଗ୍ରାମୀଣ ବିକାଶ ବିଜ୍ଞାନ ସମିତି ପକ୍ଷରୁ ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୩୦ଟି ଅସହାୟ ପରିବାରଙ୍କୁ ଶନିବାର ରିଲିଫ କିଟ୍ ବଣ୍ଟନ କରାଯାଇଛି। ଇଣ୍ଟର ନ୍ୟାଶନାଲ ହେଲ୍‌ପଏଜ୍ ସଂସ୍ଥା ସହଯୋଗରେ ସାକ୍ଷୀଗୋପାଳ ପାଠଶାଳାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଶଶୀ ତ୍ୟାଗୀ, ପ୍ରକଳ୍ପ ସଂଯୋଜକ ରୋଶନ ଲାଲ୍, ଶେଡ୍‌ର ରବି କୁମାର, ଅନ୍ନଦାର ରୁଚି ମିତ୍ର ଓ ସିଆଇଆରଟିଡିର ନବ କିଶୋର ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ବିପନ୍ନମାନଙ୍କୁ ୱାଟର ଫିଲଟର, ସୋଲାର ଲାଇଟ୍, ମେଡିକେଟଡ୍ ମଶାରି, ସାବୁନ, ବ୍ରଶ୍, ପେଷ୍ଟ, ଡେଟଲ, ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଦାଶ, ସ୍ୱେଚ୍ଛାସେବୀ ବିଭୂତି ମହାପାତ୍ର, ଅରୁଣ କୁମାର ରାଉତ ଓ ବିଦ୍ୟାଧର ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ ୪ ବସ୍ତିର ବାସିନ୍ଦା ଭୋଗୁଛନ୍ତି ଜଳ ଯନ୍ତ୍ରଣା

# ଦୁର୍ଦ୍ଦଶାରେ ୬୫୦ ପରିବାର

ପୁରୀ ଅଫିସ,୧୦।୮:

ପାଣି ଘରେ ପଶିଛି। ସବୁ ଜିନିଷ ଓଦା ହୋଇଯାଇଛି। ଘର ଭିତରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ତେଣୁ ରାସ୍ତାକଡ଼କୁ ଉଠିଆସି ଜରିପାଲ ତଳେ ରହୁଛନ୍ତି ଅନେକ ପରିବାର। ନା ସେମାନଙ୍କ ପାଖରେ ପ୍ରଶାସନ ପହଞ୍ଚିଛି ନା ଜଳ ନିଷ୍କାସନ ଲାଗି କୌଣସି ପଦକ୍ଷେପ ନିଆଯାଇଛି। ତେଣୁ ନିରୁପାୟ ହୋଇ ଜିଲାପାଳଙ୍କୁ ନିଜର ଦୁଃଖ ଜଣାଇଛନ୍ତି ଲୋକେ। ଏମିତି ଜଳ ଯନ୍ତ୍ରଣା ଭୋଗୁଛନ୍ତି ପେଣ୍ଟକଟା ନିକଟ ମା' ତାରିଣୀ ବସ୍ତି, ରେଲ୍ଲିକା ସାହି, ଧୋବାଖାଲ ଏବଂ ବିଜୟନଗରର ବସ୍ତି ବାସିନ୍ଦା ।



ପେଣ୍ଟକଟା ଧୋବାଖାଲ ବସ୍ତିରେ ବର୍ଷାଜଳ ଜମି ରହିଛି ।

ସ୍ଥାନୀୟ ବାସିନ୍ଦା ରାଜେଶ କୁମାର ନନ୍ଦ କହିଛନ୍ତି, ଗତବର୍ଷଠାରୁ ଜଳ ନିଷ୍କାସନକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସମସ୍ୟାରେ ପଡ଼ିଛନ୍ତି। ଅସରାଏ ବର୍ଷା ହେଲେ ଏହି ଅଞ୍ଚଳରେ ପାଣି ଜମୁଛି। ତେବେ କେବଳ ସେହି ଅଞ୍ଚଳରେ ହେଉଥିବା ବର୍ଷାଜଳ ନୁହେଁ, ବାଲିଗୁଆଳି, ସମଗରା, ଗୋପାଳପୁର ଅଞ୍ଚଳର ପାଣି ବାଲୁଖଣ୍ଡ ଜଙ୍ଗଲକୁ ଆସୁଛି। ଏହି ପାଣି ନୂଆ ନଈକୁ ଯିବା କଥା। କିନ୍ତୁ ଗତବର୍ଷଠାରୁ ନୂଆନଈକୁ ଥିବା ବାଟ ପୋତି ହୋଇଯାଇଛି। ଫଳରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ପଛ ପାର୍ଶ୍ୱ ଦେଇ ଏହି ପାଣି ଆସି ଏଠାରେ ଜମୁଛି। ବାଙ୍କୀ ମୁହାଣକୁ ଯେତିକି ପାଣି ନିଷ୍କାସନ ହେଉଛି ତା'ଠାରୁ ଅଧିକ ପାଣି ଅନ୍ୟ ଅଞ୍ଚଳରୁ ଆସୁଥିବାରୁ ଏଠାରେ ଜମି ରହୁଛି। ଗତବର୍ଷଠାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏବେ ହୋଇଥିବା ବର୍ଷା ଫଳରେ ଅନେକ ଲୋକଙ୍କ ଘରେ ପାଣି ପଶିଯାଇଛି । ତେଣୁ କେତେକ ଲୋକ ଆଇଟିଆଇ ରାସ୍ତା ଉପରକୁ ସପରିବାର ଉଠିଯାଇଛନ୍ତି। ଖାଇବା ପିଇବା ଠିକ୍ ନାହିଁ, ଭୋକ ଉପାସରେ ଦିନ କାଟୁଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ସେ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଯଦି ତୁରନ୍ତ ଉପରୋକ୍ତ ଅଞ୍ଚଳରୁ ଜଳ ନିଷ୍କାସନ କରା ନ ଯାଏ ଏବଂ ବସ୍ତିବାସିନ୍ଦାଙ୍କୁ ସହାୟତା ଦିଆ ନ ଯାଏ ତେବେ ରାସ୍ତା ଅବରୋଧ କରାଯିବ ବୋଲି ନନ୍ଦ ପ୍ରକାଶ କରିଛନ୍ତି।

## ସୋଲାର ଚକରେ ପ୍ରସ୍ତୁତ ହେବ ମାଟିପାତ୍ର

ପୁରୀ ଅଫିସ, ୧୦।୮:

ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବ୍ରହ୍ମଗିରି, ସତ୍ୟବାଦୀ, ପୁରୀ ସଦର, କୁମ୍ଭାରପଡ଼ା ପ୍ରଭୃତି ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ଅଧିକାଂଶ କୁମ୍ଭକାରଙ୍କ ଶାଳ, ଚକାଭାଟି ସମେତ ଲକ୍ଷାଧିକ ଟଙ୍କାର ମାଟିପତ୍ର ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ବହୁ କୁମ୍ଭକାର ଅଣ୍ଟା ସଳଖି ପାରିନାହାନ୍ତି। କୁମ୍ଭକାରଙ୍କ ପ୍ରତି ସହଯୋଗର ହାତ ବଢାଇଛି ସେଲକୋ ଫାଉଣ୍ଡେଶନ। ଏହି ଅନୁଷ୍ଠାନ ପକ୍ଷରୁ କୁମ୍ଭାରପଡ଼ାର ଲକ୍ଷ୍ମଣ ବିଶୋଇଙ୍କ ଘରେ ପରୀକ୍ଷା ମୂଳକ ଭାବେ ସୋଲାର ଶକ୍ତି ବ୍ୟବସ୍ଥା କରାଯାଇଥିଲା। ଚାର୍ଜିତ ବିଦ୍ୟୁତକୁ ବ୍ୟବହାର କରି ଲକ୍ଷ୍ମଣ ଏକଘଣ୍ଟା ମଧରେ ୨୫ରୁ ଊର୍ଦ୍ଧ୍ୱ ମାଟିପାତ୍ର ଗଢିଥିଲେ। ଏ ନେଇ ଶନିବାର ସ୍ଥାନୀୟ ମଙ୍ଗଳା ମନ୍ଦିର ପରିସରରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଜିଲାର ଶତାଧିକ କୁମ୍ଭକାର ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଡିଆଇସି ମ୍ୟାନେଜର ଟି. ବଦ୍ରି ନାରାୟଣ, ବ୍ରଜକିଶୋର ମହାନ୍ତି, କୁମ୍ଭକାର ପ୍ରତିନିଧି ସୁଧାଂଶୁ ଶେଖର ମୁଦୁଲି, ସ୍ୱର୍ଣ୍ଣଲତା ବିଶୋଇ, ଲକ୍ଷ୍ମୀଧର ବିଶୋଇ, ପ୍ରଶାନ୍ତ ବିଶୋଇ ପ୍ରମୁଖ ଯୋଗଦେଇ ସୋଲାର ଚାଳିତ ବିଦ୍ୟୁତର ବ୍ୟବହାରିତା ସମ୍ପର୍କରେ ବୁଝାଇଥିଲେ।

**ପ୍ରଶିକ୍ଷଣ ନେଲେ ଶତାଧିକ କୁମ୍ଭକାର**



## ମଞ୍ଚରେ ପ୍ରତିଭା ପ୍ରଦର୍ଶନ କଲେ ଶିଶୁ





ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ପୁରୀ ଅଫିସ,୧୦।୮:

'ଶିଶୁ ସମାଚାର'ର ଦ୍ୱାଦଶ ସ୍ୱନକ୍ଷତ୍ର ଉତ୍ସବ ଏବଂ ରାଜ୍ୟସ୍ତରୀୟ ଶିଶୁମେଳା ଶନିବାର ପୁରୀ ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଶିଶୁ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କ ଅଧକ୍ଷତାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଜଗନ୍ନାଥ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ, ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, ଶିକ୍ଷାବିତ୍ ସୁଶିଲ କୁମାର ବ୍ରହ୍ମା, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡା. ହରିବଲ୍ଲଭ ମହାପାତ୍ର, ରାଜକିଶୋର ସାବତ୍ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଅପରାହ୍ନରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡା. ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଅର୍ଥ ବିଭାଗ ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ସଦର ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର, ଅଭିନେତା ସ୍ୱରାଜ ମହାପାତ୍ର, ସାମାଜିକ କର୍ମୀ ପ୍ରଭାସ ଆଚାର୍ଯ୍ୟ, ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟଙ୍କୁ ସାରସ୍ୱତ ସମ୍ମାନ, ଡା. ଅଶୋକ କୁମାର ମହାପାତ୍ରଙ୍କୁ ସେବା ସମ୍ମାନ, ସ୍ୱାଧୀନ କୁମାର ପଣ୍ଡାଙ୍କୁ ଯୁବ ସଙ୍ଗଠକ ସମ୍ମାନ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିଶୁ କଳାକାର ଅନିମେଶ ଘୋଷଙ୍କୁ ଶିଶୁ ସମାଚାର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶିକ୍ଷାବିତ୍, ଶିଶୁ ସାହିତ୍ୟିକ, ସଙ୍ଗୀତ ଓ ନୃତ୍ୟଗୁରୁ ଏବଂ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ସମାଚାର ମୁଖପତ୍ର ଉନ୍ମୋଚିତ ହୋଇଥିଲା।

## ବେଳାଭୂମି ସଫେଇ କଲେ ଆଇନଜୀବୀ

ପୁରୀ ଅଫିସ, ୧୦।୮:

ପୁରୀ ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମି ସ୍ୱଚ୍ଛତା ପାଇଁ ଚାଲିଛି 'ମୋ ବିଚ୍' ଅଭିଯାନ। ଏଥିପ୍ରତି ଜନସାଧାରଣଙ୍କ ସମର୍ଥନ ବଢିବାରେ ଲାଗିଛି। ଶନିବାର ଏହି ଅଭିଯାନରେ ସାମିଲ ହୋଇଛନ୍ତି ପୁରୀ ବାର୍ ଆସୋସିଏଶନର ଶତାଧିକ ଆଇନଜୀବୀ। ଏମାନେ ବିଭିନ୍ନ ଗ୍ରୁପ୍‌ରେ ଭାଗ ହୋଇ ଲାଇଟହାଉସ ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମି ସଫେଇ କରିଥିଲେ। ଡଷ୍ଟବିନ୍ ବ୍ୟବହାର ଲାଗି ପର୍ଯ୍ୟଟକ ଓ ସ୍ଥାନୀୟ ଉଠାଦୋକାନୀଙ୍କୁ ସଚେତନ କରିବା ସହ ବେଳାଭୂମି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ଧରି ଏହି ସଫେଇ ଅଭିଯାନ ଚାଲିଥିଲା। ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଡା. ଉମାଶଙ୍କର ଦାଶ ପ୍ରମୁଖ ଲାଇଟ ହାଉସ ନିକଟରେ ଆଇନଜୀବୀମାନଙ୍କୁ ସ୍ୱାଗତ କରିଥିଲେ। ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଦେବେନ୍ଦ୍ର ନାଥ ମିଶ୍ର, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଂଗ୍ରାମ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପାଣିଗ୍ରାହୀ, ଅରୂପ ପୃଷ୍ଟି, ଅସୀମ ବାନାର୍ଜୀ, ଚିତ୍ତ ବିଶ୍ୱାଳ, ରତିକାନ୍ତ ପ୍ରତିହାରୀ, ଆଇନଜୀବୀ ବନଲତା ମହାନ୍ତି, ରବି ରାଉତରାୟ, ମନୋଜ ଦାଶ, ବିମଳେନ୍ଦୁ ଦାଶ, ସୁବାସ ପଣ୍ଡା ପ୍ରମୁଖ ଏହି ଅଭିଯାନରେ ସାମିଲ ଥିଲେ।

## ଦୁଇ ଶୈବ ପୀଠରେ କ୍ଷୀରସାଗର ମେଳା

ଗୋପ, ୧୦।୮(ଡି.ଏନ୍.ଏ.)

ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ଗୋପ ବ୍ଲକ୍ ଅଧୀନ ଦୁଇ ଶୈବ ପୀଠରେ ମହାକ୍ଷୀରସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମଦରଙ୍ଗ ସ୍ଥିତ ବାବା ନୀଳକଣ୍ଠେଶ୍ୱରଙ୍କ ଶୈବପୀଠରେ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ଶେଷହୋଇଥିଲା। ପରେ ଭକ୍ତମାନେ ଆଣିଥିବା ୧୦ ହଜାର ଲିଟର କ୍ଷୀରକୁ ବାବାଙ୍କ ମସ୍ତକରେ ଲାଗି କରାଯାଇଥିଲା। ଲାଗି ହୋଇଥିବା କ୍ଷୀର ଅଣାଯାଇ ଭକ୍ତମାନଙ୍କ ପାଇଁ ଖିରି ପ୍ରସ୍ତୁତ ହେବା ପରେ ଏହି ଅଞ୍ଚଳର ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଗଡ଼ବାଙ୍ଗୋର ସ୍ଥିତ ବାବା ନୀଳକଣ୍ଠେଶ୍ୱର ଶୈବ ପୀଠରେ କ୍ଷୀରସାଗର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ପୀଠରେ ମଧ ଆଖ ପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଭକ୍ତମାନଙ୍କ ପକ୍ଷରୁ ଆସିଥିବା ୫ ହଜାର ଲିଟର କ୍ଷୀରକୁ ମହାପ୍ରଭୁଙ୍କୁ ସ୍ନାନ କରାଯିବା ପରେ ଖିରି ଭୋଗ ହୋଇ ଭକ୍ତମାନଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗଡ଼ବାଙ୍ଗୋର ଗ୍ରାମର ସଭାପତି ଅସିତ୍ ରାୟ, ଉପସଭାପତି ପ୍ରଫୁଲ୍ଲ ପାଇକରାୟ ପରିଚାଳନା କରିଥିବାବେଳେ ମଦରଙ୍ଗ ଠାରେ ପୂଜକ ବେଣୁଧର ନାୟକ, ପ୍ରହଲ୍ଲାଦ ନାୟକ, ବାନାମ୍ବର ନାୟକ, ପ୍ରଦୀପ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲ ପାଇଁ ଦାବି

କୋଣାର୍କ, ୧୦।୮(ଡି.ଏନ୍.ଏ.)

କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲ କରିବା ପାଇଁ କୋଣାର୍କ କ୍ଲବ ତରଫରୁ ଦାବି ହୋଇଛି। ଶନିବାର ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ କ୍ଲବର ସଦସ୍ୟ ଏବଂ ସ୍ଥାନୀୟ ଲୋକେ କାକଟପୁର ବିଧାୟକ ତଥା କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟାର ସୁଧାର ଆଣିବା ନିମନ୍ତେ ମନ୍ତ୍ରୀଙ୍କ ସହିତ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ନଗର ବିଜେଡି ସଭାପତି ଗୋପାଳଚନ୍ଦ୍ର ବେହେରା,ବ୍ୟବସାୟୀ ମହାସଂଘର ସଭାପତି ସୁବାସ ନାୟକ, ପୂର୍ବତନ କାଉନସିଲର ପଦ୍ମଚରଣ ବେଉରା, ଉପେନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## 'ପରିଭାଷାର ପ୍ରତିବିମ୍ବ' ଉନ୍ମୋଚିତ





ଅତିଥିମାନେ ମାସିକ ପତ୍ରିକା 'ପରିଭାଷାର ପ୍ରତିବିମ୍ବ'କୁ ଉନ୍ମୋଚନ କରୁଛନ୍ତି ।

ପୁରୀ ଅଫିସ,୧୦।୮:

ସ୍ଥାନୀୟ ଏକ ହୋଟେଲରେ ନୟାଗଡ଼ ଦର୍ପଣ ପବ୍ଲିକେଶନ ପକ୍ଷରୁ ଏହାର ମାସିକ ପତ୍ରିକା 'ପରିଭାଷାର ପ୍ରତିବିମ୍ବ' ଉନ୍ମୋଚିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଯୋଗଦେଇ 'ପରିଭାଷାର ପ୍ରତିବିମ୍ବ' ନିଶ୍ଚିତ ଭାବେ ଆଲୋକ ବର୍ତ୍ତିକା ହୋଇ ସମାଜର ଉନ୍ନତି ସାଧନ କରିବ ବୋଲି କହିଥିଲେ। ସାହିତ୍ୟିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅଭିନନ୍ଦନିକାର ପ୍ରତିଷ୍ଠାତା ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ସାହିତ୍ୟ ସମ୍ପର୍କରେ ସାରଗର୍ଭକ ବିଶ୍ଳେଷଣ କରିଥିଲେ। ପ୍ରାଧ୍ୟାପକ ଡ. ବିଜୟ ଚୌଧୁରୀ ମୁଖ୍ୟବକ୍ତା, ପତ୍ରିକାର ସହ ସମ୍ପାଦକ ଇଂ. ବିଦ୍ୟାଧର ପଣ୍ଡା, ଶିଶୁ ସାହିତ୍ୟିକା ବସିରନ ବିବି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପତ୍ରିକାର ସମ୍ପାଦକ ହରିଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ 'ଅମ୍ଲାନ ସ୍ୱାକ୍ଷର' ଏବଂ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଇଂଲିଶ କବିତା ସଙ୍କଳନ 'ଦି ଡସ୍କ ଅଫ୍ ଡ୍ରିମ୍‌ସ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ୫୦ ହଜାର ଚନ୍ଦନ ଚାରା ଲଗାଇବେ ମହେନ୍ଦ୍ର

ପୁରୀ ଅଫିସ,୧୦।୮:

ପିଲାଟି ଦିନରୁ ପରିବେଶ ପ୍ରତି ତାଙ୍କର ବେଶ୍ ଦୁର୍ବଳତା ରହିଥିଲା। ଗଛଲତା ଦେଖିଲେ ଭାରି ଖୁସି ହେଉଥିଲେ। ଧୀରେ ଧୀରେ ଏହି ଭଲ ପାଇବା ବଢ଼ିଲା ଏବଂ ଚାରାରୋପଣ ପ୍ରତି ମନ ଢଳିଲା। ନିଜ ହାତରେ ଲଗାଇଥିବା ଚାରାଟିଏ ବଡ ହୋଇଥିବା ଦେଖିଲେ ସେ ବେଶ୍ ଆନନ୍ଦିତ ହୋଇପଡୁଥିଲେ। ଏଥିଯୋଗୁ ତାଙ୍କ ନାଁ ପଛରେ ଯୋଡ଼ି ହୋଇଗଲା ବୃକ୍ଷପ୍ରେମୀ ମହେନ୍ଦ୍ର ଘାଘରେ। ମହାରାଷ୍ଟ୍ର ପୁଣେର ବାସିନ୍ଦା ମହେନ୍ଦ୍ର ଓଡ଼ିଶାରେ ୫୦ହଜାର ଚନ୍ଦନ ଗଛର ଚାରା ଲଗାଇବା ପାଇଁ ମନସ୍ଥ କରିଛନ୍ତି। ଏଥିପାଇଁ ସେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମେ ଶ୍ରୀମନ୍ଦିରକୁ ୫ଟି ଚନ୍ଦନ ଗଛର ଚାରା ଦାନ ଦେଇ ବେଶ୍ ଖୁସି ଅନୁଭବ କରିଛନ୍ତି ପରିବେଶବିତ୍ ମହେନ୍ଦ୍ର।

ବିଶିଷ୍ଟ ଯୋଗସାଧକ ଗୋମୂତ୍ରରୁ ମହୌଷଧି ତିଆରି କରି ଦୁରାରୋଗ୍ୟରୁ ମୁକ୍ତି ଦେଉଥିବା ସ୍ୱାମୀ ଦିବ୍ୟାନନ୍ଦ ଗିରିଙ୍କ ପ୍ରେରଣାରେ ମହେନ୍ଦ୍ର ଓଡ଼ିଶାରେ ୫୦ ହଜାର ଚନ୍ଦନ ଗଛ ଲଗାଇବା ପାଇଁ ସଂକଳ୍ପ ନେଇଛନ୍ତି। ପୁଣେର ହରିତ ମିତ୍ର ପରିବାର ଏବଂ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ସହାୟତାରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରିଛନ୍ତି। ମହେନ୍ଦ୍ର ମାତ୍ର ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ବେଳେ ପରିବାରକୁ ୧୫ ବର୍ଷ ସମୟ ଦେଇଛନ୍ତି। ବାକି ସମୟ ସମାଜ ସେବା ପାଇଁ ସମର୍ପିତ ହୋଇ ମହାରାଷ୍ଟ୍ରର ୨୫ଟି ଜେଲ୍‌ରେ ଚନ୍ଦନ ଗଛ ରୋପଣ କରିଛନ୍ତି। ଓଡ଼ିଶାରେ ୫୦ ହଜାର ଚନ୍ଦନ ଗଛ ସୃଷ୍ଟି ପାଇଁ ଚାରା ଏବଂ ଚନ୍ଦନ ମଞ୍ଜି ଆଣି ଆସିଛନ୍ତି। ପ୍ରତ୍ୟେକ ଜିଲାକୁ ଯାଇ ସେ ଏହି ଚାରା ଲଗାଇବା ସହ ଲୋକଙ୍କୁ ବାଣ୍ଟିବା ଲାଗି ଯୋଜନା କରିଛନ୍ତି।

କାହିଁକି ଚନ୍ଦନ ଚାରା ଲଗାଇବାକୁ ମନ ବଳାଇଲେ ବୋଲି ପ୍ରଶ୍ନରେ ମହେନ୍ଦ୍ର କହିଥିଲେ, ପିଲାଦିନୁ ପରିବେଶ ପ୍ରତି ଦୁର୍ବଳତା ରହିଥିଲା। କେବଳ ନିଜ ଏବଂ ପରିବାର ପାଇଁ ସମୟ ଦେଇଦେଲେ ହେବ ନାହିଁ। ଯେଉଁ ପରିବେଶରେ ଆମେ ଜନ୍ମ ନେଇଛୁ ଏବଂ ଏହାର ପାଣି ପବନରେ ବଢିଛୁ ତା' ପ୍ରତି ପ୍ରତ୍ୟେକଙ୍କର କିଛି କର୍ତ୍ତବ୍ୟ ରହିଛି । ପରିବେଶର ବନ୍ଧୁ ହେଉଛି ବୃକ୍ଷ। ତେଣୁ କିଛି ସମୟ ଗଛଲତାଙ୍କ ସେବା ପାଇଁ ଦେବାକୁ ମନସ୍ଥ କରି ଅଭିଯାନ ଚଳାଇଛି। ଚନ୍ଦନ ଗଛ ବହୁ ପାପରୁ ମୁକ୍ତି ଦେଇଥାଏ। ଚନ୍ଦନ ଚାରା ଲଗାଇଲେ ପୂର୍ବଜନ୍ମର ପ୍ରାରବ୍ଧ ଦୋଷ ଲାଘବ ହୋଇଥାଏ। ଗୋଟିଏ ଚନ୍ଦନ ଚାରା ବଡ଼ ହେଲେ ଏହାର ଆଖପାଖ ଅଞ୍ଚଳରେ ଏହି ଗଛ ସଂଖ୍ୟା ବୃଦ୍ଧି ପାଇଥାଏ। ଠାକୁରଙ୍କ ସେବାରେ ଚନ୍ଦନ ବ୍ୟବହାର କରାଯାଏ। ତେଣୁ ଏଭଳି ଚାରା ଲଗାଇବାକୁ ମନସ୍ଥ କଲି ବୋଲି ମହେନ୍ଦ୍ର ପ୍ରକାଶ କରିଛନ୍ତି। ଶନିବାର ଶ୍ରୀମନ୍ଦିର ସମ୍ମୁଖରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ସଭାପତି ପରେଶ ନାୟକ, ଓଡ଼ିଶା ଯୁବ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ଆଡଭୋକେଟ ଶୁକ୍ଲା ରାୟ, ଜ୍ଞାନରଞ୍ଜନ ରଥ, ରାକେଶ ପ୍ରଧାନ, ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।





ଅଭିଯାନ ଆରମ୍ଭ ଅବସରରେ ଶ୍ରୀମନ୍ଦିର ସମ୍ମୁଖରେ ମହେନ୍ଦ୍ର ଘାଘରେ ଏବଂ ଅନ୍ୟମାନେ ।

## ଫଟୋରେ ଖବର



**ଝୁଲଣ ଆରମ୍ଭ: ପୁରୀ ସହରସ୍ଥ ଜଗନ୍ନାଥ ବଲ୍ଲଭ ମଠରେ କୁଞ୍ଜ ।**



ପୁରୀ ସହରର ଉତ୍ତରପାର୍ଶ୍ୱ ମଠରେ କୁଞ୍ଜ ।





ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ବର୍ଷାରାସ ଅବସରରେ ଝୁଲଣ କୁଞ୍ଜରେ ମଦନମୋହନ ।



ସାକ୍ଷୀଗୋପାଳ ମନ୍ଦିରରେ ସୁସଜ୍ଜିତ ଝୁଲଣକୁଞ୍ଜ ।